ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଫେବୃଆରୀ ୨୦୨୦ ସଂସ୍କରଣ

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା

ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ / ହ୍ୱାଟ୍ସଆପ୍ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ପବିତ୍ର ଶିବରାତ୍ରୀ ଉପଲକ୍ଷେ ଆହ୍ୱାନ ଇ-ପତ୍ରିକାର ଅଗଣିତ ପାଠକପାଠିକାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।**

 Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକଙ୍କ କଲମରୁ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୩ |
| କରୋନା ଭୂତାଣୁ ସଂକ୍ରମଣ | | ୧୭ |
| କାହାଣୀ ବିଭାଗ | | ୧୮ |
| ସୁନେଲି ସିଂହ (ଧାରାବାହିକ) | ଅଶୋକ ବିଶ୍ୱାଳ | ୧୯ |
| ସ୍ମୃତିର କ୍ୟାନଭାସ | ତ୍ରିଲୋଚନ ଦାସ | ୨୮ |
| ମଦ ଟିକସ | ଇଂ ବିଦ୍ୟାଧର ପଣ୍ଡା | ୩୩ |
| ତୁମେ ମୋ ଜୀବନରେ ଏମିତି ଥାଅ | ଅନସୂୟା ପଣ୍ଡା | ୪୪ |
| ଗୋଟିଏ ଭାଇ ଭଉଣୀ କାହାଣୀ | ନବୀନ କୁମାର | ୪୯ |
| ଧନ୍ୟରେ ମାନବ | ଚିନ୍ମୟୀ ସାହୁ | ୫୪ |
| ସଂସାର ଖାଇଲା ମଦ ବୋତଲ | ମହେଶ୍ୱର ସାହୁ | ୫୭ |
| କେୟାର୍ ଟେକର୍ | ଓଜସ୍ୱିନୀ ଶତପଥୀ | ୬୪ |
| ସବୁଜ ସମାଜ | ଶାନ୍ତନୁ କୁମାର ରାଉତ | ୬୬ |
| ଝିଅ ବୋଲିକି | ସନାତନ କଟା | ୬୯ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ନର୍କ | ସୁଧାଂଶୁ ଶେଖର ଦ୍ୱିବେଦୀ | ୭୨ |
| ଶ୍ରୀକାନ୍ତ ମଉସାଙ୍କ ଅଳ୍ପବୁଦ୍ଧି | ଜାଗୃତିରଞ୍ଜନ ମିଶ୍ର | ୭୮ |
| ବିଲୁଆ ଖାଇଲା ଛେନା | ଅଙ୍କିତା ପାଢ଼ୀ | ୮୧ |
| ସୁନାପୁଅ ସୁଧାରିଲା ଗାଁ ଆମର | ନୂତନ କୁମାର ବେହେରା | ୮୬ |
| **କବିତା ବିଭାଗ** | | **୯୬** |
| ବିଦଗ୍ଧ ସ୍ୱର | ରୋଜା ପଣ୍ଡା | ୯୭ |
| ଅପସରି ଯାଉ ଲଜ୍ଜା | ହରେରାମ ପଣ୍ଡା | ୯୮ |
| ଅଭୁଲା ତୋ ମିଠାସ୍ମୃତି | ଧୀରେନ୍ଦ୍ର ମଲ୍ଲିକ | ୧୦୧ |
| କାଉଟିଏ ମୁଁ କାଉଟିଏ | ସାଗର ପ୍ରଧାନ | ୧୦୨ |
| ପାନ୍ଥଶାଳାର ବନ୍ଧୁ | ଆଶୁତୋଷ ମେହେର | ୧୦୪ |
| କେମିତି ରହିଲ ଉର୍ମିଳା | ରାମପ୍ରସାଦ ସିଂହ | ୧୦୫ |
| ପ୍ରେମର ସନ୍ଧ୍ୟା | ପ୍ରଶାନ୍ତ କୁମାର ପ୍ରଧାନ | ୧୦୬ |
| ଦେବଗିରିରେ ବର୍ଷା | ଉଦୟ କୁମାର ପଣ୍ଡା | ୧୦୭ |
| ନାରୀ | ପ୍ରକାଶ ରଞ୍ଜନ ସ୍ୱାଇଁ | ୧୦୮ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଲେଖନୀ ଧରିବି ମୁହିଁ | ଭାରତୀ ସାହୁ | ୧୧୧ |
| ଶିକ୍ଷା ଓ ଶିକ୍ଷକ | ସୌମେନ୍ଦ୍ର ମହାନ୍ତି | ୧୧୨ |
| ଆହେ ପ୍ରଭୁ ଭାବଗ୍ରାହୀ | ବୁଲୁ ପୋଲାଇ | ୧୧୪ |
| ଜୀବନ ସଳିତା | ବାସନ୍ତୀ ଲତା ଜେନା | ୧୧୫ |
| ଝିଅ | ରାଜସ୍ମିତା ବିଶ୍ୱାଳ | ୧୧୭ |
| ବେଦନାର ବିଶ୍ଲେଷଣ | ସିଦ୍ଧେଶ୍ୱର ତ୍ରିପାଠୀ | ୧୧୮ |
| ସ୍ୱାଗତ ନବବର୍ଷ | ଜ୍ୟୋତ୍ସ୍ନା ରାୟ | ୧୨୦ |
| ଶୀତ | କୁମାର ଲୋକେଶ୍ | ୧୨୧ |
| ଶେଷ ଶଯ୍ୟା | ଅନାମ ଚରଣ ସାହୁ | ୧୨୨ |
| କବିତା | ନିଳାମ୍ବର ମହାନନ୍ଦ | ୧୨୩ |
| ପରିଚୟ ତାର ଭିନ୍ନ | ସରିତା ମହାନ୍ତି | ୧୨୪ |
| ତୁମ ଅପେକ୍ଷାରେ | ମନସ୍ମିତା ବିଶ୍ୱାଳ | ୧୨୫ |
| ଆହେ ଲୀଳାମୟ | ଜ୍ୟୋତିର୍ମୟୀ ଓଝା | ୧୨୬ |
| ଫକୀର ମୋହନ | ନନ୍ଦିନୀ ରାଉତ | ୧୨୭ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ସ୍ମୃତି ଏକ ନିରୋଳା ଜହ୍ନରାତି | ମନୋଜ କୁମାର ପଣ୍ଡା | ୧୨୮ |
| ଶୀତ | ସ୍ମୃତିରଞ୍ଜନ ପାତ୍ର | ୧୩୦ |
| ଅଲୋଡ଼ା | ସନ୍ଧ୍ୟାରାଣୀ ଦାସ | ୧୩୨ |
| ମଶାଣିର ଭୟ | ରୀତା ଅପରାଜିତା ମହାନ୍ତି | ୧୩୩ |
| ଶବ୍ଦ ଶୃଙ୍ଗାର | ପ୍ରିୟଦର୍ଶିନୀ ମହାନ୍ତି | ୧୩୫ |
| ଗାଉଁଲି ବୋହୁଟା କିମିଆ କଲା | ଶିଶିର କୁମାର ମିଶ୍ର | ୧୩୬ |
| ମୁଁ ଜାଣିନି | ଦେବବ୍ରତ ବାରିକ | ୧୩୭ |
| ଅନଳ ରାକ୍ଷସ | ଡମ୍ବରୁଧର ବାଗ | ୧୩୮ |
| ସ୍ମୃତିର ସାମ୍ପ୍ରତିକୀ | ରୋହିତ୍ ସେଠୀ | ୧୪୦ |
| ଭାରତ ଆମରି ମାଆ | ଗୌରୀ ପଣ୍ଡା | ୧୪୨ |
| ବଦଳିବା ଆମେ | ସେଠୀ କାର୍ତ୍ତିକ ଚନ୍ଦ୍ର | ୧୪୪ |
| ତମେ ଆସୁଥାଅ | ପବିତ୍ର ଦାସ | ୧୪୬ |
| ଚକାଆଖି | ଜୟଶ୍ରୀ ମହାରଣା | ୧୪୭ |
| ଆଉ ଏକ ନୂଆବର୍ଷ | ବିଜୟ କୁମାର ପଣ୍ଡା | ୧୪୮ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ବିକାଶ | ପୂର୍ଣ୍ଣିମା ଲେଙ୍କା | ୧୫୦ |
| ଘରୁଆ ବୈଷ୍ଣବ | ମନ୍ନୁ ଭାଇ | ୧୫୨ |
| ବିଧବା | ନବୀନ ପଧାନ | ୧୫୪ |
| ମାଳି | ନୂତନ କୁମାର ବେହେରା | ୧୫୫ |
| ମାତୃଭାଷା | ପ୍ରୀତିରଞ୍ଜନ ନାୟକ | ୧୫୭ |
| ଧନ୍ୟ ମୋ କବିପଣ | ପୁସ୍ତମ ଯୁଆଡ଼ି | ୧୫୮ |
| ମକର ସଂକ୍ରାନ୍ତି | ମହେଶ୍ୱର ସାହୁ | ୧୫୯ |
| ଗାଆଁ ଲାଗେ ସହର | ଅଙ୍କିତା ପାଢ଼ୀ | ୧୬୦ |
| ପ୍ରେମର ତୃଷ୍ଣା | ଗୁଣନିଧି ଭୋଇ | ୧୬୧ |
| ଚାରୋଟି ଅନନ୍ତ ପ୍ରତୀକ୍ଷା | ପ୍ରଭାତ ବଳ | ୧୬୨ |
| ଏତିକି ବିନତୀ | ପ୍ରଭାକର ସାହୁ | ୧୬୩ |
| ପୁସ୍ତକ | କୁମୁଦ ଚନ୍ଦ୍ର ନାଗ | ୧୬୪ |
| ମାୟାଡ଼ୋରୀ | ସରୋଜିନୀ ମିଶ୍ର | ୧୬୫ |
| ପ୍ରେମ ତତ୍ତ୍ୱ | ରାଜେଶ ଦୀପ | ୧୬୬ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଯଦି କେବେ ଦେଖା ହୁଏ | ବିନୟ ମହାପାତ୍ର | ୧୬୭ |
| ଜୀବନ ସାଥୀ | ଶ୍ରୀମତି ସଂଯୁକ୍ତା ମହାପାତ୍ର | ୧୬୯ |
| ନୈବେଦ୍ୟ | ପୁଷ୍ପାଞ୍ଜଳୀ ପଣ୍ଡା | ୧୭୦ |
| ନିର୍ଭୟା | ଅଭିଶେକ ମହାପାତ୍ର | ୧୭୧ |
| କିଏ ଦେଖିଛ ସେ କାଲିକି | ଶାନ୍ତନୁ କୁମାର ରାଉତ | ୧୭୩ |
| କୁଣ୍ଠାବୋଧର ପରିଚୟ | ଭାସ୍କର ଚନ୍ଦ୍ର ଖଣ୍ଡା | ୧୭୪ |
| ଜୀବନ ସ୍ମୃତି | ଡଃ ମନୋରଞ୍ଜନ ବିଷୋୟୀ | ୧୭୬ |
| କେତେ ଯେ ଗଲେଣି | ପ୍ରସନ୍ନ କୁମାର ରାଉତ | ୧୭୭ |
| ତୋ ପାଇଁ | ମଞ୍ଜୁରାଣୀ ମିଶ୍ର | ୧୭୮ |
| ତୁମେ | ଜୟନ୍ତ କୁମାର ସାହୁ | ୧୭୯ |
| ମା | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୮୦ |
| ଆରେ ମୋର ବାପଧନ... | ସନ୍ଧ୍ୟାରାଣୀ ନନ୍ଦ | ୧୮୧ |
| ସୂର୍ଯ୍ୟଙ୍କ ପ୍ରଭାତକାଳୀନ ଦୃଶ୍ୟ | ସେବକାନ୍ତ ନନ୍ଦ | ୧୮୩ |
| ମୋ ଆଇନା | ଲଳିତ ମୋହନ ମିଶ୍ର | ୧୮୫ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ସୂର୍ଯ୍ୟ | ସୁଦୀପ୍ତା ବେହେରା | ୧୮୮ |
| ପ୍ରେମର ପରିଭାଷା | ସରୋଜ ସାହୁ | ୧୮୯ |
| ଘନ କୁହୁଡ଼ି | ଶ୍ରୀକ୍ଷେତ୍ର ସୁନ୍ଦର | ୧୯୦ |
| ମିଛୁଆ ବାପା | ମହେନ୍ଦ୍ର କୁମାର ସ୍ୱାଇଁ | ୧୯୧ |
| ଏଇ ବୋଧେ ପ୍ରେମ | ସୌମ୍ୟରଞ୍ଜନ ଲେଙ୍କା | ୧୯୩ |
| ପର୍ଯ୍ୟାବରଣର ପରିରକ୍ଷଣ | ଶ୍ରୀରାଜଶେଖର ସି 'ଚିମା' | ୧୯୫ |
| ସତୁରୀ ବର୍ଷର ଭାରତେ | ଦଣ୍ଡାସୀ ପ୍ରଧାନ | ୧୯୬ |
| ଆମ ରାଜନୀତି | ସୁଶ୍ରୀ ସାବିତ୍ରୀ ସ୍ୱାଇଁ | ୧୯୮ |
| ବିବାହ | ନିବେଦିତା ମହାପାତ୍ର | ୧୯୯ |
| ପ୍ରେମ | ରବିନାରାୟଣ ତ୍ରିପାଠୀ | ୨୦୦ |
| ପାରିବୁ ତ ? | ଶ୍ରୀକାନ୍ତ କୁମାର ମିଶ୍ର | ୨୦୧ |
| ପାରିବିନି ଭଲ ପାଇ | ପ୍ରଶାନ୍ତ କୁମାର ନାଥ | ୨୦୨ |
| ସଫଳ | ସନାତନ ମହାକୁଡ଼ | ୨୦୪ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


## ସମ୍ବଲପୁରୀ ବିଭାଗ ୨୦୫

| | | |
|---|---|---|
| ମକର୍ ସଂକ୍ରାନ୍ତି | ଅରୁଣ କୁମାର ଭୋଇ | ୨୦୬ |
| ଭାବ୍‌ର ବନ୍ଧନ୍ | ଜିତେନ୍ଦ୍ର ପାଣ୍ଡେ | ୨୦୮ |
| ଘାଏ ଫେରି ଆଏତା | ମୁରଲୀ ଶିକ୍କା | ୨୦୯ |
| ତମେ ବଦ୍‌ଲି ଯାଇଛ | ଚିତ୍ତରଞ୍ଜନ ପଧାନ | ୨୧୦ |
| ଜନ୍ | ରାଜେଶ ପୂଜାରୀ | ୨୧୧ |
| ପହେଚାନ୍ | ସୁଭାସ ଚନ୍ଦ୍ର ଭୁଏ | ୨୧୩ |
| ବୀର୍ ଲକ୍ଷ୍ମୀନାରାୟଣ୍ | ଦେବାଶିଷ ସାଗର | ୨୧୪ |
| ସମିଆ | ହରିଶ ତାଣ୍ଡି | ୨୧୬ |
| ଭାବ୍ - ଅଭାବ୍ | ସହଦେବ ଧରୁଆ | ୨୧୭ |
| ସେ ବୁଆ ଆଏ | ଗଣେଷ ଭୁଏ | ୨୧୮ |




ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


## ପ୍ରବନ୍ଧ ବିଭାଗ ୨୨୧

| | | |
|---|---|---|
| ବୌଦ୍ଧିକ ମତବାଦ ଆଢୁଆଳରେ ଓଡ଼ିଆ ସାହିତ୍ୟ | ଅମ୍ରିତେଶ ଖଟୁଆ | ୨୨୨ |
| ପ୍ରତିଭା - ବିଶେଷତା ଓ ବିକାଶ | ସୋସିଆଲ୍ ଫୋରମ୍ | ୨୨୭ |
| ହୃଦୟର ଆତ୍ମନେପଥୀ | ମନୋଜ କୁମାର ପଣ୍ଡା | ୨୩୩ |
| ମାନବ ସଭ୍ୟତା ଓ ରୋବୋଟିକ୍ସ | ଦୀପକ ଷଡ଼ଙ୍ଗୀ | ୨୩୬ |
| ବାପାଙ୍କ ଶ୍ରାଦ୍ଧଦିବସରେ | ତ୍ରିଲୋଚନ ପ୍ରଧାନ | ୨୩୮ |

## ବିଶେଷ ସୂଚନା ୨୪୦


ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ କିବୋର୍ଡ଼ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।

ଟାଇପ୍ ହୋଇଥିବା ଆଲେଖ୍ୟକୁ ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ଉପସ୍ଥାପିତ କରି ପଠାଇଲେ ତାହା ପ୍ରକାଶନ ହେତୁ ତୁରନ୍ତ ଯୋଗ୍ୟ ବିବେଚିତ ହେବ । ଧନ୍ୟବାଦ ।

ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ସମସ୍ତ ପାଠକପାଠିକା, ସାହିତ୍ୟିକ, ଶୁଭେଚ୍ଛୁ ଏବଂ ଉପଦେଷ୍ଟାଙ୍କୁ ସାରସ୍ୱତ ସମ୍ମାନ ଜଣାଉଛି । ବର୍ଷ ୨୦୦୬ ଫେବୃଆରୀରୁ ଆରମ୍ଭ ହୋଇଥିବା ଆହ୍ୱାନ ଇ-ପତ୍ରିକାର ଯାତ୍ରା ଅଦ୍ୟାବଧି ଜାରୀ ରହିବା ଏବଂ ଏଥିରେ ପ୍ରତ୍ୟେକ ସଂସ୍କରଣ ଅନ୍ୟଠାରୁ ଅଧିକ ରୁଦ୍ଧିମନ୍ତ ହେବା ପଛରେ ରହିଛି ଆପଣ ମାନଙ୍କର ଯଥେଷ୍ଟ ଅବଦାନ । ଏହି ପତ୍ରିକା କେବଳ ଆପଣଙ୍କର । ଆପଣ ମାନଙ୍କ ସ୍ନେହ, ସଦିଚ୍ଛା ଏବଂ ଶ୍ରଦ୍ଧା ଏହାର ଉତରୋତ୍ତର ଉନ୍ନତି ପାଇଁ ସର୍ବଦା କାମ୍ୟ । ବର୍ତ୍ତମାନ ଆହ୍ୱାନ ଏହାର ପଞ୍ଚଦଶ ବର୍ଷର ସଂସ୍କରଣ ନେଇ ଆସୁଛି । ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତି ଏବଂ ପ୍ରସାର ପାଇଁ ଆମେ ସମସ୍ତେ ଗୁଣ୍ଡୁଚିମୂଷା ଭଳି କିଛି କିଛି ଅବଦାନ ଦେଇ ଆସୁଛେ । ଭବିଷ୍ୟତରେ ଓଡ଼ିଆ ଭାଷାପାଇଁ ଯେତେବେଳେ ଅଧିକ ଚିନ୍ତନର ଆବଶ୍ୟକତା ହେବ, ହୁଏତ ସେତେବେଳେ ଆହ୍ୱାନ ଇ-ପତ୍ରିକାର କ୍ଷୁଦ୍ର ଅବଦାନ ମଧ୍ୟ ଉଲ୍ଲେଖନୀୟ ଭାବରେ ଉଦ୍‌ଘୋଷିତ ହେବ । ଆମର ଏହି ପ୍ରଚେଷ୍ଟା ଏହିଭଳି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚାଲିଥିବ ।

ସାହିତ୍ୟ ଓ ସମାଜ ପରସ୍ପର ସହ ସଂଶ୍ଲିଷ୍ଟ । ସମାଜ ବିନା ସାହିତ୍ୟର ସ୍ଥିତି ନାହିଁ, ଏବଂ ସାହିତ୍ୟବିନା ସମାଜରେ ତିଷ୍ଠି ରହିବା ମଧ୍ୟ ସମ୍ଭବ ନାହିଁ । ଦିନଥିଲା ଲୋକମାନେ ଭାଷା ଓ ସାହିତ୍ୟ ପାଇଁ ସ୍ୱେଚ୍ଛାକୃତ ଭାବରେ କାର୍ଯ୍ୟ କରୁଥିଲେ ଏବଂ ସେହିଭଳି ମହାନୁଭବଙ୍କ ସ୍ୱେଚ୍ଛାହୀନ ଅବଦାନ ହେତୁ ଆମ ଭାଷା ଓ ସାହିତ୍ୟର ସ୍ଥିତି ସୁଦୃଢ଼ ହୋଇଥିଲା । ଦିନ ବିତିବା ସହ ସମୟ ପରିବର୍ତ୍ତନ ହେଲା । ବର୍ତ୍ତମାନ ସମୟରେ ଭାଷା ଓ ସାହିତ୍ୟ ପାଇଁ ସମୟ ବାହାର କରିବାକୁ ଆଧୁନିକ ସମାଜର ଯୁବପୀଢ଼ି ସମେତ ବୟୋଜ୍ୟୋଷ୍ଠ ବ୍ୟକ୍ତିମାନେ ମଧ୍ୟ ଅନିଚ୍ଛା ପ୍ରକାଶ କରୁଛନ୍ତି । ଅଧିକନ୍ତୁ ଫେସବୁକ୍ ଓ ହ୍ୱାଟ୍ସଆପ୍ ଭଳି ସାମାଜିକ ଗଣମାଧ୍ୟମରେ ନିଜକୁ ହଜେଇ ଦେଇ ସେଇଠି ଆତ୍ମ ସନ୍ତୁଷ୍ଟି ପ୍ରାପ୍ତି ପାଇଁ ଚେଷ୍ଟା କରୁଛନ୍ତି । ସମାଜର ସ୍ଥାନ ଫେସବୁକ୍ ନେଇ ସାରିଲାଣି । ସେଇଠି ସାହିତ୍ୟିକ ସେଇଠି ଶ୍ରୋତା ପାଠକ । ବାସ୍, ଆଉ କଣ ଆବଶ୍ୟକ ଅଛି ? ଲେଖକକୁ ଦରକାର ପ୍ରୋତ୍ସାହନ ଓ ପ୍ରଶଂସା । ସାହିତ୍ୟିକକୁ ତାହା ତୁରନ୍ତ ମିଳିଯାଉଛି । ନିଜ ନିଜ ପାଇଁ ଶ୍ରୋତା ବା ପାଠକ ଗୋଷ୍ଠୀ ସୃଷ୍ଟି ବି କରାଯାଇଛି । ଅଗଣିତ ଗ୍ରୁପ୍ ଓ ପେଜ୍ ତିଆରି ହୋଇଛି । ପ୍ରତିଦିନ ଶହ ଶହ ସଂଖ୍ୟାରେ କବିତା ପ୍ରକାଶିତ ହେଉଛି, କିଛି ସମୟ ପାଇଁ ତାହା ଚଳଚଞ୍ଚଳ ରହୁଥିବା ବେଳେ ନୂତନ ଉପସ୍ଥାପନ ଆସିଗଲେ ତାହା ଶୀଘ୍ର ପୁରୁଣା ହୋଇଯାଉଛି, ଏଥିପାଇଁ ଏକ ରକମ ପ୍ରତିଯୋଗିତା ଚାଲିଛି । ଏହାର ଦୁଇଟି ଦିଗ ପ୍ରତି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆମେ ଧ୍ୟାନ ଦେବା ଉଚିତ । ପ୍ରଥମଟି ହେଲା ଏହା ଫଳରେ ଅଧିକରୁ ଅଧିକ ଲୋକ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଆକର୍ଷିତ ହେଉଛନ୍ତି । ଯେଉଁ ଲେଖକମାନଙ୍କ ଲେଖା କୌଣସି ପ୍ରତିଷ୍ଠିତ ପତ୍ରପତ୍ରିକାରେ ସ୍ଥାନ ପାଉନାହିଁ, ସେମାନେ ମଧ୍ୟ ସାମାଜିକ ଗଣମାଧ୍ୟମରେ ଅତି ସୁନ୍ଦର ଭାବରେ ନିଜର ଲେଖାକୁ ପ୍ରକାଶିତ କରି ପାରୁଛନ୍ତି । ଦ୍ୱିତୀୟତଃ ଏହା ଫଳରେ ଏକ ବିଶାଳ ବର୍ଗ ନିଜକୁ ସାହିତ୍ୟିକ କୁହାଇବା ପାଇଁ ପ୍ରପଞ୍ଚ କରି ଅନ୍ୟର ଲେଖା ଚୋରୀ କରୁଛନ୍ତି ବା ଉଧାର ଆଣି ପ୍ରକାଶିତ କରି ବାହାବା ନେଉଛନ୍ତି । ଗୋଟିଏ ଗୋଟିଏ ଲେଖା ଅନେକ ଲେଖକଙ୍କ ନାମରେ ଅନେକ ସ୍ଥାନରେ ପ୍ରକାଶିତ ହେଉଛି । ସାହିତ୍ୟ ନାମରେ ଅଶ୍ଳୀଳ ଲେଖାମାନ ମଧ୍ୟ ପ୍ରକାଶିତ ହେବାରେ ଲାଗିଛି । ଏହି ମାଧ୍ୟମ ଆପଣଙ୍କୁ ଦେଇଛି ସ୍ୱାଧୀନତା, ଆପଣ ସ୍ୱଚ୍ଛନ୍ଦ ଭାବରେ ନିଜର ମତ ବ୍ୟକ୍ତ କରି ପାରିବେ । ତେଣୁ କିଛି ବ୍ୟକ୍ତି ଏହାକୁ ଅପବ୍ୟବହାର କରିବାର ମଧ୍ୟ ଦୃଷ୍ଟାନ୍ତ ଦେଖିବାକୁ ମିଳୁଛି ।

ଆମେ ସବୁବେଳେ ଭଲ କଥା ହିଁ ଚିନ୍ତା କରିବା ଏବଂ ସେଇଥିପାଇଁ ଆମେ ଖୁସି ହେବା ଯେ ଏହା ଦ୍ୱାରା ଆମ ଭାଷା ଓ ସାହିତ୍ୟର ଅଭିବୃଦ୍ଧି ହେଉଛି ଏବଂ ଅଧିକ ଲୋକ ଓଡ଼ିଆ ଭାଷାରେ ଲେଖାଲେଖି କରିବାକୁ ଇଚ୍ଛା ପ୍ରକଟ କରୁଛନ୍ତି ।

ସଂପ୍ରତି ସମୟ ବିଶ୍ୱ ଏକ ସଂକଟ ଦେଇ ଗତି କରୁଛି । ଏହି ସମସ୍ୟା ସ୍ୱାସ୍ଥ୍ୟଗତ ହୋଇଥିବାରୁ ଅଧିକ ଗୁରୁତ୍ୱ ବହନ କରେ । ଚୀନର ଏକ ପ୍ରାନ୍ତ ଉହାନ୍‌ରୁ ବାହାରି ସମଗ୍ର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶ୍ୱର ଅନେକ ଦେଶରେ ବିସ୍ତାର ଲାଭ କରିଥିବା କୋରୋନା ଭୂତାଣୁ ପାଇଁ ବର୍ତ୍ତମାନ ସମସ୍ତେ ଚିନ୍ତିତ । ଅବସ୍ଥା ଏମିତି ହୋଇଛି ଯେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହାକୁ ବିଶ୍ୱର ସବୁଠାରୁ ଭୟଙ୍କର ସଂକ୍ରମଣ ବୋଲି କହିଛି ଏବଂ ଏକ ଆକଳନ ଅନୁଯାୟୀ ଏହି ସଂକ୍ରମଣକୁ ଯଦି ଖୁବ୍ ଶୀଘ୍ର ଆକଟ ନ କରାଯାଏ, ତା ହେଲେ ଏହା ବିଶ୍ୱର ଷାଠିଏ ପ୍ରତିଶତ ଜନସଂଖ୍ୟାକୁ ପ୍ରଭାବିତ କରିପାରେ । ଏବଂ ଅନ୍ୟୁନ ସାଢ଼େ ଚାରିକୋଟି ଲୋକ ଏଥିପାଇଁ ମୃତ୍ୟୁବରଣ କରି ପାରନ୍ତି । ହୁଏତ ଏହା ହିଁ ତୃତୀୟ ବିଶ୍ୱଯୁଦ୍ଧ ହୋଇପାରେ ଯାହା ଫଳରେ ନିରୀହ ପ୍ରାଣ ସବୁ ହାନୀ ହୋଇପାରେ । ଏଥିପାଇଁ ଅଧିକ ଗବେଷଣା ଜାରୀ ରହିଥିଲେ ସୁଦ୍ଧା ଏହାକୁ ନେଇ ଅନେକ ପ୍ରକାର ମତ ପ୍ରକାଶିତ ହେଉଛି । ଏକ ଅସମର୍ଥିତ ସୂତ୍ରରୁ ବିଶ୍ୱର ଅନେକ ସମ୍ବାଦ ସରବରାହ ସଂସ୍ଥା ଜଣାଇଛନ୍ତି ଯେ ଏହି ରୋଗରେ ଅଦ୍ୟାବଧି ଚାଳିଶି ହଜାରରୁ ଅଧିକ ଲୋକ ମୃତ୍ୟୁବରଣ କରିଲେଣି । ଚୀନର ଅନେକ ସହରକୁ ସେମାନେ ବନ୍ଦ କରିଦେଇଛନ୍ତି । ଲୋକମାନଙ୍କୁ ଘରୁ ବାହାରକୁ ବାହାରିବାକୁ ମଧ୍ୟ ମନା କରି ଦିଆଯାଇଛି । ନିଶ୍ଚୟ ଏହା ଆମ ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ । ଆଶା କରୁଛି ଆମର ଆହ୍ୱାନ ଇ-ପତ୍ରିକା ପରିବାରର ସମସ୍ତ ସଦସ୍ୟ ସୁସ୍ଥ ରହନ୍ତୁ ।

ଏଥିସହିତ ଆପଣ ମାନଙ୍କୁ ଭେଟି ଦେଉଛି ଚଳିତ ମାସର ଆହ୍ୱାନ ଇ-ପତ୍ରିକା ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ, ପ୍ରତିଷ୍ଠାତା-ସମ୍ପାଦକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନୂଆ

# କରୋନା

## ଭୂତାଣୁ ସଂକ୍ରମଣ

### ଅନେକ ବ୍ୟକ୍ତି ଏହି କରୋନା ଭୂତାଣୁ ବିଷୟରେ ଚିନ୍ତିତ ।



କରୋନା ଏକ ବୃହତ ଭୂତାଣୁ ଗୋଷ୍ଠୀର ଏକ ଭୂତାଣୁ, ଯାହା ମନୁଷ୍ୟ ଏବଂ ପଶୁମାନଙ୍କୁ ଥଣ୍ଡା ଜନିତ ରୋଗଭଳି ସଂକ୍ରମଣ କରିଥାଏ । ଏହାଦ୍ୱାରା ସାମନ୍ୟ ଜ୍ୱର ଥଣ୍ଡାରୁ ଆରମ୍ଭ କରି ଅତି ବିପଦ୍‌ଜନକ ଶ୍ୱାସ ସଂକ୍ରମଣ ମଧ୍ୟ ହୋଇଥାଏ ।

ସଂପ୍ରତି ଦେଖା ଦେଇଥିବା କରୋନା ଭୂତାଣୁ, ଯାହା ଏମ୍‌ଇଆର୍‌ଏସ୍ ସଂକ୍ରମଣ କରିଥାଏ, ଅପେକ୍ଷାକୃତ ଏକ ନବୀନତମ ଭୂତାଣୁ, ଯାହା ବିଷୟରେ ଅଧିକ ସୂଚନା ବର୍ତ୍ତମାନ ସୁଦ୍ଧା ଉପଲବ୍ଧ ହୋଇପାରିନାହିଁ । ଏହା କେମିତି ହୁଏ, ଏହାଦ୍ୱାରା କଣ କଣ ଲକ୍ଷଣ ଦେଖାଯାଇପାରେ, ବା ରୋଗୀକୁ କେଉଁଭଳି ସଂକ୍ରମିତ ହୁଏ, ଆଦି ବିଷୟରେ ଅଧିକ ଗବେଷଣା ଚାଲିଛି ।

### ଏହି ରୋଗପାଇଁ କୌଣସି ସୁନିଶ୍ଚିତ ଚିକିତ୍ସାବ୍ୟବସ୍ଥା ରହିଛି କି ?



ବର୍ତ୍ତମାନ ସମୟରେ ଏହି ଭୂତାଣୁଜନିତ ସଂକ୍ରମଣ ପାଇଁ କୌଣସି ନିଶ୍ଚିତ ଚିକିତ୍ସା ବ୍ୟବସ୍ଥା ନାହିଁ । କିନ୍ତୁ ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଲକ୍ଷଣ ଅନୁସାରେ ବିକଳ୍ପ ଚିକିତ୍ସା ଉପଲବ୍ଧ କରାଯାଇ ରୋଗ ଉପଶମ କରିବାକୁ ଚେଷ୍ଟା କରାଯାଉଛି ।

### ଏହି ଭୂତାଣୁ ପାଇଁ କୌଣସି ଟୀକାକରଣ ବ୍ୟବସ୍ଥା ରହିଛି କି ?



ନା । ବର୍ତ୍ତମାନ ସୁଦ୍ଧା ଏହି ଭୂତାଣୁର ପ୍ରତିଷେଧକ ହିସାବରେ କୌଣସି ଟୀକା ଆବିଷ୍କାର କରାଯାଇନାହିଁ ।

## ଏହି ନୂତନ କରୋନା ଭୂତାଣୁ ସଂକ୍ରମଣର ଲକ୍ଷଣ ସବୁ କଣ ?

- କାଶ ହେବା — ଜ୍ୱର ଆସିବା
- ନିମୋନିଆ ହେବା — ଶ୍ୱାସରୁଦ୍ଧ ହେବା

**କିଛି କ୍ଷେତ୍ରରେ**

- ବାନ୍ତି ହେବା — ତରଳଝାଡ଼ା ହେବା

**ରୋଗବ୍ୟାପିଲେ**

- ଅତ୍ୟାଧିକ ନିମୋନିଆ — ବୃକକ୍ ଯନ୍ତ୍ର ଅକାମୀ ହେବା

ଏବଂ ଯଦି ଏହି ରୋଗକୁ ସଠିକ ସମୟରେ ଚିକିତ୍ସା କରାଯାଏ ନାହିଁ, ତା'ହେଲେ ଏହାର ସୁଦୂରପ୍ରସାରୀ ପ୍ରଭାବ ରୋଗୀଙ୍କୁ ମୃତ୍ୟୁମୁଖକୁ ଠେଲି ଦେଇପାରେ ।

**ବିଶ୍ୱାସ କରାଯାଏ ଯେ କରୋନା ଭୂତାଣୁ ଅନ୍ୟ ସମସ୍ତ କରୋନା ଭୂତାଣୁ ଏବଂ ଥଣ୍ଡାଜ୍ୱର ଭଳି ବ୍ୟାପିଥାଏ ।**

| | | |
|---|---|---|
| ରୋଗୀ ସଂସ୍ପର୍ଶରେ ଆସିବା ଦ୍ୱାରା | ରୋଗୀର ଛିଙ୍କ ଓ କାଶ ଦ୍ୱାରା | ରୋଗୀଙ୍କ ମୁହଁ, ନାକ, ଆଖି ଆଦିକୁ ଛୁଇଁବା ଦ୍ୱାରା |

**ଏହି ସଂକ୍ରମଣରୁ ନିଜକୁ ରକ୍ଷା କରିବାର କିଛି ଉପାୟ;**

- ସଂକ୍ରମଣର ସନ୍ଦେହ ଥିଲେ / କିମ୍ବା ଘରକୁ ବାହାରୁ ଫେରିବାପରେ ହାତକୁ ସାବୁନ ଦ୍ୱାରା କିମ୍ବା ସ୍ପିରିଟ୍ ଦ୍ୱାରା ସଫା କରନ୍ତୁ ।
- କାଶ ହେଉଥିଲେ ନିଜ ମୁହଁ ଓ ନାକକୁ ମାସ୍କ କିମ୍ବା ରୁମାଲ / ଟିସୁ ପେପର୍ ଦ୍ୱାରା ଘୋଡ଼ାଇ ରଖନ୍ତୁ ।
- କାଶୁଥିବା / ଛିଙ୍କୁଥିବା ବ୍ୟକ୍ତିଙ୍କଠାରୁ ଦୂରତା ବଜାୟ ରଖନ୍ତୁ ।
- ଆମିଷ ଖାଦ୍ୟକୁ ଭଲଭାବରେ ରୋଷେଇକରି ଖାଆନ୍ତୁ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# କାହାଣୀ ବିଭାଗ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସୁନେଲୀ ସିଂହ



ଅଶୋକ ବିଶ୍ୱାଳ

## ଅନ୍ୟ ଶିକାରୀ ପଶୁ : କଲରାପତରିଆ ବାଘର ଦୁନିଆ

ଗିରରେ ସିଂହମାନେ କେବଳ ଏକମାତ୍ର ପ୍ରମୁଖ ଶିକାରୀ ନଥିଲେ । ହେଟାବାଘ, ବିଲୁଆ, ଜଙ୍ଗଲୀ ବିଲେଇ, କୁମ୍ଭୀର, ଚିଲ ବା ଇଗଲ ଆଉ ଏମିତି କେତେ ଛୋଟ ବଡ ଶିକାରୀ ଥିଲେ । ସେମାନେ କିନ୍ତୁ ସିଂହର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ନଥିଲେ । ଏଇ କଲରାପତରିଆ ବାଘମାନେ ମାନେ ଭିନ୍ନ । ସେମାନେ ସିଂହମାନଙ୍କର ଛୋଟ ଶିକାରକୁ ସହଜରେ ମାରି ଦିଅନ୍ତି । ଶିକାରର କଳା ଏହି ଛୋଟ ବାଘମାନଙ୍କୁ ଖୁବ ଭଲଭାବେ ଜଣା ।  କୁହାଯାଇପାରେ ଶିକାରର ସବୁ କଳା ସେମାନଙ୍କ ପାଖରେ ଅଛି । ଲୁଚିବା, ଛପି ଛପି ଆଗେଇବା, ହଠାତ୍ ଆକ୍ରମଣ କରିବା, ଗଛ ଉପରୁ ତଳକୁ କୁଦା ମାରିବା ଇତ୍ୟାଦି ସବୁଥିରେ କଲରାପତରିଆ ବାଘ ପାରଙ୍ଗମ । ଏ ସବୁ କଳା ତ କିଛି ଅଂଶରେ ସିଂହ ପାଖରେ ଅଛି । କିନ୍ତୁ ଏକ କଳାରେ କଲରାପତରିଆ ବାଘ ସିଂହର ବହୁତ ଆଗରେ । ଆଉ ତା ହେଉଛି ଗଛ ଉପରେ ଚଢ଼ି ଶିକାରକୁ ଲକ୍ଷ୍ୟ କରିବା ଆଉ ଶିକାର ଉପରକୁ ଗଛ ଉପରୁ ଲମ୍ଫ ଦେବା । ଏମିତି ଶିକାର ସିଂହ କେବେବି କରି ପାରିବ ନାହିଁ । ଏ ଛପି ଶିକାର କରିବାରେ କଲରାପତରିଆ ବାଘ ସିଦ୍ଧହସ୍ତ ।

କିନ୍ତୁ ଶକ୍ତି, ଆକାର ।

ସିଂହ ଆଗରେ ଏ ଛୋଟ ବାଘ ଗୁଡିକ ତୁଳନା ନୁହଁନ୍ତି । ଏମାନେ ବହୁତ ଜଲଦି ଡରି ଯାଆନ୍ତି । ଯଦି ସେମାନଙ୍କଠାରୁ କିଏ ଶକ୍ତିଶାଳୀ ଆସିଗଲା ତେବେ ସେମାନେ ଦୌଡ଼ି ପଳାନ୍ତି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବା ଗଛ ଉପରେ ଚଢି ଯାଆନ୍ତି । ଏମାନଙ୍କ ଆଗରେ ଗାଡ ଭାଲୁ କେତେ ଛୋଟ । କିନ୍ତୁ ସେହି ଭାଲୁ କେବେବି ହାର ମାନିବାକୁ ପ୍ରସ୍ତୁତ ନଥାଏ । କଲରାପତରିଆ ବାଘ ବି ଡ଼ର ସମ୍ଭାବନା ଦେଖିଲେ ଜୋରରେ ଦୌଡି ଚାଲିଯାଏ ।

ଦୁଇଭାଇଙ୍କୁ କଲରାପତରିଆ ବାଘ ମୋଟେ ଭଲ ଲାଗେନା । ଏଗୁଡାକ ଲୁଚି ରହିଥାନ୍ତି । ମୋଟେ ଦେଖା ଦିଅନ୍ତିନି । ସିଂହ ପାଇଁ ଏମାନେ ଏକ ଏକ ଘୃଣିତ ଜୀବ । ସିଂହ ଏ ବାଘକୁ ପାଖରେ ଦେଖିଲେ ନିଶ୍ଚିତ ଭାବରେ ମାରିଦେବ । ତଥାପି ବି ଏମାନେ ସିଂହଥିବା ଜଙ୍ଗଲରେ ଲୁଚି ରହନ୍ତି । କିଛି କିଛି ସମୟରେ ଦେଖା ଦିଅନ୍ତି । ସିଂହ କେବେ ଉଇ ହୁଙ୍କା ବା ଏମିତିଆ ଯାଗାରେ ବିଶ୍ରାମ ନେବା କଥା ଭାବି ପାରେନା ।

ସେଦିନ ଅପରାହ୍ନରେ କଲରାପତରିଆ ବାଘଟିଏ କେମିତି ଉଇ ହୁଙ୍କା ଉପରେ ପେଟେଇ ପଡିଥିଲା । ତାର ଆଗ ଗୋଡ ଦୁଇଟି ଉଲ ହୁଙ୍କାର ତଳକୁ ନଇଁ ଆସିଥିଲା । ସାମାନ୍ୟ ଓଦାଳିଆ ଲାଲ୍ ଉଇହୁଙ୍କା । ଟିକିଏ ଟିକିଏ କାଳିଚିଆ ଚିହ୍ନ ଅଛି । ଦିନେ ଦୁଇଦିନ ପୂର୍ବରୁ ହୁଙ୍କାର ଉପର ଭାଗକୁ ଉଇମାନେ ନିର୍ମାଣ କରିଛନ୍ତି । ସେମିତିଆ ହୁଙ୍କାରେ କଲରାପତରିଆ ବାଘଟି ଲେଫ୍ଟେଇ ପଡିଥିଲା । ଚାରିଆଡେ ଘାସର ଜଙ୍ଗଲ, ଘାସ ଗୁଡିକ ଟିକିଏ ଟିକିଏ ଶୁଖି ଆସିଲାଣି । ତା ସତ୍ୱେ ମଧ୍ୟ ଅଧିକାଂଶ ଘାସ ସବୁଜ । ଲମ୍ୱା ଘାସ । ମଝିରେ କେଉଁଠି ଗୋଟାଏ ଦୁଇଟା ବୁଦାଅଛି । ଏଠି ଗିରର ଏ ପାଖରେ ବହୁତ ଲମ୍ୱା ତୃଣଭୂମି ମିଳେ ନାହିଁ । ଛୋଟ ଛୋଟ ତୃଣଭୂମି, ଯାହା ପ୍ରାୟେ ସମତଳ ଅଂଚଳରେ ଥାଏ । ଚାରିପଟେ ପୁଣି ଜଙ୍ଗଲ ଆରମ୍ଭ ହୋଇଯାଏ । ମାଇଲ, ମାଇଲ ଧରି ବିସ୍ତୃତ ତୃଣ ଭୂମି ଏଠାରେ ମିଳିବା ସମ୍ଭବ ନୁହେଁ ।

କଲରାପତରିଆ ବାଘଟିର ବାମ ଗୋଡଟି ବହୁତ ତଳକୁ ନଇଁ ଆସିଥିଲା । ଡାହଣ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୋଡରେ ସେ ଗୋଟିଏ ଛୋଟ ହୁଙ୍କାର ମାଟି କୁଦ ଉପରେ ଭରା ଦେଇଥିଲା । ବେକଟି ଦେହରେ ଖୁବ୍ ଜୋର୍ରେ ଚାପି ହୋଇଯାଇଥିଲା । ତା ଆଖି ଆଗକୁ ଲମ୍ବି ଯାଇଥିଲା । କାନ ଗୁଡିକ ବଙ୍କେଇ ହୋଇ ମୁହଁ ସହିତ ସାମାନ୍ତରାଳ ଭାବେ ଥିଲା । ବାଘଟି ଆଗରୁ ଏବଂ ଦୁଇପଟୁ ବିଭିନ୍ନ ସଂଙ୍କେତ ଗ୍ରହଣ କରୁଥିଲା । ଏହି ବାଘମାନେ ବେଳେବେଳେ କେଉଁଠି କାଠଗଣ୍ଡି ଉପରେ, କେଉଁଠି ଗଛର ଡାଳଉପରେ, କେଉଁଠି ଉଇହୁଙ୍କା ଉପରେ, କେଉଁଠି ଅଳ୍ପଟିକେ ଉଚ୍ଚା ଯାଗା ଉପରେ ପ୍ରାୟେ ଲେଫ୍ଟେଇ ପଡି ଶିକାରର ସନ୍ଧାନରେ ଥା'ନ୍ତି । ବେଳେବେଳେ ସେମାନେ ସିଂହର ସନ୍ଧାନରେ ଥା'ନ୍ତି । ସିଂହ ହୋଇଛି ଏମାନଙ୍କର ପରମ ଶତ୍ରୁ । କଲରାପତରିଆ ବାଘର ଆଖି ଗୁଡିକ ଏକଦମ୍ ନିଶ୍ଚଳ ଥିଲା । ଯଦି କିଛି କାନ ଏପଟ ସେପଟ ହେଉନଥାନ୍ତା ଜଣେ କିଏ ଭାବନ୍ତା କଲରାପତରିଆ ବାଘଟି ମରି ଯାଇଛି । ବାଘଟି ଏମିତି ପେଟେଇ ପଡିଥିଲା ଯେ ଲାଗୁଥିଲା ଯେମିତି ଜୀବନ ନାହିଁ । କିନ୍ତୁ ବାଘଟି ଏକଦମ୍ ସାବଧାନ ଥିଲା ।  ଏମିତି ରହି ସେମାନେ ନିଜକୁ ସର୍ବଦା ସଚେତନା ଅବସ୍ଥାରେ ରଖନ୍ତି ।

କିଛି ସମୟ ପରେ କଲାରା ପତରିଆ ବାଘଟି ଖୁବ୍ ଜୋର୍ରେ ହାଇ ମାରିଲା । ଏଇ ବାଘମାନଙ୍କର ମଝିରେ ମଝିରେ ହାଇ ମାରିବା ଏକ ଅଭ୍ୟାସ । ତା ମୁହଁଟି ପୂରା ଖୋଲିଗଲା । ଏତିକି ଛୋଟ ମୁଣ୍ଡରେ ଏତେ ବଡ ମୁହଁ ଥାଇପାରେ ନ ଦେଖିଲେ ବିଶ୍ୱାସ ହେବ ନାହିଁ । ତା ପାଟି ମୁଣ୍ଡଠାରୁ ହଠାତ୍ ବହୁତ ବଡ ହେଇଗଲା । ବିରାଟ ବିରାଟ ଶ୍ୱାନଦାନ୍ତ ବା କାନାଇନ୍ ଟିଥ୍ ଉପର ମୁହଁରୁ ତଳକୁ ଝୁଲି ଆସିଥିଲା । ଶ୍ୱାନଦାନ୍ତ ମଝିରେ ମାଂସ ଛିଣ୍ଡାଇବା ପାଇଁ ଛୋଟ ଛୋଟ ଦାନ୍ତ । ପଛରେ ଗଳା ଆଡକୁ ଟିକିଏ ଭାବରେ ଲମ୍ବା ମୁନିଆ ଦାନ୍ତ ସବୁ ଥିଲା ଆଉ ଶେଷରେ ଚୋବାଇବା ପାଇଁ ଦାନ୍ତମାନ ଥିଲା । ତା ମୁହଁର ଲମ୍ବାଧଳା ନିଶ ଦୁଇ ପଟକୁ ମେଲେଇ ହୋଇ ରହିଥିଲା । ନାକର ପୁଡା ଖୋଲିଯାଇଥିଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାଲିଆ, ଗୋଲାପି ରଙ୍ଗର ଲମ୍ବା ଜିଭ ପାଟିରୁ ବାହାରି ଆସିଥିଲା । ଛୋଟ ଦୁଇ କାନ ବଙ୍କେଇ ଯାଇଥିଲା । ବାଘ ସିଂହ ଭଳି ବଡ ଶିକାରୀମାନଙ୍କର କାନ କେମିତି ଶରୀର ତୁଳନାରେ ଅସ୍ୱାଭାବିକ ଭାବେ ଛୋଟ ଅଥଚ ବଣ ବିଲେଇ ବା ହେଟା ବାଘ ଭଳି ଛୋଟ ଶିକାରୀ ମାନଙ୍କର କାନ ତୁଳନାତ୍ମକ ଭାବରେ ଟିକିଏ ବଡ ।

ଏଇ କଲରାପତରିଆ ବାଘଟି କିଛି ସମୟ ପରେ ତଳକୁ ଆସି ମାଟିରେ ପେଟେଇ ହୋଇ ଶୋଇଯାଇଥିଲା । ଘାସୁଆ ଜମିର ବଡ ଘାସ ଗୁଡିକ ତାକୁ ପ୍ରାୟ ଘୋଡାଇ ରଖିଥିଲା । ତା'ର ଚମଡାରେ କଳା କଳା ରଙ୍ଗର ଛୋଟ ଛୋଟ ପ୍ରାୟେ ଗୋଲ, ଲମ୍ବା କଳା ଦାଗ ସବୁ ପଡିଥିଲା । ବେକର ଚାରିପଟେ ଅପେକ୍ଷାକୃତ ଧଳା ବାଳ ଥିଲା । ଦେହସାରା ହଳଦିଆ ଧୁସରିଆ ବାଳ, ତା ଉପରେ ପଟି ପଡିଛି । ମୁହଁରେ ବେକ ଆଡକୁ ଧଳା ବାଳ, ସେଥିରେ ମଧ୍ୟ ପଟି ପଡ଼ିଛି । ବାଘର ଆଗ ଗୋଡ ଦୁଇଟି ଲମ୍ବି ଯାଇଥିଲା । ମୋଟା ମାଂସଳ ଦୁଇଟି ଗୋଡ । କଲରାପତରିଆ ବାଘଟି ଘାସୁଆ ଜଙ୍ଗଲରେ ଲୁଚି ରହିଥିଲା । ତାର ମୋଟା ଲମ୍ବା ଲାଙ୍ଗୁଡଟି ସ୍ଥିର ହୋଇ ପଡିଥିଲା । ଲାଙ୍ଗୁଡ ସାରା ମଧ୍ୟ କଳା, ଧଳା ଚିହ୍ନ । ଲାଙ୍ଗୁଡଟି ଜମା ହଲୁ ନଥିଲା । ବର୍ତ୍ତମାନ କଲରାପତରିଆ ବାଘଟି ବିଶ୍ରାମ ନେଉଛି । କିଛି ଜିନିଷକୁ ଲକ୍ଷ୍ୟ କରୁନି ବା ଶିକାର କରିବା ଅବସ୍ଥାରେ ନାହିଁ ।

ଅନେକ ସମୟ ବିତିଗଲା । ଏଇଟା ନୂଆ କଥା । କଲରାପତରିଆ ବାଘର କଥା ସୁନେଲୀ ସିଂହ ଦୁନିଆରେ ମନେ ରଖିବା କଥା ନୁହେଁ । ରାଜ୍ୟରେ ରାଜାର କଥା ମନେ ରଖାଯାଏ । କେବେ କେବେ ରାଜାଠାରୁ କମ ଶକ୍ତିଶାଳି ଲୋକଙ୍କର କଥା ମନେ ରଖାଯାଏ । କଲରାପତରିଆ ବାଘ କଥାଟା ଏମିତି ସିଂହ ସାମ୍ରାଜ୍ୟରେ କଲରାପତରିଆ ବାଘର ଭୂମିକାକୁ କିନ୍ତୁ ଭୂଲି ଯାଇ ହେବନାହିଁ । ତାକୁ ଏକ ଚତୁର ଶିକାରୀ ବୋଲି ମାନି ନିଆ ଯାଇ

 Magazine Downloaded from www.aahwaan.com

ପାରେ । ଏକ ଛୋଟ ଜମିଦାର । ସେ ନିଜ ଅଂଚଳରେ ଶିକାର କରିବ ଆଉ କର ହିସାବରେ ଶକ୍ତିଶାଳୀ ସଂହ ସେମାନଙ୍କ ଠାରୁ କେବେ କେବେ ଶିକାର ଛଡେଇ ନେବ ।

କଲରାପତରିଆ ବାଘ ଭଳି ଚତୁର ଆଉ କ୍ଷିପ୍ର ଶିକାରୀ ବୋଧହୁଏ ଆଉ କେହି ନୁହଁନ୍ତି । ଏକଥା ବହୁତ ଲଢାଇରୁ ଦେଖି ଜଣା ପଡିଯାଏ । ସେମାନେ ଏତେ ଶୀଘ୍ର ବୁଲି ପଡନ୍ତି ଯେ ଶିକାର ନିରୂପାୟ ହୋଇଯାଏ ।

ସେଦିନ ଝିଙ୍କଟିଏ ଚାଲି ଚାଲି ଆସୁଥିଲା । ଏମାନଙ୍କର ଛୋଟ ଗୋଡ । ଦେହସାରା ବଡ ବଡ ମୁନିଆ କାଠି କିନ୍ତୁ ମୁହଁ ପାଖଟା ଟିକିଏ ଖୋଲା । ଏଠି ପ୍ରାୟ କାଠି ନାହିଁ । ଶିକାରୀମାନେ ଯେ ପର୍ଯ୍ୟନ୍ତ ମୁଣ୍ଡକୁ ନଧରିଛନ୍ତି ସେ ପର୍ଯ୍ୟନ୍ତ ଝିଙ୍କକୁ ମାରିବା ପ୍ରାୟ ଅସମ୍ଭବ । ତା'ଛଡା ଛିଙ୍କର ପେଟ ପାଖରେ ମଧ୍ୟ ସେମିତି କାଠି ନାହିଁ । ଯଦି ଝିଙ୍କ ଓଲଟି ପଡିଲା ତେବେ ଝିଙ୍କର ପେଟକୁ ଫାଡି ଦିଆ ଯାଇପାରେ । ଗୋଡକୁ ମଧ୍ୟ ଧରିନେଲେ ଝିଙ୍କ ବେଶି କିଛି କରି ପାରିବ ନାହିଁ ।

ଜଙ୍ଗଲରେ ସବୁ ଜୀବଙ୍କର ବଂଚିବାର ଶୈଳୀ ଅଲଗା । ସମସ୍ତଙ୍କ ସୁରକ୍ଷାପାଇଁ କିଛି ନା କିଛି ଅସ୍ତ୍ର ବା ସାଂଜୁ ଅଛି । କିନ୍ତୁ ସେହି ସାଂଜୁକୁ ଭେଦ କରିବା ପାଇଁ ଉପାୟ ମଧ୍ୟ ଅଛି । ସବୁ ଶକ୍ତିଶାଳୀ ଯୋଦ୍ଧାର କିଛି ଦୁର୍ବଳ ଅଂଶ ଅଛି । ସେଇଠି ଅସ୍ତ୍ର ପ୍ରହାର କଲେ ସହଜରେ ଯୋଦ୍ଧାକୁ ବଧ କରିହୁଏ । ଏମିତି ସାଂଜୁ ଧରିଥିବା ଆଉ ଅସ୍ତ୍ର ଥିବା ଯୋଦ୍ଧା ସହଜରେ ହାର ମାନିବେ ନାହିଁ । ସେମାନଙ୍କୁ ବଧ କରିବାପାଇଁ ନୂଆ କୌଶଳର ଆବଶ୍ୟକତା ଅଛି । ଏମିତି ସବୁ କୌଶଳ କଲରାପତରିଆ ବାଘ ପାଖରେ ଥିଲା । ନହେଲେ ଏମିତିଆ ତୀକ୍ଷଣ ବର୍ମଧାରୀ ଜୀବଙ୍କୁ କଣ ଶିକାର କରି ହୁଅନ୍ତା !

ଝିଙ୍କଟି ବାଘକୁ ନଦେଖିପାରି ଚାଲି ଚାଲି ଆସୁଥିଲା । ସନ୍ତର୍ପଣରେ ଅନାଉଥିବା ବାଘ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାକୁ ସହଜରେ ଲକ୍ଷ୍ୟ କରିଦେଲା । କଲରାପତରିଆ ବାଘ ସେତେବେଳକୁ ଖୁବ ଭୋକିଲା । ସାଧାରଣତଃ ପେଟ ପୁରିଲେ ଏମିତିଆ ଶିକାର ପାଇଁ ସେ ବୋଧହୁଏ ଚେଷ୍ଟା କରି ନଥାନ୍ତା । ଝିଙ୍କଟା ମୁଣ୍ଡ ତଳକୁ କରି ଖୋଜ ପକାଇ ଆସୁଥିଲା ।ତାର ବଡ ବଡ ଆଖି ଆଉ କଳା ଗୋଜିଆ ମୁହଁ । ଲାଗିବ ଯେମିତି ସେ କିଛି ଶୁଙ୍ଘି ଶୁଙ୍ଘି ଆସୁଛି । ଦେହର ମୁନିଆ କାଠି ପାରି ହୋଇଥିଲା । ଏପଟେ କଲରାପତରିଆ ବାଘ ତାକୁ ଦେଖି ଛପିରହିଲା ।

ଝିଙ୍କ ସେମିତି ସହଜରେ ଆସୁଥାଏ । କେଇଖୋଜ ଦୁରରେ ଝିଙ୍କ ପହଁଚିଗଲା । ଏ ପ୍ରାଣୀ ସହଜରେ ଗାତ ଭିତରକୁ ଚାଲିଯିବ । ଥରେ ଗାତ ଭିତରକୁ ଗଲେ କଲରାପତରିଆ ବାଘ ତାକୁ ଧରି ପାରିବ ନାହିଁ । ଏଣୁ ଏକ ସୁବିଧା ଯାଗା ଦେଖି ବାଘ ଝିଙ୍କର ଅପେକ୍ଷା କରିଥିଲା । ପାଖ ଆଖ ଖୋଲା ଯାଗା । ସହଜରେ ଝିଙ୍କ କୁଆଡେ ଦୌଡି ପାରିବ ନାହିଁ । ବାଘ ଏବେ ଜୋରରେ ସିଧା ମାଡି ଆସିଲା । ବାଘକୁ ଦେଖି ଝିଙ୍କ ଟିକିଏ ଦୌଡିବାକୁ ଚେଷ୍ଟା କଲା । କିନ୍ତୁ ବାଘ ତାର ବାଟ ଜଗିଦେଲା । ଆଉ ଝିଙ୍କର ପଳାଇବାର ରାସ୍ତା ନାହିଁ । ଏବେ ଏକମାତ୍ର ଉପାୟ ହେଉଛି ମୁନିଆ କାଠି ଦ୍ୱାରା ସୁରକ୍ଷା ।

ଝିଙ୍କ ନିଜର ଦେହକୁ ଫୁଲାଇଦେଲା । କାଠି ସବୁ ତୀର ଭଳି ଠିଆ ହୋଇଗଲା । କଲରାପତରିଆ ବାଘ ଝିଙ୍କକୁ ଥାବା ମାରୁଥାଏ । ହାଲକା ଥାବା । ସେ କଂଟା ସବୁ ଖୁବ ମୁନିଆ । ତାର ଥାବାରେ କଂଟା ପଶି ଯାଉଥାଏ । ସେ କିଛି କରିପାରୁ ନଥାଏ । ଝିଙ୍କ ଟିକିଏ ବୁଲି ପଡିଲେ ପୁଣି ଥାବା ମାରୁଥାଏ । କିଛି ଲାଭ ହେଉ ନଥାଏ । ସବୁଆଡେ ମୁନିଆ କଂଟା । ସେ ଝିଙ୍କର ମୁହଁ ଧରିବା ପାଇଁ ଖୁବ ଜଲଦି ବୁଲୁଥାଏ ।

ଏଣେ ଝିଙ୍କ ନିଜକୁ ବଂଚେଇବାପାଇଁ ସବୁବେଳେ କଲରାପତରିଆ ବାଘ ଆଡକୁ ବୁଲି ପଡୁଥାଏ । ସହଜରେ ବାଘକୁ ତାର ମୁଣ୍ଡ ଧରିବାକୁ ଦେଉନଥାଏ । ସବୁବେଳେ ନିଜର ପିଠି

 Magazine Downloaded from www.aahwaan.com

ବା କର ବାଘ ଆଡକୁ ଥାଏ । ବାଘ ସେପଟୁ ତାକୁ ମୋଟେ ଆକ୍ରମଣ କରିପାରିବ ନାହିଁ । ସେପଟ ହେଉଛି ଅଭେଦ୍ୟ ଦୁର୍ଗ ଆଉ ସେ ଦୁର୍ଗକୁ ଭାଙ୍ଗିବା କାହା ପକ୍ଷରେ ସହଜ ହେବନାହିଁ ।

କଲରାପତରିଆ ବାଘ ବହୁତ ଚେଷ୍ଟାକଲା । କିନ୍ତୁ କିଛି ଲାଭନାହିଁ । ଶେଷରେ ସେ ଖୁବଜୋରରେ ଝିଙ୍କ ଆଡକୁ ମାଡିଗଲା । ସେପଟୁ ଝିଙ୍କ ଏକ ବର୍ଚ୍ଛାଧାରୀ ସିପାହୀ ଭଳି ଛତ୍ରଭଙ୍ଗ ନଦେଇ କରୁଆ ବାଘ ଆଡକୁ ମାଡି ଆସିଲା । ଏବେ ବାଘର ମୁହଁ ଝିଙ୍କ କାଠି ଦେଇ ତାର ଶରୀରକୁ ଛୁଇଁଗଲା ।ଏକ ଛୋଟ କାମୁଡା ଝିଙ୍କକୁ ଲାଗିଲା । ସେତିକିରେ ଅନ୍ୟପ୍ରାଣୀ ଧରା ପଡିଯାଇଥାନ୍ତା । କିନ୍ତୁ ଝିଙ୍କର ଢାଲ ତାକୁ ରକ୍ଷା କରିଦେଲା । ମୁନିଆ କାଠି ସବୁ କଲରାପତରିଆ ବାଘର ଦେହରେ ଫୁଟି ହୋଇଗଲା । ଯନ୍ତ୍ରଣାରେ ବାଘ ଝିଙ୍କକୁ ଛାଡିଦେଲା । ଝିଙ୍କ କାଠି କଲରାପତରିଆ ବାଘର ଛାତି ଆଗ ଦୁଇଗୋଡ ଆଉ ବେକ ମୁହଁରେ ଲାଗି ଯାଇଥାଏ । ଏକ ଯୋଦ୍ଧାର ଶରୀରରେ ସବୁ ଆଡେ ମୁନିଆ ତୀର ସବୁ ଫୁଟି ଯାଇଥିଲା ।

ଏତେ ମୁନିଆ କାଠିକୁ ବାହାର କରିବା କିଛି ସହଜ ନୁହେଁ । ଭାଗ୍ୟକୁ ବାଘର ଆଖିରେ ସେ କାଠି ଲାଗିନାହିଁ । ଆଖି ପାଖରେ ବେକରେ କାଠି ସବୁ ଝୁଲୁଥିଲା । ଏ ପୋଲା କାଠିକୁ ଛଡାଇବା ବାଘପାଇଁ କାଠିକର ପାଠ । ବାଘର ତ ହାତନାହିଁ ଯେ କାଠିକୁ ଧରି ଟାଣି ବାହାର କରିଦେବ । ଥାବାରେ ଘଷି, ବା ମୁହଁରେ ଧରି ଛଡାଇବା ବହୁତ କଷ୍ଟ । ତାଛଡା ଥାବାରେ ମଧ୍ୟ ଆଘାତ ଲାଗିଛି । ସେ ନିଜର ଦୁଇ ଥାବା ଆଉ ଦାନ୍ତରେ ବହୁତ କଷ୍ଟରେ କାଠି ସବୁକୁ ବାହାର କରିଦେଲା ।

ଏ ଭିତରେ ଝିଙ୍କ ବେଶ କିଛି ବାଟ ଜୋରରେ ଚାଲିଯାଇଥିଲା । ଝିଙ୍କ ମଧ୍ୟ ଦୌଡି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାରୁନଥିଲା । କଲରାପତରିଆ ବାଘ ତାର ଆଗଗୋଡକୁ କାମୁଡି ଦେଇଛି । ଏ ପୋଲା କାଠି ସବୁ ନଥିଲେ ଏତେବେଳକୁ ଝିଙ୍କ ମରି ସାରନ୍ତାଣି । ସେ ଛୋଟେଇ ଛୋଟେଇ ଅନେକ ଦୂର ତଥାପି ଯାଇ ସାରିଥିଲା । କଲରାପତରିଆ ବାଘ ଆଜି ଝିଙ୍କ ଶିକାର କରିବାକୁ ଯେମିତି ପଣ କରିଥିଲା । ଏତେ ଭୋଗିଲା ପରେ, ଏତେ ଆଘାତ ପାଇଲା ପରେ ଏକ ବୁଦ୍ଧିମାନ ଶିକାରୀ ନିଜକୁ ଆଉ ଆଘାତ ପ୍ରାପ୍ତ କରିବା କଥା ନୁହେଁ । ଜଙ୍ଗଲରେ ଅନ୍ୟ ଶିକାର ଅଛନ୍ତି । ସେମାନଙ୍କ ଶିକାରରେ ଏତେ ଆଘାତ ମିଳିବ ନାହିଁ । ଆଘାତ ଗମ୍ଭୀର ହେଲେ ଜୀବନସାରା ଅପଙ୍ଗ ହୋଇଯିବ ଆଉ ବଂଚିବା କଷ୍ଟ ହେବ । କିନ୍ତୁ ଆଘାତ ପାଇବା ହେତୁ କଲରାପତରିଆ ବାଘ  ଖୁବ ଉତ୍ୟକ୍ତ ହୋଇ ଉଠିଥାଏ ।

ସେ ପୁଣି ଝିଙ୍କ ଆଡକୁ ମାଡି ଆସିଲା । ଏକଦମ ପାଖେଇଆସି ଝିଙ୍କ ପାଖରେ କଡୁଆ ହୋଇଗଲା । ବାଁ ଗୋଡ ମାଟିରେ ଆଉ ଡାହାଡ ପାଖ ଗୋଡ ଦୁଇ ଉପରକୁ ଉଠିଗଲା । ବାଘର ପେଟ ଦେଖାଯାଉଥିଲା । ଏମିତିଆ କୌଶଳରେ ବାଘର ମୁହଁ ଏକଦମ ତଳୁଆ ହୋଇଯିବା ଆଉ ଝିଙ୍କର କାଠି କେଇ ଇଂଚ ଉପରେ ରହିବି । ତେଣୁ ସେ ଗୋଜିଆ କାଠି ବାଘ ଦେହରେ ଫୁଟିବ ନାହିଁ । ଆଘାତ ଯଦି ଲାଗେ ତାହେଲେ ସାମାନ୍ୟ ହେବ । ସିଧା ଆକ୍ରମଣରେ ବେଶି କ୍ଷତି । ଏ ବର୍ଚ୍ଛାମାନଙ୍କ ଆଗରେ କିଛି କରିହେବ ନାହିଁ ।

ଏମିତିଆ କଡୁଆ ଆକ୍ରମଣରେ ଝିଙ୍କ ଆଚମ୍ବିତ ହୋଇଗଲା । ସେ ନିଜକୁ ବଂଚେଇବା ପାଇଁ ନିଜକୁ କଡୁଆ କରିଦେଲା । ତାର କଡ ଏବେ ବାଘ ଆଡକୁ । କିନ୍ତୁ ଏବେ କାଠି ଗୁଡିକ ମାଟି ଛୁଉଁଥିଲ । ବାଘ ଆଉ  କିଛି କରିପାରିଲା ନାହିଁ । ଝିଙ୍କ ଏ ଆକ୍ରମଣରେ ବଂଚିଗଲା । କିନ୍ତୁ ଆକ୍ରମଣ ଏତିକିରେ ଶେଷ ହେଲା ନାହିଁ । ତୁହାକୁ ତୁହା ଭିନ୍ନ ଭିନ୍ନ ଶୈଳୀରେ ଆକ୍ରମଣ ଆରମ୍ଭ ହୋଇଗଲା । ଝିଙ୍କ ନିଜକୁ ଯେତେଦୂର ହୁଏ ବଂଚେଇ ଚାଲୁଥାଏ । ଏମିତି କରୁ କରୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାଘର କ୍ଷିପ୍ରତା ଆଗରେ ଝିଙ୍କର ପ୍ରତିରକ୍ଷା ଦୁର୍ବଳ ହୋଇଗଲା । ଝିଙ୍କ ଖୁବ ଶୀଘ୍ର ନିଜର ଦିଗ ପରିବର୍ତ୍ତନ କରି ପାରୁ ନଥିଲା ।

ଶେଷ କଡୁଆ ଆକ୍ରମଣରେ ଝିଙ୍କ ବୁଲି ପଡୁ ପଡୁ ବାଘ କଡୁଆ ହୋଇ ତାର ଗୋଡକୁ ଧରିନେଲା । ଏବେ ଝିଙ୍କର କାଠି ବେଶି କାମ ଦେଇପାରିଲା ନାହିଁ । ଝିଙ୍କ ଅଣ ଆଡୁଆ ହୋଇଗଲା । ବାଘ ସାଙ୍ଗେ ସାଙ୍ଗେ ଝିଙ୍କର ଛାତି ଆଉ କାନ୍ଧକୁ କାମୁଡି ଝିଙ୍କକୁ ଝୁଣିଦେଲା । ଏବେ ଝିଙ୍କ ଖାଲି ଛଟ ଛଟ ହେଉଥାଏ । ଧିରେ ଧିରେ ଝିଙ୍କର ମୃତ୍ୟୁ ଘଟିଲା ।

ଏମିତିଆ ଭୀଷଣ ଲଢେଇରେ କଲରାପତରିଆ ବାଘର ଅନେକ କ୍ଷତି ଘଟିଥିଲା । ବାଘ ବୀର ଦର୍ପରେ ଝିଙ୍କକୁ ଧରି ଠିଆ ହୋଇଥାଏ । ଏତେ କୌଶଳ ସତ୍ତ୍ୱେ ଝିଙ୍କର ଅନେକ କାଠି ତା ଦେହରେ ଫୁଟି ରହିଥିଲା । କିନ୍ତୁ ନିଜର କ୍ଷତକୁ ପରୁଆ ନକରି ସେ ଝିଙ୍କକୁ ଧରି ନେଇଥିଲା । ବାଘ ଦେହର ଅନେକ ଖଣ୍ଡିଆରୁ ରକ୍ତ ବୋହୁଥିଲା ।

ସେ କିଛି ଝିଙ୍କ ମାଂସ ଖାଇନେଲା । ଖାଇବାବେଳେ ଖୁବ ସାବଧାନତା ଗ୍ରହଣ କରୁଥାଏ । ଆଉ କ୍ଷତ ବିକ୍ଷତ ହେବାକୁ ମୋଟେ ମନ ନଥିଲା । ପେଟଭରି ଖାଇ ନିଜ ଖଣ୍ଡିଆକୁ ବହୁତ ସମୟ ଚାଟିଲା । ଝିଙ୍କ ଦେହରେ ବହୁତ ମାଂସ ନାହିଁ । ଏ ବାଘର ଖୁବ ବେଶୀରେ ଦୁଇଦିନ ଯିବ । ସେ ଶିକାରକୁ ଲୁଚାଇବାକୁ ଭାବିଲା । ଏଣେ ତେଣେ ଅନାଇ ଏକ ଏକ ପଥୁରିଆ କୋରଡ ଭଳି ଯାଗା ଖୋଜିନେଲା । ସେଇଠି ଶିକାରକୁ ରଖି ପାଖରେ ଜଗି ରହିଲା । ତାର ଦେହରେ ବହୁତ ଜ୍ୱାଳା ହେଉଥିଲା । ଝିଙ୍କ ଶିକାର କିଛି ସହଜ କଥା ନୁହେଁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ମୃତିର କ୍ୟାନ୍‌ଭାସରେ ଅଙ୍କାବଙ୍କା ଗାର



ତ୍ରିଲୋଚନ ଦାସ

ସ୍ମୃତି କେବେ ଶୀତ ସକାଳର କଅଁଳ ଖରାର ତାତି ପରି ଖୁବ ସୁଖଦ ଅବା ବୈଶାଖ ଦ୍ୱିପହରର ଝାଞ୍ଜି ଭଳି ଖୁବ ଅସ୍ୱସ୍ତିକର । କିନ୍ତୁ ସ୍ମୃତି ତ ଆମର ଅତି ନିଜର, ସେ ସୁଖର ହେଉ କି ଦୁଃଖର । ସମୟ ପାଇଲେ ସେ କଡ଼ ଲେଉଟେ, ଆମକୁ କୁତୁକୁତୁ କରେ, ପୁଣି କେତେବେଳେ ନେଇଯାଏ ନଈକୂଳ, ଆମ୍ବତୋଟା, ଜହ୍ନରାତି ବା ମାନସିଂହଙ୍କର "ଧୂପ" ବାସ୍ନାରେ ବିଭୋର ହେବାକୁ ତ ଆଉ କେତେବେଳେ ହସ୍ପିଟାଲ ବେଡ୍, ସ୍ୱର୍ଗଦ୍ୱାର ବା ରବି ସିଂଙ୍କର "ଚରମପତ୍ର" ପଢ଼ିବାକୁ ।

ପଦାର୍ଥ ବିଜ୍ଞାନର ଧୂରୀଣ ପ୍ରଫେସର ପଦ୍ମ ଶ୍ରୀ ଜ୍ଞାନରଞ୍ଜନ ତ୍ରିପାଠୀ ତାଙ୍କ ତିରିଶ ବର୍ଷର ଶିକ୍ଷାଦାନ ଓ ଗବେଷଣା ଭିତରେ ଏତେ ହଜି ଯାଇଥିଲେ ଯେ ଅନ୍ୟ କାହା କଥା ବୁଝିବା ତ ଦୂରର କଥା ନିଜ କଥା ମଧ୍ୟ ଚିନ୍ତା କରିବାକୁ ସମୟ ପାଇ ନଥିଲେ । ଆଜି ସେ ଅବସର ନେଇଛନ୍ତି । ଏବେ ଖାଲି ନିଜ କଥା ଆଉ ନିଜ ଲୋକଙ୍କ କଥା ଭାବିବେ । କିନ୍ତୁ କ'ଣ ଭାବିବେ, କାହା କଥା ଭାବିବେ ?ଆଉ କେଉଁ କାମ ଆଉ ବାକି ଅଛି ଯେ ସେ କରିବେ ? ଏବେ ଖାଲି କେବଳ ସ୍ମୃତି ରୋମନ୍ଥନ କରିବା ଛଡା ତାଙ୍କ ପାଖରେ ଆଉ କିଛି କାମ ନାହିଁ ।

ସ୍ମୃତିର ପ୍ରଥମ ପ୍ରସ୍ଥ:-

ଗ୍ରନ୍ଥକୀଟ ହେବା ଭଲ, କିନ୍ତୁ ବହିକୁ ଛାଡ଼ି ଯେ ଗୋଟେ ବାସ୍ତବ ଦୁନିଆ ଅଛି, ସେଇଟା ଭୁଲିଯିବା ଆଦୌ ଉଚିତ ନୁହେଁ । ଆଉ ତୁମ ଚାରିପଟେ ଥିବା ସୁନ୍ଦର ପୃଥିବୀ ଓ ତୁମର ଅତି ପ୍ରିୟ ମଣିଷ ମାନେ, ଯିଏ ତୁମର ହସ-କାନ୍ଦ, ସୁଖ-ଦୁଃଖରେ ସବୁବେଳେ ତୁମ ପାଖରେ ଅଛନ୍ତି, ସେମାନଙ୍କର ଆଶା, ଆକାଂକ୍ଷା ଓ ଭଲ ପାଇବାକୁ କେବେ ବି ଅଣଦେଖା କରିବା ଉଚିତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନୁହେଁ ।

ବୋଉ ଲେଖିଥିଲା, ମୁନା ! ତୁ ଆଉ କେତେ ପାଠ ପଢ଼ିବୁ ? ତୋର କ'ଣ ପାଠପଢ଼ା କେବେ ବି ସରିବ ନାହିଁ ?ଆମ ଦେଶର ସବୁ ପାଠ ସରିଗଲା ପରେ ଆହୁରି ବେଶି ପଢ଼ିବୁ ବୋଲି ବିଦେଶ ଗଲୁ । ସେଠି କ'ଣ ଗୋଟେ ପାଠ ପଢୁଛୁ ଯେ ଜମାରୁ ସରୁ ନାହିଁ । ସାଇପଡିଶା କହୁଛନ୍ତି ଯେ ମୁନା ପାଠପଢି ଖୁବ୍ ନାଆଁ କରିବ, ଆଉ ଆମ ଦେଶ ତା ପାଇଁ ଗର୍ବ କରିବ । କିନ୍ତୁ ସେ ସବୁ ଆମେ ବଞ୍ଚି ଥାଉଥାଉ ଦେଖିବୁ ତ !ମୁନୀର ପାଠ ପଢା ସରିଲାପରେ ତା ବାହାଘର ଯୋଗାଡ଼ କଲାବେଳକୁ ସେ କହିଲା ଯେ ଆମକୁ ଏକା ଛାଡ଼ି ଯିବନାହିଁ । ତା'ଛଡା ତୁ ତା'ଠୁ ପାଞ୍ଚବର୍ଷ ବଡ଼, ତୁ ଆଗେ ବାହା ହେବୁ, ଘରକୁ ବୋହୁ ଆସିବ, ଆଉ ଆମ ଦାୟିତ୍ୱ ତା ଉପରେ ଦେଲା ପରେ ହିଁ ସେ ବାହାହେବ, ଏହି ସବୁକଥା କହି ସେ ବାହାଘର ଘୁଞ୍ଚେଇ ଚାଲିଲା । ତାର ଏକ ମାତ୍ର ଉଦ୍ଦେଶ୍ୟ ଥିଲା ଯେ ତୁ ଆସିଲେ ସେ ବାହା ହବ । କିନ୍ତୁ ତାକୁ ବୋହୂକରି ନେବେ ବୋଲି ଦୁଇବର୍ଷ ହେଲା ଅପେକ୍ଷା କରି ବସିଥିବା ତୋ ବାପାଙ୍କ ସାଙ୍ଗ ମନୋଜ ବାବୁ ଯେତେବେଳେ ଧୈର୍ଯ୍ୟହରାଇ ଶେଷକଥା ଶୁଣାଇ ଦେଲେ, ସେତେବେଳେ ବାଧ୍ୟ ହୋଇ ସେ ବାହାଘର ପାଇଁ ରାଜିହେଲା । ତା ବାହାଘର ବେଳକୁ ତ ତୋର କ'ଣ ଗୋଟେ ପରୀକ୍ଷା ଥିଲା ଯେ ଆସି ପାରିଲୁ ନାହିଁ । ତୁ ଭଲ ପାଠ ପଢୁଛୁ, ବଡ଼ ମଣିଷ ହେବୁ, ସେଥିପାଇଁ ତୋ ବାପା ତୋତେ କେବେ ବି କେଉଁ କଥାରେ ଆକଟ କରନ୍ତି ନାହିଁ । ଏବେ କିଛିଦିନ ହେଲା ସେ ଗୁମ୍ ହୋଇ ବସୁଛନ୍ତି । ପଚାରିଲେ କିଛି କହୁ ନାହାନ୍ତି । ଦିନେ ବାଧ୍ୟ କରି ପଚାରିଲାରୁ ସେ କହିଲେ ଯେ ମୁନା ବୋଧହୁଏ ଆଉ ଫେରିବ ନାହିଁ କି ମଲାବେଳକୁ ତାକୁ ଦେଖିପାରିବେ ନାହିଁ । ଏଠି ଗାୟତ୍ରୀ ତୋତେ ଅପେକ୍ଷା କରିକରି ବୁଢି ହେବାକୁ ବସିଲାଣି । ଯେତେ ଯେଉଁଠି ବାହାଘର ଲାଗୁଛି, ସବୁ ଜାଗାରେ ମନା କରୁଛି । କେତେ ବେଳେ କେମିତି ଆମ ଘରକୁ ଆସେ, ଆଉ ତୋ ଭଲମନ୍ଦ ପଚାରି ବୁଝେ । ମୁଁ ତାର ସେହି ନିରୀହ ମୁହଁ ଆଉ ଉଦାସ ଆଖି ଯୋଡିକ ଦେଖି ପାରୁନାହିଁ । ତୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଇଥିବା କଥା କ'ଣ ଭୁଲିଗଲୁଣି ? ଭାବୁଛି, ଆଉ ଚିଠି ଲେଖିବି ନାହିଁ । ତୁ ଯାହା ଭଲ ବୋଲି ଭାବିବୁ, ସେଇଆ କରିବୁ ।

ପ୍ରଶ୍ନ ୨:-

ଗାଁଦାଣ୍ଡରେ ଧୂଳି ଉଡ଼େଇ, ତିଆଡୀ ମାଷ୍ଟ୍ରେଙ୍କ ଘର ଆଗରେ ଯେତେବେଳେ କାର୍ ଖଣ୍ଡକ ଲାଗିଲା, କକେଇ ପାଟିକରି ଡାକିଲେ, "ନୂଆ ବୋଉ, ଝଅଟ ଆସ, ଏଇ ଦେଖ କିଏ ଆସିଲାଣି ।"ବୋଉକୁ ମୁଣ୍ଡିଆ ମାରି ବାପା କାହାନ୍ତି ବୋଲି ପଚାରିଲାରୁ ବୋଉ କହିଲା ଯେ ସେ ବ୍ୟାଙ୍କକୁ ଯାଇଛନ୍ତି, ଫେରିବା ପାଇଁ ଡେରି ହବ । ଏବେ ସେ କାହାକୁ ଖୋଜିଲା ଖୋଜିଲା ଆଖିରେ ଏଣେତେଣେ ଅନାଉଥିବା ଦେଖି ବୋଉ ପଚାରିଲା, "କାହାକୁ ଖୋଜୁଛୁ କିରେ ମୁନା ? ଗାୟତ୍ରୀକୁ ନା ! ସେ ଏବେ ଆମ ଗାଁ ସ୍କୁଲରେ ମାଷ୍ଟ୍ରାଣୀ ଅଛି । ସ୍କୁଲରେ ଥିବ, ତା ଆସିବା ବେଳ ହେଇଗଲାଣି ।"

ବାହାଘର ଆଗ ଦିନ ବର ଧରିବାକୁ ଆସିଥିବା ତାଙ୍କ ଭାବି ଶାଳକ କହିଲେ, "ଜ୍ଞାନ ଭାଇ, ତୁମ କାନ ପାଖ ଚୁଟିଗୁଡ଼ାକ ଅଳ୍ପଅଳ୍ପ ଧଳା ଦେଖା ଗଲାଣି । ମୁଁ ଜାଣିଥିଲି, ତୁମର ଡାଏ ଦରକାର ହବ । ଏଠି ତ ମିଳିବ ନାହିଁ, ସେଇଥି ପାଇଁ ସାଙ୍ଗରେ ନେଇ ଆସିଛି, ମାରିଦେବି ? ଅପାକୁ ଦିନେ କହୁଥିଲି, ଜ୍ଞାନଭାଇ ଆଉ ଫେରିବେ ନାହିଁ, ସେଠି କ'ଣ ଗୋଟେ ବନ୍ଦୋବସ୍ତ କଲେଣି । ତୁ କାହିଁକି ତାଙ୍କୁ ଅପେକ୍ଷା କରି କରି ବାଳ ପଚଉଚୁ ? ଅପା କିଛି କହିଲା ନାହିଁ, ଖାଲି ଟିକେ ହସିଦେଲା । ସତରେ, ବିଶ୍ୱାସରେ ଯେ ଏତେ ଶକ୍ତି ଅଛି, ତାହା ମୁଁ କେବେ ବି ଜାଣି ନଥିଲି ।"

ପ୍ରଶ୍ନ ୩:-

ଜ୍ଞାନବାବୁ ପ୍ରଫେସର ହେବାର ତିନିବର୍ଷ ବିତି ଗଲାଣି । ତାଙ୍କ ଅଧିନରେ ଗବେଷଣା କରିବାକୁ ଛାତ୍ରଙ୍କ ଲମ୍ବା ଧାଡି । ଦିନେ ୟୁନିଭର୍ସିଟିରୁ ଫେରି କହିଲେ, "ଗାୟତ୍ରୀ ! ତୁମର ସେଇ ଯେଉଁ କଲେଜ ସାଙ୍ଗ, ଭାରି ଫୁଲେଇ ଆଉ ଓଭର ସ୍ମାର୍ଟ, ଆଉ ଯିଏ ତୁମକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସବୁବେଳେ ଇର୍ଷା କରୁଥିଲା, ସେ ଆଜି ମୋତେ ଦେଖା କରିବାକୁ ଆସିଥିଲା ।" ଗାୟତ୍ରୀ କହିଲେ, "କିଏ ସ୍ୱାତୀ ? କଣ ଏବେ ବି ତୁମ ପିଛା ଛାଡିନି ? ଜ୍ଞାନବାବୁ କହିଲେ, "ନାଇଁ ମ, ସେକଥା ନୁହଁ, ଆଜି ତା ଝିଅକୁ ନେଇ ମୋ ପାଖକୁ ଆସିଥିଲା, ଆଉ ତାର ରିସର୍ଚ୍ଚ ଗାଇଡ୍ ହେବାପାଇଁ ଅନୁରୋଧ କରୁଥିଲା । ମୁଁ ତା ଝିଅ ସହିତ କଥା ହୋଇ ଯାହା ଜାଣିଲି, ତା'ର ଏଥିପାଇଁ ଆଦୌ ଯୋଗ୍ୟତା ନାହିଁ । କିନ୍ତୁ ବିଶ୍ୱବିଦ୍ୟାଳୟ ଯେତେବେଳେ ତାକୁ ଯୋଗ୍ୟ ବିବେଚିତ କରିଛି, ସେତେବେଳେ ତ କାହା ନା କାହା ଅଧିନରେ ଗବେଷଣା କରିବ ? କିନ୍ତୁ ଆପାତତଃ ମୋ ଅଧିନରେ ନୁହେଁ ।" ଗାୟତ୍ରୀ କହିଲେ, "ତୁମେ କଣ ତା'ହେଲେ ମନା କରିଦେଲ ?" ଜ୍ଞାନବାବୁ କହିଲେ, "ଆରେ ସେ କେଉଁ କମିଶନରର ଝିଅ ହୋଇପାରେ, କିନ୍ତୁ ସେଇଟା ତ ତା' ଯୋଗ୍ୟତାର ମାପକାଠି ନୁହେଁ । କିନ୍ତୁ ଗାୟତ୍ରୀ, ମୁଁ ଯେଉଁ ଉଦ୍ଦେଶ୍ୟରେ କଥାଟା କହୁଥିଲି, ସେଇଟା କ'ଣ ତୁମେ ସତରେ ଜାଣିପାରିଲ ନାହିଁ, ନା ସେ ପ୍ରସଙ୍ଗକୁ ଏଡ଼ାଇ ଦେଲ ।" ଗାୟତ୍ରୀ କହିଲେ, "ଜାଣିଛି, ତୁମେ କଣ କହିବାକୁ ଚାହୁଁଛ । ଆମର ଯଦି ସେହି ବୟସରେ ବାହାଘର ହୋଇ ଥାଆନ୍ତା, ତେବେ ଆମ ପୁଅ ଏବେ ଅଷ୍ଟମରେ ନ ପଢି ତା' ଝିଅ ବୟସର ହୋଇ ଯାଇ ଥାଆନ୍ତା !"

ପ୍ରସ୍ଥ ୪:-

ପ୍ରଫେସର ତ୍ରିପାଠୀ ଗତ ମାସ ୩୧ ତାରିଖରେ ଅବସର ନେଲେ । ସବୁଦିନ ଅଧରାତିରେ ଫେରୁଥିବା ଲୋକଟି ଅବସର ନେବା ଦିନ ଗାୟତ୍ରୀଙ୍କୁ ଚମକାଇ ଦେଇ ସନ୍ଧ୍ୟା ଛଅଟା ବେଳକୁ ଘରେ ପହଞ୍ଚିଗଲେ । ଗାଡ଼ିରୁ ଓହ୍ଲାଇବା ପରେ ତାଙ୍କୁ ଲାଗୁଥିଲା ସେ ଯେମିତି କିଛି ଗୋଟେ ଛାଡ଼ି ଆସିଛନ୍ତି । ସେ ଡାକିଲେ, "ଗାୟତ୍ରୀ, ବାହାରକୁ ଆସ, ଡିକିରେ କିଛି ଜିନିଷ ଅଛି, ସାଙ୍ଗ ହୋଇ ନେଇଯିବା ।"ଗାୟତ୍ରୀ ବୋଧହୁଏ ରୋଷେଇ ଘରେ ଥିଲେ । ପ୍ରଫେସରଙ୍କ ଡାକ ଶୁଣି ତରବରରେ ବାହାରି ଆସୁଥିବା ବେଳେ ଆଗକୁ ଝୁଙ୍କି ପଡ଼ିଥିବା ତାଙ୍କର ଅବିନ୍ୟସ୍ତ କେରାଏ କେଶକୁ ସଜାଡୁ ସଜାଡୁ ହାତରେ ଲାଗିଥିବା ହଳଦୀ ତାଙ୍କ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗାଲରେ ନେସି ହୋଇଗଲା । ଗାୟତ୍ରୀଙ୍କୁ ମୁହଁକୁ ଅନେଇ ଦେଇ ପ୍ରଫେସର୍ ହସିବାକୁ ଯାଉଥିବା ବେଳେ ହଠାତ୍ ଅଟକି ଗଲେ । ଆଃ ! କି ସୁନ୍ଦର ଦେଖାଯାଉଛନ୍ତି ଗାୟତ୍ରୀ । ଏ ବୟସରେ ବି ସେ ଖୁବ୍ ଆକର୍ଷଣୀୟ, ଯେମିତି ସେ ବିଦେଶ ଯିବା ଆଗରୁ ତାଙ୍କୁ ଶେଷଥର ପାଇଁ ଦେଖିଥିଲେ । ତେବେ ଏତେ ଦିନ ଧରି ତାଙ୍କ ଗାୟତ୍ରୀ କ'ଣ ହଜି ଯାଇଥିଲେ ଯେ ଆଜି ତାଙ୍କୁ ପୁଣିଥରେ ଫେରି ପାଇଲେ ?ସେ ପୁଣି ଭୁଲି ଯାଇଥିବା କଥା ମନେ ପକାଇବାକୁ ଚେଷ୍ଟା କଲେ । ନା, ମନେ ପଡୁନି । ଏବେ ଗାୟତ୍ରୀ ତାଙ୍କର ଆହୁରି ପାଖକୁ ପହଞ୍ଚି ଯାଇଥିଲେ । ଦେଖିଲେ, ପ୍ରଫେସର୍ ତାଙ୍କୁ ହାଁ କରି ଅନେଇଛନ୍ତି, କିଛି କହୁନାହାନ୍ତି । ଗାୟତ୍ରୀ ଡାକିଲେ, "କ'ଣ ହେଲା, ମୋତେ ଡାକୁଥିଲ କାହିଁକି ?" ପ୍ରଫେସର କହିଲେ, "କ'ଣ ଗୋଟେ କହୁଥିଲି ଯେ ତୁମକୁ ଦେଖି ଭୁଲିଗଲି । ହଁ, ହଁ ଏବେ ମନେ ପଡ଼ିଲା ।" ଗାୟତ୍ରୀ କହିଲେ, "କ'ଣ ମନେ ପଡ଼ିଲା, କେଉଁ କଥା ଭୁଲି ଯାଇଥିଲ ?" ପ୍ରଫେସରଙ୍କ ପାଟିରୁ ହଠାତ୍ ବାହାରିପଡ଼ିଲା, "ସତରେ ଗାୟତ୍ରୀ, ଏତେ ବର୍ଷ ଧରି ତୁମେ ମୋ ପାଖେ ପାଖେ ଅଛ, ମୋ ଚାରିପଟେ ଘୁରି ବୁଲୁଛ, ଅଥଚ ତୁମକୁ କେବେ ମନଭରି ଦେଖିବାକୁ ସମୟ ପାଇନାହିଁ । ଏବେ ତୁମକୁ ଦେଖିବାକୁ, ତୁମର ଆବଶ୍ୟକତା ଜାଣିବାକୁ ସମୟ ପାଇଲା ବେଳକୁ ଭାବୁଛି, ମୁଁ ସତରେ କେତେ ସ୍ୱାର୍ଥପର ମଣିଷଟାଏ ! ତୁମେ ଏତେ ବର୍ଷ ଧରି ନୀରବରେ ଦୀପଟିଏ ହୋଇ ନିଜକୁ ଜାଳୁଥିବା ବେଳେ, ତୁମରି ଆଲୋକରେ ଆଲୋକିତ ହୋଇ ମୁଁ କେତେ ମହାନ୍ ହୋଇଯାଇଛି !"

୨୯-ଏ, କଳ୍ପନା ଏରିଆ,
ବିଜେବି ନଗର, ଭୁବନେଶ୍ୱର - ୭୫୧୦୧୪
ଭ୍ରାମ୍ୟଭାଷ : ୭୦୦୮୭୩୫୧୭୯

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମଦ ଟିକସ



ଇଂ ବିଦ୍ୟାଧର ପଣ୍ଡା

ରବି ଗୁଡ଼ିଆ ଦୋକାନରେ ପାହାନ୍ତାରୁ ଚା ବିକ୍ରି ଆରମ୍ଭ । ପାଖ ବଳିବନ୍ଧ ଗାଁର ରାଜମାଷ୍ଟ୍ର, କାଶୀ ସାହୁ, ବ୍ରଜବାବୁ, ବିଜୟ, ସିପ, ବୁନୁ, କାର୍ତ୍ତିକା ସହ ବୁନୁ ବି ରବି ଗୁଡ଼ିଆ ଦୋକାନର ସକାଳ ଚା ପିଇବାକୁ ପ୍ରତିଦିନ ଭୋର୍ ସାଢେ ତିନିଟାରୁ ଚାରିଟା ଭିତରେ ପହଁଚନ୍ତି । ବୁନୁର ପିଆପିଇ ଅଭ୍ୟାସ ଏଇ କେତେଦିନ ହେବ ବହୁତ ବଢିଯାଇଛି । ରାଜମାଷ୍ଟ୍ର ବୁନୁର ଉପ୍ରା ବିଦ୍ୟାଳୟର ଶିକ୍ଷକ । ବୁନୁକୁ ଦେଖିଲେ ମଦର ଅପକାର ବିଷୟରେ ତାଙ୍କ ମୁହଁରୁ ଉଦାହରଣ ସହ ଅନେକ କଥା ଆପେ ଆପେ ବାହାରେ । ଛୁଆବେଳେ ବୁନୁ ପିଲା ହିସାବରେ ବହୁତ ଭଲ ଥିଲା ଏବଂ ଭଲ ପଢୁଥିଲା ମଧ୍ୟ । ସେଥିପାଇଁ ସାରଙ୍କର ଅନ୍ତର କହେ କାଳେ ଏମିତି କଥା ଶୁଣି ବୁନୁର ମନ ବଦଳି ଯିବ । କିନ୍ତୁ ସକାଳୁସକାଳୁ ଏଭଳି କଥାରେ ବୁନୁର ହ୍ୟାଙ୍ଗ୍‌ଓଭର୍ ମୁଣ୍ଡଟା ବିଗିଡ଼ିଯାଏ । ସାରଙ୍କ କଥା ହସରେ ଉଡ଼େଇ ଦେଇ ମନେ ମନେ ଭାବେ, "ସାର୍ ମଦ ହେଲା ମର୍ଦ୍ଦ ଲୋକଙ୍କର ପାନୀ । ତୁମ ପରି ପିଣ୍ଡାଓଲୁ ମାଷ୍ଟ୍ର ଲୋକମାନେ ଏହାର ପ୍ରକୃତ ରହସ୍ୟ ବୁଝି ପାରିବେନି । ସ୍ୱର୍ଗପୁରରେ ଦେବରାଜ ଇନ୍ଦ୍ର ସୋମରସ ପାନ କରି ଅପସରି ନାଚ ଦେଖନ୍ତି । ମନହେଲେ ସେମାନଙ୍କ ସାଙ୍ଗରେ ରତିକ୍ରିଡ଼ା କରି ଆତ୍ମା ଶାନ୍ତି କରନ୍ତି ବୋଲି ପ୍ରବାଦ ଅଛି । ମୁନିଋଷିମାନେ ମଧ୍ୟ ଅନୁରୂପ କାର୍ଯ୍ୟ କରିବାକୁ ଭଲ ପାଆନ୍ତି ବୋଲି ପୁରାଣ ପୋଥି ପ୍ରମାଣ ବି ଦିଏ । ତେବେ ସେମାନେ କ'ଣ ସବୁ ଭୁଲ ? ଖାଲି ରାଜମାଷ୍ଟ୍ରଙ୍କ କଥା ଠିକ୍ ?"

ବୁନୁ ଏବେ ପୂରା ଲଗାମ୍ ଛଡ଼ା ହୋଇଯାଇଛି । ବାପା, ମାଆ, ଭାଇ କି ବନ୍ଧୁବାନ୍ଧବ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାହା କଥା ମାନୁନି କି ବାସିରେ କୌଣସି ଗୁରୁଜନମାନଙ୍କୁ ଖାତିର କରୁନି । ଏଇ ବୁନୁ ଯେତେବେଳେ ପଂଚମରେ ବୃତ୍ତିପରୀକ୍ଷା ଦେବାକୁ ଗଲା ଶିକ୍ଷକ କହୁଥିଲେ ଏଥର ନହେଲେ ବୁନୁର ସପ୍ତମଶ୍ରେଣୀ ବୃତ୍ତି ପରୀକ୍ଷାରେ ଜୟ ହେବାଟା ପକ୍କା । ହାଇସ୍କୁଲ୍‌ରେ ସବୁଠାରୁ ଶାନ୍ତ, ଭଦ୍ର, ଶୃଙ୍ଖଳିତ ଏବଂ ଆଜ୍ଞାଧୀନ ଛାତ୍ର ପୁରସ୍କାର ପାଇଥିବା ଯୁବକକୁ ଆଜି ତାଙ୍କରି ଗାଁ ପାଖର ଶବରସାହି ଲୋକମାନେ ପିଟିପିଟି ମାରିଦେଲେ । ଗପ ପରି ଲାଗୁଥିଲେ ବି କଥାଟି ନିରାଟ ସତ । ତିନି ଚାରି ବର୍ଷ ଭିତରେ ତା' ବ୍ୟବହାରରେ କେମିତି ଏତେ ପରିବର୍ତ୍ତନ ହେଲା ?  କିଶୋର ଅବସ୍ଥାରୁ ଯୁବାବସ୍ଥାରେ ପଦାର୍ପଣ କଲାବେଳେ ସମସ୍ତଙ୍କର ଯେଉଁ ସାଧାରଣ ଶାରୀରିକ ଓ ମାନସିକ ପରିବର୍ତ୍ତନ ଆସେ, ତାର ବି ସେଭଳି ଆସିଥିଲା । କିନ୍ତୁ କେବଳ ଗୋଟିଏ ଅଧିକ ବଦ୍‌ଗୁଣ ସିଏ ତା' ଭିତରେ ବିକଶିତ କରିଥିଲା, ତାହା ହେଲା ନିୟମିତ ମାତ୍ରାଧିକ ମଦ୍ୟପାନ କରିବା । ଦିନରାତି ଚବିଶ ଘଂଟା ନିଶାରେ ରହିବା ଅଭ୍ୟାସ ଯେ ଏତେ ଶୀଘ୍ର ତାର ମୃତ୍ୟୁର କାରଣ ହେବ କିଏ କଣ ଭାବି ଥିଲା ! ଦୁର୍ଭାଗ୍ୟ ।

ଗାଁ' ଯାକର ଲୋକ ବୁନୁର ଶବ ଚାରିପଟେ ଘେରିକି ଛିଡ଼ା ହୋଇଥାନ୍ତି । ମନକୁ ମନ କିଏ ସବୁ କେତେ କେତେ କଥା କୁହାକୁହି ହେଉଥାନ୍ତି । ରାମିଆ ଶଅର ଶୁଣେଇ ଶୁଣେଇ କହୁଥାଏ, "ଚଣ୍ଡାଳ ! କି ବୁଦ୍ଧି କଲା ? ନିଜ ଯୋଗୁଁ ନିଜେ ମଲା । ବନ୍ଧୁକ ଉପରେ କ'ଣ ଭରସା କରିବା ଠିକ୍ କଥା ? ଏଇ କେଇ ଦିନ ତଳେ ବିହାରରେ ଜଣେ ଶହୀଦ୍ ସୈନିକଙ୍କୁ ଏକୋଇଶି ତୋପ ସଲାମି ଦେବାବେଳେ ଗୋଟାଏ ବି ବନ୍ଧୁକରୁ ଗୁଳି ଫୁଟିଲାନି । ହଜାରହଜାର ଲୋକଙ୍କ ସାମ୍ନାରେ ପୋଲିସ୍ ଅଧିକାରୀମାନେ ଯେଉଁଭଳି ଲୋକହସା ହେଲେ, ଛାଡ଼ । ଲୋକହସା ହେବା ଅଲଗା କଥା, ଜୀବନ ହାରିବା କଥା ଅଲଗା । ଧମକାଉ ଥିଲା ତ ଉପରକୁ ବନ୍ଧୁକ ନଳି ଟେକି ଘୋଡ଼ା କାହିଁକି ଚିପୁଥିଲା ? ଘୋଡ଼ା ଚିପିଲା ପରେ ନ'ଫୁଟିବାରୁ ସିନା ଲୋକମାନଙ୍କ ସାହସ ପାଇଲା । ବୁନୁ ମୁହଁରେ ଡ଼ର ପଶିଯିବାରୁ ଲୋକ

 Magazine Downloaded from www.aahwaan.com

ବୁଝିଗଲେ, 'ତା ହାତରେ ଥିବା ବନ୍ଧୁକ ଅକାମି, ଗୁଳି ଫୁଟେଇ ପାରିବନି ।' ତାପରେ ସଙ୍ଘବଦ୍ଧ ଆକ୍ରମଣ ହେଲା । କିଏ କୋଉଥିରେ କୋଉ ଜାଗାକୁ ମାରିଛି କିଏ କହିବ ? ଭିଡ଼ ଭିତରେ ବିଚରା ଛଟପଟ ହୋଇ ମରିଗଲି ମରିଗଲି ବୋଲି କେତେ ଚିତ୍କାର କରିଥିବ ! ହେଲେ କେହି ଜଣେ ବି ଶୁଣିଲେନି । ତା ଭାଗ୍ୟରେ ବୋଧେ ବିହି ଏଇଆ ଲେଖିଥିଲା । କିଏ କ'ଣ କରି ପାରିବ !"

ବୁନୁ ବଳିବନ୍ଧ ଗାଁ'ର ଜଣେ ଅଠର ବର୍ଷର ଯୁବକ । ଢେଙ୍କାନାଳ କଲେଜରୁ ଆଇଏ ଫେଲ୍ ହୋଇ ଘରେ ଥାଏ । ଉଚ୍ଚତା ଛ'ଫୁଟ, ଛାତି ଛପନ ଇଂଚ । ପୃଥଳକାୟ ଚେହେରା । ସବୁଦିନ ଦେଶୀଗଞ୍ଜା ଫଡ଼ିଆ ଚାଖଣା ସାଙ୍ଗରେ ବିଦେଶୀ ମଦ ପିଇପିଇ ଅଳ୍ପ ପେଟ ଆଗକୁ ବାହାରି ପଡ଼ିଛି । ବାପା ପୋଲିସ୍ ହାବିଲ୍‌ଦାର୍ । ଭାଇ ଠିକାଦାର । ବାପା ପ୍ରତିଦିନ ମଦ ପିଇ ଘରକୁ ଫେରନ୍ତି । ଭାଇଙ୍କର ଶୋଇବା ଘରେ ବିଭିନ୍ନ କିସମର ମଦ ବୋତଲ ଆଠକାଳି ବାରମାସି ଗଚ୍ଛିତ ରହେ । ଖାଲି ନିଜପାଇଁ ନୁହେଁ, ବେଳେ ବେଳେ ଠିକାଦାର ହିସାବରେ ଇଂଜିନିୟରମାନଙ୍କୁ ଖୁସି କରିବାକୁ ପଇସା, ମଦ ବୋତଲ, ଝିଅ ଆଦି ଅନ୍ୟାନ୍ୟ ଅବକାରୀ ସାମଗ୍ରୀ ବାହାରୁ ଯୋଗାଡ଼ କରି ତାଙ୍କ ଘରେ ନେଇ ପହଁଚେଇବାକୁ ହୁଏ । ଏସବୁ ପରିବେଶରେ ବଢି ବୁନୁ ପନ୍ଦରବର୍ଷ ବେଳକୁ ମଦ୍ୟପାନ ଆରମ୍ଭ କରି ଅଳ୍ପ କେଇଟା ଦିନରେ ନିଜର ଏକ ଅଲଗା ପରିଚୟ ସେ ଅଂଚଳର ଗୋଟିଏ ଘୋଡ଼ାମଦୁଆ ହିସାବରେ କରିଦେଇଥିଲା । ମଧୁଶାଳା ସାଙ୍ଗ ହିସାବରେ ପ୍ରଶାନ୍ତ, କାର୍ତିକ, ଜାପାନି, ସିପଭାଇ ଓ ବିଜୁଦାଦା । ମେହ୍‌ଫିଲ୍ ରୋଜ୍ ବଢିଆ ଜମିଲା । ବାପାଙ୍କର ପୋଲିସ୍ ଚାକିରି ଯେତେବେଳେ ଘରେ ସଦାବେଳେ ଆମିଷ ଭୋଜନ । ସପ୍ତାହରେ ଥରେ ମୁଣ୍ଡେଲି ମୁଣ୍ଡିଆତଳ ବାସେଳି ମାଆ ଠାକୁରାଣିଙ୍କ ପାଖରେ ରାତି ଗୋଟାକରେ ଦେଶୀ କୁକୁଡ଼ା ସହ ବିୟର୍ ପେଟିଟିଏ ଖପେଇ ସକାଳୁସକାଳୁ ଉଠି ସିଧା ରବିଗୁଡ଼ିଆ ଦୋକାନରେ ଚା ପିଇ ଘରକୁ

 Magazine Downloaded from www.aahwaan.com

ଫେରନ୍ତି । ସେଥିପାଇଁ ବୁନୁର ବୟସ ଯଦିଓ ଅଠର କିନ୍ତୁ ଚେହେରା ଦେଖିଲେ ସମସ୍ତେ ପଚିଶରୁ ତିରିଶ ଭିତରେ ହେବ ବୋଲି ଅନୁମାନ କରିବେ ।

ରାଜ ଆଠଗଡ଼ରୁ ଯୋରନ୍ଦା ରେଳବାଇ ଦୋହରିକରଣ ଠିକା କାମଟି ଆରମ୍ଭ ହେଲା । ବୁନୁର ବଡ଼ଭାଇ ସନା ସେହି କାମକୁ ବାଲି, ଗୋଡ଼ି ଯୋଗାଇବା ପାଇଁ ମୁଖ୍ୟ ଠିକାଦାର ସାଙ୍ଗରେ କଥା ପକାକଲେ । ରାଜଆଠଗଡ଼ରୁ ଯୋରନ୍ଦା ମଝିରେ ବଳିବନ୍ଧ ଗାଁ । ମୁଖ୍ୟଠିକାଦାର ସନାବାବୁଙ୍କର ସାହାଯ୍ୟରେ ନିଜର ଇଂଜିନିୟର, ସୁପରଭାଇଜର୍ ଓ କିଛି ଶ୍ରମିକଙ୍କ ପାଇଁ ଅସ୍ଥାୟୀ ଆବାସୀୟ ଅଫିସଟିଏ ବଳିବନ୍ଧ ଗାଁ ବାହାରେ ନିର୍ମାଣ କଲେ । କାମର ପୂରା ଦାୟିତ୍ୱ ଇଂ. ବିଜୟ ସାହୁଙ୍କ ଉପରେ ନ୍ୟସ୍ତ ଥାଏ । ସିଏ ବି ସବୁଦିନେ ପିଆପିଇ କରନ୍ତି । ସନାବାବୁ ଏକଥା ଜାଣିବା ପରେ ବୁନୁକୁ ବିଜୟବାବୁଙ୍କ ସାଙ୍ଗରେ ପରିଚୟ କରାଇ ତା ପାଇଁ ସେଠାରେ ଗୋଟିଏ ରାତ୍ରୀ ଜଗୁଆଳି ଚାକିରି ଯୋଗାଡ଼ କରିଦେଲେ । ବୁନୁକୁ ସୁଯୋଗ ଜୁଟିଲା । ଦିନଯାକ ଘରେ ଶୋଇ ସନ୍ଧ୍ୟାହେଲେ ବୋତଲଟିଏ ଧରି ଚାଲିଲା କ୍ୟାମ୍ପ ଅଫିସ ଜଗିବାକୁ । ବୁନୁ ପରିବାରକୁ ଖୁଂଟୁଣୀରୁ ଢେଙ୍କାନାଳ ପର୍ଯ୍ୟନ୍ତ ସମସ୍ତେ ଜାଣନ୍ତି । ବୁନୁ ଜଗୁଆଳି ଥିବାରୁ ଆଖପାଖର ଠାଉକା ଚୋର ସବୁ ସେ କମ୍ପାନୀ କାମପାଖକୁ ଆସି ଚୋରି କରିବାକୁ ଡ଼ରିଲେ । ଠିକାଦାରର ଲାଭ ହେଲା । ବିଜୟବାବୁ ବି ବୁନୁସାଙ୍ଗରେ ନିୟମିତ ମଧୁଶାଳା କାର୍ଯ୍ୟକ୍ରମରେ ଯୋଗଦେବାରୁ ବୁନୁର ପିଆପିଇ ଖର୍ଚ୍ଚଟା ମାଗଣାରେ ଉଠିଗଲା । ପ୍ରକଳ୍ପ କାମ ଆଗକୁ ଆଗକୁ ବିନା ବାଧା ବିଘ୍ନରେ ଦୃତଗତିରେ ଦୌଡ଼ିବାକୁ ଲାଗିଲା ।

ଏତିକି ବେଳେ କାହାଣିରେ ଗୋଟେ ଜବରଦସ୍ତ ନୂଆମୋଡ଼ ଆସିଲା । ରେଳଲାଇନ୍ ପାଇଁ ମାଟିବନ୍ଧର ଉଚ୍ଚତା ତିରିଶ ଚାଳିଶ ଫୁଟ ଉପରେ ତିଆରି କରାଗଲା । ଦୁଇକଡ଼ରେ ବନ୍ଧରୁ ନୂଆମାଟି ଧୋଇ ନଯିବା ପାଇଁ ଘାସଚେକା ମାନ ପାଖ ପଡ଼ିଆରୁ କୋଡ଼ିରେ ଉଠେଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲଗା ଯାଉଥାଏ । ଖରାଦିନେ ସେହି ଘାସଚେକା ଗୁଡ଼ିକରେ ପାଣି ଦେବାପାଇଁ ଗୋଟିଏ ପାଣିଉଠା ଟୁଏର୍ ପି ପମ୍ପ ମାଟିବନ୍ଧ ସ୍ଲୋପ୍ ମଝିରେ ଜାଗା ତିଆରି କରାହୋଇ ରଖାଗଲା । ଏବେ ସମୁଦାୟ ତିନିଜଣ ଜଗୁଆଳି । ବୁନୁ ସେମାନଙ୍କର ବସ୍ । ବୁନୁର କାମ ହେଲା ଇଂ. ବିଜୟ ସାହୁଙ୍କ ସନ୍ଧ୍ୟା ଦାରୁ ଯୋଗାଣ ଏବଂ ତାଙ୍କର ନିଜି ବଡ଼ିଗାର୍ଡ଼ । ଚାନ୍ଦାଭେଦା ଅଧିକ ମାଗି କିଏ ସ୍ଥାନୀୟ ଟୋକା ଯଦି କମ୍ପାନୀ କାମରେ ବାଧା ଦେଲେ କି କୌଣସି ପ୍ରକାରରେ କିଛି ହଇରାଣ ହରକତ କଲେ, ସେ ସବୁ ବୁନୁ ବୁଝେ । ଏ ଭିତରେ ସେଇ ପାଣି ଉଠେଇବା ପମ୍ପଟି ଦିନେ ଚୋରି ହୋଇଗଲା । ଓଜନ ଦୃଷ୍ଟିରୁ ଏତେ ଭାରି ଯେ ଅତିକମରେ ଚାରିଜଣ ଲୋକ ଦରକାର ଟେକିଟେକି ନେଇ ଅନ୍ୟଜାଗାରେ ଲୁଚାଇବାକୁ । ସେ ପମ୍ପ୍ ପାଖରେ ସେଦିନ ଜଗିବାକୁ ଥିଲା ବିପ ନାୟକ । ଏ ଜାଗାରେ କିନ୍ତୁ ବୁନୁ ମୁଖ୍ୟ ଜଗୁଆଳି । ବାପା ପୋଲିସ୍ ହାବିଲଦାର । ଏତେ ବଡ଼ କଥା ଯେଉଁଥିରେ ଜଣେ ନୁହେଁ, ଦି'ଜଣ ନୁହେଁ ଚାରି ଚାରି ଜଣ ଚୋରଙ୍କର ସମ୍ପୃକ୍ତ ଥାଇ ମଧ୍ୟ ଯଦି ଚୋରଗୁଡ଼ାଙ୍କୁ ବୁନୁ ଧରି ନ ପାରିଲା ତେବେ ବୁନୁର ସମ୍ମାନ କେମିତି ରହିବ !

ପାଣିପମ୍ପ୍ ଚୋରି ହେବା ରାତି ବୁନୁବାପା, ବୁନୁ ଓ ସନାବାବୁ ଏକାଠି ତାଙ୍କ ଘରେ ବସି ମାନସ ମନ୍ଥନ କଲେ । କିଏ ଚୋରି କରିଥାଇପାରେ ? ସନିଆ ଜଗୁଆଳୀ ମଲାକଙ୍କଡ଼ା, ଫୁଙ୍କିଦେଲେ ଉଡ଼ିଯିବ । ତାପରେ ସିଏ ସେଦିନ ଦୂରରେ ଥିଲା । ତାର କେହି ବଂଶ କୁଟୁମ୍ବରେ ନିଜ ଲୋକ ନାହିଁ ଯିଏ ଏଥିରେ ତାକୁ ସାହାଯ୍ୟ କରି ପାରିବ । ଏପରି ଚୋରୀରେ ନିଜ ଲୋକ ଦରକାର । ବିପ ନାୟକର ବାପା, ଦୁଇଟା କକା, ବଡ଼ ଭାଇ ଏବଂ ବହୁତ ବଡ଼ କୁଟୁମ୍ବରେ ଅନେକ ତଗଡ଼ା ଲୋକ ଅଛନ୍ତି । ସନିଆ ଚୋରି କରି ଏତେବଡ଼ ଜିନିଷକୁ ଖପେଇ ପାରିବନି । ତେଣୁ ଏଇଟା ହେଉଛି ବିପ ପାଣର କାମ । ପକ୍କା ! ତେବେ ଏ କାମ ବିପପାଣର ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆମ ଓଡ଼ିଶାରେ ବଡ଼ବଡ଼ ଠିକାଦାରମାନେ ପୋଲିସ୍ ଥାନାରେ ମାସକୁ ମାସ କିଛି କିଛି ପଇସା ଦିଅନ୍ତି । ଏମିତି କିଛି ଲୋକାଲ୍ ଅସୁବିଧା କାମ ପଡ଼ିଲେ ପୋଲିସ୍ ବାବୁମାନେ ନିଜଲୋକ ଭଳି ସହାଯ୍ୟର ହାତ ଆପେ ଆପେ ଲମ୍ବେଇ ଦିଅନ୍ତି । ସକାଳୁ ସକାଳୁ ବୁନୁବାପା ପୋଲିସ୍ ଗାଡ଼ି ନେଇ ବିପ ନାୟକ ଘରେ ହାଜର । ଶେଷରେ ବୁନୁବାପା ପୋଲିସ୍ ଗାଡ଼ିରେ ବିପ, ବିପବାପା, ତାର ଦୁଇ କକାଙ୍କୁ ବସେଇ ସିଧା ବଳିବନ୍ଧ ଗାଁ ଥାନା ଭିତରକୁ ନେଇ ଆସିଲେ । ସେମାନଙ୍କୁ ଜେରା କରିବା ଦାୟିତ୍ୱ ବୁନୁବାପା ନିଜ ହାତରେ ରଖିଲେ । ଦ୍ୱିପ୍ରହର, ଉପରବେଳା, ସନ୍ଧ୍ୟାବେଳ ଜେରା ସରିଲା ପଛେ କିଛି ସୁରାକ ମିଳିଲାନି । ଶେଷରେ ବୁନୁବାପା ଆଉ ଦୁଇଜଣ କନେଷ୍ଟବଳଙ୍କ ସହ ଘରକୁ ଯାଇ ଗୋଟିଏ ବୋତଲ ମାଲ୍ ଚଢେଇ ଶେଷଥର ପାଇଁ ଜେରା କରିବାକୁ ରାତି ଦଶଟାରେ ଥାନା ଭିତରେ ପଶିଲେ । ହାଜତରୁ ଚାରିଜଣଙ୍କୁ ଡ଼ାକି ଆଗ ସମସ୍ତେ ଶୀଘ୍ର ଶୀଘ୍ର ପୋଷାକ ଖୋଲିଦିଅ ବୋଲି କହିଲେ । ତିନିଭାଇ ଓ ପୁଅ, ଚାରିଜଣ ଯାକ ପ୍ରାପ୍ତ ବୟଷ୍କ । ରୁଲ୍ ବାଡ଼ିରେ ଦି' ଦି' ଧଡ଼ା ପକେଇବାରୁ ସମସ୍ତେ ନିଜନିଜର ଲୁଙ୍ଗି, ଗେଞ୍ଜି ଖୋଲି, କେବଳ ଚଡ଼ିପିନ୍ଧି ଗୋଟିଏ ଗୋଟିଏ କାଠ ଚୌକି ହାତବାଡ଼ାରେ ହାତରଖି ଏଣେ ତେଣେ ଦେଖିବାକୁ ଲାଗିଲେ । ପ୍ରଥମେ ଚାରିଜଣଙ୍କ ମଝିରେ କିଲେ ଶୁଖିଲା ଲଙ୍କାରେ ନିଆଁ ଲଗାଇ, ମୁହଁକୁ ମୁହଁକୁ ଧୂଆଁ ଧୂପଦେଇ ପଚାରିଲେ, "କହି ଦିଅ । ଭଲ ଗତି ଯଦି ଅଛି କହିଦିଅ । କିଏ କିଏ ଚୋରି କଲ ? କେଉଁଠି ରଖିଛ ?" ସମସ୍ତେ ଆଖି ଓ ନାକରୁ ପାଣି ଗଡ଼ାଉଥାନ୍ତି । ଏତିକି କହୁଥାନ୍ତି, "ଆମେ କିଛି ଜାଣିନୁ । ଆମେ ଚୋରି କରିନୁ କି କିଛି ଜାଣିନୁ ।"

ସେ ରାତିରେ ସେମାନଙ୍କୁ ଏତେ ଯନ୍ତ୍ରଣା ଦେଲା ପରେ ବି ବୁନୁବାପାଙ୍କୁ କିଛି ସୁରାକ ମିଳିଲାନି । ପରିଶେଷରେ ନିରାଶ ହୋଇ ସମସ୍ତଙ୍କୁ ଘରେ ନେଇ ଛାଡ଼ିଲେ ଏବଂ ଏକା ବିପ ନିଜେ ସେଠାରେ ଜଗୁଆଳି ଚାକିରି କରୁଥିବାରୁ, ତାକୁ ହାଜତରେ ବନ୍ଦ କରି ସମସ୍ତେ

 Magazine Downloaded from www.aahwaan.com

ଥାନାର ସବୁ ଫାଟକ ଓ ହାଜତରେ ତାଲା ପକେଇ ଚାବି ନେଇ ଘରକୁ ପଳେଇଲେ । ବିପକୁ ତାର ବାପା କକା ଆଗରେ ଏପରି କରିବାରୁ ବହୁତ ଅସହ୍ୟ ଅପମାନ ହୋଇଥିଲା । ପାଣି ବୋତଲେ, ବିସ୍କୁଟ ପ୍ୟାକେଟ୍ ବିପକୁ ହାଜତ ଭିତରେ ଖାଇବାକୁ ଦେଇଥିଲେ ବି ସିଏ କିଛି ଛୁଇଁଲାନି । ପୂରା ଖାଡ଼ା ଉପାସରେ ରହିଲା । ରାତିରେ ନିଜର ପ୍ୟାଂଟ୍ ଓ ଗେଞ୍ଜି ମୁଣ୍ଡକୁ ମୁଣ୍ଡ ଯୋଖି ହାଜତ କୋଠରି ଛାତ ତଳେ ଲାଗିଥିବା ଲୁହାକଡ଼ିରେ ବାନ୍ଧି ନିଜବେକରେ ରଶି ଲଗାଇ ଆତ୍ମହତ୍ୟା କରିଦେଲା । ସକାଳକୁ ପୋଲିସ୍ ଦଳ ଆସି ଝରକା ବାଟେ ଦେଖିଲେ ବିପଶରୀର ଛାତରୁ ତଳକୁ ଝୁଲୁଛି । ସମସ୍ତେ ଆଶ୍ଚର୍ଯ୍ୟ । ରାତି ଡ୍ୟୁଟିରେ ଥିବା ପୋଲିସ୍ କନେଷ୍ଟବଳ ଦୁଇଟା ଭୟରେ ଥରିବାକୁ ଲାଗିଲେ । ମାଜିଷ୍ଟ୍ରେଟ୍ ଆସିଲେ । ତାଙ୍କ ସାମ୍ନାରେ ହାଜତ କବାଟର ତାଲା ଖୋଲାଗଲା । ସତକୁ ସତ ବିପ ଆତ୍ମହତ୍ୟା କରିଥିବାର ପ୍ରମାଣ ହେଲା । ସେହିଦିନ ଠାରୁ ବିପ ଗାଁର ଲୋକେ ମେଳି ହୋଇ ବୁନୁକୁ ମାରିବାକୁ ଜଗିଲେ । ବୁନୁ ବି ପିଆପିଇ କରି ଅନେକଥର ତାଙ୍କ ଗାଁରେ ସୋଦାସୋଦି କରିଛି । ଗାଁ ଝିଅବୋହୁଙ୍କୁ ବହୁତ ହଇରାଣ ମଧ୍ୟ କରିଛି । ଗାଁ ଲୋକଙ୍କୁ ତା ପାଖରେ ରଖୁଥିବା ବନ୍ଧୁକକୁ ଭାରି ଡ଼ର ।

ସବୁଦିନ ପରି ବୁନୁ ଘରୁ ଗଲାବେଳେ ଇମ୍ପିରିୟାଲ୍ ବ୍ଲୁ ଦି'ପେଗ୍ ଚଢେଇ, ବାକି ଅଧାବୋତଲ ସେଦିନ ସାଇକେଲ୍ ହ୍ୟାଣ୍ଡେଲ୍‌ରେ ଝୁଲେଇଲା । କାନ୍ଧରେ ବନ୍ଧୁକ ଗଳେଇ ସାଇକେଲ୍ ଚଢି ବାହାରିଲା । ମାତ୍ର ଦୁଇ ମାଇଲି ରାସ୍ତା । ମଝିରେ ଅଧାମାଇଲି କାଜୁଜଙ୍ଗଲ ଭିତରେ ଅନାବନା ଦୁଦୁରା ନାଗୋଇରି ପୋକଶୁଙ୍ଘା ବଣ । ବୁନୁ ଗତ ବର୍ଷକ ଭିତରେ ଦିନକୁ ଦୁଇତିନି ଥର ଯିବାଆସିବା କରୁଛି, କେବେ କିଛି ଅସୁବିଧା ହୋଇନି । ଏ ବଣରେ ବହୁଜଣଙ୍କୁ ବଳତ୍କାର ବି କରିଛି ବୁନୁ । କିନ୍ତୁ କେବେ କେହି ତାକୁ ମାରଧର କରିବାକୁ ସାହସ କରି ନଥିଲେ । ଗାଁ ଲୋକମାନେ ଅତିଷ୍ଠ ହୋଇ ଆଜି ସେଇ ବଣରେ ଘରୋଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅସ୍ତ୍ରଶସ୍ତ୍ର ଧରି ଛପି ବୁନୁର ଆସିବା ବାଟକୁ ସମସ୍ତେ ଟକଟକି ଲଗେଇ ଅନେଇଛନ୍ତି । ଦୂରରୁ ଦେଖିଲେ ବୁନୁ ଆସୁଛି, ଛବିନାନୀ ଘୁଷୁରିଓଠ କରି ସୁସକାରି ମାରି ସମସ୍ତଙ୍କୁ ସଜାଗ ରହିବାକୁ ସତର୍କ କରେଇଦେଲା । ସମସ୍ତେ ପ୍ରସ୍ତୁତ ।

ବୁନୁ ଜଙ୍ଗଲ ଭିତରକୁ ଦୁଇଶହ ଫୁଟ ପଶିଗଲା ପରେ ଆଗରେ ଚାରିଟା ଭେଣ୍ଡିଆ ହାତରେ ତଡ଼ା କଟୁରି ଧରି ଆଗ ତା ବାଟ ଓଗାଳିଲେ୍ । ଏବେ ବୁନୁ ଜାଣି ପାରିଲା କିଛି ଗୋଟଏ ଅସୁବିଧା ଅଛ । ସାଇକେଲରୁ ଓହ୍ଲେଇ ଷ୍ଟାଣ୍ଡ ମାରି ବନ୍ଧୁକ ଦେଖାଇ ସେ ଟୋକାଗୁଡ଼ାଙ୍କୁ ଡ଼ରେଇଲା । ପଛବୁଲି ଦେଖିଲା ପଛରେ ଚାରିଟା ଭେଣ୍ଡିଆ ଓ ତାଙ୍କ ସାଙ୍ଗରେ ଅନେକ ମହିଳା । ବନ୍ଧୁକ ବଟ୍ କାନ୍ଧରେ ଲଗେଇ ଚାରିପଟକୁ ବୃତାକାର ପଥରେ ଦୁଇତିନି ଥର ଘୁରେଇ ଦେବାରୁ ଶବରସାହିର ସବୁଲୋକ ତା ଚାରିପଟେ ଚକ୍ରାକାରରେ ଛିଡ଼ା ହୋଇଗଲେ । ବୁନୁ ଭାବିଲା ଉପରକୁ ଉଠେଇ ଗୋଟାଏ ଫଲସ୍ ଫାୟାର୍ କରିଦେଲା ପରେ ସେହି ବନ୍ଧୁକ ମୁନ ଇସାରାରେ ରାସ୍ତା ତିଆରି କରି ଖସିଯିବ । କିନ୍ତୁ ବନ୍ଧୁକ ଘୋଡ଼ା ଚିପିବା ପରେ ଠିକ୍ ସମୟରେ ବନ୍ଧୁକ ଧୋକା ଦେଲା । ଗୁଳି ଫୁଟିଲାନି । ବୁନୁର ମୁଖମଣ୍ଡଳ ମଳିନ ପଡ଼ିଯାଇ ଯମଝାଳ ବାହାରିଗଲା । ଚାରିପଟେ ଆକ୍ରମଣ କରିବାକୁ ପ୍ରସ୍ତୁତ ଥିବା ଶବରସାହି ଲୋକମାନେ ତୁରନ୍ତ ଜାଣିପାରି ବୁନୁ ଉପରକୁ ଲମ୍ଫ ଦେଲେ । ସବା ଆଗରେ ଥିଲା ଶୁଲିଆର କକା ରାଧୁଆ ଓ ଶୁଲିଆ ମାଆ ଫୁଲ । ତା ପଛରେ ଦୁର୍ଗାରୂପୀ ହିଂସ୍ର ଛବିନାନୀ । ଦୁହିଁଙ୍କର ଇଜ୍ଜତ ବୁନୁ ଏଇ ବଣରେ ନେଇଛି । ଆଜି ସମସ୍ତଙ୍କର ପ୍ରତିଶୋଧ ନେବାର ସମୟ ।

ସାହିଲୋକ ଓ ବୁନୁ ଭିତରେ ମାତ୍ର କେଇମିନିଟ୍ ଧସ୍ତାଧସ୍ତି ଚାଲିଲା । ଅଧଘଂଟା ଭିତରେ କିଏ ଜଣେ ତା ପେଟକୁ ପନିକିରେ ଖାରି ଦେବାରୁ ଅନ୍ତବୁଜୁଳା ବାହାରକୁ ବାହାରି ଗଲା । ହାତ ଭାଙ୍ଗି ନଡ଼ନଡ଼ ହେଉଥାଏ । ଗୋଡ଼ରୁ ମୁଣ୍ଡଯାଏ କିଛି ଜାଗା ଛାଡ଼ି ନଥାନ୍ତି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବ୍ରୟେଲର୍ କୁକୁଡ଼ା ଭଳିଆ ମାଟିରେ ପଡ଼ି ଧକେଇ ହେଉଥାଏ । ଜଣେ କିଏ କହିଲା ବଂଚିଗଲେ ଆମ ନାଁ ଥାନାବାବୁ ଆଗରେ କହିବ । ଶଳା ସମସ୍ତଙ୍କ ନାଁ ଜାଣିଛି । ମାରିଲେଣି ତ ପୂରା ସଫା କରିଦେଇ ଚାଲ ସାହି ଭିତରକୁ ପଳେଇବା । ଗୋଟିଏ କାଠଧଡ଼ାର ମଝିଭାଗକୁ ବୁନୁବେକ ଉପରେ ଚପାଇ ଦୁଇ କଡ଼ମୁଣ୍ଡରେ ଦୁଇଜଣ ଚଢିଗଲେ । ବୁନୁ ଦୁଇ ଗୋଡକୁ ଆଣ୍ଠୁ ପାଖରୁ ଭାଙ୍ଗି ଦି ଚାରିଥର ଛାଟି ଛଟପଟ ହେବା ପରେ ତା'ର ଶରୀର ଶାନ୍ତ ପଡ଼ି ସ୍ଥିର ହୋଇଗଲା । ସମସ୍ତେ ଜାଣି ପରିଲେ ବୁନୁର ପ୍ରାଣବାୟୁ ଉଡ଼ିଗଲା । ତାପରେ ସାହିକୁ ଆସି ନିଜନିଜର ଗତାନୁଗତିକ ଦୈନଦିନ କାମରେ ଲାଗିଗଲେ ।

ଘଂଟାଏ କି ଦୁଇଘଂଟା ପରେ ବଳିବନ୍ଧ ଗାଁର ଜଣେ କିଏ ସେଇବାଟ ଦେଇ ଗୋବିନ୍ଦପୁର ଗଲାବେଳେ ବୁନୁକୁ ରକ୍ତାକ୍ତ ଅବସ୍ଥାରେ ଦେଖି ଚିହ୍ନିଲା । ସେଠାରୁ ବଳିବନ୍ଧ ଗାଁକୁ ଫେରି ବୁନୁଘରେ ଏପରି ଦୁର୍ଘଟଣା ଖବର ଦେଲା । ବୁନୁବାପା, ସନାବାବୁ, ବୁନୁମାଆ ସହ ବଳିବନ୍ଧ ଗାଁର ଅନେକଲୋକ ସେଠାରେ ଦୌଡ଼ି ଦୌଡ଼ି ଯାଇ ପହଁଚିଲେ । ଠିକାଦାରର ବି ଅନେକ ଶ୍ରମିକ, ସୁପରଭାଇଜର୍ ଦେଖିବାକୁ ଆସିଥାନ୍ତି । ବୁନୁବାପା ଫୋନ୍ କରିବାରୁ ପୋଲିସ୍‌ଗାଡ଼ି ଆସି ପହଁଚିଲା । ତଦନ୍ତ ଅଫିସର୍ ସବୁ ସତ୍ୟାସତ୍ୟ ଜାଣି ପାରୁଥିଲେ ମଧ୍ୟ ଏକ ଅପମୃତ୍ୟୁ କେସ୍ ଡ଼ାୟିରି କରି ଥାନାକୁ ଫେରିଲେ । ଛବିନାନୀ ସାହିରେ ମିଠା ବାଂଟିଲା । ବୁନୁମାଆ ଦୁଇ ତିନି ଦିନ ଯାଏ ଅଖିଆ ଅପିଆ କାନ୍ଦି କାନ୍ଦି ବାହୁନୁଥାଏ, କେତେ ଶୀଘ୍ର ତାଳ ଗଛପରି ଡ଼େଙ୍ଗା ହୋଇ କେତେ ବଡ଼ ହେଲା ! ସେ ଚେହେରା କୋଉ ପୁଅର ହେବ ! କ'ଣ ଅକାଳରେ ଝଡ଼ି ଯିବ ବୋଲି ଏମିତି ବଢିଲା ! ଅଧାବରଷରୁ ଯିବ ବୋଲି କାହାକୁ ମାନିଲାନି, ସଦାବେଳେ ପିଇଲା । ହାତଗୋଡ଼ ଛୋଟା କରି ଦେଇଥାନ୍ତେ, ଚଳିଥାନ୍ତା । ମାରୁ ମାରୁ ମାରିଦେଲେ । କାହାର ଦୟାମାୟା ଟିକିଏ ଆସିଲାନି । ଛୁଆଟା ଭୂଲ୍ କରିଛି ବୋଲି କଣ ତାକୁ ବାଡ଼େଇ ବାଡ଼େଇ ମାରିଦେବା ! ଭଗବାନ ବୁଝିବ । ପାଗଳା

 Magazine Downloaded from www.aahwaan.com

ରାଜମାଷ୍ଟ୍ରଟା ବିଚରା କେତେ ଥର କହିଲା, ତାକୁ ବି ଶୁଣିଲାନି । କହି କହି ବିଚରା ଥକିଗଲା । ସନ୍ଧ୍ୟାରେ ସନାବାବୁଙ୍କର ସ୍ଥାୟୀ ହାତବାରିସି ରାମିଆଁ ଶଅର ତାଙ୍କ ଘରକୁ ସାନ୍ତ୍ୱନା ଦେବାକୁ ଯାଇ କହୁଥାଏ ନିଜର ବୋକାମି କାରଣରୁ ବୁନୁ ଚାଲିଗଲା । ସେମିତି ବନ୍ଧୁକ ଦେଖେଇ ଧରି ଛିଡ଼ା ହୋଇଥିଲେ କେହି ପାଖରେ ପଶି ନଥାନ୍ତେ । ଉପରକୁ ଟେକି ଘୋଡ଼ା ଚିପିଲା ପରେ ଫୁଟୁନି ବୋଲି ଜାଣି ନିଜେ ଭୟଭୀତ ହେବାରୁ ସମସ୍ତେ ମାଡ଼ି ବସି ମାରିଦେଲେ । ବିଚରା ଦୁନିଆକୁ ପାଏ ଭୋଗି ନ'ଥିଲା । ମଲାବେଳେ କି କଷ୍ଟରେ ପ୍ରାଣ ଛାଡ଼ିଥିବ ! ବିଦାୟ ନେଇ ଚାଲିଗଲା ।

ଆଉ କିଏ କିଏ ବୁନୁର ଭଲ ଗୁଣ ବିଷୟରେ କଥା ହେଉଥାନ୍ତି । ନ'ପିଇଲା ବେଳେ କେତେ ଭଦ୍ର, କେତେ ଭଲ । ପିଇଦେଲା ପରେ ତ ହେଲା ବାଇଆ । ଏଇ ମଦ ଜାଣ ତା' ଜୀବନକୁ ମାଟି କରିଦେଲା । ଏ କମ୍ପାନୀ ନ ଆସିଥିଲେ ତା'ର ଏ' ଅଭ୍ୟାସ ବଢିନଥାନ୍ତା । ଦି'ପଇସା ପାଇଲା । ଘରେ ତ ପିଲା ପିଚିକା କେହି ନାହିଁ, ଉଡ଼େଇଲା ସବୁ ବୋତଲରେ । ଯୋଗ ଯାହା ସେଇଆ ଭୋଗହେବ । ଆଜିର ଓଡିଶାରେ ବୁନୁପରି ଅଗଣିତ ଯୁବକ ମଦଯୋଗୁଁ ଭ୍ରଷ୍ଟ ହେଉଛନ୍ତି । ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଯେତେବେଳେ ମଦ୍ୟପାନ ଯୋଗୁଁ ସାମାଜିକ ମୂଲ୍ୟବୋଧର ଅଧୋପତନ ଘଟିବାରେ ଲାଗିଛି, ସେତେବେଳେ ମଦ ବିକ୍ରେତା ଦୋକାନଗୁଡ଼ିକୁ ସରକାରଙ୍କ ତରଫରୁ ପ୍ରୋତ୍ସାହନ ଦେବା ଚିନ୍ତାକରିବା ଅର୍ଥ ମଦର ପ୍ରଚାରପ୍ରସାର ସହ ମଦୁଆଙ୍କୁ ପୁରସ୍କାର ଦେବା ସମାନ । ଅବଶ୍ୟ ଏବେ ସେସବୁ ନାକଚ କଲେଣି, କିନ୍ତୁ ଏହା ସଦାସର୍ବଦା ଅସଙ୍ଗତ ଓ ଅସମୀଚୀନ ! ସରକାର ସିନା କହୁଛନ୍ତି ମଦରୁ ଆଦାୟ ଟିକସରେ ଆମରାଜ୍ୟର ଉନ୍ନତି ହେଉଛି ବୋଲି କିନ୍ତୁ ପ୍ରକୃତରେ ବିଶ୍ଳେଷଣ କଲେ ଫଳ ଓଲଟା । ଅପରାଧ ଓ ପାରିବାରିକ ହିଂସାର ମୂଳ ହେଲା ନିଶା । ମହାତ୍ମା ଗାନ୍ଧୀଙ୍କ ଭାଷାରେ, "ମଦ ଖାଲି ଶରୀର ନୁହେଁ ଆତ୍ମାକୁ ବି ଜାଳିଦିଏ ।" ମଦୁଆ ମସ୍ତିଷ୍କରେ ବିବେକ

 Magazine Downloaded from www.aahwaan.com

ଦୁର୍ବଳ ହୋଇଯାଏ । ପବିତ୍ର ସମ୍ପର୍କର ମୂଲ୍ୟ ବୁଝିବାକୁ ଅସମର୍ଥ ହୁଏ । ହିତାହୀତ ଜ୍ଞାନ ହରାଇବାରୁ ହିଂସ୍ରହୋଇ ଅପରାଧ କରିବାକୁ ଆଗେଇଯାଏ । ତେଣୁ ଆମରାଜ୍ୟରେ ବି ମଦବିକ୍ରି ବନ୍ଦକରିବା ନେଇ ସରକାର ତତ୍ପର ହେବା ଉଚିତ୍ । ବିଶୃଙ୍ଖଳ ସମାଜର ମୁଖ୍ୟ କାରଣ ମଦ । କଥାରେ ଅଛି, "ମୂଳୁ ମାଇଲେ ଯିବ ସରି, ଦେବଙ୍କ ସଙ୍ଗେ କିମ୍ପା କଳି ।" ଏହାକୁ ଗୁରୁତ୍ୱର ସହ ବିଚାର କରି ରାଜ୍ୟରେ ମଦ ନିଷେଧ କରିପାରିଲେ ସମାଜର ନୈତିକ ଉତ୍ଥାନ ନିଶ୍ଚୟ ହେବ । ଗଲେ ଯାଉ ପଛେ ସେ' ମଦ ଟିକସ ।

ଇଂ. ବିଦ୍ୟାଧର ପଣ୍ଡା,
ସହ ସମ୍ପାଦକ, ପରିଭାଷାର ପ୍ରତିବିମ୍ବ,
ମାସିକ ସାହିତ୍ୟ ପତ୍ରିକା,
ଏଲ୍୧୭/୧୫, ପଂଚଶଖା ନଗର,
ଡୁମୁଡୁମା, ଭୁବନେଶ୍ୱର, ୭୫୦୦୧୯,
ମୋ ୯୪୩୯୧୨୮୦୫୦, bdpanda1@gmail.com

 Magazine Downloaded from www.aahwaan.com

# ତୁମେ ମୋ ଜୀବନରେ ଏମିତି ଥାଅ



ଅନସୂୟା ପଣ୍ଡା

ଫେସବୁକର ପେଜ ଉପରେ ଖୁବ ଦ୍ରୁତ ଗତିରେ ବୁଢ଼ା ଆଙ୍ଗୁଳି ଚାଳନା କରୁଥିଲା ଅଜିତ । ଏଇଟା ତାର ନିତିଦିନିଆ ଅଭ୍ୟାସ । ଅଫିସ କ୍ୟାଣ୍ଟିନରୁ ପ୍ରାୟତଃ ଖାଇ ଦେଇ ଆସିଥାଏ, ଘରକୁ ଫେରିଲେ ଆଉ କାମ ନଥାଏ ତା'ର । ନିଜର ଘର ଏଠି ସେ ନେଇ ସାରିଛି, ତଥାପି ନିଜେ ନିଜପାଇଁ ରୋଷେଇ କରିବାକୁ ଅଳସୁଆ ଲାଗେ ତାକୁ । କିଛି ସମୟ ଟିଭିରେ ନିୟୁଜ ଦେଖେ, ତାପରେ ଫେସବୁକ । ଏଦୁଇଟି ଅଭ୍ୟାସ କେବଳ ତାପାଇଁ ନୁହେଁ କାହାପାଇଁ ବି ଭଲ ନୁହେଁ । କେଉଁ ଏକ ସାଇଟରୁ ପଢିଥିଲା ଶୋଇବା ପୂର୍ବରୁ ନିଜ ସହ ନିଜେ କିଛି ସମୟ ବିତାଇବା, ଧ୍ୟାନ କରିବା  ଉଚିତ । ହେଲେ ସେ ବଦଳି ପାରେନା । ସବୁଦିନ ଭାବେ କାଲି ଠୁ ସେ ବଦଳିଯିବ, ଆଜି ଦିନଟା ଟିକେ ଦେଖିଦେବ ।

ଫେସବୁକର ସୁନେଲି ଦୁନିଆଁ । ସମସ୍ତଙ୍କର ଖୁସି, ବିଜୟର, ଗର୍ବର ପ୍ରମାଣ ପତ୍ର ବହନ କରି ଖୁବ ଭାରି ଭାରି ଥାଏ ତାର ଫର୍ଦ ସବୁ ।

ସତରେ କଣ ସମସ୍ତେ ଏତେ ପରିପୂର୍ଣ୍ଣ, ଖୁବ ସଫଳ, କାହାର ବି ଦୁଃଖ ନାହିଁ, ନା ଦୁଃଖର ଅସରନ୍ତି  ସ୍ତୁପ ଉପରେ ଠିଆହୋଇ ସୁଖୀ ହେବାର ଅଭିନୟ କରୁଛନ୍ତି ? ନା, ନିଜ ସଫଳତା କାହାଣୀ ଶୁଣାଇ ନିଜ ଖୁସି ବାଣ୍ଟି ଅନ୍ୟଠାରୁ ନିଜକୁ ବଡ ବୋଲି ପ୍ରମାଣ କରୁଛନ୍ତି ! ଅନେକ ଗୁଡିଏ ବନ୍ଧୁଙ୍କୁ ନିଜର କରିବାକୁ ଯାଇ ସମସ୍ତେ ଏକୁଟିଆ, ବାହାରୁ ସୁଖ ଖୋଜି ଖୋଜି ସମସ୍ତେ ହାଲିଆ । ସୁଖ ପରି ଦାମିକା ଜିନିଷ କିଏ ବା କାହାକୁ ଦେବ, ଯେଉଁଠି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଜ ପାଖରେ ତାହା ନାହିଁ ! ସେଇ ମୂଲ୍ୟବାନ ସୁଖ ଟିକେ ପାଇବାକୁ ତ ସମସ୍ତେ ପାଗଳ, ଅସ୍ଥିର ।

ସମସ୍ତେ ନିଜ ଅପେକ୍ଷା ଅନ୍ୟକୁ ଜାଣିବାକୁ ଏ ଫେସବୁକର ଜାଜ୍ଜ୍ୱଲ୍ୟ ଦୁନିଆରେ ବ୍ୟସ୍ତ । ଅନ୍ୟକୁ ଜାଣିବା ତ ସହଜ ହେଲେ ନିଜକୁ ଜାଣିବା କେତେ କଷ୍ଟ ? ଖୁବ ନିକଟକୁ ଗଲେ ଜଣାଯାଏ କେତେ ଏକୁଟିଆ ଏ ମଣିଷମାନଙ୍କ ଜୀବନ । ବିରକ୍ତ ହୋଇ ବନ୍ଦ କଲା ମୋବାଇଲ ଡାଟା । ହେଲେ ପୁଣି ଯନ୍ତ୍ରବତ ହୋଇ ଖୋଲି ଫେସବୁକ ଆଇକନ ଦବେଇଲା । ଏ କୁହୁକ ମାୟା ଫେସବୁକର କି ଅଜିତ ନିଜେ ଦୁର୍ବଳ ବୋଲି ଅନିଚ୍ଛା ସତ୍ୱେ ଭୁଲ କରୁଛି ତାର ଉତ୍ତର ଅଜିତ ଆଜିଯାଏ ପାଇନି ।

ହଠାତ ତା ଆଙ୍ଗୁଳିଟା ଗୋଟେ ପୋଷ୍ଟ ଉପରେ ସ୍ଥିର ହୋଇଗଲା । ସ୍ମିତା ! ସ୍ମିତା, ତା ସ୍ୱାମୀ ଓ ଝିଅ ସହ ଫଟୋ ପୋଷ୍ଟ କରିଛି, ତା ଝିଅର ଜନ୍ମଦିନ ଦିନ ପାଳନ ଅବସରରେ । ଶୁଭେଚ୍ଛୁ ମାନଙ୍କର ଅନେକ ଅନେକ ଶୁଭ କାମନାର ବାର୍ତ୍ତା ବହନ କରିଛି ସେ ପୋଷ୍ଟଟି ।

ଅଜାଣତରେ ଅଜିତ ମୁହଁରେ ହସ ସଞ୍ଚରିଗଲା । ବୋଧହୁଏ ଫଟୋଟିରେ ସ୍ମିତାର ହସୁଥିବା ମୁହଁକୁ ଦେଖି । ସ୍ମିତା ଶାଢ଼ୀରେ ଖୁବ ସୁନ୍ଦର ଦିଶୁଛି ।

ଓଇସିରେ ଇଞ୍ଜିନିଅରିଂ ପଢିବା ବେଳେ, ପ୍ରଥମ ବର୍ଷର ବାର୍ଷିକ ଉତ୍ସବରେ ସ୍ମିତା ଶାଢ଼ୀ ପିନ୍ଧି ଗୀତ ଗାଉଥିଲା, ଆଉ ସେଦିନ ଅଜିତ ତା ପ୍ରେମରେ ପଡିଯାଇଥିଲା ।

ସଚେତନ ଅବସ୍ଥାରେ ଆମେ ଯେଉଁ କଥା ସମସ୍ତଙ୍କ ଠାରୁ ଲୁଚାଇଥାଉ, ବେହୋସ ଅବସ୍ଥାରେ ସେ କଥା ସବୁ ପାଟିରୁ ବାହାରି ଆସେ । ବେଳେ ବେଳେ ଆଶ୍ଚର୍ଯ୍ୟ ହୁଏ ଅଜିତ, ସ୍ମିତା ପରି ଚୁପଚାପ ଝିଅଟା ଯେ ଏତେ କଥା କହିପାରେ ? ପ୍ରତିଦିନ ସ୍ମିତା ଫୋନ କରେ, ଦୁଇ ଦିନ ତଳେ କହୁଥିଲା, “ଏମିତି ହୁଅନ୍ତାନି ଅଜିତ, ସମୟଟା ବହୁତ ପଛକୁ ଫେରି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାଆନ୍ତା, ଆଉ ମୁଁ ତାକୁ ନିଜ ହାତରେ ନିଜ ପାଇଁ ମନ ମୁତାବକ ସଜାଡି ଦିଅନ୍ତି । ତୁମେ ମୋ ଜୀବନରେ ଥାଆନ୍ତ । ଜୀବନ ଚାହୁଁ ଥିବାପରି ଢେର ଖୁସିରେ ଉବୁଟୁବୁ ହେଉଥାନ୍ତା ।"

ନୀରବରେ ଶୁଣୁଥିବା ଅଜିତ ହଠାତ ସ୍ମିତାକୁ କହି ପକାଇଲା, "ମୋର କଣ ଆମେରିକାରେ ନିଜର ଘର ଅଛି ନା ମୁଁ ବିଦେଶୀ କମ୍ପାନୀରେ ଉଚ୍ଚପଦସ୍ଥ କର୍ମଚାରୀ ହୋଇଛି ?"

କଇଁ କଇଁ ହୋଇ କାନ୍ଦିଉଠିଥିଲା ସ୍ମିତା । "ସେଦିନ ବୋଉକୁ ଆମ ବାହାଘର ପାଇଁ କହିବାରୁ ସେ କହିଥିଲା, 'ବେକାରିଆ ଲୋକମାନେ ଭଲ ପ୍ରେମ କରି ଜଣନ୍ତି, ହେଲେ ପ୍ରେମରେ କଣ ମା' ପେଟ ପୁରେ ? ଦୁନିଆରେ ମୁଣ୍ଡଟେକି ଚାଲିବାକୁ, ବଞ୍ଚିବାକୁ ଢେର ପଇସା ଆବଶ୍ୟକ ପଡେ ।"

ଆଉ ବାପା ନିରବ ରହିରହି ଶୁଣି ଗୋଟିଏ ପଦରେ କଥାର ସମାଧାନ କରି ଦେଇଥିଲେ, "ମୁଁ ଏତେ ଭଲ ପ୍ରସ୍ତାବ ହାତ ଛଡା କରିବାକୁ ଚାହୁଁନି । ଚିହ୍ନା ଜଣା ଲୋକ, ପିଲା ଭଲ, ଆମେରିକାରେ ବଡ କମ୍ପାନୀରେ ଅଛି, ନିଜର ଘର ବି ସେଠି ନେଇ ଯାଇଛି । ଅଜିତ କଥା ଯେମିତି ଦ୍ୱିତୀୟ ଥର ଘରେ ଆଲୋଚନା ନହୁଏ । ଏ ଘରେ ମୋର ଅନ୍ୟ ଦୁଇଟି ବଢିଲା ଝିଅ ବି ଅଛନ୍ତି ।"

ସେତେବେଳେ ତୁମେ ଚାକିରୀ ଖୋଜୁଥିଲ, ମୁଁ ଆଉ କଣ କରିପାରିଥାନ୍ତି ।

ହେଲେ ଜାଣ ଅଜିତ ଏବେ ବୋଉକୁ କହିବାକୁ ଇଚ୍ଛା ହେଉଛି, "ପଇସା ଅପେକ୍ଷା ଜୀବନରେ ପ୍ରେମର ମୂଲ୍ୟ ଅଧିକା କାରଣ ଏତେ ପଇସା, ପ୍ରାଚୁର୍ଯ୍ୟ ଭିତରେ ଥାଇବି ମୁଁ ପ୍ରେମ ଖୋଜୁଛି ।"

ବୋଧହୁଏ ଦୁଇଟି ଏକସଙ୍ଗେ ମିଳେନି, ନୁହେଁ ଅଜିତ ।" କଥା ଶେଷ ହେଲାକୁ ସ୍ମିତାର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଥା ସବୁ ଅସ୍ପଷ୍ଟ ଶୁଭୁଥିଲା ।

ମନେ ମନେ ଭାବୁ ଥିଲା ଅଜିତ କାହିଁକି କେଜାଣି ଏ ଝିଅମାନେ ପ୍ରେମ କରନ୍ତି, ପରେ ସୁନା ପିଲା ପରି ବାପାମା'ଙ୍କ କଥାରେ ଧନୀ ଯୁବକ ଦେଖି ଜୀବନରେ ସ୍ଥିରତା ଆଣିବାକୁ ବାହା ହୋଇ ଯାଆନ୍ତି । ପଛରେ ପତି ଓ ପ୍ରେମ ଭିତରେ ସନ୍ତୁଳି ହୋଇ ଛାଟିପିଟି  ହୁଅନ୍ତି ।

ସ୍ମିତାର ସ୍ୱର ଆହୁରି କରୁଣ ଶୁଣା ଯାଉଥିଲା ଆବଶ୍ୟକତାଠୁ ସେ ଅଧିକ ମଦ୍ୟପାନ ମଧ୍ୟ କରି ରଖିଥିଲା । ପତିଙ୍କ କାର୍ଯ୍ୟବ୍ୟସ୍ତତା, ସ୍ମିତା ପ୍ରତି ଶିଥିଳ ଭାବନା, ଆମେରିକାରେ ନିଃସଙ୍ଗ ଜୀବନ ତାକୁ ବିଷାଦଗ୍ରସ୍ତ କରି ଏସବୁ କରିବାକୁ ବାଧ୍ୟ କରିଥିଲା । ଏଇ ବର୍ଷ ପ୍ଲେସ୍କୁଲ ଯାଉଥିବା ପୁଅକୁ ସ୍କୁଲ ଛାଡି ସାରି ସେ ଅଜିତ ସହ କଥା ହୁଏ । ସବୁଦିନ ପରି ପ୍ରଚୁର ମଦ୍ୟ ପାନ ମଧ୍ୟ କରିଥାଏ । କେଉଁଦିନ କାନ୍ଦି କାନ୍ଦି ଫୋନ ରଖେ ତ କେଉଁଦିନ କଥା ଅଧା ରହିଯାଏ, ସ୍ମିତା ହାତରୁ ଫୋନ ଖସି ଯାଇଥାଏ ।

ଖୁବ ବ୍ୟାକୁଳ ହୁଏ ଅଜିତ, ସ୍ମିତା ପାଇଁ । ଅନେକ ବୁଝାଏ ତାକୁ ଏ ସବୁ ନ କରିବାକୁ, ଦେହ ଖରାପ ହେବ । ନିଜକୁ ବ୍ୟସ୍ତ ରଖିବାକୁ କିଛିନା କିଛି କର, ଆମେରିକା ତ ଗୋଟେ ଛୋଟ ଭାରତ କହିଲେ ଚଳିବ । ଘରୁ ବାହାରକୁ ଯାଅ, ଲୋକମାନଙ୍କ ସହ ମିଶ । ହେଲେ ସ୍ମିତା ଶୁଣେନି କୁହେ, "ତୁମେ ଏମିତି ମୋର ଜୀବନରେ ରହିଥାଅ ଅଜିତ, ମୁଁ ଆଉ କିଛି ଚାହେଁନି ।"

ଅଜିତ ଜାଣେ  ସେ ଭୁଲ କରୁଛି ସ୍ମିତା ସହ କଥା ହୋଇ । ତଥାପି ସେ ତାକୁ ଏକେଲା ଛାଡିପାରେନି । ଅଜିତ ଦିଲ୍ଲୀରେ ଏକ ନାମୀ କମ୍ପାନୀରେ ମ୍ୟାନେଜର ରୂପେ ପ୍ରତିଷ୍ଠିତ । ଘରେ ତା'ର ବାହାଘର ପାଇଁ ଖୁବ ଜୋରସୋର ଖୋଜା ଚାଲିଛି । ଏଭିତରେ ସ୍ମିତା ବାହାହେବାର ଛଅବର୍ଷ ହୋଇ ଗଲାଣି । ହେଲେ, ଏବେ ବି ତା ମନରେ ସ୍ମିତା ପାଇଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶୂନ୍ୟସ୍ଥାନ ରହିଯାଇଛି ।

କିଏ କୁହେ ନିଆଁ ପରି ନାରୀର ମନ ଅଶାନ୍ତ, ଅପରିତୃପ୍ତ । ତାକୁ ଆୟତରେ ନ ରଖିଲେ ସେ ଆନମନା ହୋଇଯିବ । ହେଲେ ଅଜିତ ବୁଝେ ନାରୀକୁ ବଶରେ ନୁହେଁ ବୁଝିବା ଦରକାର । ସେ ସ୍ନେହ ରଂକୁଣି । ସମ୍ମାନ, ଭଲପାଇବାର ଫଲଗୁ ତା ଉପରେ ଟିକେ ବିଞ୍ଚି ଦେଲେ, ସେ ତା ହୃଦୟର ସବୁ ପ୍ରେମ ଢାଳିଦିଏ । ତାଠାରୁ ବଳି ଅଧିକା ତ୍ୟାଗ କିଏ କରିପାରିଲାଣି ନା କରିବ ? ତା ମୁଣ୍ଡରେ ଦୁଇ ଦୁଇଟି ପରିବାରର ସମ୍ମାନ ଲଦା ହୋଇଥାଏ, ପିତାର ପତିର । ତା ମନରେ ସେ କୁହୁଳୁଥିବା ଯନ୍ତ୍ରଣାର ନିଆଁରେ ସେ ନିଜେ ପୋଡି ଛାରଖାର ହୋଇଯାଏ ସିନା ନିଜ ପରିବାରରେ ଆଞ୍ଚ ଆଣିବାକୁ ଦିଏନି ।

ନିଜକୁ ବୁଝି ହୁଏନି କି ଅନ୍ୟ କୁ ବୁଝାଇ ହୁଏନି ।

ସତଟା କଣ ତାକୁ ମାନି ନେଲେ ମଣିଷ ଖୁବ୍ ଶୀଘ୍ର ଶାନ୍ତି ପାଏ କିନ୍ତୁ କେଜାଣି କାହିଁକି ସେ ସତଟାକୁ ସହଜରେ ଗ୍ରହଣ କରିବାକୁ ହିଁ ପ୍ରସ୍ତୁତ ହୁଏନି, ଆଉ ଜାଣି ଜାଣି କଷ୍ଟ ପାଏ । ଖଟ ଉପରେ ଗଡି ନିରବରେ ଅଜିତ କିଛି ସମୟ ଭାବୁଥିଲା ।

-ଅନସୂୟା ପଣ୍ଡା
କାର୍ଡଗୁଡି, ବାଙ୍ଗାଲୋର,
୯୮୪୦୭୦୭୧୪୦

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଗୋଟିଏ ଭାଇ ଓ ଭଉଣୀ କାହାଣୀ



ନବୀନ କୁମାର

ବରଗଡ଼ ଓଡ଼ିଶାର ଭାତହାଣ୍ଡିର ରାଜ୍ୟ । କିଛି ଅଭାବ ନ ଥାଏ । ସବୁ କିଛି ମିଳିଥାଏ । ଏଠାରେ ଗୋଟିଏ ସୁନ୍ଦର ପରିବାର ବାସ କରନ୍ତି । କରୁଣାକର ଦାସ ଆଉ ତାଙ୍କ ସ୍ତ୍ରୀ ପ୍ରତିଭା ଦେବୀ । ହସିଖୁସିର ପରିବାର ।

ଗୋଟିଏ ଭାଇ ଥାଏ ତା ନାଁ ଟୁନୁ । ଆଉ ଝିଅର ନାଁ ସୁଭଦ୍ରା । କିନ୍ତୁ ସମସ୍ତେ ପ୍ରେମରେ ସୁନିତା ଡାକନ୍ତି । ଦୁହେଁ ସବୁବେଳେ ଝଗଡ଼ା କରୁ ଥାଆନ୍ତି । ତାହାଙ୍କର ରାଶି ମେଳ ଖାଏନି ।

ଟୁନୁ - ଏ ଚାଲ ଆମ ଘରୁ ପଳା,

ଥରେ ଖାଲି ତୋ ବାହାଘର ହୋଇଯାଉ ତାପରେ ତୋ ଠାରୁ ଆମେ ମୁକ୍ତି ପାଇବୁ । ଆଉ ମୁଁ ତତେ କହି ଦେଉଛି ମୁଁ ବିଲକୁଲ କାନ୍ଦିବିନି ତୁ ଗଲାପରେ । ଏ ସବୁ  ଭାଇ କହୁଛି ଭଉଣୀକୁ ମୁଁ ଦେଖିଛି ତୁ ବାହା ହେଲାପରେ କ'ଣ କରିବୁ । ମୁଁ ତୋ ଠାରୁ ବି ବହୁତ୍ ଗୋରା ତୁ ବହୁତ କଳା ବିଲେଇ ।

ସୁନିତା - ମୁଁ ଜାଣି ଛି ତୁ ବହୁତ୍ କାନ୍ଦିବୁ ମୁଁ ଗଲାପରେ । ଏବେ ଏମିତି କହୁଛୁ । ସମୟ କହିବ ।

ଟୁନୁ - ଯା ଯା ।

ଆଜି ଡିସେମ୍ବର ୩୦ ଶେଷ ଦିନ । ଆଜି ସମସ୍ତଙ୍କ ପାଇଁ ଟୁନୁ କପଡା ଆଣିଛି । କିନ୍ତୁ ତା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପାଇଁ ତାହାର ଭଉଣୀର ପସନ୍ଦରେ କିଣିବ ।

- ଏ ସୁନିତା ଚାଲ ଯିବା । ମୋ ପାଇଁ ସାର୍ଟ ପ୍ୟାଂଟ ଆଣିବାକୁ ଯିବା ।

ଟୁନୁ ତା ସବୁ ଜିନିଷ ତା ଭଉଣୀ ପସନ୍ଦରେ କିଣିଥାଏ ।

ଟୁନୁ - ଏ ବାପାକୁ କହିଦେ ମୁଁ ଗୋଟିଏ ବାଇକ୍ କିଣିବି ।ପଇସା ଦରକାର ।

ସୁନିତା - ମତେ କ'ଣ ମିଳିବ କହିଲେ ।

ଟୁନୁ - ତତେ ମୁଁ ସବୁ ଦିନ କଲେଜକୁ ନେଇ ଦେବି ।

ସୁନିତା - ନା ନା ମତେ ମୋବାଇଲ୍ ଟିଏ ଦରକାର ।

ଟୁନୁ - ବିଲେଇ ମୋବାଇଲ୍ ଧରିବ (ହସି ହସି) ।

ସୁନିତା - ଦେବୁ ତ କହିବି ।

ଟୁନୁ - ଠିକ୍ ଅଛି ଦେବି ।

ଟୁନୁ - ଘରେ ସୁନିତା ସହିତ ଲାଗେ କିନ୍ତୁ ତାହା ସାଂଗ ମାନଙ୍କ ଆଗରେ ପ୍ରଶଂସା କରେ ।

ଟୁନୁ - ତା ମୋବାଇଲ୍ ସୁନିତାକୁ କେବେ ବି ଛୁଇଁବାକୁ ଦିଏ ନାହିଁ । କିନ୍ତୁ ତା, ନେଟ୍ ପ୍ୟାକ୍ ସରିଗଲେ ସୁନିତାର ହଟସ୍ପଟ୍ ନେଟ୍ ଖେଳେ ।

ଏମିତି ଥଟା ମଜାରେ ଅନ୍ତ ହୋଇଥାଏ ।

ସୁନିତାର ବି.ଏ. ଶେଷ ହୋଇଯାଏ । ଗୋଟିଏ ଭଲ ଘରରେ ତାହାର ବାହାଘର ଠିକ୍ ହୁଏ । ପିଲାଟି ପୋଲିସ ଅଫିସର । ଦେଖିବାକୁ ବହୁତ୍ ସୁନ୍ଦର । ବାହାଘର ଆଉ ୧୫ ଦିନ ଅଛି ।

ସୁନିତା - ଏ ହିରୋ ତୋ ମୁହଁ କାହିଁକି ଶୁଖିଲା ଦିଶୁଛି । ତତେ କିଏ ଧୋକା ଦେଲାକି । ହସୁଥାଏ ସୁନିତା ।

ଟୁନୁ - ହଁ ସତ ମତେ ମୋ ଗାର୍ଲ୍ ଫ୍ରେଣ୍ଡ ଧୋକା ଦେଲା । କିନ୍ତୁ ସତ କଥା କହି ପାରୁନି ଟୁନୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତା ଭଉଣୀ ଆଉ କିଛି ଦିନର ଅତିଥି । ଯେଉଁ ଭାଇ ଦିନେ କହୁଥିଲା ମୁଁ କାନ୍ଦିବିନି କେବେ ସେ ଆଜି ବାହାଘର ଆଗରୁ କାନ୍ଦୁଛି । ଟୁନୁର ବାପା ଆସିଛନ୍ତି ।

ବାପା - ହେ କ'ଣ ପାଇଁ କାନ୍ଦୁଛୁ ପାଗଳ ।

ଟୁନୁ - ମୁଁ ଆଉ କାହା ସହିତ ଆଉ ଲାଗିବି ବାପା । ମୋ ହାତରେ ଆଉ କିଏ ରାକ୍ଷୀ ବାନ୍ଧିବ । ଟୁନୁ ଭାବୁଥାଏ କହୁଥାଏ କିଏ ଏ ନିୟମ କଲା ଝିଅ ଜନ୍ମ ପର ଘରକୁ ବୋଧହୁଏ ତା ଝିଅ ତା ପାଇଁ ବୋଝ ହୋଇ ହୋଇଥିବ ଯେ ଏ ନିୟମ କରିଛି । ୨୦ ବର୍ଷ ଆମ ସହିତ ଯେ ରହିଛି ସେ ଆମକୁ ଛାଡ଼ି ଚାଲିଯିବ ।

ବାପା - ଏ ତ ବିଧିର ବିଧାନ ବେଟା ।

ସୁନିତା - ଏ ହିରୋ କ'ଣ ଦେବୁ । ମୋତେ ଯେଉଁ ଗିଫ୍ଟ୍ ଦେବୁ ସବୁଠୁ ଦାମିକା ହେବା ଦରକାର । ନ ହେଲେ ନ ଦେବୁ । ଯେଉଁ ଜିନିଷ ଦେବୁ ତାକୁ ମୁଁ ସାରା ଜୀବନ ସାଇତି ରଖିବି ।

ଟୁନୁ - ଠିକ୍ ଅଛି କଥା ଦେଲି ମୁଁ ତତେ ଯେଉଁ ଗିଫ୍ଟ୍ ଦେବି ସେ ଗିଫ୍ଟ୍ କେହି ତତେ ଦେଇ ପାରିବେନି ଏ ଦୁନିଆରେ ।

ବାହାଘର ଘର ଦିନ ଆସିଲା ଆଜି ୧ ଜାନୁଆରୀ ୨୦୨୦ ନବବର୍ଷର । ଆଜି ରାତିରେ ବରାତ୍ ଆସି ପହଞ୍ଚିବେ । ଘରେ ଖୁସିର ମହଲ । ସମସ୍ତ ବହୁତ୍ ଖୁସି ପ୍ରଥମ ବାହାଘର । ସୁନିତା ବି ରାଣୀ ପରି ଦିଶୁଥାଏ । କିନ୍ତୁ ବରାତ୍ ଏତେ ବିଳମ୍ବ କାହିଁକି ହେଉଛି । ସମସ୍ତ ଚିନ୍ତା କରୁଥାଆନ୍ତି ।

ହଠାତ୍ ଟୁନୁ ମୋବାଇଲ୍‌କୁ କଲ୍ ଆସିଲା ବରାତି ଗାଡ଼ି ଦୁର୍ଘଟଣା ହୋଇ ଯାଇଛି । ସେ କାହାକୁ କିଛି ନକହି ଚାଲିଗଲା ସେ ଜାଗାକୁ ସେ ଦିନ ବରାତ୍ ଆସିଥିବା ୬ଟି ଗାଡ଼ି ଦୁର୍ଘଟା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଥିଲା । ସମସ୍ତଙ୍କୁ ସମ୍ବଲପୁର ବୂର୍ଲାରେ ରଖିଥିଲେ ।

ଟୁନୁ - ଡାକ୍ତର୍ ସାର୍ ସେ କେମିତି ଅଛନ୍ତି ?

ଦୁର୍ଘଟଣାରେ ବରର ହୃତପିଣ୍ଡଟା ଖରାପ ହୋଇଗଲା । ଡାକ୍ତର କହିଲେ କିଏ ଯଦି ଦାନ କରେ ହୃତ୍‌ପିଣ୍ଡ ତେବେ ବଞ୍ଚେଇ ହେବ । ସମୟ ୧୫ ମିନିଟ ଅଛି । ଜଲଦି ଯୋଗାଡ କର ।

ଟୁନୁ - ହେ ପ୍ରଭୁ ଏ କ'ଣ କଲ ତୁମେ ।

ମୋ ଭଉଣୀର ଖୁସି ପାଇଁ ମତେ କିଛି କରିବାକୁ ହେବ । ମୁଁ ମୋ ଭଉଣୀ ମୁହଁରେ ହସ ଦେଖିବି । ମୁଁ ରାକ୍ଷୀର ଗିଫ୍‌ଟ୍ ଦେବି ।

ଟୁନୁ - ସାର୍ ମୁଁ ଦେବି ମୋ ହୃତ୍‌ପିଣ୍ଡ । ତୁମେ କିଏ ହେବ ଏ ରୋଗୀର ।

ସାର୍ ସେ ମୋ ଭଉଣୀର ବର ହେବ । ଆଉ ଥରେ ଭାବି ଦେଖ ତୁମ ଲାଇଫ୍ ର କଥା ଏ । ମୁଁ ଭାବିଛି ସାର୍ ଏ ମୋ ଭଉଣୀର ଖୁସି ମୋ ପାଇଁ ସବୁ କିଛି ।

ଡାକ୍ତର - ଟୁନୁ ତୁମେ ବହୁତ ମହାନ୍ । (ଆଖିରେ ପାଣି ଆସୁଥାଏ) ଏମିତି କେସ୍ ମୁଁ ମୋ ଜୀବନରେ ଦେଖିନି ।

ଅପରେସନ୍ ଆରମ୍ଭ ହେଲା ଆଉ ହୃତ୍‌ପିଣ୍ଡ ନିଆଗଲା କିଛି ସମୟପରେ । ଟୁନୁ ଚିରଦିନ ପାଇଁ ଚାଲିଗଲା ଆରପାରିକୁ । ଗଲା ବେଳକୁ ସେ ଚିଠିଟି ଲେଖିଥାଏ ଯାହା ତା ଭଉଣୀର ବରକୁ ଦେଇଥାଏ । ବିଳମ୍ବରେ ବର ଆସି ପହଞ୍ଚିଲା ବରଟି ଦେହ ରକ୍ତାକ୍ତ ହୋଇଥାଏ । ସମସ୍ତ ଜାଣିଥିଲେ ଯେ ଦୁର୍ଘଟଣା ହୋଇଥିଲା ଗାଡ଼ିଟା । ମନେ ମନେ ସୁନିତା ଖୋଜୁଥାଏ ତା ଭାଇକୁ ଏତେ ବେଳ ହେଲା କୁଆଡେ ଗଲା ।

- ମାଁ ମାଁ ଭାଇ କୁଆଡେ ଗଲା ।

ସୁନିତାର ମାଆ - ସେ ତୋ ପାଇଁ ଗିଫଟ୍ ଆଣିବାକୁ ଯାଇଥିବରେ ମାଁ ତୁ କାହିଁକି ବ୍ୟସ୍ତ

 Magazine Downloaded from www.aahwaan.com

ହେଉଛୁ । ସେ ଆସିଯିବ ।

ବାହାଘର ସରିଲା କିନ୍ତୁ ଟୁନୁ ଆଉ ଫେରିଲା ନାହିଁ । ସୁନିତା ବହୁତ୍ ରାଗିଗଲା ସେ ବାପା ମାଁ କହିଲା, 'ସେ ନିଜକୁ କ'ଣ ଭାବୁଛି । ଗୋଟିଏ ଗିଫ୍ଟ୍ ଦେଲାନି କି ମୋର ବାହାଘରରେ ବି ରହିଲାନି । ସେ ମୋର ଭାଇ ନୁହେଁ । ଭାଇର କର୍ତ୍ତବ୍ୟ ସେ କ'ଣ ସେ ଜାଣି ନାହିଁ । ସେ ଥିଲେ କେତେକ ମରିଗଲେ କେତେ । ସେ ମୋ ପାଇଁ ଆଜିଠାରୁ ମରିଗଲା,,,

ଆଇ ହେଟ୍ ୟୁ ଟୁନୁ, ଆଇ ହେଟ୍ ୟୁ ଟୁନୁ ।

ପାଖରେ ଥାଇ ବର ସବୁ ଦେଖୁଥାଏ ଆଉ ଶୁଣୁଥାଏ । ତା ଆଖିରେ ଲୁହ ଆସିଗଲା । ବାସ୍ ବାସ୍ ସୁନିତା ବହୁତ୍ ହେଲା ତୁମେ କିଛି ଜାଣିନ । ଟୁନୁର ପ୍ରତିଜ୍ଞା ଥିଲା ବୋଲି କିଛି କହୁ ନଥିଲି । ଏ ଚିଠି ନିଅ, ପଢ଼, ଚିଠି ଖୋଲି ସୁନିତା ଦେଖିଲା, ଚିଠିରେ ଲେଖା ଥିଲା,

ହେ ବିଲେଇ

ତୁ କହୁଥିଲୁ ନା ମୁଁ ତତେ ଏମିତି ଗିଫ୍ଟ୍ ଦେବି ତୁ ସାରା ଜୀବନ ସାଇତି ରଖିବୁ । ମୋ ପାଖରେ କିଛି ନ ଥିଲା । ତୋ ବରକୁ ହୃତପିଣ୍ଡ ଦରକାର ଥିଲା ଡାକ୍ତର କହିଲେ ତେଣୁ ମୁଁ ମୋ ହୃତପିଣ୍ଡ ଦେଇଦେଲି । ଏବେ ଖୁସି ତ ବିଲେଇ । ତୁ ସବୁବେଳେ ଏମିତି ହସୁଥିବୁ । ମୁଁ ଗଲାପରେ ମାଁ ବାପାଙ୍କର ଯତ୍ନ ନେବୁ । ଏ ଚିଠି ପଢିବା ବେଳକୁ ମୁଁ ତୋ ପାଖରେ ନଥିବି ।

ବାପାମାଆ କାନ୍ଦିବାକୁ ଲାଗିଲେ । କିଛି ସମୟ ପରେ ୧୦୮ ଆମ୍ବୁଲାନ୍ସରେ ସିଟି ହସପିଟାଲରୁ ଟୁନୁର ଶବ ଆସି ପହଞ୍ଚିଲା । ସମସ୍ତେ ଯେତେ ଲୋକ ଥିଲେ କାନ୍ଦିବାକୁ ଲାଗିଲେ ।

ନବୀନ କୁମାର ବରଗଡ଼ (ଓଡ଼ିଶା)

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଧନ୍ୟରେ ମାନବ



ଚିନ୍ମୟୀ ସାହୁ

ଓଃ ଏମିତି କାହିଁକି ହେଲା ??

ଶେଷ ଆଶା ଟା ବି ମଉଳି ଗଲା ?

ସତରେ କଣ ମୋର ନଜର ବା ଲୋକଙ୍କ ନଜର ଲାଗିଗଲା ??

ନା ନା ଏମିତି କଣ ସମ୍ଭବ ??

ମୁଁ କେବେ ବି ତ କୁଦୃଷ୍ଟି ରଖି ସେମାନଙ୍କ ଅନିଷ୍ଟ ଚିନ୍ତା କରି ନ ଥିଲି । ବରଂ ସେମାନଙ୍କ ସୁବିଧା ହିଁ କରିବାକୁ ଚେଷ୍ଟା ଅବ୍ୟାହତ ରଖିଥିଲି । ସେଥିପାଇଁ କିଛି କମ୍ ଗାଳି ଶୁଣି ନ ଥିଲି । ସେମାନଙ୍କ ମା' ସେମାନଙ୍କ ପାଇଁ ଗୋଟେ ନବଜାତ ବତ୍ସର ମୁଣ୍ଡକୁ ଆଣି ବାରଣ୍ଡା ପାଖରେ ପକାଇଥିଲା । ଆଉ ମା'ର ନିର୍ଦ୍ଦେଶରେ ସେ ଛୁଆମାନେ ଝପଟି ପଡ଼ିଥିଲେ । ଟାଣି-ଓଟାରି ଚାରି ଆଡ ଅପରିଷ୍କାର କରିଦେଇଥିଲେ । ଅବଶ୍ୟ ଅନ୍ୟ କାହାକୁ କହି ମୁଣ୍ଡକୁ ବହୁ ଦୂରରେ ଫିଙ୍ଗି ଦେଇଥିଲେ ମୋ ଶାଶୁମା' । ମାତ୍ର ମୋତେ ହିଁ ସଫା କରିବାକୁ ପଡ଼ିଥିଲା ସେଦିନ ବାଡିପିଣ୍ଡା ସବୁ । ତଥାପି ବି ମୁଁ ସେମାନଙ୍କ ଉପରେ ବିରକ୍ତ ନ ହୋଇ ଖାଦ୍ୟ ଖାଇବାକୁ ଦେଉଥିଲି । କିନ୍ତୁ ହଠାତ୍ କାଲି ଗୋଟେ ପରେ ଗୋଟେ ପାଞ୍ଚଟି ପିଲା ମରିଗଲେ । କାହାର ପେଟ ଫୁଲି ଯାଇଛି, କାହାର ପାଟିରୁ ଲାଳ ତ କାହା ପାଟିରୁ ରକ୍ତ ବହିଛି । ବିଚିତ୍ର ଭାବରେ ଏମିତି ଦୁଇଟି ମା'ର ସାତଟି ଛୁଆ ମରିଗଲେ । କ'ଣ ହେଲା, କେମିତି ହେଲା, କାହିଁକି ଏମିତି ଗୋଟି ଗୋଟି କରି ସାତଟି ଛୁଆ ଚାଲିଗଲେ । ମା' ଦୁଇଟି ଆସି ମୁହଁ ଓହଳାଇ ବସି ବସି ଚାଲିଯାଆନ୍ତି କୁଆଡେ । ପୁଣି ଟିକେ ଆସି ଦେଖନ୍ତି । ମାତ୍ର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେମାନଙ୍କ ଛୁଆଁ ଗୁଡିକ ନିଜ ଆଖିଆଗରେ ଗୋଟେ ପରେ ଗୋଟେ ଶେଷ ହୋଇ ଯାଉଥାନ୍ତି । ହେଲେ ମା' ଯୋଡିକ କିଂକର୍ତବ୍ୟ ହୋଇ ଅସହାୟ, ନୀରବରେ ଦେଖୁଥାନ୍ତି । ଏହା ଠାରୁ ବଳି ଦୁଃଖ ଆଉ କ'ଣ ହୋଇପାରେ ? ଗୋଟେ ମା' ନିଜ ସନ୍ତାନ ପାଇଁ ଅଜସ୍ର ଦୁଃଖ ବରଣ କରିପାରେ, ମାତ୍ର ସନ୍ତାନର ଟିକେ କଷ୍ଟରେ ସେ ଭାଙ୍ଗିପଡେ । ଯଦି କେହି କାହାର ଯନ୍ତ୍ରଣାକୁ ନିଜ ଉପରକୁ ନେଇ ପାରନ୍ତା, ତେବେ ମା' ହିଁ ସେହି ବ୍ୟକ୍ତି ହୋଇପାରେ ଯିଏ ସୁଖୀ ଜୀବନର ଅଭୟ ଦାନ କରିପାରନ୍ତା ।

ମୋର ଆଶା ଥିଲା ଆଉ ଦୁଇଟି ପିଲା ହୁଏତ ବଞ୍ଚିଯିବେ । ମାତ୍ର ସକାଳୁ ଉଠି ଯାଇ ଆଗ ବୁଝି ଶୁଣିବାକୁ ପାଇଲି ପଡୋଶୀ ଘର ପିଣ୍ଡା ତଳକୁ ଗୋଟେ ଛୁଆ ମରି ପଡ଼ିଛି । ଆଉ ଗୋଟେ ଆଉ ଜଣଙ୍କ ବାଡ଼ିରେ ମୃତ୍ୟୁ ଅପେକ୍ଷାରେ ଯନ୍ତ୍ରଣାକ୍ତ ଅବସ୍ଥାରେ ପଡ଼ିଛି । ମନେ ମନେ ପ୍ରଭୁଙ୍କୁ ଡାକୁଥାଏ, ପ୍ରଭୁ ଅନ୍ୟ ଭାଇ ଭଉଣୀର ଆୟୁଷକୁ ଏଇ ଗୋଟିକୁ ଦେଇ ସେ ଦୁଇ ମା'ଙ୍କର ମାତୃତ୍ୱକୁ ରକ୍ଷା କରନ୍ତୁ । ସେ ଦୁଇ ମା' ଦୁଇ ଭଉଣୀ ଥିଲେ ଏଇଟି ବଢିଥିଲେ ମିଶିକି । ଏକାସାଙ୍ଗରେ ମଧ୍ୟ ସନ୍ତାନସମ୍ଭବା ହୋଇ ଦଶଟି ଛୁଆକୁ ଜନ୍ମଦେଇଥିଲେ । କେମିତି କେଜାଣି ତିନୋଟି ଛୁଆ ବୋଧହୁଏ ଜନ୍ମ ପରେ ପରେ ଶୀତପ୍ରକୋପରୁ ମରି ଯାଇଥିଲେ । ପଶୁ ହେଲେ ବି ସେମାନଙ୍କ ମଧ୍ୟରେ ଯେଉଁ ବୁଝାମଣା ଥିଲା ତାହା ମଣିଷଙ୍କ ଠାରେ ବିରଳ । ଉଭୟ ମା' ଗୋଟିଏ ସ୍ଥାନରେ ନିଜ ପିଲାମାନଙ୍କୁ ରଖିଥିଲେ । ଜଣଙ୍କ ଅନୁପସ୍ଥିତିରେ ଆଉ ଜଣେ ତତ୍ୱାବଧାନରେ ରହୁଥିଲା ଓ ସ୍ତନ୍ୟପାନ କରାଉଥିଲା । ଯାହା ଖାଦ୍ୟ ଦିଆଯାଏ ଖାଇବାକୁ ଗୋଟିଏ ମାଆ ଯଦି ଖାଉଥାଏ, ଅନ୍ୟ ଜଣେ ଝଗଡା କରି ଖାଏ ନାହିଁ । ବରଂ ସେଠାରୁ ଅନ୍ୟତ୍ର ଖାଦ୍ୟ ସନ୍ଧାନରେ ଚାଲିଯାଏ । ବହୁତ ଭଲ ଲାଗୁଥିଲା ଦେଖି ସେମାନଙ୍କୁ । ଆଉ ଛୋଟ ଗୁଲୁଗୁଲିଆ କୁକୁର ଛୁଆ କାହାକୁ ବା ଭଲ ନ ଲାଗେ ? ଶୀତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରକୋପରେ ରାତିସାରା ଆଉଁ ଆଉଁ ହୁଅନ୍ତି । ସେମାନଙ୍କ ପାଇଁ ମୁଁ ଘର ବି କରିଥିଲି ଶୀତରୁ ରକ୍ଷା ପାଇବା ପାଇଁ । ହେଲେ ସେମାନଙ୍କର ତ ଆୟୁଷ ନଥିଲା ରହିବାକୁ । ହେଲେ ଏଥିପାଇଁ ମୋ ସାନଝିଅ ମନଦୁଃଖରେ ଆସି ଜୋର କରି ମୋତେ ଗୋଟେ ବିଧାଟେ ମାରି କହିଲା, "ତୋଯୋଗୁଁ ସେ କୁକୁରଛୁଆ ସବୁ ମରିଗଲେ ।" ମୁଁ ଚକିତ ହୋଇ ରହିଗଲି । ତା'ପରେ କହିଲା, "ତୁ ଆଉ ମାନି ଖୁଡି ତା'କୁ ନଜର ଦେଇ ଦେଇ ସେମାନେ ମରିଗଲେ ।" ହସ ତ ଲାଗିଲା ତା'ର କଥାରେ । ହେଲେ ପିଲା ବୁଦ୍ଧିରେ ସେ କ'ଣ କେମିତି ଭାବି କହିଦେଲା । ହେଲେ ମୋ ମନରେ ସେ କଥା ପ୍ରଶ୍ନବାଚୀ ହୋଇ ରହିଗଲା । କ'ଣ ପାଇଁ ସେମାନେ ମଲେ ଏ ପ୍ରଶ୍ନ ତ ସମସ୍ତଙ୍କ ମନରେ ଥିଲା ।କେହି କ'ଣ ବିଷ ଦେଇଦେଲେ ? ଏଠି ଆମ ଘରସହ ପଡ଼ୋଶୀ ଘରକୁ ମିଶାଇ ଚାରି ଜଣଙ୍କ ଘରର ବାଡ଼ି ପିଣ୍ଡାରେ ସେମାନେ ନସର ପସର ହେଉଥିଲେ । ଅପରିଷ୍କାର ବି କରୁଥିଲେ ବୋଲି କେହି କେହି ଅଶାନ୍ତି ହେଉଥିଲେ । ମାତ୍ର ଏମିତି କ'ଣ କୁକର୍ମ  କେହି  ସେ ନିରୀହଙ୍କ ସହ କରିପାରେ ? କିମ୍ବା କିଛି ଅଖାଦ୍ୟ ଭକ୍ଷଣ କରି ଏ ଦୁର୍ଦ୍ଦଶା ହେଲା । ତାହା ଏବେ ବି ପ୍ରଶ୍ନବାଚୀ । ମାତ୍ର ଛୁଆ ମରିବାକୁ ଏ ସ୍ୱାର୍ଥପର ମଣିଷ ଭୃକ୍ଷେପ ବି କାହିଁ କରିବ ? ଯେତେବେଳେ କେହି ନିଜର ସ୍ୱଜାତି ପ୍ରାଣୀ ଚାଲିଯାଉଛି ସେମାନଙ୍କ ପାଇଁ ବି ତ ମନରେ କିଛି ପ୍ରବାଦ ନଥାଏ । କେବଳ ନିଜର ଆତ୍ମୀୟଙ୍କ ପାଇଁ କିଛିଦିନ ଲୁହ ଝରାଇ ପୁଣି ନିଜର ସ୍ୱଭାବିକ ଜୀବନରେ ବ୍ୟସ୍ତ ହୋଇଯାଏ । ଧନ୍ୟରେ ଦୁର୍ଲଭ ମାନବ । ଧନ୍ୟ....

ମୂଳିସି, ସହର
ଜଗତସିଂହପୁର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସଂସାର ଖାଇଲା ମଦବୋତଲ



ମହେଶ୍ୱର ସାହୁ

ନାକକୁ ଚିପି ଧରି, ଆଖି ବୁଜି ସିଧା ପାଟିରେ ଢାଳି ଦେଇଥିଲା ବିନା ପାଣିରେ ମଦ । ଗୋଟେ ବୋତଲ ନୁହେଁ ପୁରା ଦୁଇ ବୋତଲ । ପାଖରେ ଚାଖଣାରେ ଥାଏ କୁକୁଡ଼ା କଲିଜା, ଗୋଡ଼, ମୁଣ୍ଡ ଓ ଗଳା ମାଂସର କଷା । ତା ପରେ ପୁରା ବିନ୍ଦାସ ହୋଇ ଠିଆ ହୋଇ ଯାଇଥିଲା ନିଧିଆ । ଏବେ ଛାତିରେ ହାତ ବାଡେଇ, ଗୋଡ଼ ଦୁମ ଦୁମ କଚାଡି ଆଗକୁ ମାଡି ଚାଲିଲା ଡବା ବିହୀନ ଇଞ୍ଜିନ ଭଳି । ନିଧିଆ ସହିତ ମଦ ପିଆରେ କିଏ ଟକ୍କର ଦେବ ଯେ । ଏହି ଅଞ୍ଚଳରେ କେହି ଜଣେ ମରଦ ଅଛି ତ ମୋ ଆଗକୁ ଆସି ଠିଆ ହୁଅ ବୋଲି ଏମିତି ଚିତ୍କାର କରି ଟଳି ଟଳି ଆଗକୁ ଆଗକୁ ଚାଲିଥାଏ ନିଧିଆ ।

ସତରେ ନିଧିଆ ସାମ୍ନାକୁ ଆସିବାକୁ କାହାର ସାହସ ନାହିଁ, ଯେତେବେଳେ ନିଧିଆ ମଦ ପିଇ ପୁରା ବୋବାଳ କରି ଚାଲିଥାଏ ନିଧିଆ । ସହର ଠାରୁ ନିଜ ବସ୍ତିର ଘର ଯାଏ ସମସ୍ତେ ଡରିଥାନ୍ତି ନିଧିଆକୁ । କାରଣ ମଦ ନିଶାରେ କାହାକୁ କଣ କହିପକାଏ ଅସଭ୍ୟ ଭାଷାରେ । ଭାଷା ଶୁଣିବାକୁ କାହାର ଭୟ ନାହିଁ ଯେ । ଆବାଳବୃଦ୍ଧବନିତା ସମସ୍ତେ ନିଧିଆକୁ ବାଟ ଛାଡି ଦିଅନ୍ତି । ନିଶା ଛାଡିଗଲେ ନିଧିଆ ଭାରି ଶାନ୍ତ, ସରଳ ଓ ଭଦ୍ରଭଳି ବ୍ୟବହାର କରିଥାଏ ।

ନିଧିଆ ଜଣେ ଶିକ୍ଷିତ ଓ ସ୍ୱାସ୍ଥ୍ୟବାନ ପିଲା । ବୟସ ପାଖାପାଖି ବତିଶ ହେବ । ଦୁଇଟି ପିଲାର ବାପା । ଗୋଟେ ପୁଅ ଓ ଗୋଟେ ଝିଅ । ପୁଅ ବଡ଼ ତୃତୀୟ ଶ୍ରେଣୀରେ ପଢୁଛି । ଝିଅ ଦୁଇ ବର୍ଷର ହେବ । ସ୍ତ୍ରୀ ମଧ୍ୟ ଜଣେ ଶିକ୍ଷିତା । ପରିବାର କହିଲେ ନିଧିଆ, ପତ୍ନୀ ମାଳତୀ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାପାମାଆ, ସାନ ଭାଇ କୈଳାସ ସହିତ ନିଧିଆର ଦୁଇ ପିଲା । ଏଇ କିଛିଦିନ ହେବ ନିଧିଆର କଣ ହୋଇଛି କେଜାଣି ମଦ୍ୟପାନ ପାଇଁ ସବୁବେଳେ ଆଗଭର । ଘରକୁ ଘର ବୋଲି କହୁନାହିଁ । ସବୁବେଳେ ମଦୁଆ ସାଙ୍ଗ ଧରି ବୁଲୁଛି । କୌଣସି କାମଧନ୍ଦାରେ ଲକ୍ଷ ନଦେଇ କେବଳ ମଦ ପିଇ ବଦମାସି କରିବା । ବାଡ଼ିଆପିଟା କରିବା ଧନ୍ଦାରେ ଆଗଭର ହେଉଛି । ପତ୍ନୀ ମାଳତୀ ଯେତେ ବୁଝେଇଲେ ବି ଶୁଣୁ ନାହିଁ । ବାପାମାଆ କିଛି କହିଲେ ଓଲଟା ଜବାବ ଦେଉଛି । ମାରି ଦେବି ଚିରି ଦେବି ଏମିତି କେତେ କଥା ।

ସମୟ ସ୍ରୋତରେ ବିଚରା ନିରୀହ ପରିବାରଟି କୁଟା ଖଣ୍ଡେକୁ ଆଶ୍ରାଭଳି ଆଶ୍ରିତ ହୋଇ ସମୟ ନିର୍ବାହ କରୁଥାନ୍ତି । ମାଳତୀ ସବୁବେଳେ ନିଜର ମଦୁଆ ସ୍ୱାମୀଙ୍କ କଟୁକଥା ଶୁଣି ଶୁଣି ନିଜକୁ ତିଳ ତିଳ କରି ଜାଳି ନିଜ ଜୀବନକୁ ପାଉଁଶ କରିବା ଛଡା କିଛି ନଥାଏ ।

ଆଜି ରବିବାର । କୁଆଡୁ ଏକ ଅଦିନିଆ ଝଡ଼ ଆସିଲା ଭଳି ପେଟେ ମଦ ପିଇ ଦେଇ ଆସି ପହଁଚି ଯାଇଥିଲା ନିଧିଆ । ମାଳତୀ କୁଆଡେ ଗଲୁ ଜଲ୍‌ଦି ଆ, କୁଆଡେ ଗଲୁ ଯେ ଜଲ୍‌ଦି ଆ.....

ମାଳତୀ ଡରି ଡରି ଆସି କହିଲା କଣ ହେଇଛି ଯେ ।

ନିଧିଆ, “କେତେ ଡାକିଲିଣି, ତୋତେ କଣ ଶୁଣା ଯାଉନି ?”

ମାଳତୀ, “ତମକୁ କେତେ ନେହୁରା ହେବି ତମେ ମଦ ପିଅନାହିଁ । ଛଅବର୍ଷ ହେଇଗଲା ହେଲେ ତମେ ମଦ ଛାଡିବାତ ଦୂରର କଥା, ଆଜି କାଲି ବହୁତ ମଦ ପିଉଛ । ସବୁବେଳେ ପେଟେ ମଦ ପିଇ ଦେଇ ଆସି ମୋତେ ମାର ଧର କରୁଛ । ତମ ଗୋଡ଼ ଧରୁଛି ତମେ ସେ ବିଷ ଗୁଡାକ ପିଅ ନାହିଁ । ତମେ ପରା ଏତେ ପାଠ ପଢ଼ିଛ । ତମେ ପରା ଶିକ୍ଷିତ । ହେଲେ ଜଣେ ଶିକ୍ଷିତ ପିଲା ହୋଇ ମଦ ପିଇ ମାତାଲି ହେଉଛ । ଗାଁ ଯାକର ଲୋକ କେତେ ଛି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଛାକର କରୁଛନ୍ତି ତମେ କଣ ଜାଣିନ ।"

ନିଧିଆ, "ତୋ ବାପାର କଣ ହେଲା ଯେ ! ତୋ ବାପା କଣ ମୋତେ ମଦ ପିଇବାକୁ ପଇସା ଦେଉଛି । ମୋ ମୁଣ୍ଡ ଗରମ କରନା କହୁଛି । ଜୀବନରୁ ମାରିଦେବି ।"

ମାଳତୀ, "ମାରିଦିଅ ମୋତେ ! ଲୋକଙ୍କର ଟାହିଟାପରା ଶୁଣିବା ଅପେକ୍ଷା ତମ ହାତରେ ମରିଯିବା ଭଲ ।"

ନିଧିଆ, "ତୋତେ ଆଜି ମାରିଦେବି । ସବୁବେଳେ ଯେତେବେଳେ ଟିକେ ପିଇଦେଇ ଖୁସି ହୋଇ ଘରକୁ ଆସିବୁ ଏ ବଜାତ ମାଇକିନିଆ ମୋ ପ୍ରାଣ ଖାଉଛି ।"

ଏମିତି କହି ନିଧିଆ ମାଳତୀର ତଣ୍ଟିକୁ ଧରି ନିର୍ଦ୍ଧୁମ ବିଧା ଭୁଷା ମାରିବାରେ ଲାଗିଲା । ବାପା ମାଆ ବାରଣ କଲେ ବି ଶୁଣିବାର ନାହିଁ ଓଲଟା କହିଲା ଯିଏ ବାଧା ଦେବ ତାକୁ ବି ଆଜି ମାରିଦେବି । ପୁଅ ରୋହିତ ବାପାଙ୍କର ମାଆଙ୍କୁ ମାରୁଥିବାର ଦେଖି କାନ୍ଦ କାନ୍ଦ ହୋଇ କହୁଥାଏ ବାପା ବାପା ଆଉ ମାଆକୁ ମାର ନାହିଁ । ସେ ମରିଗଲେ ମୋତେ କିଏ ଖୁଏଇ ଦେବ । ବାପା ମୋ ମାଆ ମରିଯିବ ତାକୁ ଆଉ ମାର ନାହିଁ ବାପା । ଛୋଟିଆ ପିଲାଟିର କାନ୍ଦବୋବାଳି ଦେଖି ମଧ୍ୟ ଟିକେ ବି ଦୟା ଆସିନଥିଲା ନିଧିଆର ମନରେ ଓଲଟା ଗୋଇଠା ଗୋଟେ ମାରିଦେଲା ପୁଅକୁ । ରୋହିତ ବିକଳରେ କାନ୍ଦୁଥାଏ କେବଳ କାନ୍ଦୁଥାଏ ଓ କହୁଥାଏ ମୋ ବାପା ଆଜି ମୋ ମାଆକୁ ମାରିଦେବେ । ମୋତେ ଆଉ ଆମ କୁନି ଝିଅକୁ କିଏ ଖୁଆଇ ଦେବ । କିଏ କପଡା ପିନ୍ଧେଇ ଦେବ । କିଏ କପଡା ସଫା କରି ଯତ୍ନରେ ରଖିବ ଏମିତି ଛୋଟିଆ ପିଲାଟିର କାନ୍ଦବୋବାଳି ଓ ପରିବାରର ସମସ୍ତ ଲୋକଙ୍କ ହୋହଲ୍ଲାରେ ସାହି ଭାଇ ଲୋକ ଆସି ରୁଣ୍ଡ ହୋଇଗଲେ । ସମସ୍ତେ ଧରା ଧରି କରି ମାଳତୀକୁ ମରଣ ମୁହଁରୁ ବଞ୍ଚାଇଲେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଳତୀ ଭାବି ନେଇଥିଲା ଯେ ଆଉ ତା ଜୀବନରେ ଖୁସି ନାହିଁ । ପିଲା ଦୁଇଟା ମୁହଁକୁ ଚାହିଁ ଜୀବନ କାଟିବାକୁ ଚେଷ୍ଟା କରୁଥିବା ମାଳତୀର ବୋଝ ଉପରେ ନଳିତା ବିଡ଼ା ଭଳି ସ୍ୱାମୀ ଦଣ୍ଡ । କେମିତି କାଟିବ ଦିନ । ଏବେ ତାର ଗୋଟିଏ ରାସ୍ତା ବାପାଘର । ବାପା ତାର ଶିକ୍ଷିତବର ଭଲ ଘର ଦେଖି ଜ୍ୱାଇଁ ଠିକ କରିଥିଲେ ହେଲେ ଭାଗ୍ୟର ବିଡମ୍ବନା । ଜ୍ୱାଇଁ ରୋଜଗାର କରୁଛନ୍ତି ହେଲେ ମଦ୍ୟପ । ଏଇ କିଛିଦିନ ହେବ ତାଙ୍କର ମଦ୍ୟପାନର ସୀମା ରହୁନାହିଁ । ମନ ଇଚ୍ଛା ପିଉଛନ୍ତି ଓ ବିନା କାରଣରେ ବହୁତ ମାରୁଛନ୍ତି । ମରଣାତ୍ମକ ଦଣ୍ଡ ଦେଉଛନ୍ତି ସେ । କେମିତି ବଞ୍ଚିବି ? ବୁଝେଇଲେ ବି ଆହୁରି କଠୋର ହେଉଛନ୍ତି । ବାପଘର ଛଡା ଆଉ କୌଣସି ଦିଗ ନ ଥାଏ ମାଳତୀ ପାଖରେ ।

ବାପା ଆସିଲେ ନେବା ପାଇଁ ହେଲେ ନିଧିଆ ରୋକଠୋକ୍ ମନା କରିଦେଲା ନା ତୁ ବାପଘର ଯାଇ ପାରିବୁନି । ମୁଁ ଆଉ ମଦ ପିଇବିନି କି ତୋତେ ମାର ଧର କରିବିନି । ଶଶୁର ବହୁତ ବୁଝେଇ କହିଲେ ଆଉ ଯେମିତି ମଦ ପିଇବା କଥା ନ ଶୁଣେ । ନିଧିଆ ଶଶୁରଙ୍କୁ ବାଟେଇ ଦେଲା । ଶଶୁରଙ୍କ ଯିବା ପରେ ନିଧିଆ ମାଳତୀକୁ ମଧ୍ୟ ବହୁତ ବୁଝେଇ କହିଲା, ଦେଖ ମାଳତୀ ମୁଁ ତତେ ବହୁତ ଭଲ ପାଏ । ତୁ ଗଲା ପରେ ମୁଁ କେମିତି ବଞ୍ଚିବି କହିଲୁ । ମୋ ପିଲାଙ୍କୁ ନ ଦେଖିଲେ ମୁଁ ବଞ୍ଚି ପାରିବିନି ! ତୁ ତ ଜାଣିଛୁ ଟିକେ ନଦେଖିଲେ ମନ କେତେ ଗୁଡେଇ ହୁଏ ।

ମାଳତୀ, "ହଁ ! ଏଇନେ ନିଶାରେ ନାହଁ ବୋଲି କହି ଦେଉଛ । ମଦ ପିଇବ ନାହିଁ ବୋଲି କେତେ ଥର କହିଲଣି । କେତେ ଥର ଶପଥ କଲଣି । କେତେ ବାଡାଉଛ ମଦ ନିଶାରେ । ପୁଣି ମଦ ପିଇ ନିଶା ହେଇଗଲେ ବାଡ଼େଇବା ଆରମ୍ଭ କରିଦେବ । ନିଧିଆ ଆଉ କେବେ ମଦ ପିଇବ ନାହିଁ ବୋଲି ପୁଣି ଥରେ ଶପଥ କଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏବେ ନିଧିଆ ମଦ ପିଇବା ଛାଡି ଦେବାକୁ ବହୁତ ଚେଷ୍ଟା କଲା । ବେଳେ ବେଳେ ମନକୁ ମନ ବସି କଣ ଫୁଟୁରୁ ଫୁଟୁରୁ ହେଉଥାଏ । ମଦ ପିଇବା ସମୟ ହୋଇଗଲେ ବହୁତ ଉଚ୍ଚାଟ ହୁଏ ମନ ତାର । ହୃଦୟ ବହୁତ ଘାଣ୍ଟି ହୁଏ । ବିକଳରେ ଡହଳ ବିକଳ ହୁଏ ହୃଦୟ । ଦାନ୍ତ କାମୁଡି ହୁଏ ବହୁତ ବିଳି ବିଳି ହୁଏ । ହେଲେ ମନ ମଧ୍ୟରେ ଗୋଟିଏ କଥା ମଦ ପିଇବି ନାହିଁ । ମଦୁଆ ସାଙ୍ଗ ଆସନ୍ତି, ଜବରଦସ୍ତି କରନ୍ତି ହେଲେ ନିଧିଆ ନିଜ ଜିଦରୁ ଅଟଳ । ନା ନା ମୁଁ ସେ ମଦରେ ହାତ ମାରିବି ନାହିଁ । ଦୀର୍ଘ ଛଅ ବର୍ଷ ଧରି ହେଇଯାଇଥିବା ଅଭ୍ୟାସଟା ଏତେ ଜଲ୍‌ଦି ଛାଡିବା କାଠିକର ପାଠ ହେଲେ ନିଧିଆ ପାଇଁ ତାହା ସମ୍ଭବ ହୋଇଥିଲା ।

ମଦ ସିନା ନିଧିଆ ଛାଡି ଦେଇଥିଲା ହେଲେ ତାର ପେଟରେ କୌଣସି ଏକ ଅଜଣା ରୋଗ ଆରମ୍ଭ ହୋଇ ଯାଇଥିଲା । ଅତ୍ୟଧିକ ମଦ୍ୟପାନ ପୁଣି ବିନା ପାଣିରେ ! ନିଜ ପେଟ ଭିତରେ ଥିବା କୋମଳାଙ୍ଗ ଗୁଡିକ ନଷ୍ଟ କରି ଦେଇଥିବା । ସାଧାରଣତଃ ମଦରେ ଆଲକୋହଲ ନାମରେ ଏକ ବିଷାକ୍ତ ରାସାୟନିକ ଦ୍ରବ୍ୟ ରହିଥାଏ । ଯାହାକି ମାତ୍ରାଧିକ ହୋଇ ଗଲେ ନିଜର ପାକସ୍ଥଳୀ, କ୍ଷୁଦ୍ର ଓ ବୃହତ ଅନ୍ତନାଡ଼ ଜାଳି ଦେଇଥାଏ । ଏଣୁ ନିଧିଆ ପାକସ୍ଥଳୀରେ ଘାଆ ହୋଇ ଯାଇଥିଲା ଯାହାକୁ ଇଂରାଜୀରେ ଅଲ୍‌ସର କୁହାଯା । ନିଧିଆକୁ ଠିକ ଭାବେ ହଜମ ହେଉନଥିଲା । ଭୋକ ଲାଗେ ନାହିଁ । ସବୁବେଳେ ପେଟ ପୁରିଲା ଭଳି ଲାଗେ । ମାଳତୀ ଯେତେ ବାଧ୍ୟ କଲେ ମଧ୍ୟ ଦୁଇ ଗୁଣ୍ଡା ଖାଇ ଉଠିଯାଏ । ଏମିତି ଧୀରେ ଧୀରେ ନିଜର ଶରୀର ଦୁର୍ବଳ ହେବାରେ ଲାଗିଲା ତା ସହିତ ପେଟ ଘାଆ ବଢ଼ିବାରେ ଲାଗିଲା ।

ଦିନେ ହଠାତ ଖାଇବାକୁ ବସିଛି ଜୋରରେ ବାନ୍ତି ଆସିଲା ନିଧିଆକୁ । ହେ ଭଗବାନ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେ କଣ ! ମୁଣ୍ଡା ମୁଣ୍ଡା ରକ୍ତ ! ରକ୍ତ ଦେଖି ମାଳତୀ ଦେବୀ ଅଚେତ ହୋଇଗଲେ । ବାରମ୍ବାର ରକ୍ତବାନ୍ତି ଦେଖି ସାନ ଭାଇ କୈଳାସ ଆମ୍ବୁଲାନ୍‌ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଲେ । ପରୀକ୍ଷା ନିରୀକ୍ଷା କରି ଜାଣି ପାରିଲେ ପେଟରେ ଘାଆ ହୋଇ କେନ୍‌ସର ବା କର୍କଟ ରୋଗ ଆକ୍ରାନ୍ତ କରିଛି ।

ମାଳତୀ ଶୁଣି ଭାରସାମ୍ୟ ହରେଇ ବସିଲେ । ପରିବାରର ରୋଜଗାରିଆ ପୁଅର ଏଇ ଅବସ୍ଥା କେଉଁ ବାପାମାଆ ସହିବ ଯେ । ପରିବାରରେ ଦୁଃଖର ଛାୟା । ଡାକ୍ତରୀ ଚିକିତ୍ସା ପାଇଁ ଖର୍ଚ୍ଚ ବଢ଼ିବାରେ ଲାଗିଲା । ଦିନକୁ ଦିନ କାଙ୍ଗାଳ ହେବାରେ ଲାଗିଲେ । ପାରିବାରିକ ଋଣ ଓ ଉଧାରୀ ବଢ଼ିବାରେ ଲାଗିଲା । ଏମିତିକି ଲୁଣ ତେଲ ପାଇଁ ପଇସାର ଅଭାବ । ସାନ ଭାଇ କୈଳାସ ତ ଛୋଟ ପିଲା ସେ କଣ ରୋଜଗାର କରିବ । ତଥାପି କୌଣସି ଏକ ଜାଗାରେ କାମ କରି କିଛି ପଇସା ପାଏ ଆଉ ସେଇ ପଇସାରେ ନିଜ ଘର ଲୁଣ ତେଲ ଚାଲିଯାଏ ।

ନିଧିଆର ରୋଗ ଧୀରେ ଧୀରେ ବଢ଼ିବାରେ ଲାଗିଲା । ଶରୀରର ଦୁର୍ବଳତା ସହିତ ଚେହେରା ଜୀର୍ଣ୍ଣ ଶୀର୍ଣ୍ଣ ହୋଇ ଯାଇଥିଲା । ସମ୍ପୂର୍ଣ୍ଣ ଭାଗ୍ୟ ବଦଳି ଯାଇଥିଲା ପରିବାରର । ନିଧିଆ କହିଲେ ଡରୁଥିବା ଲୋକ ଆଜି ତାଙ୍କ ପରିବାର ଉପରେ ହସୁଥିଲେ । ଦଶ ଟଙ୍କା ଦେବାକୁ ବିଶ୍ୱାସ ନଥିଲା କାହାର । ନିଧିଆ ଏବେ ପ୍ରାଣତ୍ୟାଗ କରିବା ଛଡା ବାଟ କିଛି ନାହିଁ କହିଲେ ଚଳେ । କାରଣ ଜମି ବାଡ଼ି ବନ୍ଧା ପଡିସାରିଥାଏ । ରୋଗ ଉପଶମ ପାଇଁ ଔଷଦ ଆବଶ୍ୟକ ଓ ଔଷଦ ପାଇଁ ଅର୍ଥ । ତେଣୁ ବିନା ଅର୍ଥରେ ବଟିକା ଗୋଟେ କିଣିବା କଷ୍ଟ ।

ନିଧିଆର ପେଟ ଯନ୍ତ୍ରଣା ବଢ଼ିବାରେ ଲାଗିଲା । ଏବେ ଅସମ୍ଭାଳ ହୋଇ ଯାଇଥିଲା ଶରୀରର ଯନ୍ତ୍ରଣା । ଭଗବାନଙ୍କୁ ଡାକୁଥାଏ ନିଧିଆ, ହେ ଭଗବାନ ମୋତେ ମାରିଦିଅ । ମୁଁ

 Magazine Downloaded from www.aahwaan.com

ଆଉ କଷ୍ଟ ସହିପାରୁନି । ମୋ ପିଲା ଛୁଆ ତମକୁ ଲାଗିଲେ ।

ରାତି ପାହି ଯାଇଥାଏ । ସୂର୍ଯ୍ୟଙ୍କ ପ୍ରଥମ କିରଣ ପଡିବା ପୂର୍ବରୁ ନିଧିଆ ଆଖି ବୁଜି ଦେଇ ସବୁ ଦିନ ପାଇଁ ଇହଲୀଳା ସମ୍ବରଣ କରିଥିଲା । ଆଜି ପିଲାମାନେ ତାର ଅନାଥ । ରହିବାକୁ ଘର ଥିଲେ ବି ବନ୍ଧା ପଡିଯାଇଛି । ଚାଷ କରିବାକୁ ଜମି ଥିଲେ ବି ବନ୍ଧା ପଡିଯାଇଛି । କୈଳାସ ଅବିବାହିତ ଭାଇ ଅଛି ହେଲେ କାମ ଧନ୍ଦା ପାଇଁ ଏତେ ଉପଯୁକ୍ତ ନ ହୋଇ ମଧ୍ୟ କିଛି ରୋଜଗାର କରେ ଯାହାକି ଘର ତେଲ ଲୁଣକୁ ନିଅଣ୍ଟ ।

ଏବେ ନିଧିଆର ସ୍ତ୍ରୀ ବାଟରେ ଚାଲିଗଲା ବେଳେ ଲୋକେ କୁହା କୁହି ହୁଅନ୍ତି ଦେଖ ଦେଖ ମଦୁଆ ବର କାହାକୁ ବାଟ ଚଲେଇ ଦିଏନି ଆଉ ସ୍ତ୍ରୀକୁ ଦେଖ.... ବିଚରା ବିଧବା ହେଇକି ରହିଲା । ସ୍ୱାମୀ କେବେ ଚିନ୍ତା କରିଥିଲା କି ମୋ ସ୍ତ୍ରୀ ଯେତେବେଳେ ନିଃସହାୟ ହେଇଯିବ ତାକୁ କେହି ବି ବାଟ ଚଲେଇ ଦେବେ ନାହିଁ । ମଦ ପିଇବ କାହିଁକି ପରିବାରକୁ ଦାଣ୍ଡରେ କାହିଁକି ଠିଆ କରେଇବ ।

ବାପା: ପ୍ରହଲ୍ଲାଦ ସାହୁ
ଗୋପୀବିନ୍ଧା, ବ୍ରାହ୍ମଣ ଗାଁ,
ବାଲେଶ୍ୱର(ଭଦ୍ରକ)

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କେୟାର୍ ଟେକର୍



ଓଜସ୍ୱିନୀ ଶତପଥୀ

ସ୍ୱାମୀଙ୍କର ଅଫିସ ଯିବା ପରେ କବାଟ ବନ୍ଦ କରୁଥିଲି । ବ୍ୟସ୍ତତା, ବିରକ୍ତି ଆଉ ଅସହାୟତାର ଭାରରେ ହଠାତ୍ ମୁଣ୍ଡ ଗରମ ହୋଇ ଉଠିଲା । ନିଜକୁ ନିଜେ କହିଲି, "ହଁ ମୁଁ ତ ଏ ଘରର କେଆର ଟେକର ।"

ସ୍ୱରଟା ବେଶ୍ ଜୋର, ମୁଁହଟା ଗୁରୁ ଗମ୍ଭୀର ଥିଲା, ଦୁମ୍ କରି ସୋଫା ଉପରେ ବସି ପଡ଼ିଲି । ପାଣି ଗିଲାସେ ପିଉ, ପିଉ, ଏକ ପରିଚିତ ମୃଦୁସ୍ୱର ଶୁଭିଲା, ବାହାରୁ ନୁହେଁ, ଭିତରୁ, "ଏତିକିରେ ହାରିଗଲ, ଥକି ଗଲ ?"

ବସନ୍ତର ବଉଳଫୁଲର ବାସ୍ନା ଆଉ ଝିମିଝିମିଆ ବର୍ଷାର ଶବ୍ଦ ସହ କିଏ ଜଣେ କହୁଥିଲା, "ଦିନେ ମୁଁ ବି ତ ତୁମର ଟେକର ଥିଲି । ତୁମେ ଯେତେବେଳେ ଛୁଆ ଥିଲ, ତୁମେ ମା ହେଲା ପର୍ଯ୍ୟନ୍ତ, ମୁଁ ଥିଲି ତୁମର ଫୁଲ୍ ଟାଇମ୍ କେଆର୍ ଟେକର୍ । ମୁଁ ତୁମ ଅତୀତ । ମତେ ଚାହିଁ ଦେଖ । ତୁମ ଯୋତାର ଫିତାବାନ୍ଧିବା ଠାରୁ, ମୁଣ୍ଡର ରିବନ୍ ବାନ୍ଧିବା ପର୍ଯ୍ୟନ୍ତ, ଟିଫିନ୍ ବାକ୍ସ ସଜାଡିବା ଠୁ ନେଇ ସ୍କୁଲ ବ୍ୟାଗ ସଜାଡ଼ିବା ପର୍ଯ୍ୟନ୍ତ ତୁମ ପେନସିଲ କାଟିବାକୁ ଆରମ୍ଭ କରି, ୟୁନିଫର୍ମ ସଫା କଲା ପର୍ଯ୍ୟନ୍ତ ତୁମ ପ୍ରିୟ ପଖାଳ, ଆଳୁ ପିଆଜ ଭଜା ପର୍ଯ୍ୟନ୍ତ ମୁଁ ହିଁ ଥିଲି ତୁମର ଅନ୍ ପେଡ୍ ଫୁଲ୍ ଟାଇମ୍ କେଆର୍ ଟେକର୍ ! ଗୀତ ଗାଇ ତୁମକୁ ଶୁଆଇ ଥିଲି ସକାଳର ନାଲି ସୂର୍ଯ୍ୟ ତୁମକୁ ଦେଖାଉଥିଲି, ମତେ କଣ ଭୁଲିଗଲ ?"

ମୁଁହଁଟା ବୁଲେଇ ଦେଲି । ଆଉ ପାଖରେ ଆଉ ଏକ ପ୍ରତିବିମ୍ବ, "ମୁଁ ତୁମ ଭବିଷ୍ୟତ

 Magazine Downloaded from www.aahwaan.com

କେଆର୍‌ଟେକର । ଏଇ ଦେଖ, ତୁମ ପାଇଁ ହୁଇଲ ଚେୟାର । ତୁମ ଔଷଧ ବାକ୍ସ, ତୁମ ଆଶାବାଡ଼ି, ତୁମ ଅଣ୍ଟାରେ ଭିଡିବା ପଟି ସବୁ ସଜାଡି ରଖିଛି, କାରଣ ମୁଁ ତୁମ ଆଗାମୀ ସୂର୍ଯ୍ୟର ବାର୍ତ୍ତାବହ ।”

ମୁଣ୍ଡଟା ପୁଣି ଝାଇଁ ମାରି ଦେଲା । ବେସିନ ପାଖକୁ ଯାଇ ଦୁଇ ଆଞ୍ଜୁଳା ପାଣିରେ ମୁହଁକୁ ଧୋଇଲି । କାନୀରେ ମୁହଁକୁ ପୋଛିଲି ।

ହଠାତ୍ କଲିଙ୍ଗ ବେଲ୍ ବାଜି ଉଠିଲା । କବାଟ ଖୋଲି ଦେଖିଲି ଶାନ୍ତି, କାମବାଲି ବାଇ । ଝାଡୁଟା ହାତରେ ଧରି ଘର ଝାଡ଼ିବା ପୂର୍ବରୁ ସେ ହସିଦେଇ ପଚାରିଲା, “ଆପ କେ ଲିଏ ଚାଏ ବନାଓ ମ୍ୟାମ ?” ହଁ, ଦୋ କପ୍, ମେର ଲିଏ ଚିନି କମ୍ । ଦଶ ମିନିଟରେ ଚା ତିଆରି କରି ଟେବୁଲ୍ ଉପରେ ଥୋଇଦେଲା ଶାନ୍ତି । ଚା କପ୍ ର ଧୁଆଁରେ ମୁଁ ପଢୁଥିଲି, “ମୁଁ ତୁମ ବର୍ତ୍ତମାନ ।” ମତେ ଆଦରି ନିଅ । ମତେ ଭଲ ପାଇ ଦେଖ । ଦୁନିଆ ଏବେ ବି ସୁନ୍ଦର ।

ନୂଆଦିଲ୍ଲୀ,

ଭ୍ରାମ୍ୟଭାଷ : ୯୯୯୦୭୩୮୯୭୯

Magazine Downloaded from www.aahwaan.com

# ସବୁଜ ସମାଜ



ଶାନ୍ତନୁ କୁମାର ରାଉତ

ସେଦିନର କଥା..... ରବିବାର ଥାଏ.. 'ଛୁଟିଦିନ' ଅଫିସର ଟେନସନ ଆଦୌ ନ ଥାଏ, ଇଚ୍ଛା ହଉଥାଏ ପ୍ରକୃତିର ସୌନ୍ଦର୍ଯ୍ୟକୁ ଟିକେ ଉପଭୋଗ କରିବା ଲାଗି, ଦିନ ଦଶଟା ବାଜିଲାଣି ବାହାରିଲି ଗାଁର ତଟପାର୍ଶ୍ୱ ତଳ ଶାଳ ଜଙ୍ଗଲ ନିକଟକୁ ଟିକେ ବୁଲିବା ଲାଗି । ସେଇ ସୁଲୁ ସୁଲୁ ପବନ ଆଉ କୋଇଲିର ସେ ମଧୁର ସ୍ୱରର ରାଗିଣୀ ଅତି ମନ ମୋହିତ କରି ଦେଉଥାଏ । ଲାଗୁଥାଏ ସତେ ଯେପରି ଜୀବନରେ ସମସ୍ତ ସୁଖର ପସରା ଏଇଠି ହିଁ ଭରିରହିଛି । ଏମିତି ବୁଲୁବୁଲୁ ଶୁଣିଲି ଦୁଇଜଣ ମଣିଷଙ୍କର ତର୍କବିତର୍କର ସ୍ୱର ଏବଂ ସେମାନଙ୍କ ନିକଟତର ହେବା ପରେ ଜାଣିଲି ଜଣେ ବାଟୋଇ ଅନ୍ୟ ଜଣେ କାଠୁରିଆ । କାଠୁରିଆ ଜଣଙ୍କ ରାସ୍ତା କଡର ଏକ ବିରାଟ ଗଛକୁ ଅଧାରୁ ଅଧିକ ହାଣି ସାରିଲାଣି । ସେଇ ବାଟଦେଇ ଯାଉଥିବା ଏକ ବାଟୋଇ ଯାଇ କାଠୁରିଆକୁ ରୋକିଲେ ଏବଂ ପଚାରିଲେ,

ବାଟୋଇ : ଆରେ ଭାଇ ଆପଣ ପ୍ରକୃତି ମାତାଙ୍କୁ କାହିଁକି ହାଣିଦେଉଛନ୍ତି ? ? ? ?

ଆପଣ ଜାଣିଛନ୍ତି ଆମେ ଯଦି ଆଜି ଧରା ପୃଷ୍ଠରେ ବଞ୍ଚି ରହିଛନ୍ତି କେବଳ ଏହି ବୃକ୍ଷ ପାଇଁ ।

କାଠୁରିଆ : ଆଜ୍ଞା ବଖରାରେ କିଛି ଜମି ଚାଷ କରିଥିଲି କିନ୍ତୁ ବର୍ଷାର ଅଭାବ ହେତୁ ସେତକ ଗଲା । ଭଡ଼ାଘରେ ରହୁଛି  କାଠ କିଛି ନେଲେ ରାସନ ଆଣୁଛି ଓ ସେଇଥିରେ ଚଳୁଛି ।

ବାଟୋଇ : ଆରେ ଭାଇ ଦୁନିଆରେ ବହୁତ କିଛି କାମ ଅଛି ପେଟ ପୋଷିବା ଲାଗି ... ଆପଣ କହୁଛନ୍ତି ବର୍ଷାର ଅଭାବ ହେତୁ ଆପଣଙ୍କ ଫସଲ ନଷ୍ଟ ହୋଇଗଲା । କିନ୍ତୁ ବର୍ଷା ନ ହେବାର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାରଣ ଆମ ମାନଙ୍କ ଉପରେ ନିର୍ଭର କରେ ଆମେ ମାନେ ଏହିପରି ଗଛକୁ କାଟି ସଫା କରିଦେଲେ ବର୍ଷା କୋଉଠୁ ଆସିବ । ଆପଣ ଭଡ଼ାଘରେ ରହୁଛନ୍ତି ଦୁଇ ବର୍ଷ କିମ୍ବା ପାଞ୍ଚ ବର୍ଷ ଚୁକ୍ତିରେ । ସେଥିରେ ଆପଣ ଘର ଟିକେ ଅଳିଆ ଅସନା ହୋଇଗଲେ ଘର ମାଲିକକୁ କେତେ କୈଫତ ଦବାକୁ ପଡୁଥିବ । ଠିକ ସେହିପରି ଆମେ ସମସ୍ତେ ଭଡାରେ ରହୁଛନ୍ତି । ଏ ଧରିତ୍ରୀ ମାତାର ଘରେ । ଆଜିର ଦୁନିଆରେ ୫୦ କିମ୍ବା ୬୦ ବର୍ଷ ହେଲେ ବହୁତ । କିନ୍ତୁ ଯାହାର ଘରେ ରହୁଛେ ପ୍ରଥମେ ତାକୁହିଁ କାଟି ନଷ୍ଟ କରିଦେଉଛେ । ପୃଥିବୀ ମାତା ଆମକୁ ଗାଳି ଦେଉଛି କିନ୍ତୁ ଆମେ ଜାଣି ପାରୁନାହାନ୍ତି । ଯାହାକି ସୁନାମି ଆଉ ବାତ୍ୟା ରୂପରେ । ଆପଣ ଦେଖୁଥିବେ ଚାଇନା, ଜାପାନରେ ଅଧିକରୁ ଅଧିକ ସୁନାମି ହେଉଛି ଏହାର କାରଣ କେବଳ ଏହି ସବୁଜ ଗଛ । କାରଣ ସେଠାରେ ଗଛ ବହୁତ କମ ଥାଏ ।

ଏହିପରି ବହୁତ ସମୟ ଧରି ଦୁହିଁଙ୍କ ମଧ୍ୟରେ ତର୍କ ବିତର୍କ ଚାଲିଥାଏ ଏବଂ ମୋତେ ସେ ବାଟୋଇ ଭାଇ ଜଣକ ଦେଖି କହୁଥାଆନ୍ତି ଆଛା ଭାଇ ଆପଣ କୁହନ୍ତୁ ତ ଦେଖି ମୁଁ ଯାହା କହୁଛି ଠିକ କହୁଛି କି ନାହିଁ ।

କାହିଁକି କେଜାଣି ସେ ଦୁହିଁଙ୍କ ମଧ୍ୟରେ ମୋର ଇଛା ହେଲା ଟିକେ ମଧ୍ୟସ୍ଥି କରିବାଲାଗି ଏବଂ ସେ ୨ ଜଣଙ୍କୁ ମୁଁ କହିଲି ଆଜ୍ଞା ଆପଣମାନଙ୍କ ଠାରୁ ବୟସରେ ମୁଁ ବହୁତ ଛୋଟ । ସେ ଯାହାବି ହେଉ ମୁଁ ଆପଣମାନଙ୍କୁ ଗୋଟିଏ ଛୋଟ ସନ୍ଦେଶ ଦେବାକୁ ଚାହୁଁଛି ପ୍ରଥମତଃ ଆମ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତେକ ମୁହୂର୍ତରେ ଏଇ ବୃକ୍ଷର ଆବଶ୍ୟକତା ରହିଛି ।

ବୃକ୍ଷ ଦିଏ ଫୁଲ.... ବୃକ୍ଷ ଦିଏ ଫଳ

ବୃକ୍ଷ ଦିଏ ଅମ୍ଳଜାନ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜୀବନେ ସଭିଙ୍କ.... ଅତି ଦରକାର

ଆମେ କରୁ ତାକୁ ହୀନିମାନ

ତାଲାଗି ବରଷା.... ସେ ସଭିଙ୍କ ଭରସା

ପାରୁନାହୁଁ ଆମେ ଜାଣି

ଖାଦ୍ୟ ଶସ୍ୟ ଦେଇ..... ଆମକୁ ବଂଚାଏ

ଆମେ ଦେଉ ତାକୁ ହାଣି

ମୋ ପାଟିରୁ କଥା ନ ସରୁଣୁ ସେ କାଠୁରିଆ ଭାଇ ଜଣକର ଆଖି ଦୁଇଟି ଛଳ ଛଳ ଲୋତକ ଭରା ହୋଇଯାଇଥାଏ ଏବଂ କୁରାଢ଼ୀଟିକୁ ଫିଙ୍ଗିଦେଇ କାଠୁରିଆ ଭାଇ ଜଣକ କହୁଥାଆନ୍ତି । ମୁଁ ଜୀବନରେ ବହୁତ ଗଛ କାଟି ବହୁତ ପାପ କରିଛି ଓ ତାର ପ୍ରାୟଶ୍ଚିତ ମୁଁ କରିବି । ଆଜିଠୁ ପ୍ରତ୍ୟେକ ଦିନ ମୁଁ ଗୋଟିଏ ଲେଖାଏଁ ଗଛ ଲଗାଇବି ଏବଂ ମୋର ସମସ୍ତ ପରିଚିତ ମାନଙ୍କୁ ଗଛ ଲଗାଇବା ପାଇଁ ଅନୁରୋଧ କରିବି ଓ ଏ ସମାଜକୁ ସବୁଜ ସମାଜ କରିବାର ପ୍ରୟାସ କରିବି......

ଶାନ୍ତନୁ କୁମାର ରାଉତ

ନୂଆସାହି (ପାଟରଙ୍ଗା)

ଯାଜପୁର

ମୋ -9861756198

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଝିଅ ବୋଲିକି



ସନାତନ କଟା

ସିଏ ଘରର ଦ୍ୱିତୀୟ ଝିଅ । ତା ବାପାମା' କୁଆଡ଼େ ପୁଅଟେ ଚାହୁଁଥିଲେ, ଆଉ ଝିଅ ହେଲା ବୋଲିକି ତା'ପାଇଁ ଅନେକ ଅବହେଳା ବୋଲିକି ତା'ର ଗୁଡ଼ାଏ ଅଭିଯୋଗ । ଯଦିଓ ଘରେ ବି ଭଉଣୀ, ତଥାପି ତା ଦିଦିଠୁ ଯଦି କୌଣସିଥିଲେ କିଛି ବି ଊଣା ହୁଏ, ତ ତା' ରାଗ ଦେଖେ କିଏ ? ତା' ପାଇଁ ଏଇଟା ଗୋଟେ ଅତି ସାଧାରଣ ଅଭିଯୋଗ ଯେ, ଯେହେତୁ ଆଗରୁ ଗୋଟେ ଝିଅ ଥିଲା, ସେଇଥିପାଇଁ ତା' ବାପାମା' ପୁଅ ଚାହୁଁଥିଲେ ଆଉ ସିଏ ଜନ୍ମ ହେବାରୁ ତା ପାଇଁ ଏତେ ପାତର ଅନ୍ତର । ଆହୁରି ମିଶେଇକି ଦି ପଦ ଝାଡ଼ିଦିଏ, ମୁଁ ଝିଅ ହେଲାରୁ ସବୁଥିରେ ଗୌଣ । ପୁଅ ହୋଇଥିଲେ ତମକୁ ବୁଢ଼ାବୁଢ଼ୀ ବେଳେ ପାଳିଥାନ୍ତି, ପୋଷିଥାନ୍ତି, ନର୍କରୁ ଉଦ୍ଧାରିଥା'ନ୍ତି, ଏମିତି କେତେ କ'ଣ ? ଝିଅ ହେଇକି ତ ମୁଁ ଘରର ବୋଝ, କେମିତି ବାହାଘରଟେ କରିଦେଲେ ତମେ ହାଲକା ହେଇଯିବ । ତମ ଦାୟିତ୍ୱ ତ ସରିଯିବ ।

ରୋକ୍‌ଠୋକ୍ ଭାବରେ ଶୁଣେଇ ବି ଦିଏ, ମୁଁ ଝିଅ ହେଲେ କ'ଣ ହେଲା, ମୋ ଜାଗାରେ ପୁଅ ହେଇଥିଲେ ବି ମୋତେ ଟକ୍କର ଦେଇ ପାରିନଥାନ୍ତା । ଯାରି ଭିତରେ ଇନ୍ଦିରା ଗାନ୍ଧୀ, କଳ୍ପନା ଚାଓଲା ଭଳି କେତେ ମହୀୟସି ମହିଳାଙ୍କ ଉଦାହରଣ ବି ଝରିଆସେ ।

କହିବାକୁ ପଛାଏନି, ଅମୁକ ଘର ପୁଅ ଚାକିରୀ ବାହାନାରେ ବାହାରକୁ ଗଲା ଯେ, ଆଉ ଆଇଲା ବି ନାଇଁ । ଘରେ ତା' ବୁଢ଼ା ବାପାମା ଯେ ଏପଟେ ଛଟପଟ । କହୁଛି କୁଆଡ଼େ ସେ ଭାରି କାର୍ଯ୍ୟବ୍ୟସ୍ତ । ପଡ଼ୋଶୀଘରେ ଦି'ଟା ପୁଅ ହେଲେ ବୋଲି କେତେ ଜାକଯମକରେ

ଆହ୍ୱାନ-ଇ-ପତ୍ରିକା

 Magazine Downloaded from www.aahwaan.com

ଭୋଜିଭାତ କଲେ । ବଡ଼ପୁଅ ମଦ ପିଇକି ଅକାଳରେ ଉପରକୁ ପଳେଇଲା ଆଉ ସାନଟା କୋଉ ଓଟେ ଟୋକୀ ସହ ନସରପସର ହେଇକି ପଳେଇଲା ଯେ ସରମରେ ଆଉ ଗାଁ ମାଟି ଛୁଇଁଲା ନାହିଁ, କାଳେ ଜାତିଭାଇ ଗ୍ରହଣ କରିବେନି ବୋଲି ଡରୁଛି, ମାଉସୀ ମଲାବେଳକୁ ଦି ଦିଟା ପୁଅର ମା' ହେଇକି ବି କୋଉ ଗୋଟାଏ ପୁଅ ପାଖରେ ନଥିଲେ ।

ତମେ ହେଲେ ଅଧିକଟା କଣ କରିଥା'ନ୍ତ ଯେ ? ମୁଁ ପୁଅ ହୋଇଥିଲେ, ଭଲ ସ୍କୁଲ୍, ଭଲ କଲେଜରେ ପଢ଼େଇଥାନ୍ତ, ଆଜିକାଲିକା ବାପାମା ମାନଙ୍କ ଭଳି ପରୀକ୍ଷାରେ ଭଲ ନମ୍ବର ହାସଲ ପାଇଁ ମାନସିକ ଚାପ ଦେଇଥାନ୍ତ । ମୁଁ ଭଲ ଚାକିରୀଟେ କରିଥାନ୍ତି, ବିଦେଶକୁ ପଳେଇଥାନ୍ତି, ତମେ ଗାଁ ଘରଛାଡ଼ି ମୋ ପାଖରେ ରହିବାକୁ ମନ ବଳେଇନଥାନ୍ତ । ଜନ୍ମମାଟି, ପୈତୃକ ସମ୍ପତ୍ତି ଇତ୍ୟାଦି ଆଳ ଦେଖାଇଥାନ୍ତ । ହଁ ଏଇଟା ହୋଇପାରେ, କେତେ କୁହାକୁହିରେ ଥରେ ଅଧେ ବୁଲିବାକୁ ଆସିଥାନ୍ତ, ସେଇଟା ପୁଣି ବଳ ବୟସ ସାଥ୍ ଦେବାଯାଏଁ । ଏମିତି ବି ଦିନ ଆସିବ, ମୁର୍ମୂଷୁ ଅବସ୍ଥାରେ ଥିଲାବେଳେ ତମେ ତ କହିବନି, କିନ୍ତୁ ଲୋକ କହିବେ, ଆଜିକାଲିର ସାମାଜିକ ଗଣମାଧ୍ୟମ କହିବ, ଭିଡ଼ିଓ ଭାଇରାଲ୍ କରିକି, ପୁଅକୁ ଏତେ ପାଠ ପଢ଼େଇଲା ବାପାମା କେମିତି ଦୁର୍ଦ୍ଦିନରେ ବୃଦ୍ଧାବସ୍ଥା କାଟୁଛନ୍ତି । ଧିକ୍ ସେ ପୁଅ ।

ପ୍ରକୃତରେ ତା ବାପାମା' ଦ୍ୱିତୀୟ କୋଳରେ ଝିଅ ଚାହୁଁଥିଲେ ନା ପୁଅ, ସେ କଥା କେବେ ବି ତାଙ୍କ ମୁହଁରୁ ଶୁଣିବାକୁ କେବେ ବି ଚେଷ୍ଟା କରିନି । ସେ ବାପା ହୁଅନ୍ତୁ ବା ମା', କେହି ମଧ୍ୟ କେବେ ବି ଏଇ ବିଷୟରେ ବିଶେଷ ଟିପ୍ପଣୀ ଦେବାର କେହି କେବେ ଦେଖିନି । ସେ ବୋଧେ ତାର କିଛି ଅଧିକାର ହାସଲ କରିବାପାଇଁ ଅଭିମାନର ସାହାଯ୍ୟ ନେଇ ଏଗୁଡ଼ା କହୁଥାଇପାରେ, ସେଇଟା ଏକ ଭିନ୍ନ କଥା । କିନ୍ତୁ ଯାହା ବି କୁହେ, ସେଗୁଡ଼ା ଯେ ଅବାନ୍ତର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୋଲି କେହି ଦାବୀ ମଧ୍ୟ କରିପାରିବେନି । ବାପାମା'ଙ୍କ ଏଗୁଡ଼ା ଶୁଣିବା ଏକ ଅଭ୍ୟାସ ହୋଇଗଲାଣି । ସେମାନେ ବି ହୃଦୟଙ୍ଗମ କଲେଣି ଯେ, ଯାହା ବି ସେ କହୁଛି ତାହା ଆଜିକାଲିର ବାସ୍ତବିକ କଥା ।

ସେ ଯାହାହେଉ, ଗତବରଷ ତା ବାହାଘର ସରିଗଲା, ପୁଅ ଘର ବି ସମସ୍ତେ ଭଲ । ତଥାପି ଜିଦ୍ଦି କରିଥିଲା, ସେ ବାହା ହେବନି । ତା ବାପାମା' ପାଖରେ ରହିବ ବୋଲି । କୌଣସି ପ୍ରକାରେ ତାକୁ ରାଜି କରେଇ ବାହାଘରଟା ସାରିଦେଲେ । ବାପଘର ଛାଡ଼ିଲା ବେଳେ ବହେ କାନ୍ଦିଛି, ଭିଡ଼ିଓ ପ୍ରମାଣ ଅଛି । ବାହାଘରର କିଛି ମାସ ପରେ ଘର ଲୋକଙ୍କୁ ଜଣେଇଦେଲା ସେ ମା ହବାକୁ ଯାଉଛି । ଏମିତି ସମୟରେ କୁଆଡ଼େ ସୁନ୍ଦର ଶିଶୁ ଫୋଟୋଗୁଡ଼ାକ ଦେଖିଲେ ସେମିତିଆ ସୁନ୍ଦର ଛୁଆ ହୁଏ ବୋଲି ତା ପଡ଼ିଶା ଘର ଭାଉଜ ଥରେ କହିଥିଲେ । ସେ ତା ସ୍ୱାମୀକି ବରାଦ ଦେଲା, ଅଫିସରୁ ଫେରିଲା ବେଳେ ଯେମିତି ବି ହେଉ, ସୁନ୍ଦରିଆ ଛୁଆଫଟୋ ନେଇ କି ଆସିବ, ଖାଲି ସେତିକି ନୁହେଁ, ଛୁଆଟା ନଙ୍ଗୁ ହୋଇଥିବ ଆଉ ପୁଅ ହୋଇଥିବ । ଝିଅ ନୁହେଁ ।

ଭ୍ରାମ୍ୟଭାଷ : ୯୪୩୭୮୬୮୨୫୩

ଇମେଲ୍ : sanatan.kata@gmail.com

 Magazine Downloaded from www.aahwaan.com

# ନର୍କ



ସୁଧାଂଶୁ ଶେଖର ଦ୍ୱିବେଦୀ

ମୂଳ କନ୍ନଡ଼ : କେ ବି ତିରୁମଲେଶ

ଓଡ଼ିଆ ଅନୁବାଦ : ସୁଧାଂଶୁ ଶେଖର ଦ୍ୱିବେଦୀ

ପୂଣ୍ୟବନ୍ତ(କାଳ୍ପନିକ ନାଁ) ପରଲୋକକୁ ଯାଇ ମୁଖ୍ୟ ଗେଟ୍ ପାଖେ ଠିଆ ହେଲା । ଗେଟ୍ ପାଖେ ୱାଚ୍‌ମ୍ୟାନ୍ ପହରା ଦେଉଥାଏ । ସେ ଭାବିଥିଲା ଚିତ୍ରଗୁପ୍ତ, ଉପଗୁପ୍ତ ଆଦି ଅଫିସରେ ଥିବେ ତାକୁ ସିଧା ସ୍ୱର୍ଗକୁ ପଠାଇଦେବେ । ମାତ୍ର ଗେଟ୍ ପାଖରେ ୱାଚ୍‌ମ୍ୟାନ୍ ବ୍ୟତୀତ ଛୁଆଟେ ବି ନଥିଲା । କାନ୍ଥରେ ଯେଉଁଠି ସେଇଠି ନୋଟିସ୍ ମରା ହୋଇଥାଏ । ଯେଉଁମାନେ ପଢ଼ିପାରିବେନି ସେମାଣଙ୍କ ପାଇଁ ଅଡ଼ିଓ ସନ୍ଦେଶ ସମୟ ଅନ୍ତରରେ ଶୁଣାଇ ଦିଆଯାଉଥାଏ ।

ପୂଣ୍ୟବନ୍ତ ଦ୍ୱାରର ଅତି ନିକଟକୁ ଆସିବାମାତ୍ରେ ସୂଚନା ମିଳିଲା 'କବାଟ ଉପରେ ଯେଉଁ ହସ୍ତଚିହ୍ନ ପରୀକ୍ଷଣ ଯନ୍ତ୍ର ଅଛି ସେଇଥିରେ ହାତର ବୁଢ଼ା ଆଙ୍ଗୁଳିକୁ ଦବେଇ ରଖନ୍ତୁ ।'

ଓହୋ ! ଏଇଟା ତ ବାୟୋମେଟ୍ରିକ୍ ଯନ୍ତ୍ର ! ପରେ ପରେ ସେ ଡାହାଣ ହାତର ବୁଢ଼ା ଆଙ୍ଗୁଳିକୁ ବାଓମେଟ୍ରିକ୍ ଯନ୍ତ୍ର ଉପରେ ଦବାଇ ରଖିଲା । ପୁଣି ଏକ ଦୀର୍ଘ ନମ୍ବର ସୂଚିତ ହେଲା ଓ କୁହାଗଲା, 'ନମ୍ବର ମନେ ରଖନ୍ତୁ ।'

ତା'ପରେ କବାଟଟି ଖୋଲିଗଲା । ସୂଚନା ଅନୁସାରେ କେଉଁ ଜୀବ ନର୍କକୁ ଯିବ, କିଏ ସ୍ୱର୍ଗକୁ ଯିବ ସବୁ ଡାଟାକୁ ସିଷ୍ଟମ୍‌ରେ ଗଚ୍ଛିତ କରି ରଖା ହୋଇଥାଏ । କବାଟରେ ହାତ ରଖିବା କ୍ଷଣି ପୂଣ୍ୟବନ୍ତ ଲୋକଙ୍କ ନିମନ୍ତେ ସ୍ୱର୍ଗଦ୍ୱାର ଖୋଲିଯାଏ । ପାପୀ ମାନଙ୍କ ପାଇଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନର୍କର ଦ୍ୱାର ବି ଖୋଲିଯାଏ । ଜୀବମାନଙ୍କୁ ନିର୍ଦ୍ଧାରିତ ସ୍ଥାନକୁ ଯିବା ସକାଶେ କେବେ ଭୁଲ ହେବାର ପ୍ରଶ୍ନ ଉଠେନି ।

ପୂଣ୍ୟବନ୍ତ ମଧ୍ୟ କେବେ ସନ୍ଦେହ କରିନି ନର୍କକୁ ଯିବ । ତାର ଜନ୍ମ ଏକ ଧାର୍ମିକ ପରିବାରରେ ହୋଇଛି । ପିଲାଟି ଦିନରୁ ପୂଣ୍ୟ କାମରେ ଲାଗିଛି । ଅନ୍ୟର ସେବା ସହାୟତାରେ ସାରା ଜୀବନ ବିତେଇଛି । ପ୍ରତ୍ୟେକ ବର୍ଷ ତୀର୍ଥଯାତ୍ରା କରିଛି । ଜୀବନରେ ଯାହାକିଛି ରୋଜଗାର କରିଛି ସବୁ ଦୁଃଖିଗରିବଙ୍କୁ ବିତରଣ କରିଛି । ଭଗବାନଙ୍କର ପରମ ଭକ୍ତ ହୋଇଛି । ପରମ ସାଧୁ ହୋଇଛି । ଜଣେ ନିରହଂକାରୀ, ସମାଜ ସୁଧାରକ ହେବା ସଙ୍ଗେ ସଙ୍ଗେ ଭଲ ପତି ଓ ପିତା ବି ହୋଇଛି ।

ମଣିଷ ଏହାଠାରୁ ଅଧିକ କଣ ବା ପୂଣ୍ୟବାନ ହୋଇପାରେ ? ତା'ର ମୃତ୍ୟୁ ମଧ୍ୟ ଏମିତି ସମୟରେ ହୋଓଛି, ଯେତେବେଳେ ଜୁଆରିଆ ନଇରେ ଗୋଟେ ଗାଇ ବୁଡ଼ିଯାଉଥିଲା, ତାକୁଇ ଉଦ୍ଧାର କରିବା ସମୟରେ ସେ ବି ବୁଡ଼ିଯାଇଥିଲା । ଘର ପରିବାର ତା ଶବପାଖେ କାନ୍ଦୁଥିବା ବେଳେ ବିଳାପ କରୁଥିବା ବେଳେ ସେମାନଙ୍କୁ ସେ କହିଥିଲା, "ଆରେ ମୁଁ ତ ପୂଣ୍ୟକାର୍ଯ୍ୟ କରି ମରିଛି, ଏବେ ମୁଁ ସ୍ୱର୍ଗ ଯାଉଛି ।" ହେଲେ ତା କଥା ସେତେବେଳେ କେହି ଶୁଣି ପାରିନଥିଲେ ।

ଏବେ ସେ ବାୟୋମେଟ୍ରିକ୍ ଚାବିଦ୍ୱାରା କବାଟ ଖୋଲି ଆଗକୁ ବଢ଼ିଲା । ସମ୍ମୁଖରେ ଅନ୍ଧକାରାଚ୍ଛନ୍ନ ବାରଣ୍ଡା, ସେ ଭାବିଥିଲା ସ୍ୱର୍ଗରେ ଆଲୋକ ଥିବ । କିଛି ଦୂର ଆଗକୁ ବଢ଼ିବାପରେ ଧୁଆଁଳିଆ ଆଲୋକ ଦେଖାଗଲା । ସେ ଠିକ୍ ଦ୍ୱାର ପାଖରେ ଗୋଡ଼ ରଖିଛି, ଏଲ୍ଇଡ଼ି ବଲ୍ବରେ ଖଞ୍ଜା ହୋଇଥିବା ଅକ୍ଷର ତା ନଜରକୁ ଆସିଲା । 'ନର୍କପୁରୀ ଆପଣଙ୍କୁ ସ୍ୱାଗତ ଜଣାଉଛି ।' ତା'ସହ ଅଡ଼ିଓରେ ମଧ୍ୟ ସେଇ ଏକା ପ୍ରକାର ବାକ୍ୟ ପ୍ରଚାରିତ

 Magazine Downloaded from www.aahwaan.com

ହେଉଥାଏ ।

ଏସବୁ ଦେଖି ପୂର୍ଣ୍ୟବନ୍ତର ହୃଦୟ ସ୍ଥିର ହୋଇ ଯାଉଥାଏ । ପୁଣି ସେ ମନେ ମନେ କହିହେଲା, "ମୁଁ ଭାବିଥିଲି ମୋତେ ନିଶ୍ଚୟ ସ୍ୱର୍ଗ ମିଳିବ, ହେଲେ ଏମିତି ବିପତ୍ତି କେମିତି ହେଲା ?"

ସେଠାରେ ସବୁକିଛି ଡିଜିଟାଇଜେସନ୍ ହୋଇଥାଏ । ଏହାକଣ କେବେ ସମ୍ଭବ ? କାହାକୁ ପଚାରିବ ? ତାକୁ ଜଣାଗଲା ତାହାରିଭଳି କେତେକ ବିଦେଶୀ ଆତ୍ମା ଏପଟ ସେପଟ ହେଉଛନ୍ତି । ପ୍ରତ୍ୟେକ ନିଜ ନିଜ ଚିନ୍ତାରେ ମଗ୍ନ ।

ବିଶାଳ ବାରଣ୍ଡା ଓ ସେହିପରି ଧୂଆଁଳିଆ ଅନ୍ଧକାର ଭିତରେ ଏଲ୍ଇଡ଼ି ବଲ୍‌ବର ଡିସ୍‌ପ୍ଲେ ଝଲମଲ କରୁଥାଏ । କେବେ କେବେ ବସି ଯାଆନ୍ତୁ ବୋଲି ଅଡ଼ିଓ ଦ୍ୱାରା ରିକ୍ୱେଷ୍ଟ ଶୁଣିପାରୁଥାଏ । ହଠାତ୍ ସୂଚନା ଆସିଲା, "ଯଦି କାହାର କିଛି ଆପତ୍ତି କରିବାର ଥାଏ ତା'ହେଲେ କଂପ୍ଲେଣ୍ଟ ରୁମକୁ ଯାଆନ୍ତୁ ।" ପରେ ପରେ କଂପ୍ଲେଣ୍ଟ ରୁମକୁ ଯିବାପାଇଁ ରାସ୍ତାରେ ଆଲୁଅ ଜଳି ଉଠିଲା । ପୂର୍ଣ୍ୟବନ୍ତ କାଳବିଳମ୍ବ ନ କରି ସେଇ ଦିଗରେ ଆଗକୁ ବଢ଼ିଲା ।

ଏକ ଲମ୍ବା ହଲ୍ ଭିତରେ ଅନେକ ଗୁଡ଼ିଏ କଂପ୍ୟୁଟର୍ ଥାଏ । କିନ୍ତୁ କୌଣସି ସ୍ଥାନ ଖାଲି ନଥାଏ । ଗୋଟେ ସମ୍ବେଦନଶୀଳ ଆବାଜ ଶୁଭିଲା, "ଆପଣଙ୍କ ୱେଟିଂ ନମ୍ବର ୨୦୯ ।" ପୂର୍ଣ୍ୟବନ୍ତ ମୁହଁରୁ ହାୟ୍ ହାୟର ଶବ୍ଦ ଉଚ୍ଚାରିତ ହେଲା । ଅପେକ୍ଷା ବିନା ଆଉ କୌଣସି ଉପାୟ ନଥିଲା ତା' ପାଇଁ । ଭୋକ ଶୋଷ, ଜଳଖିଆ ଓ ଲଞ୍ଚର ପ୍ରଶ୍ନ ଉଠୁଛି କୋଉଠୁ ?

ପୂର୍ଣ୍ୟବନ୍ତ ଗୋଟିଏ ସୋଫାରେ ବସିପଡ଼ିଲା । ତାହାରି ପରି ଆହୁରି ଅନେକ ସେଠି ଅପେକ୍ଷା କରିଥାନ୍ତି । ବସୁ ବସୁ ତାକୁ ନିଦ ଲାଗିବାରୁ ଶୋଇପଡ଼ିଲା । ସ୍ୱପ୍ନବିହୀନ ନିଦ୍ରା । ବହୁ ସମୟପରେ ଅଡ଼ିଓରେ ସୂଚନା ଆସିଲା, "୨୦୯ କଂପ୍ୟୁଟର୍ ପାଖକୁ ଯାଆନ୍ତୁ ।"

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୂର୍ଣ୍ଣୟବନ୍ତ ଧଡ଼ପଡ଼ ଉଠିପଡ଼ି ଧାଇଁଯାଇ କଂପ୍ୟୁଟର ସାମନାରେ ବସିପଡ଼ିଲା । କଂପ୍ୟୁଟର ତାକୁ ୱେଲ୍‌କମ୍ କହିଲା ।

ପୂର୍ଣ୍ଣୟବନ୍ତ 'ଥ୍ୟାଙ୍କ୍‌ସ' କହି ପ୍ରତ୍ୟୁତ୍ତର ଦେଲା । ତାପରେ ଆରମ୍ଭ ହେଲା ଡିଜିଟାଲ୍ ବାର୍ତ୍ତାଳାପ ।

- ବାୟୋମେଟ୍ରିକ୍ କୋଡ୍ ନମ୍ବର ?

ସେ ଟାଇପ୍ କରିଦେଲା ।

- ପାସୱାର୍ଡ୍ ?

ଇଂରାଜୀରେ 'କନ୍ନଡ଼' ଶବ୍ଦ ଟାଇପ୍ କଲା । ସେଠି ମଧ୍ୟ ଇଂରାଜୀ ବ୍ୟବହାରିକ ଭାଷା ଥାଏ ।

- ଆଠଟି ଡିଜିଟରୁ ଯେମିତି କମ ନ ହୁଏ । ପୁଣିଥରେ ଚେଷ୍ଟା କରନ୍ତୁ ।

କନ୍ନଡ଼ (kannada) କେବଳ ସାତଟି ଡିଜିଟ୍ ହେଉଛି । ତେଣୁ ସେ 'କନ୍ନଡ଼ବାଲା' ପାସୱାର୍ଡ୍ ଟାଇପ୍ କଲା ।

- ପାସୱାର୍ଡ୍ ଯେମିତି ଆଲ୍ଫାନ୍ୟୁମେରିକ୍ ହୋଇଥିବ ।

କନ୍ନଡ଼ବାଲା୪୯ ଟାଇପ୍ କଲା । ୪୯ ତା ମରିବା ବୟସ ।

- କନ୍‌ଫର୍ମ୍ କରିବା ପାଇଁ ୧ ଦବାନ୍ତୁ, ଏଡ଼ିଟ୍ କରିବା ପାଇଁ ୨ ଦବାନ୍ତୁ । ପୂର୍ଣ୍ଣୟବନ୍ତ ୧ ଦବାଇଲା ।

- ଡାହାଣପଟେ ଯେଉଁ ରେଣ୍ଡମ୍ ନମ୍ବର ଅଛି ତାକୁ ଟାଇପ୍ କରନ୍ତୁ ।

ସେହି ନମ୍ବର ମଧ୍ୟ ଆଲ୍ଫାନ୍ୟୁମେରିକ୍ ଥାଏ । ଶୂନ କୋଉଟା ଓ କୋଉଟା ଆଡୌ ଜଣାପଡୁନଥିଲା । ଭାବିବା ପୂର୍ବରୁ ଅନ୍ୟ ଏକ ରେଣ୍ଡମ୍ ନମ୍ବର ଆସିଯାଉଥାଏ । ବିପତ୍ତି

 Magazine Downloaded from www.aahwaan.com

ଉପରେ ବିପତ୍ତି । ତଥାପି ପ୍ରୟାସ କରୁ କରୁ ସେହି ଷ୍ଟେଜକୁ ପାରି ହୋଇଗଲା ସେ ।

- ଏଠିକାର ବ୍ୟବସ୍ଥା କେମିତି ? ଠିକଠାକ୍ ଅଛି ତ ୧ ଦବାନ୍ତୁ । କିଛି କଂପ୍ଲେଣ୍ଟ ଅଛି ତ ତଳେ ଦିଆଯାଇଥିବା ସୂଚୀ ପଢ଼ି ସଠିକ୍ ଅଙ୍କ ଦବାନ୍ତୁ ।

୧. ସମୟ ପୂର୍ବରୁ ମୋତେ ଏଠିକୁ ଅଣାଯାଇଛି ।

୨. ମୁଁ ମୋ ନାଁ ଭୁଲିଯାଇଛି । ମୋ ନାଁ କଣ ?

୩. ଏଠିକୁ ଯେଉଁମାନେ ଆସନ୍ତି ସେମାନଙ୍କୁ ଠିକ୍ ରୂପେ କଂପ୍ୟୁଟର୍ ନଲେଜ୍ ନାହିଁ, ସେ ପରିସ୍ଥିତିରେ କଣ କରାଯିବ ?

୪. ବସିବାପାଇଁ ଆଉ କିଛି ଆସନର ବ୍ୟବସ୍ଥା ଅଛି ?

୫. ସାହାଯ୍ୟ ପାଇଁ ଏଠାରେ କେହି ନାହାନ୍ତି ?

୬. ଯାହା ସୂଚନା ମିଳୁଛି ତାହା ଉଚିତ ନୁହେଁ ।

୭. କୌଣସି ଚାକିରୀର ଆବଶ୍ୟକତା ଅଛି ?

୮. ଲୋକମାନଙ୍କ ସଂଖ୍ୟା ବେଶୀ...

୯....

୯୯.... ଆଦି

ପୂଣ୍ୟବନ୍ତ ଭାବିଲା ୨ ଦବେଇବି ନା ୯୯ ଦବେଇବି । ଶେଷରେ ୯୯ ଦବେଇଲା ସେ ।

ହଠାତ୍ କଡ଼ମଡ଼ ହୋଇ ଗୋଟେ ପ୍ରକାରର ଆବାଜ ବାହାରିଲା, ଯେମିତି କଂପ୍ୟୁଟର ଭୀଷଣ ରାଗିଯାଇଛି ।

- ନମ୍ବର ୧୦୧ ଦବାଅ ।

ପୂଣ୍ୟବନ୍ତ ସେଇୟା କଲା ।

 Magazine Downloaded from www.aahwaan.com

- ବାୟୋମେଟ୍ରିକ୍ କୋଡ୍ ନମ୍ବର ?

ଟାଇପ୍ କଲା ।

- ପାଶୱାର୍ଡ୍ ?

ଟାଇପ୍ କଲା ।

- ଭୁଲ ପାସୱାର୍ଡ୍ । ପୁଣିଥରେ ଚେଷ୍ଟା କରନ୍ତୁ ।

କଣ ହେଲା ? ଭୁଲ୍ ? ଆହା ୪୯ ବଦଳରେ ୯୪ ଟାଇପ୍ କରି ଦେଇଥିଲା । ସରି କହି ଠିକ୍ କଲା ।

- ସମସ୍ୟା କଣ ?

ମୋତେ ସ୍ୱର୍ଗ ମିଳିବା କଥା, ଭୁଲରେ ନର୍କକୁ ପଠେଇ ଦେଇଛନ୍ତି । କୃପାକରି ଠିକ୍ କରନ୍ତୁ ।

- ଦ୍ୱିତୀୟ ସେଣ୍ଟେନ୍ସକୁ ସିଷ୍ଟମ୍ ଚିହ୍ନେ ନାହିଁ । କୃପାକରି ପୁଣିଥରେ ଚେଷ୍ଟା କରନ୍ତୁ ।

ପୂଣ୍ୟବନ୍ତ ବୁଝିପାରୁନଥାଏ ଏବେ ସେ କଣ କରିବ । ଭାବିଚିନ୍ତି ଟାଇପ୍ କଲା, "ମୁଁ ନର୍କକୁ ଆସିବା ଲୋକ ନୁହେଁ । କୃପାକରି ଠିକ୍ କରନ୍ତୁ ।"

ସଙ୍ଗେ ସଙ୍ଗେ ଏକ ଭୟଙ୍କର ସୂଚନା ଶୁଣାଗଲା, "ସିଷ୍ଟମ୍ ଇଜ୍ ଡାଉନ୍ । ପରେ ଚେଷ୍ଟା କରନ୍ତୁ ।" ସୂଚନା ପରେ ପରେ କଂପ୍ୟୁଟର୍ ସଟ୍ ଡାଉନ୍ ହୋଇଗଲା ।

ବିସି-୭୪, ସେକ୍ଟର୍-୧
ସଲ୍ଟଲେକ୍, କୋଲକାତା - ୬୪
ଭ୍ରାମ୍ୟଭାଷ : ୯୮୬୧୩୭୩୫୧୯
ଇମେଲ୍ : s.dwibedy@rediffmail.com

Magazine Downloaded from www.aahwaan.com

# ଶ୍ରୀକାନ୍ତ ମଉସାଙ୍କ ଅଳ୍ପବୁଦ୍ଧି



ଜାଗୃତି ରଞ୍ଜନ ମିଶ୍ର

ଆଦିତ୍ୟ ଗାଁର ସବୁଠୁ ହୁସିଆର ପିଲା ଥିଲା । ଆଦିତ୍ୟ ପରି ପିଲା କୋଟିଏରେ ଗୋଟିଏ । ରାତିଦିନ ପାଠପଢି ପରିଶ୍ରମ କରି ଆଦିତ୍ୟ ବନିଗଲା ଡାକ୍ତର ଆଦିତ୍ୟ ନାରାୟଣ ମିଶ୍ର । ବାପାର ତ ଯେମିତି ପାଦ ମାଟିରେ ଲାଗୁ ନଥିଲା । ଗର୍ବରେ ଛାତି ଫୁଲେଇ ମୋ ପୁଅ ଡାକ୍ତର ବୋଲି ସମସ୍ତଙ୍କ ଆଗେ କୁହନ୍ତି । ସବୁ ବାପାଙ୍କ ପରି ଆଦିତ୍ୟଙ୍କ ବାପା ବି ପୁଅପାଇଁ ସ୍ୱପ୍ନ ଦେଖିଥିଲେ । ଖୁସି ନହୁଅନ୍ତେ ବା କିପରି । ଘର ଆଗର ମାଟି ପିଣ୍ଡା ଉପରେ କାଠ ଆରମ ଚେୟାରଟି ପକେଇ ବଡଶାନ୍ତିରେ ବସିଯାଆନ୍ତି ସେ । ଡାକ୍ତର ବାବୁଙ୍କ ବାପାର ଗାଁରେ ବହୁ ସମ୍ମାନ । ଆସିବା ଯିବା ଲୋକ ଘଡିଏ ରହି ବାବୁଙ୍କ ସହ କଥାହୋଇ ମୁଣ୍ଡିଆ ହୋଇଯାଆନ୍ତି ।

ଆଦିତ୍ୟ ଡାକ୍ତର ହେଲାପରେ ବାକ୍ସରେ ଘରକୁ ଔଷଧ ପଠାନ୍ତି, ଜ୍ୱର, ଥଣ୍ଡା, କାଶ ଇତ୍ୟାଦି ସାଧାରଣ ରୋଗ ବୈରାଗପାଇଁ । କାଗଜରେ କୋଉ ଔଷଧ କେତେ ପରିମାଣର କେତେବେଳେ ଖାଇବ ସବୁ ଲେଖି ଭଲକି ବାପାଙ୍କୁ ବୁଝାଇ ଦେଇ ଯାଆନ୍ତି । ପୁଅକୁ ନ ଜଣାଇ ଗାଁରେ କୌଣସି ଲୋକଙ୍କୁ ଛୋଟ ମୋଟ ରୋଗହେଲେ ଏଥର ଆଦିତ୍ୟ ବାପା ଘର ଆଗ ବାରଣ୍ଡାରେ ସେହି ଆରାମ ଚେୟାର ଔଷଧବାକ୍ସ ଧରି ବସିଯାଆନ୍ତି । ଗାଁ ଲୋକେ ତାଙ୍କୁ ଶ୍ରୀକାନ୍ତ ମଉସା ବୋଲି ଡାକୁଥିଲେ । ଗାଁର ଗରିବ ସାଧାରଣ ଲୋକ ମଉସାଠୁ ବିନା ପଇସାରେ ଔଷଧ ପାଇଁ ଖୁସି ହେଉଥିଲ । ଏକ ପ୍ରକାର ଖଣ୍ଡି ବଇଦ କହିଲେ ଚଳେ । ସ୍ତ୍ରୀ ବାରଣ କଲେ କୁହନ୍ତି ମୁଁ କଣ ମୁର୍ଖ ହୋଇଛି ? ମୋ ପୁଅ ଡାକ୍ତର ହୋଇ କି ଲାଭ ? ମୋ ଗାଁ ଲୋକ ତାର ଔଷଧ ଖାଇ ଠିକ ହେଲେ ସିନା ମୋ ପୁଅକୁ ଡାକ୍ତର ହେବା ସଫଳ ହେବ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଔଷଧ ଖାଇ କାହାକୁ କିଛି ହୋଇଯିବ ଯଦି ବୋଲି କେତେ ବୁଝାଇଲେ ସେ ବୁଝିବାକୁ ନାରାଜ ।

ପ୍ରତିଦିନ ଔଷଧ କାଚର ଦିନ ବାର ପରିକ୍ଷା କରବା, ନୂଆଁ କାଚ ଆସିଲେ ତା ଉପରେ ନାଁ ତଥା ପରିମାଣ ଓ ସମୟ ଲେଖିବା, ତା ଛଡା ପୁରୁଣା ଔଷଧ କାଚରେ ଯାହାର ଦିନ ଆଉ ଅଳ୍ପ ଥିବ ତାକୁ ସଫାକରି ପୁରୁଣା ଘର ହାତଭାଡି ଉପରେ ଏକାଠି କରି ରଖିବା ଏୟା ହେଉଛି ମଉସାଙ୍କ ନିତିଦିନିଆ କାମ ।

ସଫା କରିବା ମାନେ ହେଉଛି ତାକୁ ଧୋଇ ନୁହେଁ ଖାଇ ସଫା କରିଦେବା । ହଁ ଶ୍ରୀକାନ୍ତ ମଉସାଙ୍କୁ ଔଷଧ ଖାଇବା ଭାରି ପସନ୍ଦ । ଘରେ ଲୁଚାଇ ବଳିଥିବା ଔଷଧତକ ଆଁ କରି ଘଟଘଟ ପିଇ ଯାଆନ୍ତି ସେ କେତେ କଡା କେତେ ପିତା ଔଷଧ ହେଉ ମହୁପରି ଖାଇଯାଆନ୍ତି ତାକୁ । ମନେ ମନେ କହି ହୁଅନ୍ତି ମୋ ପୁଅର ପରିଶ୍ରମର ଫଳ ଏମିତି କେମିତି ଫିଙ୍ଗିଦେବି !

ଦିନେ ମାଉସୀ ସନ୍ଧ୍ୟାରେ ବାଡି ଆଡେ ଯାଇଥିଲେ । ଗାଁରେ ଖରାଦିନେ ଅନାବରତ ବିଜୁଳି କାଟେ । ସେତିକି ବେଳେ ବିଜୁଳି ଚାଲିଗଲା । ମଉସା ଘରଟା ଯାକ ଅଣ୍ଡାଳି ବାରି ଘର ବିରୁଆରେ ତାକୁ ଲଣ୍ଠନଟା ମିଳିଲା । ଲଣ୍ଠନ ଆଲୁଅରେ ହଠାତ୍ ମଉସା ନଜର ପଡିଲା ରୋଷେଇ ଘର କାନ୍ଥ ଉପରେ ଦୁଇଟି ଔଷଧକାଚ । ଗୋଟିକ ଅଧା ଆଉ ଗୋଟିକ ପୁରା ଭର୍ତ୍ତି ଅଛି । ମନରେ କଣ ବିଚାରିଲେ କେଜାଣି ଘଟଘଟ କରି ସେତକ ପିଇ ପକେଇଲା । ଦେହସାରା ଯେମିତି କଣ କଣ ହୋଇଗଲା । କାନମୁଣ୍ଡ ଝାଇଁ ଝାଇଁ କଲା ଆଉ କଇଁଆ ଖାଇଲା ପରି ମୁହଁ କରି ଯାଇ ଦୁଆର ମୁହେଁ ବସିଗଲେ ମଉସା ।

ରାତିରେ ଆଉ ବିଜୁଳି ଆସିଲାନି । ମାଉସୀ ଆସି କେତେ ଡାକିଗଲେ ଖାଇବାକୁ ହେଲେ ଶ୍ରୀକାନ୍ତ ମଉସା ସେ ଦୁଆର ମୁହଁରେ ସେମତି ପଡିରହିଲା । ସକାଳ ହେଉ ହେଉ

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ମଉସା ଦି ମୁହଁ ହେଇଗଲାଣି । ମାଉସୀ କେତେଥର କହିଲେ ବି ମଉସା ନିଜ ଓଷଧବାକ୍ସରୁ ଔଷଧ ଖାଇବାକୁ ନାରାଜ । କିଛି ସମୟ ପରେ ସ୍ଥାନୀୟ କମ୍ପାଉଣ୍ଡର ଆସିଲେ । ଝାଡାବାନ୍ତି ପାଇଁ ଔଷଧ ଦେଇଗଲେ । ତେବେ ଯାଇ ମଉସା ପେଟକୁ କିଛି ଗଲା । ଏତେ ବର୍ଷରେ ଏମିତି କେବେ ହେଇନି କି ମଉସା ତାଙ୍କ ନିଜ ଓଷଧ ନଖାଇ ଆଉ କୋଉଠୁ ଖାଇଛନ୍ତି । ଶେଜ ପାଖରେ ମଉସାର ଗୋଡ ମୋଡୁ ମୋଡୁ ନାକ ସୁଡୁସୁଡୁ କରି ମାଉସୀ କହିଲା ହେଇଟି ତମର ଶନିଦଶା ସବୁ ଶନିବାର ଓସ୍ତ ଗଛ ତଳେ ଖାଣ୍ଟି ଜଡାରେ ଦିପ ଜଳୁଥିଲି । ଏସବୁ ସେଇଥିପାଇଁ ହେଲା ଗୋ ଆଜିକି ବୋଲି ଦୀପଟେ ବି ଜାଳି ପାରିଲିନି । ରାତିରେ ବାରି ପୋଡା ବିଲେଇ କାନ୍ଥରେ ଚଢି ମୋର ସବୁ ତେଲ ଢାଳି ଦେଇଚି । ଆଉ ଟୋପେ ହେଲେ ତେଲ ନାହିଁ ସେଥିରେ । ଜାଉଛି ଆଗ ଦି ଟଙ୍କାର ତେଲ ଆଣିକି ଦିପଟେ ଜାଳେ । ମାଉସୀର ଏତକ କଥା ଶୁଣି ମଉସାର କାନ ଦିଇଟା ଠିଆ ହୋଇଗଲା । ପଚାରିଲେ କୋଉଠି ରଖିଥିଲୁ ଲୋ ତୋ ଜଡାତେଲ । ମାଉସୀ କହିଲେ ସେଇ ରନ୍ଧାଘର କାନ୍ଥଉପରେ । ସେ ବାରିପଡା ବିଲେଇର ଗୋଡକୁ ଭାଙ୍ଗିଦେବି ଏତକ କହୁ କହୁ ମଉସା କହିଲେ ଆଲୋ ଥାଉ ଥାଉ ଲୋ ଆଦିତ୍ୟ ମାଆ ସେ ବାରିପଡାଟା ବିଲେଇ ନାହିଁ ଲୋ ମୁଁ । କାଲି ରାତିରେ ସେହି କାଚ ଦିଇଟା ଥିବାର ଦେଖି ମୁଁ ହିଁ ତାକୁ ପିଇ ଦେଇଛି ।

ମାଉସୀ ବାଲୁବାଲୁ କରି ଅନେଇ ରହିଲା ମଉସାକୁ । କିଛି ସମୟ ପରେ ମୁଣ୍ଡରେ ହାତ ବାଡ଼େଇ ସେଠୁ ଉଠି ଯାଉଯାଉ ଗୁଣୁଗୁଣୁ ହେଇ କହୁଥିଲେ ଏ ଅଳପ ବିଦ୍ୟା ବଡ ଭୟଙ୍କରୀଲୋ ଝିଅ । ଆଉ ବିରୁଆରେ କିରୋସିନ ଡିବି ରଖିଥିଲି ଏ ବୁଢା ପିଇଥିଲେ ମରି ଯାଇଥାନ୍ତା ଆଜି, ମୁଁ କିସ କରିବିରେ ଦଇବ । ମଉସା କାନରେ ସବୁ ଶୁଭୁଥିଲା । ହେଲେ ଖୁଦା ଖାଇଥିବା ବିଲେଇ ପରି ଧିରି ପଡି ରହିଥିଲେ ଯାହା ।

ରାୟଗଡ଼ା, ଓଡିଶା, ଇମେଲ:Jagrutimishra111@gmail.com

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଲୁଆ ଖାଇଲା ଛେନା



ଅଙ୍କିତା ପାଢ଼ୀ

ବିସ୍ତୀର୍ଣ୍ଣ ପଡିଆ ମଧ୍ୟରେ କିଆ ଗଛ ମାନଙ୍କର ଜଙ୍ଗଲ । କିଆ ଜଙ୍ଗଲ ମଧ୍ୟରେ ରହୁଥାନ୍ତି ବିଲୁଆ ପଲ । ବିଲୁଆ ମାନଙ୍କର ଚାଲିଥାଏ ଜୋରସୋର ଖାଦ୍ୟ ଅନ୍ୱେଷଣ ପାଇଁ ପ୍ରତିଯୋଗିତା । ଗେଣ୍ଡା କଙ୍କଡା ଚିଙ୍ଗୁଡ଼ି ଆଦି ଶିକାର ଖୋଜିବାରେ ବ୍ୟସ୍ତ ରହନ୍ତି ରାତି ତମାମ । ବିଲୁଆମାନଙ୍କ ମଧ୍ୟରେ ହୁକେହୋ ନାମରେ ଜଣେ ବିଲୁଆ ଥିଲା । ନରମ ଖାଦ୍ୟ ଖାଇବାରେ ତାର ଭାରି ସଉକ । ଖୋଜିବୁଲିଥାଏ ପୁରା ରାତି । ଯେ ଘରରୁ ସେ ଘର । ହେଲେ ଗାଁଆ ସାହିର କୁକୁର ଗୁଡାକ ଛାଡିବା ଲୋକ ନୁହେଁ । ବିଲୁଆ ଗାଁଆରେ ପଶିବା ମାତ୍ରେ ଝାମ୍ପି ପଡନ୍ତି କାଳିଆ ନାଲିଆ କୁକୁର ଗୁଡାକ ।

ଆଜି ପୂର୍ଣ୍ଣିମା ରାତିର ତୋଫା ଜହ୍ନଟା ପୁରା ବଜାର, ସହର, ସାହି ପଲ୍ଲୀ ଓ ଗାଁଆ ଦାଣ୍ଡକୁ ଆଲୋକିତ କରିଦେଇଥାଏ । ହୁକେହୋ ଗୋଟେ ଗୋପାଳ ସାହିରେ ପଶିଗଲା । ବିଚରାକୁ ବହୁତ ଭୋକ ଲାଗିଥାଏ । କଣ ଖାଇବ ଖୋଜୁ ଖୋଜୁ ଦେଖିଲା ଗୋଟେ ଗାଈ ଗୁହାଳ । ଗାଈମାନେ ଆନନ୍ଦରେ କଟାଘାସ, ଚୋକଡ଼ ଓ ନଡ଼ା ଖାଇବାରେ ବ୍ୟସ୍ତ । ବିଲୁଆଟି ଆଖ ପାଖକୁ ଅନେଇ ଅନେଇ ଆଗକୁ ଆଗକୁ ଯାଉ ଯାଉ କୁଆଡେ ଥିଲା ଗୋଟିଏ କାଳିଆ କୁକୁର ! ବାପରେ ମାଡି ଆସିଲା ଅଦିନିଆ ବୈଶାଖୀ ପରି । ଭୋ ଭୋ ଶବ୍ଦରେ ଉଚ୍ଛୁଳି ପଡିଲା ପୁରା ଗାଁଆଟି । ତା ସାଙ୍ଗକୁ ତାଳ ଦେଇ ଅନ୍ୟ କୁକୁର ମାନେ ଭୋ ଭୋ ଶବ୍ଦରେ କମ୍ପେଇ ଦେଲେ ସେହି ଅଞ୍ଚଳକୁ । ହେଲେ ହୁକେହୋ ବିଚରା ଜୀବନ ବିକଳରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୁହାଳ ଭିତରକୁ ପଶିଗଲା ।

ହୁକେହୋ ଚିନ୍ତା କଲା ମୁଁ ଅଧିକ ଲୋଭ କରି ଏତେ ବାଟ ଚାଲି ଆସିଲି । ହେଲେ ମୋତେ ଏଠୁ ବଞ୍ଚେଇବ କିଏ । ଏମିତି ଭାବୁ ଭାବୁ ଗାଇ ମାନଙ୍କୁ ହେପାଯତ କରିବାକୁ ରାଧି ମାଉସୀ ଟିକେ ଗୁହାଳକୁ ବୁଲିବାକୁ ଆସିଲା । ରାଧି ମାଉସୀ ଶୁଣିଥିଲା କୁକୁର ମାନଙ୍କର ଭୋକିବା ଶବ୍ଦ ଓ ସେ ମଧ୍ୟ ଗୁହାଳରେ ପ୍ରବେଶ କରି ଜାଣିପାରିଲା ଗାଇମାନେ ବହୁତ ବିଚଳିତ ହେଉଛନ୍ତି । ତାକୁ ମଧ୍ୟ ସନ୍ଦେହ ହେଲା ଯେ ଏଇ ଗୁହାଳରେ କେହି ଅଛି କାରଣ ଗାଇମାନେ କାହିଁକି ଏତେ ଅନ୍ୟମନସ୍କ ହେଉଛନ୍ତି । ଏମିତି ଭାବୁ ଭାବୁ ଭିତରେ ଟିକେ ଦେଖିବାକୁ ଆଲୁଅ ଦେଖାଉ ଦେଖାଉ ହୁକେହୋ ସିଧା ଛୁ । ଯାଇ ପଶି ଯାଇଥିଲା ରାଧି ମାଉସୀର ଭଣ୍ଡାର ଘରକୁ ଯେଉଁଠି ରହିଛି ମାଉସୀର ଘିଅ, ବସା, ଛେନା ଓ ଲବଣି । ଏବେ ରାଧି ମାଉସୀ ଦେଖିଲା ଗୁହାଳରେ କେହି ନାହାନ୍ତି । ଗୁହାଳରେ ଗାଇମାନେ ଏବେ ଶାନ୍ତ ଅଛନ୍ତି । ହଉ ମଶା ଧୂଆଁ ଦେଇ ଗୁହାଳ କବାଟ ଭଲଭାବେ ବନ୍ଦ କରି ମାଉସୀ ଘରକୁ ଆସିଲା ।

ହୁକେହୋର କୁଆଡେ ଯିବାର ବାଟ ନ ଥିଲା । କାରଣ ସେଇ ଘରୁ ବାହାରକୁ ବାହାରିଲେ କୁକୁରମାନେ ଆମ୍ପୁଡ଼ି କାମୁଡି ଜୀବନରୁ ମାରିଦେବେ । ତେଣୁ ଉପରବାଲା ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ ତେଣୁ ମାଉସୀ ଆସିବା ପୂର୍ବରୁ ଛପି ଯାଇଥିଲା ଦହି ହାଣ୍ଡିର ଆଡୁଆଳରେ । ରାଧି ମାଉସୀ ଭଣ୍ଡାର ଘରକୁ ଆସିଲା କବାଟ ଦେବାକୁ । ଆସି ଦେଖିଲା ଘର ଭିତରଟା କଣ ଏମିତି ବାସ୍ନା ହେଉଛି । କଣ କିଛି ଗୋଟେ ମରି ଯାଇଛି ବୋଧେ । ଏମିତି କଣ ଗୋଟେ ବାସ୍ନା ଆସୁଛି । ସେ ଯାହା ହେଉ ଏତେ ରାତିରେ କଣ କରିବି । ଯାଉଛି ଶୋଇବି ରାତି ପାହିଲେ ଦେଖାଯିବ ।

 Magazine Downloaded from www.aahwaan.com

ରାଧି ମାଉସୀ ଭଣ୍ଡାର ଘର ଚାବି ଦେଇ ଶୋଇବାକୁ ଚାଲିଗଲା । ହୁକେହୋ ଦେଖିଲା ମାଉସୀ ଚାଲିଗଲେ । ଖାଦ୍ୟ ଖୋଜୁଥିବା ଲୋକ ପାଇଁ ଖାଦ୍ୟର ଭଣ୍ଡାର । ପେଟରେ ଭୋକର ଦାଉ । ଆଖି ଆଗରେ ନାନାବିଧ ସ୍ୱାଦିଷ୍ଟ ଆହାର । ବିଚରା ସବୁ ହାଣ୍ଡି ଗୁଡିକର ପଲମ ଖୋଲି ସ୍ୱାଦ ଚାଖିବାକୁ ଲାଗିଲା । ଏବେ ତା ଆଖି ଆଗକୁ ଆସିଲା ଛେନା ହାଣ୍ଡି । ହାଣ୍ଡିରେ ହାଣ୍ଡିଏ ଛେନା ରହିଛି । ମିଠା ଦୋକାନୀମାନେ ସକାଳେ ଆସି ନିଅନ୍ତି ତଟକା ଛେନା । ତେଣୁ ମାଉସୀ ରାତିରୁ ପ୍ରସ୍ତୁତ କରି ରଖିଦିଏ । ଏବେ ଛେନା ମୁଣ୍ଡାର ସ୍ୱାଦ ଯେତିକି ନରମ ସେତିକି ଉତ୍ତମ ସ୍ୱାଦ । ମନ ଭରି ଖାଇ ଯାଇଥିଲା ହୁକେହୋ । ପେଟ ଭରି ଖାଇ ହେକୁଟା ମାରିବାକୁ ଶୋଇଲା ବେଳକୁ ବାହାରୁ ଶୁଣାଗଲା ବିଲୁଆମାନଙ୍କର ହୁକେ ହୋ ହୁକେ ହୋ । ବିଲୁଆ ଜାତି ଟିକେ ପେଟ ପୁରିଗଲେ ମନ ଖୁସିରେ ହୁକେହୋ ଶବ୍ଦ କରିଥାନ୍ତି । ପେଟରୁ ତାଙ୍କର ମିଥେନ ବାଷ୍ପ ବାହାରିଥାଏ । ସେହି ବାଷ୍ପ ବାୟୁ ସଂସ୍ପର୍ଶରେ ଆସିଲେ ଆଲୋକ ସୃଷ୍ଟି କରିଥାଏ । ହେଲେ ଆଲୋକ ସୃଷ୍ଟି କରିବାକୁ ସେମାନଙ୍କୁ ସେପରି ଖାଦ୍ୟ ଖାଇବା ଦରକାର । ଯେମିତି କି କଙ୍କଡା, ଗେଣ୍ଡା ଓ ଶାମୁକା ଆଦି । ହୁକେହୋ ବିଲୁଆମାନଙ୍କର ଶବ୍ଦ ଶୁଣି ନିଜକୁ ସମ୍ଭାଳି ପାରିଲା ନାହିଁ । ନିଜକୁ ବହୁତ ଆୟତ୍ତ କରି ମଧ୍ୟ ହୁକେ ହୋ କରିବାକୁ ଲାଗିଲା । ବାହାରେ ରାଧି ମାଉସୀର ନିଦ ଭାଙ୍ଗି ଯାଇଥିଲା ।

ଏତେ ରାତିରେ ମୋ ଘର ଭିତରୁ ବିଲୁଆର ଶବ୍ଦ ରାଧି ମାଉସୀଙ୍କୁ ସ୍ତବ୍ଧ ଚକିତ କରିଥିଲା । ବିଲୁଆ ମୋ ଘରକୁ ଆସିଲା କେମିତି ? ହେଲେ ଏତେ ରାତିରେ ମୁଁ କେମିତି ଆୟତ୍ତ କରିବି ଯେ !

ମାଉସୀ ମନେ ମନେ ଗୋଟିଏ ଉପାୟ ପାଞ୍ଚିଲା । ରାତି ପାହିଲେ ମିଠା ଦୋକାନୀ ମାନେ ଆସିବେ । ସେମାନଙ୍କୁ ଛେନା ନ ଦେଲେ ସେମାନେ ରାଗିଯିବେ ଓ ଆଉ ମୋ ପାଖକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆସିବେ ନାହିଁ । ହେଲେ ଘରେ ବିଲୁଆ ଅଛି ଦେଖିଲେ ସେମାନେ ଆଉ ଛେନା କି ଦୁଗ୍ଧ ନେବେ ନାହିଁ । କଣ କରିବି ଭାବି ସେଇ ରାତିରେ ନିଜ ବାଡିରୁ ଯାଇ ଗୋଟେ ପୁରୁଣା ଛିଣ୍ଡା ଜାଲ ଆଣିଲା । ଭଣ୍ଡାର ଘର ଠାରୁ ନିଜ ଘର ଦୁଆର ଯାଏ ପୁରା ଜାଲ ଘେରେଇ ଦେଲା । ଏବେ ଭଣ୍ଡାର ଘର ଖୋଲିଲେ ଜଣା ପଡିବ ବିଲୁଆ କି ଅନ୍ୟ କିଏ । ଓଃ ହଁ ! ଏଇଥିପାଇଁ ଘରୁ ଏମିତି ବାସ୍ନା ଆସୁଥିଲା ବୋଧେ । ସେଇନେ ଟିକେ ଦେଖି ଦେଇଥିଲେ ମୋତେ ଏତେ ନଷ୍ଟ ସହିବାକୁ ପଡି ନଥାନ୍ତା ବୋଲି ମନେ ମନେ ଭାବିବାକୁ ଲାଗିଲା ।

ହୁକେହୋ ମନ ଭରି ଛେନା ଖାଇଯାଇଥିଲା ସିନା, ହେଲେ ଏଇନେ ତାର ଗୋଟିଏ ଚିନ୍ତା କେମିତି ବାହାରିବ ଏଇ ଘରୁ । ମାଉସୀ ରାତି ପାହିଲେ କୁକୁର ଲଗେଇ ମାରିଦେବ । ଭୋକ ବିକଳରେ ପଶି ଯାଇଥିଲି ସିନା ହେଲେ ଏଇନେ କେମିତି ବଞ୍ଚିବି ଏଇ ଚିନ୍ତାରେ ଏପଟ ସେପଟ ହେଉଥାଏ ବିଲୁଆ ହୁକେହୋ । ଠିକ ଏଇ ସମୟରେ ମାଉସୀ କବାଟ ଖୋଲି ଦେଇଥିଲା । ହେସ ହେସ କରି ବାଡ଼ି ଗୋଟେ ଆଣି ଭଣ୍ଡାର ଘରକୁ ଠକ ଠକ କରି ପଶୁଥିବା ସମୟରେ ହୁକେହୋ ଭୁସ କିନା ଘରୁ ବାହାରି ଗଲା । ହେଲେ ଘରୁ ବାହାରିଗଲେ କଣ ହେବ ! ବାହାରେ ଘେରା ହୋଇଥିଲା ଜାଲ । ଛନ୍ଦି ହୋଇ ଦୁମ କିନା ପଡି ଯାଇଥିଲା ହୁକେ ହୋ । ଜାଲରେ ପଡି ହୁ ହା ହେଉଥାଏ ହୁକେ ହୋ, ମାଉସୀ ବାହାରକୁ ଆସି ବିଲୁଆକୁ ଦେଖି ଏକଦମ ଖପ୍ପା । "ତୋର ଏତେ ସାହସ ମୋ ଭଣ୍ଡାର ଘରକୁ ପଶି ମାରା କଲୁ । କାଲି ମୋର ଅବସ୍ଥା କଣ ହେବ ଯେତେବେଳେ ମିଠା ଦୋକାନୀ ମାନେ ଆସି ମୋ ପାଖରେ ପହଞ୍ଚିବେ ?" ଏମିତି ଗୋଡାଏ ବିଳି ବିଳି ହେଉଥାଏ ରାଧି ମାଉସୀ ।

ରାଧି ମାଉସୀ ପାଖରେ ଗୋଟିଏ ଟାଣୁଆ ପାକଲା ବାଡ଼ି ଥିଲା । ହୁକେହୋକୁ ଆଖିବୁଜି ନଦିଦେଇ ଗଲା ନିର୍ଧୁମ ପ୍ରହାର । ଆଉଁ ଆଉଁ ହେଲା ବେଳକୁ ମୁଣ୍ଡକୁ ପ୍ରହାର ପୁଣି ଗଣ୍ଡିକୁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେତେ ଆଉଁ ଊଁ ହେଲେ ମଧ୍ୟ ମାଉସୀ ଛାଡିବାର ନାହିଁ । ପୁରା ରକ୍ତାକ୍ତ ହୋଇ ବେହୋସ ହୋଇଗଲା ହୁକେହୋ ।

ମାଉସୀ ଯାଇ ସଙ୍ଗେ ସଙ୍ଗେ ଭଣ୍ଡାର ଘର ଦେଖେତ ପୁରା ହାଣ୍ଡି ମାରା ହୋଇ ଯାଇଛି । ସବୁ ଯାକ ହାଣ୍ଡିର ପଲମ ମେଲା ହୋଇ ପଡିଛି । ସବୁ ପଲମ ଗୁଡାକ ଘୋଡାଇ ଦେଇ ରାଗରେ ଗର ଗର ହୋଇ ପୁଣି ଧାଇଁ ଆସିଲା ବିଲୁଆ ପାଖକୁ । ବିଲୁଆ ଅଚେତ ହୋଇ ପଡିଛି ସେମିତି ଜାଲରେ ଛନ୍ଦି ହୋଇ । ଏବେ ସେମିତି ଜାଲକୁ ଗୋଡେଇ ଘାଡେଇ ବହୁତ କଷ୍ଟରେ ଟେକି ଟେକି ନେଇ ବାଡ଼ି ଆଡକୁ ଚାଲିଲା । ବାଡ଼ିରେ ନେଇ ଦୁମ କିନା ଫିଙ୍ଗି ଦେଇ ଘରକୁ ଆସି ସବୁ ଯାକ ହାଣ୍ଡି ଭଲ ଭାବେ ସଜାଡ଼ିଲା । ଗଙ୍ଗା ପାଣି ଚାରିଆଡ଼େ ଛିଞ୍ଚି ରାତି ପାହିବା ପୂର୍ବରୁ ଘରକୁ ପରିଷ୍କାର ପରିଚ୍ଛନ୍ନ କରିଦେଲା । ହେଲେ ହୁକେହୋର ଚେତା ଫେରିଲା ବେଳକୁ ଦେଖିଲା ପୁରା ଜାଲରେ ଛନ୍ଦି ହୋଇ ପଡିଛି । ପୂରୁବ ଦିଗରେ ସୂର୍ଯ୍ୟ ଉଦୟ ନ ହେଉଣୁ କୁଆଡେ ଥିଲେ କୁକୁର ପଲ୍ ଘେରିଗଲେ ଆମ୍ଫୁଡା କାମ୍ଫୁଡା କରିବାକୁ । ହୁକେହୋର ଆଉ କିଛି ବୁଦ୍ଧି ବାଟ ଦେଖା ଦେଲାନାହିଁ । ଏବେ ମରିବା ଛଡା ବାଟ କିଛି ନାହିଁ କାରଣ ପୁରା ଶିଆଳ ଜାତି ତାର ଦିନରେ କିଏ କୁଆଡେ ବୁଦା ତଳେ ଛପି ଯାଇଥିଲେ । ଆଖି ବୁଜିଦେଇଥିଲା ହୁକେହୋ । ଛେନା ଖାଇ ପରମ ଶାନ୍ତି ପାଇଥିବା ହୁକେହୋ ଆଜି ମରିବା ପାଇଁ ବାଧ୍ୟ ହେଲା ।

ବାପା: ରଞ୍ଜନ ପାଢ଼ୀ

ଶ୍ରେଣୀ:-ସପ୍ତମ

ଜେନିଥ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ

ଗଗନ ବାବୁ ଛକ,ଏଡ଼ତାଳ,ଭଦ୍ରକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସୁନାପୁଅ ସୁଧାରିଦେଲା ଗାଁ ଆମର



ନୂତନ କୁମାର ବେହେରା

--- ଚରିତ୍ରରେ । ---

୧- ନଧି ( ଗାଁର ବୟସ୍କ ବ୍ୟକ୍ତି)

୨- ଚଇତା (ଗାଁର ଅବହେଳିତ ବୟସ୍କ

୩-ରୁଟିଆ (ମାତାଲ୍)

୪- କଲ୍ୟାଣ (କଲେଜ ଛାତ୍ର)

୫- ରତନା ( ଅର୍ଦ୍ଧ ଶିକ୍ଷିତ ଯୁବକ)

୬- ସରସୀ-( ରୁଟିଆର ସ୍ତ୍ରୀ )

୭- ମୋଟୁ -( ରୁଟିଆର ପୁଅ)

ପ୍ରଥମ ଦୃଶ୍ୟ

(ବଡି ଭୋର୍, ଗାଁର ପାଦ ଚଲା ବାଟ, ନିଧି ଓ ଚଇତା ଦୁଇ ଜଣ ଦୁଇ ଦିଗରୁ ଆସିଛନ୍ତି, ବାଟ ମଝିରେ ଭେଟ, ନିଧିର ପାଟିରେ ଦାନ୍ତକାଠି, ଚଇତା ଗୁଡାଖୁ ଖସୁଥାଏ, ତରତର କେଉଁଠି ଝାଡା ବସିବେ)

ଚଇତା- ହେୟ୍, ନିଧି ଅଜା ନା...

ନିଧି-କିଏ, ଓ... ଚଇତା କିରେ.. ସକାଳୁ ସକାଳୁ କେଆଡେ ଆନ୍ଧର ଟରକ ପରି ମାଡି ମାଡି ଯାଉଛୁ ।

ଚଇତା - ଅଜା, ତୁମେ ଯୁଆଡେ ମୁଁ ବି... (ଏଣେ ତେଣେ ଅନେଇ) କୋଉଠି ଟିକେ ବସିବି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଓଃ, ପେଟ କାଟିଲାଣି.... ଭାରି ଜୋର ତଲବ୍ ହେଉଛି ।

ନିଧି- ଆରେ ମୋର ବି ତ, କାଲି ରାତି ବାହା-ଘରିଆ ପେଟେ ଖାଇ ଦେଇଛି ତ, ମଝି ରାତିରୁ ପେଟ ଭିତରେ ଡିଜେ ବାଜୁଛି । ଓ, କି ବଢିଆ ହେଇଥିଲା, ମଟନ ପାଏସ କେତେ କିସ । ଦମେ ଖାଇଛି ।

ଚଇତା- ଅଜା, ବୁଢା ହେଲଣି, ଏତେ ଖାଉଛ ।

ନିଧି - କି ବୁଢା ବେ, ମାତ୍ର ସତୁରୀ, ଅଥାପି ଯୁଆଣଟା ମୋର ଯାଇନି ଉତୁରି ।

ଚଇତା- ତୁମକୁ ମାନିବାକୁ ହେବ, ଆଗ କାଳର ଲୋକ ପରା,ମାନିବନି ପାଣି କାଦୁଅ ଖରା ।

ନିଧି - ଆରେ ତୁ ମୋ ଯୁଆଣ ସମୟଟା ଦେଖିନୁ ମୁଁ ଆଉ ସମୁଦି ଗୋଟେ ଗୋଟେ ଖାସି ଜଳଖିଆ କରି ଦେଉଥିଲୁ ।

ଚଇତା- ଅଜା, ତମ ଫୁଟାଣିଟା ଟିକେ ବେଶି ହୋଇଗଲା ବୋଧେ ।

ନିଧି - ରହ, ରହ, ଆଉ ସମ୍ଭାଳି ହେଉନି । ଲୁଗାପଟା ମାରା ହେଇଯିବ । (ତରତରିଆ ନୁଟା ଧରି ନଟା ଭିତରକୁ)

ଚଇତା- (ମନେ ମନେ ଭାବି) ବୁଢା ଆଜି ଛାଡି କାଲି ମରିବ, ଫୁଟାଣି ଗଲା ନି । ଆରେ ଫିରି ମିଳିଲେ ଲୋକ ଆଲକାତରା ବି ଗିଳି ପକାଉଛନ୍ତି । ଆଉ ଏ ନିଧି ବୁଢାଟା ପେଟେ ନ ଗିଳନ୍ତା କିପରି ?

(ଚଇତା ବି ତରବରିଆ, ବିଲ ଆଡି ତଳକୁ ମାଡି ଯାଇଛି, ଆସିଛ କଲେଜ ପଢୁଆ ଯୁବକ କଲ୍ୟାଣ, ସାଙ୍ଗରେ ରତନା, ତା ହାତରେ ବଡ ମୋବାଇଲ୍, ବାଜୁଥାଏ ଆଧୁନିକ ଗୀତ)

କଲ୍ୟାଣ - ଆରେ ରତନା, କେବେ ଆସିଛୁ ?

ରତନା - ମୋତେ ମକର ଯାତରାରେ ଦେଖିନୁ କି ମୁଁ ମକର ଦି ଦିନ ଆଗରୁ ଆଇଛି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଲ୍ୟାଣ - କେଉଁଠି ଅଛୁ, ସବୁ ଭଲ ତ...

ରତନା - ମୁଁ ଏବେ ମୁମ୍ବାଇରେ ଅଛି, ମୋ ବାବୁ କହୁଥିଲା ମୋତେ ଦୁବାଇ ନେଇ ଯିବ ।

କଲ୍ୟାଣ - ତୁ ମୁମ୍ବାଇରେ ରହ କି ଦୁବାଇ ଯାଆ, ଗାଁ କଥା ଭୁଲିବୁ ନି ।

ରତନା - ଆରେ, ଭୁଲିଥିଲେ କଣ ... ଆସିଥାନ୍ତି

କଲ୍ୟାଣ - ଆଉ ସେ ପଟେ ରହି ପିଆ ପିଇ କରୁନୁ ତ...

ରତନା - ବେଳେ ବେଳେ ପାଟି ଫାଟି ସେମିତିକା ଟିକେ ଟିକେ ହେଇ ଯାଏ, ନିଜ ପଇସାରୁ ନୁହେଁ । ଫିରି ମିଳିଲେ ।

କଲ୍ୟାଣ - ପିଇ ପିଇ ଫିରି, କରୁ କରୁ ଦାଦାଗିରି ହେଇ ଗଲେ ଡେରି, ଛାଡି ପାଇବୁନି ଯିବା ଯାଏଁ ମରି । ସାବଧାନ...

ରତନା - ଆରେ ତୁ, ତା ମଜା ଜାଣିନୁ, ଦିନେ ପିଇଲେ ଜାଣିଥାନ୍ତୁ ତା' ମଜା । ଲାଇଫ୍‌ଏନ୍‌ଜୟ୍ କରିବାକୁ ଆଜିକାଲି ଲୋଡା 4M,

କଲ୍ୟାଣ - 4M ମାନେ...

ରତନା - ଆରେ କଲେଜରେ ପଢୁଛୁ, ଜାଣିନୁ ଏଇଟା... ଶୁଣ ଏମ୍ ରେ ମାଲ୍ ଅର୍ଥ ମନି, ମାଇପ, ମଦ ଆଉ ମୋବାଇଲ୍ ।

କଲ୍ୟାଣ- ବେ ରତନା, ଦେଖୁଛି ତୁଟା ପୁରା ବିଗିଡି ଯାଇଛୁ । ଆରେ ବାଟକୁ ଆସ୍ । ପାଠ ତ ପଢିଲୁ ନି । ପଢା ଛାଡି ବାହାରକୁ ଯାଇଛୁ, ମଣିଷ ହେବାକୁ ଚେଷ୍ଟା କର ।

ରତନା - ମୁଁ କି ପଶୁ ଟା, ଛାଡ୍ ନା, ମୋତେ ବୁଦ୍ଧି ଶିଖେଇବୁ, ଆରେ ତୋ ପରି କଲେଜ ପଢୁଆ ଛୁଆ ପରା ଚରସ୍ ହିରୋଇନ୍, ବ୍ରାଉନ୍ ସୁଗାର୍, କେତେ କଣ ଡ୍ରଗସ୍ ନେଉଛନ୍ତି । ମୋ ପାଖରେ ତୁ ସାଧୁ ବୋଲେଇ ହେଉଛୁ । ତୋର ପରା ଆର ସାହି ଝିଲ୍ଲୀ ସାଥିରେ ଚକର୍

 Magazine Downloaded from www.aahwaan.com

ଚାଲିଛି । ନିଜ କଥା ସମ୍ଭାଳ, ପରେ ମୋତେ କହିବୁ....( ଚାଲିଗଲା)

କଲ୍ୟାଣ - ଏମାନଙ୍କୁ ଆଉ ପାରି ହେବନି ।

( ଚଇତା ଝାଡା ଫେରି ଆସିଛି, ତାକୁ ଦେଖି) ଏ କଣ କକେଇ, ତୁମେ କଣ ବାହାରେ ଆସି ଝାଡା ଯାଉଛ । ସରକାର ଘର ଘର ଶୌଚାଳୟ କରି ଦେଲେ ଅଥଚ ତୁମେ ବାହାରକୁ ଆସି ମଳତ୍ୟାଗ କରୁଛ ।

ଚଇତା - ହଁ ରେ କଲ୍ୟାଣ, ତୁ ଠିକ୍ କହୁଛୁ ଯେ ଆମେ ତୋ ଖୁଡି ସାଥିରେ ତୋ ଭାଇ ଭଉଣୀ ମିଶି ପାଞ୍ଚ ଜଣ, ଜଣ ଜଣ କରି ପାଞ୍ଚ ଜଣକୁ ଝାଡା ଯିବାକୁ ସମୟ କାହିଁ.. ତା ଛଡା ଏଡିଏ ଟିକେ ଗାତ, ଦିନ୍ ଦିନ୍ ବେଭାର କଲେ ଗାତ ଭରି ଯିବ, କହନା ସେ ନରକ କିଏ ସଫା କରିବ । ସେ ସବୁ ଝିଅ ବୋହୂ ମାନଙ୍କ ପେଇଁ । ଆମର କି ଅଛି ଆମେ ମରଦ ଲୋକ....

କଲ୍ୟାଣ - କକେଇ, ତୁମେ ଭୁଲ୍ ବୁଝିଛ । ସମସ୍ତେ ବ୍ୟବହାର କରି ପାରିବେ । ପାଇଖାନା ଟାଙ୍କି ପୁରିବାକୁ ପନ୍ଦର କୋଡିଏ ବର୍ଷ ଚାଲିଯିବ । ସେତେବେଳେକୁ ସେ ସବୁ ଖତ ହେଇଯିବ ।

ନିଧି- (କଥା ଶୁଣି ଶୁଣି ନିଧି ବୁଢା ଆସିଛି, ହାତରେ ନୁଟା) ହଁ ଯେ , ଗୋଟେ ପାଇଖାନାରେ ସଭିଏଁ ଝାଡା ଗଲେ, ଏମିତି ଗାଁ ସାରା ଯଦି ସବୁ ବେଭାର କରିବା ତେବେ ଗାଁ ଯାକ ଗୁହ ଗୁହ ବାସିବ ନି,

କଲ୍ୟାଣ - ବଡ଼ ବା, ତୁମେ ଜାଣିନ କି ପାଇଖାନା ବ୍ୟବହାର କରିବା ସାଙ୍ଗରେ ଫିନାଇନ୍ ହାର୍ପିକ୍ ଆଦି ପକାଇବ ।

ନିଧି - ଆରେ ହଗିବୁ ବୋଲି ଆହୁରି ପଇସା ସାରିବୁ ।

କଲ୍ୟାଣ - ବଡ ବା, ତମେ ଲୁଗାପଟା ପିନ୍ଧୁଛ, ସେ ସବୁ କଣ ସଫା କରୁ ନ । ସେମିତି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶୌଚାଳୟ ପାଇଁ ମାସକୁ ପଚାଶ ଟଙ୍କା ଖର୍ଚ୍ଚ ହୋଇ ପାରେ ।

ଚଇତା- ଆମ ଘରେ ତ କୂଅ ନାହିଁ, ପାଇଖାନାରେ ଏତେ ପାଣି ଆଣି ଢାଳିବୁ କେମିତି ?

କଲ୍ୟାଣ - ଏ ସବୁ ବିଚାରି ଆମେ ଚଳିଲେ ଆମ ପରିବେଶ ପରିମଳ ହେବ କେମିତି ? ମୋଦୀଜୀ ଆମ ପ୍ରଧାନମନ୍ତ୍ରୀ ସ୍ୱଚ୍ଛ ଭାରତ ଅଭିଯାନ ପାଇଁ ଯେଉଁ ନାରା ଦେଇଛନ୍ତି, ତାହା ସାକାର ହେବ କେମିତି ? ସ୍ୱାସ୍ଥ୍ୟର ମୂଳ ଗାଁ ପରିମଳଏଣେ ତେଣେ ମଳମୂତ୍ର ତ୍ୟାଗ କରି ଆମେ ପରିବେଶ ନଷ୍ଟ କରୁଛୁ । ନା ନା ରୋଗ ଜୀବାଣୁ ବ୍ୟାପୁଛି । ଆମେ ଅନେକ ରୋଗର ଶୀକାର ହେଉଛୁ ।

ନିଧି - ହଁ ଯେ ଆମେ କେଇ ଜଣ ବୁଝି ଗଲେ କି ହେବ ।

ଚଇତା- ଗାଁ ଯାକ ତ ଶୌଚାଳୟ, କିଏ ଛେଳି କୁକୁଡା ରଖୁଛି ତ କିଏ କାଠ ପତର । ଆମେ କି କରି ପାରିବା ।

କଲ୍ୟାଣ - ଏଥିପାଇଁ ତ ଭାରି ଦୁର୍ବଳ,ଆମ ଗାଁ ପରିମଳ । ଆମ ସମସ୍ତଙ୍କୁ ସଜାଗ ହେବାକୁ ପଡିବ, ସଚେତନ ହେବାକୁ ପଡ଼ିବ । ଯିଏ ନ ବୁଝୁଛି ତାକୁ ବୁଝାଇବାକୁ ପଡ଼ିବ ।

ନିଧି - କାହାର କାମ ନାହିଁ ଯେ ଜଣେ ଜଣକୁ ମାଷ୍ଟର ଭଳିଆ ବୁଝାଇବ । ତା ଛଡା ଆମ କଥା କିଏ ମାନିବ ଯେ....

କଲ୍ୟାଣ - ମୋ ସାନ କଥା ମାନ, କାମ ଛାଡି କାହାକୁ ବୁଝାଇବା ଦରକାର ନାହିଁ । ତମେ ନିଜେ ଆଗେ ଏ ସବୁ କର । ଦେଖିବ ଅନ୍ୟମାନେ ବି କରିବେ । ଧିରେ ଧିରେ ସମସ୍ତେ ବୁଝି ଯିବେ । ଅନ୍ୟକୁ କହିବା ଆଗରୁ ନିଜେ ତା କରୁଥିବା ଦରକାର । ବଡ ବା, କକେଇ ତୁମେ ମୋ କଥା ମାନି ଦେଖ, ତାପରେ କହିବ ।

ଦୁହେଁ - ହଉ , କାଲିଠୁ ଦେଖିବା (ଚାଲିଗଲେ)

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଲ୍ୟାଣ - ଏମିତି ଚାଲିଥିଲେ ପରିବର୍ତ୍ତନର ସ୍ୱର,

ସ୍ୱଚ୍ଛ ଅଭିଯାନ ଆମ ହେବସାକାର ।

---- ମଞ୍ଚ ଅନ୍ଧାର ----

ଦ୍ୱିତୀୟ ଦୃଶ୍ୟ

(ରୁଟିଆ ଘର, ମୋଟୁକୁ ପିଟି ପିଟି ଆଣିଛି ସରସୀ, ସେ ସ୍କୁଲ୍ ଯାଉନି)

ସରସୀ - ତୋତେ ଆଜି ମାରି ମାରି ତୋ ହାଡ ଗୋଡ ଚୁନା କରି ଦେବି । ମକର ଛୁଟି ଯାଇ ପନ୍ଦର ଦିନ ହେଲାଣି, ଜମାରୁ ସ୍କୁଲ୍ ଯିବାକୁ ନା ଧରୁନୁ କି ପଠାଇଲେ ଯାଉନୁ । କହ ସ୍କୁଲ୍ ଯିବୁ କି ନାହିଁ ।

ମୋଟୁ - (କାନ୍ଦି କାନ୍ଦି) ଆଜି ଯିବି ନି, କାଲିକୁ ଯିବି ।

ସରସୀ -ଆଜି କି ପାଇଁ ଯିବୁ ନି...

ମୋଟୁ - (ଚୁପ୍, ସକେଇ ସକେଇ କାନ୍ଦୁ ଥାଏ)

ସରସୀ -(ଗେଲ କରି) ମୋ ବାପଟା ପରା, ଆରେ ପାଠ ନ ପଢିଲେ ଭଲ ମଣିଷ କେମିତି ହେବୁ ? ଘରେ ରହି ସମୟ ନଷ୍ଟ କରୁଛୁ । ଚାଲ୍ ତୋତେ ମୁଁ ସ୍କୁଲ୍ ରେ ଛାଡି ଦେବି ।

( ସରସୀ ପୁଅକୁ ନେଇ ଯିବାକୁ ଉଦ୍ୟତ, ମଦ ପିଇ ନିଶାରେ ଟଳି ଟଳି ଆସିଛି ରୁଟିଆ)

ରୁଟିଆ - ଆଲୋ ସର, ତାକୁ କୁଆଡ଼େ ନେଉଛୁ ।

ସରସୀ - ସକାଳଟାରେ ପେଟେ ପିଇ ଦେଇ ଚାଲି ଆସିଲୁ, ତୋର ପିଲାଛୁଆ କି ଘର ଚିନ୍ତା ଅଛି ? ମୁଁ ଆସେ ମୋଟୁକୁ ସ୍କୁଲ୍ ରେ ଛାଡି । ତୋ କଥା ବୁଝିବି...

ରୁଟିଆ -( ସରସୀର ହାତ ଧରି) କି କହିଲୁ ମୋ କଥା ବୁଝିବୁ । ଖବରଦାର୍ ତାକୁ ସ୍କୁଲ୍ ନେ ନା, ସେ ପାଠ ପଢି କି କରିବ । ସ୍କୁଲ୍ ରେ ପଢା ହେଉନି । ଯାଉଛି ଅଣ୍ଡା ଖାଇବ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସରସୀ - ବକର ବକର ନ କରି ଧିରେ ରହ । ମୁଁ ଆସୁଛି ।

ରୁଟିଆ - ନାଇଁ, ତୁ ଖବରଦାର୍ ଯାଇ ପାରିବୁନି । ସେଠି କଣ ତୋର ଗେରସ୍ତ ଅଛି । ଚେହେରା ଦେଖେଇବାକୁ ଉଚ୍ଛୁର ହେଉଛୁ ।

ସରସୀ - (ବଡ ପାଟିରେ)ଏୟ୍ , ମାତାଲ୍ ହେଲୁ ବୋଲି ତୋର କଥା ଭାଷା ବି ଠିକ୍ ରହିବ ନାହିଁ । ଶୁଣ ତୁ ତ ମୋ ହାତ ଧରି ମାତାଲ୍ ହେଇ ମୋ ଜୀବନଟାକୁ ମାଟି କରିଦେଲୁ । ଏ ପୁଅଟାକୁ ଆଜିରୁ ନଜର ନ ଦେଲେ ସେ ବି ତୋହରି ବାଟ ଧରିବ ।

ରୁଟିଆ - ନହେଲେ ବାକି ଡାକ୍ତର କି ଇଂଜିନିୟର ହେଇ ଯିବ, ନୁହେଁ ।

ସରସୀ- ସେ ଯା' ବି ହେଉ ଗୋଟେ ଭଲ ମଣିଷ ହେବ, ତୋ ପରି ମାତାଲ୍ ନୁହଁ । ଚାଲ୍ ସ୍କୁଲ ଚାଲ୍ ।

ମୋଟୁ - ମାଆ ମୁଁ ଆପେ ଯିବି ।

ସରସୀ - ବାଃ, ମୋ ସୁନା ପୁଅ, ଯାଆ ବାପା ଯା... (ମୋଟୁ ସ୍କୁଲ୍ ଚାଲି ଗଲା)

ରୁଟିଆ - ଶାଳୀ, ଛୁଆକୁ ସ୍କୁଲ ପଠେଇ ଘରେ ବସି ବସି ନାଗର କରିବୁ, ନାଇଁ...

ସରସୀ – ଏୟ୍, ପୁଣି ଭାଷା ଖରାପ କରୁଛୁ । ଦେଖିବୁ, ସେ ଦିନ ପରି ଅଦା ଛେଚା ଛେଚିବି । ହାୟରେ ମୋ ପୋଡା କପାଳ । ଏ ମାତାଲ୍ କୁ ପିଟି ମାରି, କିଛିରେ ବି ପାରୁ ନି । ହେ ଭଗବାନ ମୋତେ ମରଣ ହେଲେ ଦିଅ ।

ରୁଟିଆ - କି କହିଲୁ, ମୁଁ ମରିବି, ତୁ ରାଣ୍ଡ ହେବୁ ଲୋ, ରାଣ୍ଡ...

ସରସୀ - ତୁ ଟା ତ ମରି ଗଲେ ତରି ଯାନ୍ତି । ବରଂ ମୂଲ ମଜୁରୀ କରି ଛୁଆ ମଣିଷ କରନ୍ତି । ସବୁ ତ ତୁ ମଦ ପିଇ ପିଇ ଉଡେଇ ଦେଉଛୁ ।

ରୁଟିଆ - ତୋ ବପାର ପିଇଛୁ କି ଲୋ, ଅଲବଦ୍ ପିଇବି ତୁ ମୋର କି କରିବୁ । କରି ଦେଖା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଥରେ..

ସରସୀ - (ଅଣ୍ଟାରେ ଲୁଗା କାନି ଗୁଡେଇ ) ଦେଖିବୁ ତ... ଏଇ ଦେଖ୍, ଆଉ ଏଣିକି ପିଇବୁ..

( ବେଦମ୍ ପିଟି ପିଟି ତଳେ ପକାଇ ଦେଇଛି)

ଅଲପେଇସା, ଗାତୁଆ ମଦଟା ତୋ ପାଇଁ ଏତେ ବଡ ନାଇଁ । ଆଜି ମାରୁ ମାରୁ ତୋତେ ମାରି ଦେବି ମୁଁ ବି ମରିଯିବି । ନିତି ନିତି ଏମିତି ମରି ଜିଇଁବା ଠାରୁ ସବୁଦିନ ପାଇଁ ମରିଗଲେ ଭଲ । (ବସି ପଡି, ବାହୁନି ବାହୁନି କାନ୍ଦିଛି) ମୁଁ କି ଭାଗ୍ୟ ନେଇ ଜନମ ହେଲି, ଏମିତି ମଦୁଆ ସ୍ୱାମୀକୁ ନେଇ ନିତି ନିତି ଅଶାନ୍ତିରେ ମଲି । ବାପା, ଏମିତି ଲୋକର ହାତରେ ହାତ ଧରାଇଲ, ତଣ୍ଟି ଚିପି କିଆଁ ମାରି ନ ଦେଲ । ବୋଉଲୋ...

ରୁଟିଆ - (ଉଠିଛି, ନିଶା ଛାଡି ଯାଇଛି) ସର, ସର ଲୋ, ତୁ କାନ୍ଦୁଛୁ । ମୋ ସୁନାନାକି, ଆଉ କାନ୍ଦ ନା, ଆଜିଠୁ ମୁଁ ଆଉ ମଦ ପିଇବି ନାହିଁ । ନିୟମ କରୁଛି । ମୋତେ ବିଶ୍ୱାସ କର ।

ସରସୀ - ନିଶା ଛାଡି ଗଲେ ତ ସବୁ ଦିନ ଏମିତି କୁହ । ତା'ପରେ ଯେମିତି କୁ ସେମିତି । ତୁମ ମାତାଲ୍ ମାନଙ୍କର କଥାର କି ଦାମ୍ ।

ରୁଟିଆ - ଠିକ୍ ଅଛି, ଆଜିଠୁ ଶପଥ କଲି, ମଦ ମୁଁ ପିଇବି ନାହିଁ । ନାଇଁ ନାଇଁ ମଦ ପିଇବି ନାହିଁ....

---- ମଞ୍ଚ ଅନ୍ଧାର -----

ଶେଷ ଦୃଶ୍ୟ

(ଚଇତା ବହୁତ ଖୁସିରେ ଡାକି ଡାକି ଆସିଛି)

ଚଇତା- ଅଜା, ଅଜା, ଆରେ କୁଆଡ଼େ ଗଲ, ଆସ ଆସ ସମସ୍ତେ ଆସ, ସଭିଏଁ ଶୁଣ ଖୁସି ଖବର । ଆମ ଗାଁର କଲ୍ୟାଣ କଲେଜରେ ଟପର ହୋଇଛି ଟି.ଭି. ତାକୁ ଦେଖଉଛି, କଲ୍ୟାଣ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆମ ଗାଆଁ ର ସୁନା ପୁଅ ।

ନିଧି - (ଆସି) କିରେ, ଚଇତା କି ହେଲା, ଗାଁ ଟାକୁ ଏମିତି ପକଉଛୁ ଉଠଉଛୁ ଯେ...

ଚଇତା- କି ନ ହୋଇଛି ମ... ଆମ ଗାଆଁର କଲ୍ୟାଣ ପରା ଫାଷ୍ଟ ହୋଇଛି,କଲେଜରେ ଟପର ।

ନିଧି - ଆରେ ସେଇଟା କିଶ, ଟପର ମାନେ...

ଚଇତା- ସବୁ ପିଲାଠାରୁ ବେଶି ନମ୍ବର ରଖିଛି । ଓଡିଶାରେ ଏକ ନମ୍ବର ହୋଇଛି । ଆମ ଗାଆଁ ନାଆଁକୁ ସାରା ରାଇଜରେ ବଡ କରିଛି । ସେ ଆମ ଗାଆଁର ସୁନା ପୁଅ...

ନିଧି- ସତରେ ଟୋକାଟାକୁ ମାନିବାକୁ ପଡିବ, ଦେଖୁନ ଆମକୁ ଗାଁ ଯାକ ବୁଝେଇ କେମିତି ସବୁ ସୁଧାରି ଦେଲା । ଏବେ ତ ଆମେ ସମସ୍ତେ ଶୌଚାଳୟରେ ହିଁ ଝାଡା ଯାଉଛୁ । ଗାଁ ରାସ୍ତା ଘାଟ ପୋଖରୀ ତୁଠ କେମିତି ଚକାଚକ । ଗାଁ ରୁ ମଦ ଦୋକାନ ଉଠିଗଲା । କେହି ଆଉ ମଦ ପିଉ ନାହାଁନ୍ତି । ସବୁ ତାହାରି ପାଇଁ ।

(ରୁଟିଆ ଓ ତା'ସ୍ତ୍ରୀ ସରସୀ ଆସିଛନ୍ତି)

ସରସୀ - କେବଳ ସେତିକି ନୁହେଁ ମଉସା, ଦେଖୁନ ତୁମ ପୁତୁରା ନିଶା ଛାଡି କେତେ ଭଲ ମଣିଷ ପାଲଟି ଯାଇଛନ୍ତି । ସବୁରି ମୂଳରେ ତ କଲ୍ୟାଣର ପ୍ରେରଣା ।

ରୁଟିଆ - ମୁଁ ତୁଛାଟାରେ ବିଷ ଗୁଡାକ ଖାଇ ଘରେ ଅଶାନ୍ତି କରି ଜୀବନ ବରବାଦ କରୁଥିଲି । ତା'ପାଇଁ ଆମ ଗାଆଁରେ ମଦ ବନ୍ଦ ହୋଇଛି ।

ରୁଟିଆ- ଚାଲ, ଆମେ ସଭିଏଁ ତାକୁ ମିଠା ଖୁଆଇବା, ସେ ଆମର ଗୌରବ...

ସମସ୍ତେ - ହଁ... ହଁ, ଚାଲ... (ହାତରେ ମିଠା ନେଇ କଲ୍ୟାଣ ଆସିଛି, ସାଥିରେ ରତନା)

କଲ୍ୟାଣ - କେହି ଆଉ ଆସିବା ଦରକାର ନାହିଁ । ମୁଁ ଆସି ଯାଇଛି । ସମସ୍ତଙ୍କୁ ମୁଁ ଆଜି ମିଠା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖୁଆଇବି ।

ରତନା - କଲ୍ୟାଣ ଟପର ହୋଇଛି । ସେ ଆମ ଗାଆଁର ନାଆଁ ରୋସନ୍ କରିଛି । ମୁଁ ଭୁଲ୍ ବାଟରେ ଯାଉଥିଲି, ମୋତେ ବି ବଦଳାଇ ଦେଇଛି ।

କଲ୍ୟାଣ - (ସମସ୍ତଙ୍କୁ ପ୍ରଣାମ କରି) ମୁଁ ଆପଣମାନଙ୍କ ଆଶୀର୍ବାଦ ପାଇ ଆଜି ସଫଳ ହୋଇଛି । ଆପଣମାନେ ମୋ କଥା ମାନି ବଦଳି ଯାଇଛନ୍ତି । ଗାଁ ପରିବେଶ ପରିମଳ ସବୁ ବଦଳି ଯାଇଛି ,ଆମ ଗାଆଁ ଆଜି ହସୁଛି । ଏ ସବୁ ଆପଣମାନଙ୍କ ପାଇଁ । ଆମ ପାଇଁ ଆଉ ଏକ ଖୁସି ଖବର ଆମ ଗାଁ 'ସ୍ୱଚ୍ଛ ସୁନ୍ଦର ଗାଆଁ' ବୋଲି ସରକାର ଏକ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଛନ୍ତି ।

ସମସ୍ତେ - (ଖୁସିରେ) ବାଃ ବାଃ, କଲ୍ୟାଣ, ତୋର ଯବାବ୍ ନାହିଁ । ତୁ ଆମ ସମସ୍ତଙ୍କ ପାଇଁ ଖୁସି ଆଣି ଦେଇଛୁ ।

ନିଧି- ଆରେ କଲ୍ୟାଣ ଆମ ଗାଆଁର ସୁନା ପୁଅ, ଏ ସୁନା ପୁଅ ସୁଧାରି ଦେଇଛି ଗାଆଁ ଆମର ।

ରତନା - ଆସ , ଆମେ ସଭିଏଁ ଏକାଠି ହୋଇ ଏ ଖୁସିରେ ଉତ୍ସବ ପାଳିବା । ସମସ୍ତଙ୍କ ପାଇଁ ଏକ ଉଦାହରଣ ପାଲଟିବା ।

ସୁନା ପୁଅ କଲ୍ୟାଣ ଭାଇ, ଜୟ... ଜୟ

ଆମ ଗାଆଁର ଜୟ....

( କ୍ରମେ କ୍ରମେ ମଞ୍ଚ ଅନ୍ଧାର ହୋଇ ଆସିଲା)

ଜୟକଳା

କୋହି,ଗଡିଆ,ମୟୂରଭଞ୍ଜ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କବିତା ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଦଗ୍ଧ ସ୍ୱର



ରୋଜା ପଣ୍ଡା

ପଦେ ମିଠା କଥା, କେଇ ବୁନ୍ଦା ଆନନ୍ଦାଶ୍ରୁ
କାଣିଚାଏ ପ୍ରେମ ଆଉ କିଛିଟା ବିଶ୍ୱାସ
ବାସ ଏତିକି କଣ ଯଥେଷ୍ଟ ନୁହେଁ
ଜୀବନ ବଞ୍ଚିବା ପାଇଁ.....
ଅଭଙ୍ଗ,ସଭଙ୍ଗ ଆଉ ଭଙ୍ଗାଭଙ୍ଗର
ଅଳଙ୍କାର ଭିତରେ
ଗୁର୍ଜ୍ଜରୀ ଛନ୍ଦକୁ ନେଇ,ରାଗ ଭୈରବୀରେ
ରସର ତାଳେ ତାଳେ
ଗୀତଟିଏ ଗାଇବା ପାଇଁ.....
ଜୀବନ କଣ ଏତେ କଣ୍ଟକିତ ସତରେ ?
ପ୍ରତିଟି ପାଦରେ କଣ କେବଳ
ଯନ୍ତ୍ରଣାର ବିଦଗ୍ଧ ସ୍ୱର ?

ନା କେବଳ ଆମେ ହିଁ କରିଛେ
ଏହାକୁ ଅନନ୍ୟ ଅପରୂପ ସୁନ୍ଦରରୁ
କଦର୍ଯ୍ୟ ,ନୈରାଶ୍ୟ ଓ କଦାକାର.....
ତେବେ ଜୀବନ ଯଦି ଆମର
ତାକୁ କିପରି ଭାବେ ଗଢିବା
ସେ ଗୁରୁ ଦାୟିତ୍ୱ ବି ଆମର
କୁସୁମରେ ସଜାଇ ସୁବାସିତ ସୁଗନ୍ଧେ
ଭେଟି ଦେବା ଜୀବନକୁ ଆଉ ଏକ
ଅତୁଳନୀୟ ସୁସଜ୍ଜିତ ମଲ୍ଲହାର ......
ଏହା ହିଁ କାମନା ମୋର, ତୁମର ଆଉ
ଆମ ସଭିଙ୍କର......

ପୂର୍ଣ୍ଣାନନ୍ଦ ଭବନ, ନେତାଜୀ ନଗର,
ମଧୁପାଟଣା, କଟକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅପସରି ଯାଉ ଲଜ୍ଜା



ହରେରାମ ପଣ୍ଡା

ନାରୀ ତୁମେ ବହ୍ନି କନ୍ୟା ,
ଚିର ପୂଜ୍ୟା, ଚିର ବନ୍ଦନୀୟା ,
ତୁମରି ଆଖି ଲୁହରେ ଧ୍ୱଂସ ହୋଇଥିଲା -
ସ୍ୱର୍ଣ୍ଣଲଙ୍କା,
ଯାଜ୍ଞସେନୀ ତୁମେ
ତୁମରି ଆଖିର କଟାକ୍ଷରେ
ବିନାଶ ହୋଇଥିଲା କୁରୁବଂଶ,
କେଉଁଠି ମଦର ଟେରେସା,
କସ୍ତୁରବା, ରମାଦେବୀ ଆଉ ମାଳତୀଦେବୀ ?
ସଂସ୍କାର ଓ ସଂସ୍କୃତିର
ଇତିହାସ ପଷ୍ଠାରେ - ଥାପି ଦେଇଗଲେ
ଯେଉଁ ସ୍ୱର୍ଣ୍ଣାଭ ଅକ୍ଷର -
ତାକୁ ଏ ଦେଶର ମଣିଷ ଆଜି
ଭୁଲିବକି କେବେ ?
ତେବେ ଏ ପବିତ୍ର ମାଟିରେ
କାହିଁକି ଏ ଲଜ୍ଜା ?
କାହିଁକି ଏ ନିର୍ଯ୍ୟାତନା ?
ସ୍ୱାଧୀନତାର ଦୀର୍ଘ ଦିନ ପରେ ବି
ନାରୀର ମର୍ଯ୍ୟାଦା ସମ୍ମାନ ଆଜି
ନୁହେଁ ସୁରକ୍ଷିତ ।
ଦିନକୁ ଦିନ ଯେପରି
କାୟା ବିସ୍ତାର କରି ଚାଲିଛି
ନାବାଳିକା ଦୁଷ୍କର୍ମ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରେମ, ପ୍ରତାରଣା ପରେ ପୁଣି ହତ୍ୟା

ଅବା ଏସିଡ୍ ମାଡ଼ -

ଆଶ୍ରମ ସ୍କୁଲର ଲଜ୍ଜା -

ଗଣ ଧର୍ଷଣ ପୁଣି ହତ୍ୟା -

କନ୍ଧମାଳର ସେବାଶ୍ରମରେ ବ୍ୟଭିଚାର -

ମାଲକାନାଗିରି ଦଶମଶ୍ରେଣୀ ବାଳିକାର ହତ୍ୟା,

ଜୟପୁର ଉମ୍ରି ଆଶ୍ରମ ସ୍କୁଲରେ-

ନାବାଳିକା ଅବୈଧ ମାତତ୍ୱ -

ଏମିତି ପ୍ରତିଦିନ -ଏମିତି ସଂଖ୍ୟାହୀନ -

କୁନ୍ଦୁଲି ପୀଡ଼ିତାର ଆତ୍ମା

ସେ ପୁରରେ ଥାଇଁ ଆଜି ବି ଆର୍ତ୍ତନାଦ କରେ -

'ମୋତେ ନ୍ୟାୟ ଦିଅ !

ମୋତେ ବିଚାର ଦିଅ !

ମୋ ଆତ୍ମାକୁ ଶାନ୍ତି ଦିଅ !'

ସମୟ ଆସିଛି ଜାଗ୍ରତ ହେବାକୁ -

ଜବାବ ମାଗିବାକୁ - ନ୍ୟାୟ ମାଗିବାକୁ -

ପ୍ରତିବାଦ କରିବାକୁ !

ଶକ୍ତିମୟୀ ନାରୀ ତୁମେ !

ତୁମେ ଜାଗ୍ରତ ହୁଅ !

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମ ଆଖିର ସ୍ଫୁଲିଙ୍ଗରେ

ଧ୍ୱଂସ ପାଇଯାଉ -

ମଣିଷର ଏହି ଦାନବୀୟ ଲୀଳା,

ତୁମରି ଉଷ୍ମ ନିଶ୍ୱାସରେ

ପୋଡ଼ିଯାଉ ମଣିଷର ଜାନ୍ତବ ପ୍ରକୃତି -

ତୁମରି କଣ୍ଠର ବଜ୍ର ନିର୍ଘୋଷରେ

ଶାସନର ଆଖି ଖୋଲୁ -

ଅମଣିଷ ଅନୁତାପ କରୁ -

ଅପସରି ଯାଉ ଲଜ୍ଜା -

ଅପସରି ଯାଉ !

କୁଆଁସ, ମେର୍ଦ୍ଧା କାଟିଆଛକ, ଯାଜପୁର ।

ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ,

ମଧୁପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ,

ଭ୍ରାମ୍ୟଭାଷ - ୯୪୩୮୦୭୫୧୯୫ .

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଭୁଲା ତୋ ମିଠାସ୍ମୃତି



ଧୀରେନ୍ଦ୍ର ମଲ୍ଲିକ

ମନେପଡେ ମୋର ତୋ କଥା ପ୍ରିୟା

ଅଭୁଲା ତୋ ମିଠା ସ୍ମୃତି,

ନୟନରୁ ମୋର ନୀତି ଝରେ ଲୁହ

ମାନେ ନାହିଁ ଦିନ ରାତି,,

ନିଜଠୁ ନିଜର ଲାଗୁ ଆପଣାର

ଆଖିରେ ଯାଇଛୁ ଲାଖି,

ବିନା ଦୋଷରେ ତୁ ଦଣ୍ଡ ମତେ ଦୋଉ

ନିଷ୍ପାପ ହୃଦୟ ଦେଖି,,

କେମିତି ଭୁଲିବି ସେ ମିଠା ସ୍ମୃତିକୁ

ସ୍ୱାର୍ଥପରଟିଏ ହେଇ,

ଦୁରଦେଶେ ପ୍ରିୟା ଚାଲିଗଲୁ ତୁହି

ପର ମତେ କରିଦେଇ,,

ତୋହରି ପ୍ରେମର ବିରହ ନିଆଁରେ

ଜଳି ମୁଁ ପାଉଁଶ ହେଲି,

ତୋ ପାଇଁ ପ୍ରିୟା ଦୁଇପଦ ଆଜି

ଲେଖୁ ଲେଖୁ ଲେଖିଦେଲି,,

ନିଳକଣ୍ଠପୁର ମଙ୍ଗଳପୁର ଯାଜପୁର

ଫୋନ : ୭୯୦୪୩୯୭୬୮୬

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କାଉଟିଏ ମୁଁ କାଉଟିଏ



ସାଗର ପ୍ରଧାନ

କାଉଟିଏ ମୁଁ କାଉଟିଏ
ସହଳ ଉଠି ମୁଁ ରାବୁଥାଏ
କିଏ ଫୋପାଡିବ ଅଇଁଠା ମୁଠାଏ
ତାକୁ ପାଇବା ପାଇଁ ମୁଁ ଜଗିଥାଏ ।
କାଉଟିଏ ମୁଁ କାଉଟିଏ
ପରିବେଶ ସଫା ମୁଁ କରିଦିଏ ।

କୁକୁରଟିଏ ମୁଁ କୁକୁରଟିଏ
ଦୁଆର ମୁହଁରେ ଜଗୁଥାଏ
ଅଇଁଠା ପତର ଚାଟୁଥାଏ
ବଳକା ଦରବ ଯାହା ଥିଲେ
ସେତକ ଖାଇ ମୁଁ ଖୁସିହୁଏ
କୁକୁରଟିଏ ମୁଁ କୁକୁରଟିଏ
ପରିବେଶ ସଫା ମୁଁ କରିଦିଏ ।

ଶାଗୁଣା ଟିଏ ମୁଁ ଶାଗୁଣା ଟିଏ
ଲୋପ ପାଉଥିବା ପକ୍ଷୀଟିଏ
ମୃତ କଳେବର ଯାହା ମିଳେ
ପେଟଭରି ତାକୁ ଖାଇଥାଏ
ଶାଗୁଣା ଟିଏ ମୁଁ ଶାଗୁଣା ଟିଏ
ପରିବେଶ ସଫା ମୁଁ କରିଦିଏ । ।

ଶୁକର ଟିଏ ମୁଁ ଶୁକର ଟିଏ
ଅସନା ଜାଗାରେ ରହୁଥାଏ
ଘୁଷୁରୀ ନାମେ ପରିଚିତ ହୁଏ
ରାସ୍ତା କୋଡେ ଯେତେ ଅସନା ଜମେ
ତାକୁ ଖାଇ ମୁଁ ଯେ ବଞ୍ଚିଥାଏ
ଶୁକରଟିଏ ମୁଁ ଶୁକର ଟିଏ
ପରିବେଶ ସଫା ମୁଁ କରିଦିଏ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଣିଷଟିଏ ମୁଁ ମଣିଷଟିଏ

ଭୂମି ଉପରେ ମୁଁ ରାଜାଟିଏ

ଶ୍ରେଷ୍ଠଜୀବ ବୋଲି ଗଣା ହୁଏ

ଗାଡିଆ ସମାନ ପେଟଥାଏ

ଏଣୁତେଣୁ ଯାହା ଯେତେମିଳେ

ସବୁତକ ଖାଇ ଅସନା ଥୁଏ

ମଣିଷଟିଏ ମୁଁ ମଣିଷଟିଏ

ପରିବେଶ ସଫା ମୋ ପାଇଁ ପ୍ରଶ୍ନ ଟିଏ ?

ସାଗର ପ୍ରଧାନ

ଗଂଜାମ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପାନ୍ଥଶାଳାର ବନ୍ଧୁ



ଆଶୁତୋଷ ମେହେର

ଅଜଣା ରାହାର ବଂଧୁ ଆମେ ଦୁହେଁ
ପାନ୍ଥଶାଳାରେ ହିଁ ଦେଖା
ସୁଖ ଦୁଃଖଭରା ପସରା ହାତରେ
ସମୟ ରେଖାର ସଖା ।।
କେଉଁଠୁ ଆସିଛେ କେଉଁ ବାଟେ ଯିବା
ଜଣା କି ଅଜଣା ପଥେ
ସମୟ ଆଣିକି ଏକାଠି ଯୋଡିଛି
ବଂଧୁ ପରିଜନ ମତେ ।।
ଏଇଠି ମିଳିଲା ପରିଚୟ ସିନା
କାହା ଭାଗ୍ୟେ କଣ ଲେଖା
ରାତି ସରିଗଲେ ଯିବା ନିଜେ ବାଟେ
କିଏ ଜାଣେ କେବେ ଦେଖା ।।
ମଧୁର ସମୟ ଲେଖିଲା ସିନା ଏ
ବଂଧୁ ପରିଜନ ଭାବ
ସକାଳ ପାହିଲେ ଚାଲି ଯିବା ପୁଣି
ବାହି ନିଜ ନିଜ ନାବ ।।

ଶେଷ ହେବ ବଂଧୁ ମାଦକ ଏ ଭାବ
ପିଆଲା ପଡିବ ଖାଲି
ଢାଳି ଦିଅ ବଂଧୁ ଶେଷ ଟୋପା ତକ
ପ୍ରେମର ଶରଧା ବୋଲି ।।
ଥମି ଯାଅ କ୍ଷଣେ ଦେଖି ନିଅ ବାରେ
ସୁନ୍ଦର ଭାବର ଆଖି
ହୃଦୟ ରେ ଯାହା ରହିଥିବ ଲାଖି
ପାନ୍ଥଶାଳା ମୁକ ସାକ୍ଷୀ ।।

୫୪ ଆର୍ଯ୍ୟପଲ୍ଲୀ
କିଟଛକ,ପଟିଆ
ଭୁବନେଶ୍ୱର୭୫୧୦୨୪
ଦୂରଭାଷ ୯୪୩୭୦୮୫୩୯୬

 Magazine Downloaded from www.aahwaan.com

# କେମିତି ରହିଲ ଉର୍ମିଳା



ରାମ ପ୍ରସାଦ ସିଂହ

କାହିଁ ହଜିଥିଲା ଲୁହ ତୁମ ଆଖିରେ
ତେବେ ବି ପଡ଼ି ନ ଥିଲ ଭାଙ୍ଗି,
ଥିଲ ତ୍ୟାଗର ପ୍ରତୀକ ସାଜି ନବବଧୂ
ଦୂରେଇ ନିଜ ପତି ।।

ଚଉଦ ବରଷ ଥିଲ ତାଟକା ହୋଇ
ଆସିବେ କେବେ ସୁମିତ୍ରା ନନ୍ଦନ ?
ପ୍ରଭୁଙ୍କ ସେବା କରି ଅଗ୍ରାଧିକାର
ଭୁଲିଲ ନିଜ ଇଚ୍ଛାର ବନ୍ଧନ ।।

ଧନ୍ୟ ତୁମେ ଦେବୀ ଉର୍ମିଳା
ଯୋଗୀ ରାଜ କନ୍ୟା ଶ୍ରେଷ୍ଠ
ସାଜିଲ ମହାନତା ଚିହ୍ନ
ଆପଣେଇ ସମର୍ପଣ ବାଟ ।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମର ସନ୍ଧ୍ୟା



ପ୍ରଶାନ୍ତ କୁମାର ପ୍ରଧାନ

ଲୋହିତ ବର୍ଣ୍ଣର ଅସ୍ତଗାମୀ ସୂର୍ଯ୍ୟ
ଲୁଚିଯାଉଥିଲା ଧିରେ
ନୀଳ ଆକାଶରେ ବାଜୁଥିଲା ବଂଶୀ
ପକ୍ଷୀଙ୍କ କାକଳି ସୁରେ ।।

ପ୍ରେମର ସନ୍ଧ୍ୟାରେ ବିଚରା ପ୍ରେମିକ
ହଜିଛି ମୁଁ ଭାବନାରେ
କାଲି ଆସିବାକୁ କହିଥିଲ ପ୍ରିୟା
ନୟନର ଇସାରାରେ ।।

ଗଡି ତ ଗଲାଣି ଗୋଧୂଳି ସମୟ
ଆସିନାହଁ କିନ୍ତୁ ତୁମେ
ରୂପସୀ ଜହ୍ନ ବି ଉଇଁ ଆସିଲାଣି
ଝଡ ଉଠେ ଏବେ ମନେ ।।

ଶୁନଶାନ୍ ଏଇ ନିର୍ଜନ ବେଳାରେ
ହୁଏ ଖାଲି ମୁଁ ଅଧିର
ଝିଙ୍କାରୀର ସ୍ୱର ଲାଗୁଛି ଯେମିତି
ତୁମ ପାଉଁଜିର ସୁର ।।

ସନ୍ଧ୍ୟାଗଡି ଏବେ ଆସିଲା ଶର୍ବରୀ
ଲୁହଝରେ ନୀରବରେ
ଆସିବ କି ନାହିଁ ଜାଣେ ନାହିଁ ପ୍ରିୟା
ତଥାପି ମୁଁ ଅପେକ୍ଷାରେ ।।

ଗ୍ରାମ-ବୁଦୋମୁଣ୍ଡା
ଜିଲ୍ଲା-ବରଗଡ଼

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଦେବଗିରିରେ ବର୍ଷା



ଉଦୟ କୁମାର ପଣ୍ଡା

ଆକାଶ ଯେବେ ଅଶ୍ରୁପାତ କରେ....

ସମସ୍ତେ କୁହନ୍ତି ବର୍ଷା ।

ଆଉ ପ୍ରଳାପ କଲେ........

ବିଜୁଳି ଓ ଘଡଘଡି ।

ଆକାଶ ଘୋଡିଥିଲା....

ବାଦଲର ଖଣ୍ଡେ କଳା ଚାଦର ।

ସେଦିନ ଅଦିନରେ...

ଘୋଟିଥିଲା ଘୋର ଅନ୍ଧକାର ।

ବାବୁଲି ମାମୁଁଙ୍କ ମାଟି କାନ୍ଥ....

ବେଙ୍ଗପରି ଫୁଲି ଯାଇଥିଲା ।

ମାଟି କାମୁଡି ପଡିଥିଲେ ସବୁ.....

ଗଛ ଲତା ଦେବଗିରି କୋଳେ ।

ପାଣି ଚକ୍ ଚକ୍ କାଦୁଅରେ.....

ଖେଳୁଥିଲେ ବରାହପଲ୍ଲ ଆନନ୍ଦରେ ।

ବିଜୁଳିର ଚକ୍ ମକ୍ ଆଲୁଅରେ...

ଦୃଶ୍ୟମାନ ସବୁଜ ଦେବଗିରି ।

ଭୟଭୀତ ହେଉଥିଲି ଶୁଣି.....

ଭୟଙ୍କର ନାଦ ଜଙ୍ଗଲରେ ।

ଝଡ଼ ତୋଫାନରେ ବସିଥିଲି....

ଦେବଗିରିର ଏକ ଭାଲୁ ଗୁମ୍ଫାରେ ।

ଯୁବକବି - ଉଦୟ କୁମାର ପଣ୍ଡା
ସୋର, ବାଲେଶ୍ୱର,୭୫୬୦୪୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନାରୀ



ପ୍ରକାଶ ରଞ୍ଜନ ସ୍ୱାଇଁ

ଜନନୀ ଯାୟା ଭଗିନୀ
ପୁଣି କେବେ କାଳୀ ସିଏ
କେବେ ମହିଷାନାଶିନୀ ସିଂହବାହିନୀ.
କେବେ ସିଏ ଶାନ୍ତ ରୂପ ଧରି
ଶିବଙ୍କର ଅର୍ଦ୍ଧାଙ୍ଗିନୀ ଶକ୍ତି ତ
ଆଉ କେବେ ସିଏ ବିଷ୍ଣୁଙ୍କର
ପାଟରାଣୀ ରୁକ୍ମିଣୀ ସାଜେ
ସିଏ ନାରୀ, ଯାହାକୁ ସଂସାର ଖୋଜେ .
କେବେ ସିଏ ଫୁଲ ଶେଜ କରି
ଧୋରେ ବାୟା ଗୀତଗାଇ ଶୁଆଇଦିଏ
ତ ଆଉ କେବେ ସିଏ ତ୍ରିଶୂଳ ଧରି
ବିନାଶ କରିବା ପାଇଁ ଆଗେଇ ଆସେ.

ସେଇଥିପାଇଁ ତ ସଭିଏଁ କହନ୍ତି
ବିଭିନ୍ନ ରୂପରେ ସିଏ ଏକାକୀ ନାରୀ .
କେବେ ସିଏ ମାଆ ସାଜି
ପଣତ କାନିରେ ଘୋଡାଇ ଦିଏ
ଆଉ କେବେ ସିଏ ସରସ୍ୱତୀ ସାଜି
ବିଦ୍ୟା ଦାନ କରାଇଥାଏ.
ସବୁ ଦୁଃଖକୁ ନିଜ ଛାତିରେ ଚାପିଧରି
ସଂସାରକୁ ଉନ୍ନତି ପଥରେ ଆଗେଇନିଏ.
ସିଏ ନାରୀ, ଯିଏ ଏକାକୀ ସହେ .
ଯିଏ ଜୀବନ କଷ୍ଟକୁ ଅଙ୍ଗେ ଲିଭାଏ.
ଅବାଟରେ ଗଲେ ହାତ ଧରି ଆଣେ
ସଂସାର ଯାହାକୁ ବିଭିନ୍ନ ରୂପରେ
ଧୂପ ଦୀପ ଆଉ ଚନ୍ଦନରେ ପୂଜା କରିଥାଏ.
ଯିଏ ମୃତ୍ୟୁ ସହ ଲଢେଇ କରି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜୀବନ ଟିଏ ସୃଷ୍ଟି କରିଥାଏ

ସିଏ ଏକାକୀ ନାରୀ, ଆଉ କେହି ନୁହେଁ .

କେବେ ସିଏ ଦ୍ରୌପଦୀ ସାଜି,

ପାଣ୍ଡବଙ୍କ ମଧ୍ୟରେ ବାଣ୍ଟି ହେଇଯାଇଛି ତ !

ପୁଣି ଜୁଆରେ ହରାଇ

ଲଜ୍ଜିତ ହେବାକୁ ପଡିଛି.

ଆଉ ପୁଣି କେବେ ସତୀ ସୀତା ସାଜି

ଶ୍ରୀ ରାମଚନ୍ଦ୍ରଙ୍କ ପାଇଁ ବନବାସ

ବରଣ କରିଛି ତ ଆଉ ପୁଣି

କେବେ ରାବଣ ହାତରେ ଚୋରି ହୋଇ

ସତୀତ୍ୱ ପ୍ରମାଣ ପାଇଁ ଅଗ୍ନିପରୀକ୍ଷା ଦେଇଛି.

ତଥାପି ସିଏ ସବୁ ଦୁଃଖକୁ

ନିଜ ଛାତିରେ ଜାବୁଡି ଧରି

ଓଠରେ ଗୋଟେ ହସ ନେଇ ବଞ୍ଚିଛି.

ସିଏ ନାରୀ, ଯିଏ ଏକାକୀ ସହିଛି .

ସମାଜକୁ ଗୋଟେ ନୂଆ ଶିକ୍ଷା ଦେଇଛି.

କେବେ ତା'କୁ ମୀରା ସାଜି

ପ୍ରେମର ମୂର୍ଚ୍ଛନାରେ, ଭକ୍ତିର ଭାବରେ

ସାରା ଜୀବନ ବଞ୍ଚିବାକୁ ପଡିଛି

ତ ଆଉ ପୁଣି କେବେ ରାଧା ସାଜି

ପ୍ରେମର ବିରହ ଅଗ୍ନିରେ ଜଳିବାକୁ ପଡିଛି.

କେବେ ସିଏ ପତିଙ୍କ ଅଭିଶାପରୁ

ବିନା ଦୋଷରେ ପାଷାଣୀ ସାଜି

ଯୁଗ ଯୁଗ ଧରି ଅପେକ୍ଷା କରିଛି.

କେବେ ପ୍ରଭୁ ଶ୍ରୀ ରାମଚନ୍ଦ୍ର ଆସିବେ

ଆଉ ତାଙ୍କ ପାଦସ୍ପର୍ଶରେ ତା'କୁ ଉଦ୍ଧାର କରିବେ.

ତଥାପି ସିଏ ଅନନ୍ୟକୁ ଏକ କରି

ସହନଶୀଳତାର ପରିଚୟ ଦେଇଛି.

ସିଏ ନାରୀ, ଯିଏ ଏକାକୀ ସହିଛି .

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେବେ ସିଏ ଟେରେସା ସାଜି

ସର୍ବସ୍ୱ ଦେଇ ଦିନ ରାତି ସେବା କରିଛି.

ଆଉ ଟେରେସାରୁ ମଦର ଟେରେସା ହେଇଛି.

ଯିଏ କେବେ ଦିନେ କାହାର ଝିଅ ଥିଲା

ସିଏ ଆଜି ସାରା ପୃଥିବୀର

"ମା' ର ସମ୍ମାନ ପାଇଛି"

ଯିଏ କେବେ କିଛି ପାଇବାର ଆଶା

ମନରେ ନ ରଖି ସେବା କରିଆସିଛି.

ଆଉ ପୁଣି କେବେ ସିଏ

ରାଜ୍ୟ ପାଳନକୁ ଆଖିରେ ରଖି

ସାହସୀକତାର ପରିଚୟ ଦେଇ

ରଣ କ୍ଷେତ୍ରକୁ ଓଲ୍‌ହାଇ ଆସିଛି.

ଯାହାକୁ ସଂସାର ଆଜି ବି

'ଝାନ୍‌ସୀ ରାଣୀ ଲକ୍ଷ୍ମୀବାଈ' ନାମରେ ଜାଣିଛି.

ସିଏ ନାରୀ, ଯିଏ ଏକାକୀ ଲଢ଼ିଛି .

ସଂସାର ଯାହାକୁ ଅବଳା, ଦୁର୍ବଳା କହି

ଘରର ଚାରିକାନ୍ଥ ଭିତରେ ଅଟକାଇବାକୁ

ଶତ ଚେଷ୍ଟା କରିଆସିଛି.

ଆଉ ଯାହାକୁ କିଛି ରକ୍ଷସ ରୂପୀ ନର

ଏକ ପାପ ଦୃଷ୍ଟିରେ ଦେଖିଛି.

ପରିବାର ଯାହାକୁ ବୋଝ କହି

ନିର୍ଯ୍ୟାତନା ଦେଇ ଆସିଛି

ଆଉ କନ୍ୟା ଶିଶୁର ହତ୍ୟା କରିଆସିଛି.

ତଥାପି ସିଏ ତା'ର ସବୁ କର୍ତ୍ତବ୍ୟକୁ ଯୁଗେ

ଯୁଗେ ପ୍ରତିପାଦନ କରିଛି.

ସିଏ ନାରୀ, ଯିଏ ଏକାକୀ ସହିଛି .

ଜୟ ଜଗନ୍ନାଥ.

କୁଣ୍ଡଳା, ଭଦ୍ରକ.

ମୋ : ୭୩୭୭୧୪୨୯୨୨୧

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଲେଖନୀ ଧରିବି ମୁହିଁ



ଭାରତୀ ସାହୁ

ହେ ଫଗୁଣ ତୁମେ ଆସିବା ଆଗରୁ ଅନେକ ଆସିଛି ଚିଠି,
ସବୁ ଚିଠିତକ ଆରମ୍ଭ ହୋଇଛି ଶେଷ ହୋଇନି କେଉଁଠି ।
ବଦଳାଇ ଦେଲା ଅଧା ଲେଖା ଚିଠି ଜୀବନର ପରିଭାଷା,
ମିଛଟାରେ ପିନ୍ଧି କଳଙ୍କର ଟୀକା ହେଲି ସିନା ଲୋକହସା ।
ସକାଳ ଭାସ୍କର ଉଇଁଲାନି ଆଉ ଆସିଲାନି ଜହ୍ନ ରାତି,
ସଞ୍ଜ ଘଣ୍ଟା ମୋର ଜୀବନେ ବାଜିଲା ଦୁଃଖ ହେଲା ଚିର ସାଥି ।
କୁଆଁରୀ ମନରେ କେତେ ସ୍ୱପ୍ନ ମୋର ଉଙ୍କି ମାରୁଥିଲା ନିତି,
ଚାନ୍ଦର ଚାନ୍ଦିନୀ ଆସିଲାନି ଆଉ ଖୋଜିଲିନି ଜହ୍ନ ରାତି ।
ମୋ' ପାଇଁ ସିନା ସବୁ ବଦଳିଛି ମୁଁ କିନ୍ତୁ ବଦଳି ନାହିଁ,
ଫେରିଯା ଫଗୁଣ ଦିଅନା ଯାତନା ଲେଖନୀ ଧରିବି ମୁହିଁ ।

'ସମାପ୍ତ'

ମାର୍ଫତ- ଦୀପ୍ତିକାନ୍ତ ସାହୁ
ଯୁନିଦା ପାଟଣା, ଦଶରଥପୁର,
ଯାଜପୁର,
ମୋ - ୮୮୯୫୯୪୭୩୨୩

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶିକ୍ଷା ଓ ଶିକ୍ଷକ



ସୌମେନ୍ଦ୍ର ମହାନ୍ତି

ଶିକ୍ଷା ଏକ ସୀମାହୀନ ସାଗର
ନା ଅଛି ଅନ୍ତ ନା ଅଛି ଅନ୍ତର
ମାଧ୍ୟମ ଅଟେ ଗୁରୁ ଓ ଶିଷ୍ୟର
ଶିକ୍ଷକ, ଶିକ୍ଷା ଦୁହେଁ ନିରନ୍ତର ।।

ଦୁଇ ପାର୍ଶ୍ୱ ପରା ଗୋଟେ ମୁଦ୍ରାର
ଜଣେ ବିନା ଆଉ ଜଣେ ଅସାର
ଏକ ନାଉରୀ ଅନ୍ୟଟି ସାଗର
କଲ୍ୟାଣ କରିଥାନ୍ତି ସମାଜର ।।

ଶିକ୍ଷା ଶୂନ୍ୟ ହେଲେ ସବୁ ଅନ୍ଧାର
ପାଦେ ଚାଲିବାକୁ ଲାଗେ ଗମ୍ଭୀର
ପଥ ପ୍ରଦର୍ଶକ ଅଟେ ନରର
ସୁ ଗାଥା ପୁଣି ଗାଏ ଗୌରବର ।।

ଦୀପ ହୋଇ ଦୂର କରେ ଅନ୍ଧାର
ନିଜେ ଜଳି ହୋଇଯାଏ ଅଙ୍ଗାର
ଶିଷ୍ୟ ପାଇଁ ଭୁଲେ ଯେ ପରିବାର
କାହା ସଙ୍ଗେ ତା ତୁଳନା ନ କର ।।

ଶିକ୍ଷା ନ ମିଳିଲେ ନଷ୍ଟ ସଂସାର
ପୁଅ ହୁଏ ନାହିଁ ବାପା ମାଆର
ବୋହୂ ମାନେନାହିଁ ଶାଶୁ ଶ୍ୱଶୁର
ଝିଅ ଲୁଚି ଘରୁ ଯାଏ ବାହାର ।।

ଶିକ୍ଷକଙ୍କ ବିନା ଶିଶୁ ବେକାର
ଜୀବନ ହେବନି ସାର୍ଥକ ତାର
ବୁଲିବାକୁ ହେବ ପର ଦୁଆର
ପାଇବନି ସିଏ ମୁଠେ ଆହାର ।।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶିକ୍ଷା ଥିଲେ ସିନା କର୍ମକୁ ଡର
ନ ହେଲେ କରିବ ନାରୀ ସଂହାର
ମଦ୍ୟପାନ କରି ଦୁର୍ବ୍ୟବହାର
ଗୁଣ୍ଡା ଗର୍ଦ୍ଦି କରି ହେବ ଅସୁର ||

ଶିକ୍ଷକ ଶିଖାଏ ସ୍ନେହ ଆଦର
ସଭିଏଁ ଅଟନ୍ତି ଆମ ନିଜର
କେବେହେଲେ ତୁମେ ଗର୍ବ ନ କର
କାହାକୁ ଭାବନି ଧନୀ କି ଚିର ||

ଶିକ୍ଷା ବାର୍ତ୍ତାଦିଏ ହେବାକୁ ବୀର
ଟେକ ରଖିବାକୁ ଜନ୍ମ ଭୂମିର
ନ ହେବାକୁ ପୁଣି କେବେ କାପୁର
ପ୍ରାଣ ଚାଲିଯାଉ ଛାଡି ଶରୀର ||

ଶିକ୍ଷକ କଢାଏ ବାଟ ଆମର
ଜୀବନେ ହୋଇଲେ ନିଃସ୍ୱାର୍ଥପର
ସତ୍ୟ ପଥେ ରଖି ଚାଲ ପୟର
ସମାଜ କରିବ ପୂଜା ତୁମର ||

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହେ ପ୍ରଭୁ ଭାବଗ୍ରାହୀ



ବୁଲୁ ପୋଲାଇ

ଭାବର ସାଗରେ ବୁଡ଼ିବାର ଇଛା
ହେଲେ ତୋ କରୁଣା ନାହିଁ
ମଣିଷ ଜନମ ଦେଇଅଛୁ ସିନା
ନରକ ଭୋଗିବା ପାଇଁ
ଭାବ ଯଦି ଥାନ୍ତା ସବୁ ପ୍ରାଣୀ ଠାରେ
ତୋ ଠାରେ ହୁଅନ୍ତେ ବାଇ
ଭାବ ନାହିଁ ବୋଲି କଳୁଷ ପଙ୍କେ ମୁଁ
ଡାକୁଅଛି ତ୍ରାହି ତ୍ରାହି
ବିନା ଇଛାରେ ତୋ ପତ୍ର ହଲେ ନାହିଁ
'ମୁଁ 'ବୋଲି କହିବି କାହିଁ
ଦୁର୍ଲଭ ଜୀବନ ନର କଳେବର
ତୋ ବିନା ମୁକତି ନୋହି
ପ୍ରାରବ୍ଧ କରମ ଭୋଗୁଅଛି ମୁହିଁ
ତୋ ଇଛାରେ ଗୃହୀଟେ ହୋଇ
ସ୍ୱାର୍ଥ ବଶତଃ କୁକର୍ମ ନିଶ୍ଚୟ
ଆପେ କରିବ ଏ ଦେହୀ
ଭକ୍ତିରସ ଭର ହୃଦୟେ ମୋହର
ଆହେ ପ୍ରଭୁ ଭାବଗ୍ରାହୀ
ଜନ୍ମ ମୃତ୍ୟୁ ଚକ୍ର ଭେଦିବା ହେଉ ହେ
ବୈକୁଣ୍ଠେ ସ୍ଥାନଟେ ଦେଇ
ପାଦ ସେବି ତୁମ ପରମ ଧାମରେ
ଥିବି ନିରନ୍ତର ରହି
ଏତିକି କରୁଣା କର ହେ ଗୋସାଇଁ
ଆଉ କିଛି ଲୋଡ଼ା ନାହିଁ
ତୁମରି ସ୍ମରଣେ ନାମ ଗୁଣ ଗାନେ
ଦିନ କଟୁ ତୋ ପଦ ଧ୍ୟାୟୀ ।

ହିଞ୍ଜିଳି, ଗଞ୍ଜାମ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜୀବନ ସଳିତା



ବାସନ୍ତୀ ଲତା ଜେନା

ଜୀବନ ସଳିତା ସରି ଆସିଲାଣି
ଦୀପରୁ ସରୁଛି ତେଲ
କେତେ ଦୁଃଖ ଆଉ ଦେବୁରେ କାଳିଆ
କରିଦେ ଟିକିଏ ଗେଲ ॥
ବଞ୍ଚିବାର ଇଛା ମଉଳି ଗଲାଣି
ଆଶା ସ୍ୱପ୍ନ ଯାଏ ଝରି
କଣ୍ଟା ଝଟା ପଥେ କେତେ ମୁଁ ଚାଲିବି
ଲଗାଇ ଦେବୁରେ ଡୋରି ॥
ପାପ ପୂଣ୍ୟର ପସରା ମୁଣ୍ଡେଇ
ଶରୀର ହେଲାଣି କ୍ଳାନ୍ତ
ଅବଶ ଶରୀର ପାଦ ଥକିଯାଏ
ରଖ ପ୍ରଭୁ ଜଗନ୍ନାଥ ॥
ହୀରା ନୀଳା ମୋତି ମାଗୁ ନାହିଁ କିଛି
ଅବା ଯଶ ଖ୍ୟାତି ମାନ
ତୋ ଡୋରି ଲାଗିଲେ ଶ୍ରୀକ୍ଷେତ୍ରକୁ ଯିବି
କରିବି ତୋତେ ଦର୍ଶନ ॥

ନରେନ୍ଦ୍ର ଜଳରେ ସ୍ନାହାନ କରିବି
ଦୀପଟିଏ ଦେବି ଜାଳି
ତୋ ବଡ ଦେଉଳେ ଭଜନ ଗାଇବି
କରୁଥିବି ଜପା ମାଳି ॥
ଅଭଡ଼ା ଭୁଞ୍ଜିବି ଆନନ୍ଦ ବାଜରେ
ଛଡା ତୁଳସୀରୁ କିଛି
ତୋର ନାମ ଗାଇ ଭବୁ ପାରିହେବି
ମାଗୁନାହିଁ ଆଉ କିଛି ॥
ଅନ୍ତରେ ଭକତି ଭରି ଦିଅ ପ୍ରଭୁ
କରି ଦିଅ ସ୍ୱଛ ମନ
ଯେତେ ଦିନ ଥିବି ତୋରି ସଂସାରେ
କରୁଥିବି ନାମ ଗାନ ॥

ଶିକ୍ଷୟିତ୍ରୀ, ଗାନ୍ଧିନଗର, ନବରଙ୍ଗପୁର
ହ୍ୱାଟ୍ସଅପ ନଂ : ୯୪୩୭୪୩୨୯୬୧
ଦୂରଭାଷ ନଂ : ୮୬୫୮୬୫୫୯୭୯

Magazine Downloaded from www.aahwaan.com

# ଝିଅ



ରାଜସ୍ମିତା ବିଶ୍ୱାଳ

ମୁଠେ ପାଣିଚୁଡି ଆଉ
ଟୋପେ ସିନ୍ଦୁର,
ବଦଳାଇ ଦିଏ,
ମାନଚିତ୍ର ଗୋଟେ ଝିଅ ଜୀବନର !
ଅଲେଖା ସନ୍ଧିପତ୍ର ସିଏ
ସାରା ଜୀବନ ସହ
ଗୋଟେ ନୀରବ ସଂଘର୍ଷର !
ବନ୍ଧା ଗାଇ ଭଳି
ଏ ଖୁଣ୍ଟରୁ ସେ ଖୁଣ୍ଟକୁ
ଭିଡା ହୁଏ ସିଏ
ବେକରେ ତା ଦାୟିତ୍ୱ ଆଉ
କର୍ତ୍ତବ୍ୟର ଜଞ୍ଜିର !

ସେ ମାଟିରୁ ଚାଲି ଆସେ
ଏ ମାଟିକୁ ଖଟିବାକୁ ଦାଦନ,
ଶୁଝିବାକୁ କରଜ ବାପମାଙ୍କର
ତା ଝିଅ ଜନ୍ମର !
ଦୀପ ଭଳି ଅହରହ,
ଧୁକୁଧୁକୁ ଜଳେ ସିଏ
ରାତିର ବହଳ ଅନ୍ଧାରେ
କଇଁକଇଁ କାନ୍ଦେ ସିଏ,
ଦୁଃଖ ସବୁକୁ ରାତିର ପଣତରେ
ଘୋଡେଇ ଦେଇ,
ସକାଳର ସିଏ ଲାଲ ଟହଟହ
ସିନ୍ଦୁର ଟୋପାଟିଏ !
କେହି ଜଣେ ହେଲେ ମାପି ନାହିଁ
ତା ଦୁଃଖର ଗଭୀରତା,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବଢ଼ାଇ ନାହିଁ ସହଯୋଗର ହାତଟିଏ,

ଜୋର ଜବରଦସ୍ତ ଜାହିର

କରନ୍ତି ଅଧିକାର,

କେବେ ବୋହୁ ଅବା କେବେ ସ୍ତ୍ରୀ

ସତେ ଅବା ସିଏ

ଭାରବାହି ପଶୁଟିଏ,

ଜୀବନର ଶେଷ ଯାଏ,

ଜୁଇରେ ଶୋଇବା ଯାଏ,

ସହିଚାଲେ ବିନା ପ୍ରତିବାଦରେ

କେବଳ ମୁଠେ ପାଣିଚୁଡି,

ଆଉ ଟୋପେ ସିନ୍ଦୂରର

ଖାତିରରେ !

ଢେଙ୍କାନାଳ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବେଦନାର ବିଶ୍ଳେଷଣ



ସିଦ୍ଧେଶ୍ୱର ତ୍ରିପାଠୀ

ବେଳେ ବେଳେ ଇଚ୍ଛା ହୁଏ
ସବୁ ସୀମା ସରହଦ କୁ ଡେଇଁ
ତୁମ ପାଖକୁ ଧାଇଁ ଯିବାକୁ
ଲାଖି ଯିବାକୁ ତୁମ ଛାତିରେ
ତୁମକୁ ଜାବୁଡି ଧରି
ଆଖିରୁ ସାରିଦେବାକୁ ସବୁ ଲୁହ ।

ତୁମ କାନ୍ଧରେ ଆଉଜି
ମିଟେଇ ଦେବାକୁ ସବୁ ଦୁଃଖ
ତୁମ ସହ ଦୁଃଖ ସୁଖ ବାଣ୍ଟି
ହାଲୁକା କରିଦେବାକୁ ଏ ଜୀବନ ।

ହେଲେ ଏମିତି କଣ କେବେ ହୁଏକି ?
ମୋର ଇଚ୍ଛା ଗୁଡା
ସେମିତି ପୋତି ହୋଇ ଯାଆନ୍ତି
ତୁମ ନୂଆ ଠିକଣା ତଳେ

ମୋ ପାଦରେ ଲାଗିଯାଏ ଶିକୁଳି
ସମାଜ ଆଉ ସଂସ୍କାର ଛାପରେ
ମୋ ଇଚ୍ଛା ଗୁଡା ମଉଳି ଯାଏ
କେହି ଜଣେ ଶତ ବାର
ଧିକାର କରୁଥାଏ ମୋତେ
ମୁଁ କୁହୁଳୁ ଥାଏ
ଭିତରେ ଭିତରେ
ତୁମରି ସ୍ମୃତିରେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତୁମ ମନ ଆଇନାରେ
ଆଉ ଏବେ କଣ ଥରେବି
ଉକୁଟି ଆସେନି  ମୋ ଭାବନାର
ହଉ ପଛେ ଅସ୍ପଷ୍ଟ ଛବି  ।

ତୁମେ ଜିଉଁଛ ମହ ମହ ରାତି ଆଉ
ଭିଜା ପାହାନ୍ତି  ବଉଳିବା ଦିନ
ଆଉ ଛନକିବା ସଞ୍ଜ

ମୋ'ର ତ ଏକାକାର ଦିବସ ରଜନୀ
ଦୁଇପକ୍ଷ ଆଖିମୁଜା ଅନୁଭୂତି
ଏକେଲା ପଣରେ  ।

ଝର ଝର ପ୍ରେମ ବୈତରଣୀ
ଏପାଖରେ ମୋ ପାଦତଳେ
ଶୁଖିଲା ଫଟା ଫଟା ମାଟି
ସେପାଖରେ ଚାରୋଟି
ଓଦା ପାଦ ଚିହ୍ନ
ବିଭୋର ବେଳାରେ  ।

ଏପାଖରେ ନାହିଁ ପ୍ରତିକାର
ସେ ପାଖରେ କୋଟି ଅବସର  ।

କବିର ଘର,
କୁଣ୍ଡିଲୋ, କେରଙ୍ଗ, ଖୋର୍ଦ୍ଧା, ଓଡ଼ିଶା
ଦ୍ରାମ୍ୟଭାଷ : ୮୦୧୮୭୪୬୭୦୪ /
୭୦୦୮୩୧୫୦୪୦

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ୱାଗତ ନବବର୍ଷ



ଜ୍ୟୋସ୍ନା ରାୟ

ବିସ୍ମୃତିର ଅତଳଗର୍ଭରେ
କେହି ଜଣେ ଆପଣାର
ହଜିଗଲା ପରେ, ତୁମେ ଆସ
ସପନର ସରହଦ ଡେଇଁ
ଆନନ୍ଦ ଉଲ୍ଲାସର ମହୁରୀ ବଜାଇ । ।
ଶୀତର ପିଞ୍ଜରା ତଳୁ
ଠକ୍ ଠକ୍ ଶବ୍ଦ ଶୁଭୁଥାଏ
ତାଳୁରୁ ତଳିପା ସବୁ ମୁରୁକେଇ ହସୁଥାଏ
ସ୍ୱପ୍ନ ଯେତେ ମାଡ଼ିମାଡ଼ି ଆସେ
ସୁଖ ଶାନ୍ତି ସ୍ନେହ ପ୍ରୀତି
ମଇତ୍ରୀ ପ୍ରଗତିର
ମଧୁର ସଙ୍ଗୀତ ସୁରେ
ଚତୁର୍ଦ୍ଦିଗ ନୂଆ ନୂଆ ବାସେ । ।
ତୁମ ଶୁଭାଗମନରେ
କ୍ୟାଲେଣ୍ଡର ପୃଷ୍ଠାରେ
ଗୋଟେ ନୂଆମୁହଁ ହସେ

ନୂଆରୂପ ନୂଆରଙ୍ଗ
ନୂଆଭାଗ୍ୟ ଧରି
କପାଳର କାନଭାସ୍ ରେ
ନୂଆକଥା ଲେଖେ । ।
ଆଶା ଆକାଂକ୍ଷାର ଏକ
ଶ୍ରୀମନ୍ଦିର ତୋଳି
ଅପେକ୍ଷମାଣ ଅଧାଗଢ଼ା
ସ୍ୱପ୍ନମାନେ ଦୀପ ଜାଳି କରନ୍ତି ସ୍ୱାଗତ
ଆଗ୍ରହରେ ଉତ୍କଣ୍ଠାରେ
ଉତ୍ସାହରେ ଉଚ୍ଛୁଳା ମନରେ
ଅଣ୍ଟିରେ ଅଣ୍ଟିଏ ସୁଖ -
ସୌଭାଗ୍ୟ ଲଭିବା ଇଚ୍ଛାରେ । ।

ବାଲେଶ୍ୱର,ଓଡ଼ିଶା
ଭ୍ରାମ୍ୟଭାଷ : ୮୭୬୩୧୪୧୦୨୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶୀତ



କୁମାର ଲୋକେଶ୍

ସମସ୍ତେ ନିଜର ବାଟ ଦେଖି ନେଇ
କରିଦେଲେ ମୋତେ ଏକା
ମନ ଦୁଃଖ କରି ଦିନ କାଟୁଥିଲି
ଶୀତ ସାଙ୍ଗେ ହେଲା ଦେଖା,
ଆହାଃ କି ମଧୁର ଶୀତର ପରଶ
ମଜା ଲାଗେ ଅନୁଭବ
ଶୀତରେ ଖେଳିଲେ ଆନନ୍ଦ ମନରେ
ଜଗତରେ ଜିତା ହେବ,
ଶୀତେଇ ଶୀତେଇ ଥରି ଥରି ଯାଏ
ଦେହର ଛୋଟିଆ ରୁମ
ଅଦ୍ଭୁତ ଭାବନା ମନରେ ଆସୁଛି
ବଢିଯାଏ ସବୁ କାମ,

କାହିଁକିରେ ମିତ ଏମିତି କରୁଛୁ
ବଢେଇ ଦେହରେ ତାତି
ନିଦ ଭରା ରାତି ବିତି ଚାଲୁଥାଏ
ପାଖେ ନାହିଁ ମୋର ସାଥୀ,
କେମିତି କାଟିବି ଏତେ ବଡ ରାତି
ପାରୁନାହିଁ ଆଉ ସହି
ନିଦ ଆସେ ନାହିଁ ତଥାପି ପଡିଛି
ବିଛଣାରେ ଯାକି ହୋଇ ,
ଏତେ ଆଉ କଷ୍ଟ ଦେ ନାହିଁ ମୋତେ
ଅନୁରୋଧ କରେ ମିତ
ଥକି ପଡିଲିଣି ପାରିବିନି ଆଉ
ବଢିଲାଣି ଦେହେ ଶୀତ ।

ଢେଙ୍କାନାଳ, ଗୋରଡାପାଳ
୭୯୮୧୩୧୦୨୧୯

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶେଷ ଶଯ୍ୟା



ଅନାମ ଚରଣ ସାହୁ

ଜୀବନର ପୁଞ୍ଜି ଶେଷଶଯ୍ୟା ଗୋଟି
ଚଉଦ ପା ଭୂମି ମାତ୍ର
ଆତ୍ମା ଛାଡି ଯିବ ପରମାତ୍ମା ଧାମ
ସାଥେ ନେଇ ଧର୍ମ ପାତ୍ର ।
ସେ ଧାମେ ନଥିବ ସ୍ୱାର୍ଥ ହିଂସା ଲୋଭ
ବନ୍ଧୁତ୍ୱର ଋଣ ଭାର
ମାୟା ଜାଲ ଭୀତି ନଥିବ ସେଇଠି
ନଥିବ ଲକ୍ଷ୍ମଣ ଗାର ।
ସରଗ ବୈକୁଣ୍ଠ ଅଟେ ସେହି ସ୍ଥାନ
ନାହିଁ ଧର୍ମ ଜାତି ଭେଦ
ସକଳ ଜୀବଙ୍କ ସମ ଅଧିକାର
ଶୁଭଇ ଓଁକାର ନାଦ ।

ବେଶଭୂଷା କେହି ନଦେଖେ ସେଇଠି
ନ ପୁଛଇ ଜାତି ଗୋତ୍ର
ଜଗତ କଲ୍ୟାଣ ପର ଉପକାର
ସରଗକୁ ଶିଡି ମାତ୍ର ।
ରାଗ ରୋଷ ଭୁଲି ହୃଦ ଦ୍ୱାର ଖୋଲି
ଛାତିରେ ମିଶାଅ ଛାତି
ଅବନୀକୁ କର ସରଗଠୁ ବର
ମାନବ ପ୍ରେମରେ ମାତି ।

ବିଭୂତିପୁର,କାକଟପୁର, ପୁରୀ
ମୋ- ୯୯୩୭୨୧୦୨୭୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବିତା



ନିଲାମ୍ବର ମହାନନ୍ଦ

ଲେଖିବି କବିତା ରାଣ ଦେଇଗଲା
ଏତିକି କହିଛି ମୋତେ
ଲେଖୁଛ ଲେଖିବ ସବୁଦିନ ପାଇଁ
ଛାଡ଼ିଦେବ ନାହିଁ କେବେ ।।

ଅଧା ରହିଯିବ ସପନ ମୋହର
ଭାଙ୍ଗିଯିବ ନିରବତା
ଲେଖିବା ତୁମର ଜୀବନର ପଥେ
ବାଟ ରହିଯିବ ଅଧା ।।

ପ୍ରେମ କବି ଯଦି ଲେଖିବ ବସନ୍ତେ
କଅଁଳ ପବନ ନେଇ
ସମୁଦ୍ର କୂଳ ର ଢେଉ ସାଙ୍ଗେ ସାଙ୍ଗେ
ଗୁଣୁଗୁଣୁ କଥା ହୋଇ ।।

କବିତା ବୋଲି ଭାବିବନି କେବେ
ନୁହଇ ସହଜ ପାଠ
ପ୍ରାକୃତିକ ଦୃଶ୍ୟ ଦେଖି କହିଦେବ
ତୁମ ଓଠେ ଦୁଇପଦ ।।

ମୃତ୍ୟୁ ରୁ ଜନମ ସଂଘର୍ଷ ଜୀବନ
ହାରି ବନି ତୁମେ କେବେ
ଖରା, ବର୍ଷା,ଶୀତ ସହି ଲେଖି ଚାଲ
ସଫଳ ହୋଇବ ତେବେ ।।

ରାଣ ଦେଇଗଲା କେଉଁଆଡୁ ଆସି
ଜାଣି ମୁଁ ପାରିଲି ନାହିଁ
ରାଣ ଦେଇ ଅଛ ଲେଖୁଛି ଲେଖିବି
ମହିମଣ୍ଡଳରେ ଥାଇ ।।

ଆମ୍ବଗୁଡା ଗୋଲାମୁଣ୍ଡା କଳାହାଣ୍ଡି
୯୩୪୪୨୦୪୫୦୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପରିଚୟ ତାର ଭିନ୍ନ



ସରିତା ମହାନ୍ତି

ଝିଅଟିଏ ହୋଇ ହୁଅନ୍ତି ଜନମ
ଭିନ୍ନ ଭିନ୍ନ ନାମ ତାର
ଦାୟିତ୍ୱ କର୍ତ୍ତବ୍ୟ ବନ୍ଧା ତା ଜୀବନ
ହିତ ସେ ଦୁଇ କୁଳର ।

ସବୁ ଦାୟିତ୍ୱକୁ ସୁଚାରୁ ରୂପରେ
ତୁଲେଇ ସେ ପାରିଥାଏ
ସବୁ ଦୁଃଖକୁ ସେ ସୁଖ ଭାବିନେଇ
କର୍ତ୍ତବ୍ୟ ତା' କରିଯାଏ ।

କୁନ୍ତୀ ଓ ଗାନ୍ଧାରୀ ଦୁଇ ମାତାଙ୍କର
କର୍ତ୍ତବ୍ୟକୁ ନିରେଖିବା
ଏକକୁ ଆରେକ ପିଲାଙ୍କ ପାଇଁକି
ଚାହିଁଲେ ବି ନ ଭୁଲିବା ।

ସ୍ୱାମୀଙ୍କୁ ହରାଇ କୁନ୍ତୀ ମହାଦେଇ
ହସୁଥିଲେ ପିଲାପାଇଁ
ପ୍ରତି ମୁହୂର୍ତ୍ତରେ ମୁଖେ ଉଚ୍ଚାରନ୍ତି
ରଖ ହେ ଜଗତ ସାଇଁ ।

ଗାନ୍ଧାରୀଙ୍କ ପରି ମାତା ହେଲେ ଆମେ
ସତ୍ୟ ପଥେ ଯାତ୍ରୀ ହେବା
ସନ୍ତାନ ସ୍ନେହରେ ଅନ୍ଧ ହୋଇ କେବେ
ସତ୍ୟ ପଥ ନ ଛାଡ଼ିବା ।

ସୁରୁଚି ସୁନୀତି ଦୁଇ ମାତାଙ୍କର
ନିରେଖିବା କର୍ତ୍ତବ୍ୟକୁ
ମାତା ପାଇଁ ପୁତ୍ର ବାଳୁତ କାଳରୁ
ପ୍ରାପ୍ତି କଲା ଈଶ୍ୱରଙ୍କୁ ।

ସନ୍ତାନଙ୍କ ପାଇଁ ମାତା ପରି ଗୁରୁ
ନାହିଁ କେହି ସଂସାରରେ
ସଂସ୍କାର ସମ୍ପନ୍ନ କରି ତା ପିଲାଙ୍କୁ
ଛିଡ଼ା କରେ ଦୁନିଆରେ ।

ବାଲିଆପାଳ, ବାଲେଶ୍ୱର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମ ଅପେକ୍ଷାରେ...



ମନସ୍ମିତା ବିଶ୍ୱାଳ

କାହିଁ ତୁମେ ଭଲ ଲାଗ
ଜାଣି ମୁଁ ପାରେନି
ପ୍ରତି ମୁହୂର୍ତ୍ତରେ ତୁମେ
ମନେ ପଡ ପୁଣି ।।
ନିଜକୁ ମୁଁ ଭୁଲିଯାଏ
ତୁମେ ପାଶେ ଥିଲେ
ଆତ୍ମତୃପ୍ତି ମିଳେ ତୁମ
ସହ କଥା ହେଲେ ।।
ଇଚ୍ଛା ହୁଏ ଚାଲିବାକୁ
ଧରି ତୁମ ହାତ
ହାତ ଧରି ଚାଲନ୍ତିକି
ଜୀବନର ବାଟ ।।

ହୃଦୟ ବେଳାଭୂମିରେ
ତୋଳିଛି ନଅର
ସେଇ ନଅରରେ ତୁମେ
ଅଟ ରାଜକୁମାର ।।
ସପନକୁ ସତ କରି
ଆସ ଘୋଡା ଚଢି
ତୁମ ଅପେକ୍ଷାରେ ଅଛି
କରିବନି ଡେରି ।।
ଇଏ କି ସଂପର୍କ ପୁଣି
କେଉଁ ଆକର୍ଷଣ
ବୁଝିପାରୁନାହିଁ ମୁହିଁ
ଇଏ କି ମିଳନ ।।

ଗଡମାଟିଆପଡା, କଣାସ, ପୁରୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆହେ ଲୀଳାମୟ



ଜ୍ୟୋତିର୍ମୟୀ ଓଝା

ଆହେ ଲୀଳାମୟ ବାହୁକୁ ବିସ୍ତାରି
ବସିଅଛ ବାମକରେ
ମଧ୍ୟରେ ସୁଭଦ୍ରା ଦକ୍ଷିଣ ପାର୍ଶ୍ୱରେ
ହଳଧର ବଳଭଦ୍ରେ ।

ରତ୍ନ ସିଂହାସନ ପରେ ବିଦ୍ୟମାନ
ତୁମ୍ଭେ ଜଗତ ଠାକୁର
ତୁମ୍ଭରି ମହିମା ତୁମ୍ଭରି ଆଶିଷେ
ଚାଲଇ ସାରା ସଂସାର ।

ଯାମିନୀ ରୁ ରାତ୍ର ରାତ୍ର ରୁ ଯାମିନୀ
ତୁମ୍ଭରି ଆଦେଶେ ଚାଲେ
ମରଣ ରୁ ଜନ୍ମ , ଜନ୍ମ ରୁ ମରଣ
ଚାଲିଥାଏ ପ୍ରତିକ୍ଷଣେ ।

କର ତୁମ୍ଭେ ସୃଷ୍ଟି କର ଯେ ବିନାଶ
ତୁମ୍ଭ କରୁଣା ଅଶେଷ
ନାଲି ଟୁକୁଟୁକୁ ଅଧରୁ ତୁମ୍ଭର
ଝରୁଥାଏ ସଦା ହସ ।

ତୁମ୍ଭରି ଶାସନ ଡୋରି ରେ ଯେ ବନ୍ଧା
ଏହି ବିଶାଳ ପୃଥିବୀ
ଦିଅ ମୋତେ ଶକ୍ତି ଭକତି ରେ ନିତି
ପଯ୍ ତୁମ୍ଭର ପୂଜିବି ।

ବାଲିପାଳ, କେଉଁଝର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଫକୀର ମୋହନ



ନନ୍ଦିନୀ ରାଉତ

ଓଡ଼ିଆ ଭାଷାର ଜାଗ୍ରତ ପ୍ରହରୀ
କୋଟି ଜନମନ କିଣି,
ଭାଷା ସୁରକ୍ଷାର ଜଣକ ରୂପରେ
ତୁମେ ତ ଅଗ୍ର ବିନ୍ଧାଣି ।
ଦାରିଦ୍ର୍ୟ ନିକଟେ ହାରି ଯାଇ ନାହଁ
ରଖିଅଛ ସ୍ୱାଭିମାନ,
ଝୁରୁଛି ରେବତୀ ଝୁରେ ପ୍ରାୟଶ୍ଚିତ
ଓଡ଼ିଆ ଅସ୍ମିତା ମନ ।
ଏ ଶୁଭ ଦିନରେ ଜାତ ହୋଇ ଥିଲ
ହେ ପରିଡା ସିଦ୍ଧେଶ୍ୱର,
ଉତ୍କଳ ମାତାକୁ ଧନ୍ୟ କରିଦେଲ
ରଖି ସମ୍ମାନ ତାହାର ।
ଜେଜେମାଙ୍କ ଦ୍ୱାରା ଲାଳିତ ପାଳିତ
ଶିକ୍ଷା ବିଭାଗରେ କାମ,
ସବୁ ଦିଗେ ତୁମ ହାତ ରହି ଥିଲା
ତୁମେ ତ ଚିର ଅମ୍ଳାନ ।

ରାଜା ମହାରାଜା ତୁମ ବୁଦ୍ଧି ପାଇଁ
ତୁମରି ସାହାଯ୍ୟ ନେଲେ,
ମାଟିର ମହକ ମଲ୍ଲିକାଶ ପୁର
ତୁମ ପାଇଁ ଧନ୍ୟ ହେଲେ ।
ଶକଟ ପ୍ରମାଣ ପୁସ୍ତକ ତିଆରି
ଓଡ଼ିଆ ଭାଷା ସୁରକ୍ଷା,
ଆହେ ବରପୁତ୍ର ଓଡ଼ିଆ ଭାଷା କୁ
କରି ଥିଲ ତୁମେ ରକ୍ଷା ।
ଆଜି ଶୁଭ ଦିନେ ତୁମରି ସଂମ୍ମାନେ
ହେ ଉତ୍କଳ ମାତା ସୁତ
ଆହେ ସେନାପତି ତୁମ ନିକଟରେ
କରୁଅଛି ପ୍ରଣିପାତ ।

ବାଲିପଟ୍ଟା, ଅନୁଗୁଳ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ମୃତି ଏକ ନିରୋଳା ଜହ୍ନରାତି



ମନୋଜ କୁମାର ପଣ୍ଡା

ସ୍ମୃତି !
ଏକ ନିରୋଳା ଜହ୍ନ ରାତି
କେବେ ବୈଶାଖ ର ତାତି
ପୁଣି ଫଗୁଣ ର ଫଗୁଭିଜା ରାତି
ହୋଇଯାଏ ଜୀବନର ସାଥି ।

ସାଉଁଟା ସପନର ଅଧାଗଢା ଶବ୍ଦସବୁ
ମନର ତୁଳୀରେ
ଆଙ୍କି ହୋଇଯା'ନ୍ତି
କଳ୍ପନା ର ଛବିଟିଏ ପରି
ସୃଷ୍ଟି କରିବାକୁ ସ୍ମୃତିର ଲହରୀ ।

ମା ର କୋଳରେ
ଦୋଳି ଖେଳି ଖେଳି
ଜହ୍ନ ମାମୁର ଗପ ଶୁଣୁ ଶୁଣୁ କଟିଯାଏ ବେଳ
ମାଟିର ବିଛଣାରେ ଶୋଇ ଶୋଇ ଦିନ କାଟୁଥିଲି
ସରିଗଲା ଶୈଶବର ଧୂଳିଖେଳ ।

ସିଲଟ ଛାତିରେ
ଶୂନ ଆଙ୍କି ଆଙ୍କି
ଜଗନ୍ନାଥ ଗଢୁ ଗଢୁ ଆରମ୍ଭ ହୁଏ
ଜୀବନର ଛକି ଶୂନ ଖେଳ ମନେପଡେ
ପଣକିଆ ଓକା,ପରେ ପୁଣି ଅଙ୍କକଷା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗାଁ ପୋଖରୀ ରେ ମାଛ ଧରା
କେତେ ବହୁ ଚୋରୀ ଖେଳ
ବୁଢ଼ୀମା'ର  ବୁଢ଼ୀ ଅଣ୍ଡୁରୁଣୀ ଗପ ସାଙ୍ଗେ
ସ୍କୁଲ ଛୁଟିର ବେଳ  ।

ମା ସାଙ୍ଗେ ରାଗ ରୁଷା ଆଉ ବାପାଙ୍କର ମିଠା ଗାଳି
ସବୁ ମନେପଡେ
ବର୍ଷା ପାଣିର ଡଙ୍ଗଭସା ସାଥେ
ଜହ୍ନ ରାତିର ପାହାଡ଼ ପାଣିର ଖେଳ  ।।

ସମ୍ପାଦକ, ସୂର୍ଯ୍ୟୋଦୟ ସାରସ୍ୱତ ପ୍ରତିଭା ପରିବାର ।
ଅଡା, ବାଲେଶ୍ୱର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶୀତ



ସ୍ମୃତିରଞ୍ଜନ ପାତ୍ର

ଆସିଛି ଶୀତ

ହିମକାୟ ହେମାଳିଆ ଅନୀଳଟା

ଭାସି ଆସୁଛି ଦୂର ଦେଶୁ,

ଓଃ ! କି ଥଣ୍ଡା ।

ଆସିଛି ଶୀତ

ପୌଷ କି ମାଘ ନୁହେଁ

ଧର୍ମମାସ ରୁ ଦେଖାଏ ଦର୍ପ,

ମୃଦୁସମୀର ଭାସି ଆସିଛି

ଦୂର ହିମାଦ୍ରୀ ରୁ ।

ଆସିଛି ଶୀତ

ପ୍ରକୃତିରାଣୀ ଅଗଣାରେ ଫୁଟିଛି

ଆଗମନୀର ମଧୁଛନ୍ଦ,

ଧାତ୍ରୀ ଧାରଣ କରିଛି ଆଜି

ଲାଜକୁରି ପଲ୍ଲୀବଧୂ ରୂପ ।

ଆସିଛି ଶୀତ

ପ୍ରଭାତେ ଝରିଛି ଶିଶିରସିକ୍ତ

ସତେ ଯେପରି ମୁକ୍ତା ର ମେଳି,

ଲାଜକୁଳି ଆଜି ଲାଜେଇ ଯାଇଛି

ପହିଲି ଶୀତୁଆ ସ୍ପର୍ଶରେ ।

ଶୀତ ଆସିଛି

ପାହାନ୍ତିରାତି ରୁ ଘୋଟିଛି

ଧବଳ ଧୁମ୍ରାଭ କୁହୁଡି,

ଲୁଚି ଯାଇଛି ସେ ପ୍ରକୃତିର

କମନୀୟ ରୂପଚର୍ଯ୍ୟ ।

ଶୀତ ଆସିଛି

ଧରଣୀ ରେ ଆସିଛି ଆଜି

ପୁଷ୍ପ ର ରଙ୍ଗୀନ୍ ସୁନାମୀ,

ପଛେ ଛାଡିଯାଇଛି ମୋହିନୀ

ମହକର ଯାଦୁ ।

ଶୀତ ଆସିଛି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପାଗଳ ହୋଇଛି ମଧୁପଦଳ

ମଧୁ ସଂଗ୍ରହ ଲାଗି,

ଉଡି ବୁଲେ କେତେଯେ ଫୁଲକୁ

ପାଇବାକୁ ପହିଲି ମଧୁରସ ।

ଶୀତ ଆସିଛି

ହସିଉଠିଛି ପ୍ରାଣୀଜଗତ

ନାଚିଉଠିଛି ଧରଣୀ ମାତା,

ଭୃଙ୍ଗ ଗାଉଛି ମଧୁର ସଂଗୀତ

କାରଣ ଆସିଛି ଋତୁର ରାଣୀ ।

ଶୀତ ଆସିଛି

ପଶ୍ଚିମାଦେଶ ରେ ସିନ୍ଦୁର ଫାଟିଛି

ଢଳି ଯାଇଛନ୍ତି ସୁବର୍ଣ୍ଣରବି ।

ପୁଣି ପାଇବାକୁ ଶୀତର ପରଶ

ଉଲ୍ଲାସିତ ହୋଇଛି ଧରଣୀ,କାରଣ

ପାଖେଇଲା ସେ ସନ୍ଧିମୁହୂର୍ତ୍ତ

ପୁଣି ଆସିଛି ଶୀତ ।

ସ୍ମୃତି ରଞ୍ଜନ ପାତ୍ର

ବାଲିଘାଟ,ଗୋପାଳପୁର,ପୁରୀ-2

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଲୋଡ଼ା



ସନ୍ଧ୍ୟାରାଣୀ ଦାଶ

ଅବିଶ୍ୱାସ ଭରା ହୃଦୟ ଟା ତୁମ
ସରଳ ନ ଥିଲା ସୂତ୍ର
ଜୀବନକୁ ମୋର ଯନ୍ତ୍ରଣା ରେ ଭରି
ହୋଇ ପାରି ଲନି ମିତ୍ର ।
ସୁଖ ଦୁଃଖ ର ଏ ପରିଧି ଭିତରେ
ହୃଦୟେ ରଖିଲି ବାନ୍ଧି
ଦୂର୍ ଦିଗବଳୟର ଆଙ୍କି ମୋ ମନ ରେ
ପ୍ରେମେ ହୋଇଗଲି ଛନ୍ଦି ।
ଇତିହାସ ହୋଇ ରହିଛି କଷଣ
ଜୀବନର କୁରୁକ୍ଷେତ୍ର
କେଉଁଠି ଆରମ୍ଭ କେଉଁଠି ସମାପ୍ତ
ପ୍ରେମର ସମରେ କ୍ଷେତ୍ରେ ।
ମନ ମରିଯାଏ କାନେ କହିଯାଏ
ଭୁଲି ଯାଆ ଇତିହାସ
ବୟସ ସାଙ୍ଗକୁ ଅଲୋଡା ଲାଗଇ
ସବୁ ନୁହେଁ ପୁଷ ମାସ ।

ଜଗତ ସିଂହ ପୁର
୯୮୬୧୫୪୦୨୦୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମଶାଣିର ଭୟ



ରୀତା ଅପରାଜିତା ମହାନ୍ତି

କେଜାଣି କାହିଁକି ଭାରି ଭୟ ଲାଗେ ଆଜିକାଲି ..... ? ? ?

ବାହାରେ ମତେ କାହାର ବିକଟାଳ କାନ୍ଦଣା ଶୁଭେ .... ? ? ?

ଏତେ ରାତିରେ କିଏ କାନ୍ଦୁଥିବ କେଜାଣି .... ? ? ?

ମତେ ଏହା କୌଣସି ଭୂତ ପ୍ରେତର ଆତ୍ମ -କାନ୍ଦଣା ପରି ଲାଗୁଛି .... ? ? ?

ଗାଁରେ କିଟ କିଟ ଅନ୍ଧାର

ପ୍ରବଳ ବେଗରେ ମାଡି ଆସୁଥିବା ଘଡଘଡି

ମୋ ମନରେ ଭୀତି ସଞ୍ଚାର କରୁଛି

ବିଲୁଆର ଚିତ୍କାର

କୁକୁର ର ଭୋ ଭୋ ସ୍ୱର

ଝିଙ୍କାରି ର ଝୀଂ ଝୀଂ

ବେଙ୍ଗ ର କେଂ କଟର ସ୍ୱର ଶୁଣି ମୋ ମନର ଡର ଆହୁରି ବଢିଯାଏ

ବିଲେଇର ଦପ ଦପ ଆଖି ଦେଖି ଛାତି ରେ ଛନକା ସୃଷ୍ଟି ହୁଏ

ମତେ ଭାରି ଡର ଲାଗେ

ଯେବେ ସଞ୍ଜ ବେଳେ ଲାଇଟ ଚାଲିଯାଏ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମହାମବତୀ ଲିଭିଯାଏ ପବନର ଧକ୍କା ରେ ।

ମୋ ପଣତ କାନି ଉଡିଯାଏ

ପବନର ବେଗରେ । ।

ଏ ଋତୁରେ ଏତେ ଭୟ ଲାଗେ କାହିଁକି ଜାଣେନା.... ? ? ?

ମୋ ସମଗ୍ର ସତ୍ତା ଆବୋରି ବସେ ମଶାଣି ର ଭୟ  ।

---ପ୍ଲଟ ନ -୮୩(ସି) ,ଆମ୍ରପଲ୍ଲୀ ,

ଭୁବନେଶ୍ୱର -୨୧ ,ମୋ -୯୩୩୮୫୮୪୮୫୭



ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶବ୍ଦ ଶୃଙ୍ଗାର



ପ୍ରିୟଦର୍ଶିନୀ ମହାନ୍ତି

ବସିଯାଏ ଯେବେ କବିତା ନିମନ୍ତେ
ହସ୍ତରେ ଲେଖନୀ ଟେକି,
ପୁଞ୍ଜା ପୁଞ୍ଜା ଶବ୍ଦ କଜିଆ କରନ୍ତି
କେ ଆଗେ ବସିବ ବୋଲି । ୧

ଅନ୍ୟବେଳେ ସବୁ ଲୁଚନ୍ତି କୁଆଡେ
ଖୋଜି ବି ପାଏ ମୁଁ ନାହିଁ,
କଲମ କାଗଜ ସାଥେ ବସିଗଲେ
ଶବ୍ଦ ଆସିଯାନ୍ତି ଧାଇଁ । ୨

ସଭିଙ୍କୁ ଆଦରେ ଶାନ୍ତ କରିଦିଏ
ବୁଝାଇ ତାଙ୍କର ମନ,
ଜଣ ଜଣ କରି ସଭିଙ୍କୁ ମିଳିବ
ସଭିଙ୍କ ଉଚିତ ସ୍ଥାନ । ୩

ଉପଯୁକ୍ତ ସ୍ଥାନେ ବସି ନ ପାରିଲେ
ଶବ୍ଦମାନେ ଯାନ୍ତି ରୁଷି,
କବିତାଟି ମଧ୍ୟ ଲାଗେ ରସହୀନ
ଯଦି ଶବ୍ଦ ଯାଏ ଖସି । ୪

ଶବ୍ଦମାନେ ସବୁ ଭାବନା ସହିତ
ସାଲିସ କରନ୍ତି ନାହିଁ,
କବିତାରେ ଟିକେ ସାମିଲ ହେବାକୁ
ପ୍ରତିଯୋଗୀ ଥାନ୍ତି ହୋଇ । ୫

ଭାବନା ସମୂହ ଶବ୍ଦ ରୂପ ନେଇ
କବିତାରେ ପାନ୍ତି ସ୍ଥାନ,
ଶବ୍ଦର ବିନ୍ୟାସ ଉତ୍ତମ ରହିଲେ
କବିତାର ବଢେ ମାନ । ୬

କବିତା ରୂପକ ଲାଜେଇ କନ୍ୟାର
ଶବ୍ଦ ହିଁ କରେ ଶୃଙ୍ଗାର,
ଶବ୍ଦ ହିଁ ଶବ୍ଦକୁ ସ୍ୱୀକୃତ କରେ
ଶବ୍ଦ ଅଟେ ଯାଦୁଗର । ୭

ଭୁବନେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗାଉଁଲି ବୋହୂଟା କିମିଆ କଲା



ଶିଶିର କୁମାର ପଣ୍ଡା

ସୁନ୍ଦରୀ ରୂପସୀ ଗାଉଁଲି ଝିଅଟେ
ପୁଅକୁ ଦେଲି ମୋ ବାହା
ଗୋଟି ଗୋଟି କରି ବୁଝେଇ କହୁଛି
ଘଟିଲା ତା'ପରେ ଯାହା ।

ଗାଧୋଇବା ପାଇଁ ପୋଖରୀ ଖୋଜିଲା
ଗାଧୁଆ ଘରକୁ ଛାଡ଼ି
ଆମ ରୋଷଘର ପସନ୍ଦ ହେଲାନି
ସିଲିଣ୍ଡର ଦେଲା କାଢ଼ି ।

ଚୁଲୀ ଖୋଲେଇଲା ଘରେ ସେ ଗୋଟିଏ
ଜାଳିଲା କୁଟାର ଜାଳ
ନିମ ଦାନ୍ତକାଠି ସକାଳୁ ଖୋଜିଲା
ଧରିକି ପିତଳ ଢାଳ ।

କମୋଡ଼ ଆମର ପସନ୍ଦ ହେଲାନି
ବାରିଆଡ଼େ ଗଲା ହଗି
କି ଅବା କରିବ ପୁଅଟା ମୋହର
ଠେଙ୍ଗା ଧରି ଗଲା ଜଗି ।

ସେଇ ବୋହୂ ପୁଣି କେଇଦିନ ପରେ
ଆମକୁ ଯାଇଛି ବଳି
ଉଦାହରଣ ଟେ ସାଜି ସେ ପାରିଛି
ସୁଖରେ ଶାନ୍ତିରେ ଚଳି ।

କୁଆଁସ , ମେରଦା କାଟିଆ , ଯାଜପୁର
ଆଳାପ-୮୯୮୧୭୩୭୨୨୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ଜାଣିନି



ଦେବବ୍ରତ ବାରିକ

ମୁଁ ଜାଣିନି

ମୋ ନୀରବତା କାହାକୁ କଣ କୁହେ

କେମିତି ବି ଲେଖିବି

ମୋ ନୀରବତାର ସରଳାର୍ଥ

ମୁଁ କେମିତି ଆଉ କାହିଁକି ବାଧ୍ୟ ହୁଏ

କେବଳ ଏତିକି ଜାଣିଥା

ମୋ ନୀରବତାରେ

ମୁଁ କେବଳ ମୋ ନିଜକୁ ହିଁ

ଭୁଲି ବାକୁ ଚାହେଁ

ମୁଁ ଜାଣିନିମୋ କବିତା କାହାକୁ କଣ କୁହେ

କେମିତି ବି ଲେଖିବି ମୋ କବିତାର ଭାବାର୍ଥ

କେମିତି ଆଉ କେଉଁଠୁ ଏ ନିଜ ଶବ୍ଦ ପାଏ

କେବଳ ଏତିକି ଜାଣିଥା

ମୋ ନିଜ ଭିତରେ ଚିତ୍କାର କରୁଥିବା ଅକ୍ଷର

ଗୁଡାକୁ

କୁନ୍ତୀ ପରି ଜନ୍ମ ଦେଇ

କର୍ଣ୍ଣ ଭଳି ସମୟର ନଇ

ସୁଅରେ ଭସାଇ ଦିଏ...

ଆନନ୍ଦପୁର, କେନ୍ଦୁଝର

ଭ୍ରାମ୍ୟଭାଷା - ୯୩୪୮୭୭୯୩୯୪

 Magazine Downloaded from www.aahwaan.com

# ଅନଳ ରାକ୍ଷସ



ଡମ୍ବରୁଧର ବାଗ

ମାତିଛି ରେ ଭାଇ ମାତିଛି ଦେଖରେ
ଅନଳ ରାକ୍ଷସ ମାତିଛି ।
ଟାଉ ଟାଉ କରି ସବୁକୁ କେମିତି
ଗୋଟା ପଣେ ଗିଳି ଦେଉଛି ।
ଅଷ୍ଟ୍ରେଲିଆ ର ସେ ଜଙ୍ଗଲ ଭିତରେ
ଅନଳ ରାକ୍ଷସ ମାତିଛି ।
ହୁ ହୁ ହୋଇ ସେ ଭୟଙ୍କର ରୂପରେ
ସବୁ ଛାରଖାର କରୁଛି ।
କାହାକୁ କହିବ ନିଜର ବୋଲିକି
ଦେବତା ରାକ୍ଷସ ସାଜୁଛି ।
ଅଷ୍ଟ୍ରେଲିଆ ର ସେ ଜଙ୍ଗଳ ଭିତର
ନିମିଷକେ ଗ୍ରାସ କରୁଛି ।
ଜୀବଜନ୍ତୁ ସହ ଦଗ୍ଧ ବୃକ୍ଷ ଲତା
ଦଗଧ ପୁଣି ଘରଦ୍ୱାର ।
ଭୟତ୍ରସ୍ତ ସେଠି ଜନତା ସରବେ
କରନ୍ତି ଆର୍ତ୍ତ ଚିତକାର ।

ଅଷ୍ଟ୍ରେଲିଆର ଏ ନୁହଁଇ ବିପଦ
ବିପଦ ଆମ ଏ ମହୀର ।
ସତର୍କ ନ ହେଲେ ନିଶ୍ଚିତ ଗ୍ରାସିବ
ଧରାର ସମସ୍ତ ନଗର ।
ବାରମ୍ବାର ସିଏ ନିର୍ଦ୍ଦେଶ ଦେଇଛି
ହେବାକୁ ସତର୍କ ଆଗକୁ ।
ନମାନି ଜନତା ନିର୍ଦ୍ଦେଶ ତାହାର
ହାତ ଠାରି ଡାକେ ତାହାକୁ ।
ନିୟୋଜିତ ସେଠି ସହସ୍ର ସୈନିକ
ଲିଭାଇ ଦେବାକୁ ଅନଳ ।
ପ୍ରାଣପଣେ ଯେତେ ଉଦ୍ୟମ କରିଲେ
ହୁଅନ୍ତି ସେତକ ବିଫଳ ।
ହେ ଅଗ୍ନି ଦେବତା କାହିଁକି ନିଷ୍ପତ୍ତି
ନେଉଅଛ ତୁମ୍ଭେ ଏଥର ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୃକ୍ଷ ଦେବଙ୍କୁ ଏତେ ନିଷ୍ଠୁର ହୋଇ

ପୁରାଉଛ ତୁମ ଉଦର ।

ହେ ଜଳ ଦେବତା କାହିଁ ଅଛ ତୁମେ

ଦିଅ ଥରେ ଆଜ ଦର୍ଶନ ।

ରକ୍ଷାକର ତୁମେ ଏ ସକଳ ପ୍ରାଣୀ

ବୃଷ୍ଟି ଜଳ କରି ସିଞ୍ଚନ ।

ଚପ୍ରିଆ, କଳାହାଣ୍ଡି, ଓଡିଶା ।

ଭ୍ରାମ୍ୟଭାଷ : ୯୧୭୮୨୨୫୭୬୪

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ମୃତିର ସାମ୍ପ୍ରତିକୀ



ରୋହିତ୍ ସେଠୀ

ତୁମକୁ ଦେଖିଲେ ସତେ ମନେପଡ଼ି ଯାଏ
    ଅତୀତ ଓ ବର୍ତ୍ତମାନର ଜୀବନ୍ତ ଛବି,
ଫେରିଯିବା ପାଇଁ ସତେ ଇଚ୍ଛା କାହିଁ ହୁଏ
    ଖୁସିରେ ନାଚି ଉଠେ ମନ ତୁମକଥା ଭାବି ।୧ ।

କେଉଁ ଅତୀତ ବୁକୁରେ ଲୁଚି ରହିଥିବା
    ପୁରୁଣା ପୋଥିର ଏକ ସାଇତା ସ୍ମୃତି,
ତୁମକୁ ଖୋଲିଲେ ମନ ଆତ୍ମ ବିଭୋରରେ
    ମନେପଡ଼େ କଥା ସବୁ ଆରମ୍ଭରୁ ଇତି ।୨ ।

ଜୀବନରେ ବିତିଥିବା ହସ ଖୁସି ଦିନ
    ଲୁହରେ ବି ଭିଜିଥିବା ନୟନ ଭ୍ରୂଲତା,
ସ୍ମୃତି ତୁମ ପ୍ରତିବିମ୍ବ ପାଖେ ଥାଇ ଆଜି
    ଲାଗେ ଅବାସ୍ତବ ଶୂନ୍ୟ ଆଉ ନିର୍ଜନତା ।୩ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ମୃତି ନାହଁ ତୁମେ ଖାଲି ଚିରସ୍ମୃତି ମୋର
        ଅତୀତରେ ଘଟିଥିବା କାହାଣୀ ପୁଞ୍ଜାଏ,
ଦୃଷ୍ଟପୂର୍ବ ହୋଇ ଚକ୍ଷୁ ଯେତେ ଦେଖୁଥିଲେ
        ବୁଝିବି ଏ ମନ କାହିଁ ଅବୁଝା ସେ ରୁହେ ।୪ ।

ଫେରି ଆସନ୍ତକି ବାରେ ଜୀବନ୍ତ ରୂପରେ
        ଦେଖୁଥାନ୍ତି ଅପଲକ ନୟନରେ ଭରି,
ବାଣ୍ଟୁଥା'ନ୍ତି ତୁମ ସାଥେ ପ୍ରେମ ପ୍ରୀତି ନେଇ
        ସତେକି ତୁମେ ମୋର ନବବଧୂ ପରି ।୫ ।

ସ୍ମୃତି ତୁମେ ଫେରିଆସ ଅତୀତକୁ ନେଇ
        ଉନ୍ମେଷ ହେଉ ହୃଦୟ ତୁମରି ସ୍ପର୍ଶରେ,
ଶୀହରଣେ ଖେଳିଯାଉ ତନୁ ମନ ମୋର
        ପୁଲକିତ ହେଉ ତୁମ ପ୍ରୀତି ପୁଲକରେ ।୬ ।

ଦୁତୀମେଣ୍ଡି(ମଲିକସାହି)
ଖଜୁରୀପଡା, କନ୍ଧମାଳ
ଦୂରଭାଷ-୯୪୩୮୦୭୩୯୩୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭାରତ ଆମରି ମାଆ



ଗୌରୀ ପଣ୍ଡା

ଏଇ ଭାରତ ଆମରି ମାଆ
ଆମେ ରଖିବା ତାହାରି ନାଆଁ
ଭାରତ ଆମରି ମାଆ ।
ଏଇ ଭାରତ ଆମରି ମାଆ
ଆମେ ରଖିବା ତାହାରି ନାଆଁ
ଭାରତ ଆମରି ମାଆ ।
ତା'ର କୋଳରେ ହେଲୁ ଜନମ
କରିବା ଆମେ ତାହାରି କାମ
ଭାରତ ଏହାର ନାମ ।
ଜନମି କେତେ ବୀର ପୁରୁଷ
ରଖି ଗଲେ ଏ ଦେଶ ର ଯଶ
ଭାରତ ଆମରି ଦେଶ ।
ଗାନ୍ଧୀ, ସୁଭାଷ ଶାସ୍ତ୍ରୀ, ସର୍ଦ୍ଦାର
ଯୋଗ୍ୟ ସନ୍ତାନ ଏଇ ଦେଶର
ଭାରତ ନାମ ଏହାର ।
ନୀଳ ସାଗର ଧୁଏ ପୟର
ହିମାଳୟ ଯା ମୁକୁଟ ଶିର
ଗଙ୍ଗା ବି ବୋହୁଛି ଧୀର ।
ଏଇ ଭାରତ ବିଶ୍ୱେ ବିଦିତ
ତା'ର ଗୌରବେ ସର୍ବେ ଚକିତ
ମାନୁଛି ସାରା ଜଗତ ।
ବିଶ୍ୱ ଗୁରୁ ର ଆସନେ ଆଜି
ଶୋଭା ପାଉଛି ରାଣୀଟି ସାଜି
ସୁନ୍ଦର ଗୌରବ ରାଜି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆମ ଭାରତ ସୁନ୍ଦର ଦେଶ

ରଖିଛି ସାଜି କେତେ ଯେ ବେଶ

ସଭିଙ୍କ ଓଠରେ ହସ ।

ପାଇବା କାହିଁ ଏପରି ଦେଶ

ରଖିବା ତା'ର ମହତ ଆସ

ଭାରତ ଆମରି ଦେଶ ।

ଶପଥ ନେବା ରଖିବା ଟେକ

ତା'ପାଦେ ହେବା ନତମସ୍ତକ

ପ୍ରଭୁ ହେ ତା ପାଦେ ରଖ ।

ଭାରତ କୋଳେ ଜନମି ଆମେ

ଏଇ ପରାଣ ଲାଗୁ ତା କାମେ

ଯାଉ ଏ ପ୍ରାଣ ତା ନାମେ ।

ଯାଉ ଏ ପ୍ରାଣ ତା ନାମେ ।

ଜୟପୁର କୋରାପୁଟ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବଦଳିବା ଆମେ



ସେଠୀ କାର୍ତ୍ତିକ ଚନ୍ଦ୍ର

ଦେଶ ବଦଳିବ    ଦେଶ ବଦଳିବ
କହୁଛୁ ସଭିଏଁ ସତ
ନିଜେ ବଦଳିଲେ  ବଦଳେ ଜଗତ
ଏକଥା ଭୁଲିଛୁ ମିତ  । ।

କ୍ଷୁଦ୍ରରୁ ମହତ    ସବୁଠି ନିହିତ
ତତ୍ତ୍ୱେ ଭରା ଏ ଜଗତ
ମିଶି ବିନ୍ଦୁ ବିନ୍ଦୁ   ସମ୍ଭବ ଟି ସିନ୍ଧୁ
ଏକଥା ନୁହଁ କି ସତ  ? ?

ବ୍ୟକ୍ତି ଚରିତ୍ରରୁ    ସମାଜ ନିର୍ମାଣ
ପରିବାର ଭାବ ନେଇ
ମହତ ଚିନ୍ତନେ  ଶୁଭ ଦୃଷ୍ଟିକୋଣେ
ସୃଷ୍ଟି  ହୁଏ ସଦା ଜୟୀ  । ।

ଶିଶୁ ନୂଆପୀଢ଼ି   ଶିଶୁ ଫୁଲ କଢ଼ି
ଶିଖାଇ ଗଢ଼ିବା ତାଙ୍କୁ
ସୁନାର ଭାରତ    ସମ୍ଭବ ନିଶ୍ଚିତ
ଶିକ୍ଷା ବିହୁନେ ତ୍ରିଶଙ୍କୁ  । ।

ଭୋକ,ଦାରିଦ୍ର୍ୟରେ  ଅସ୍ଥିର ଦେଶ ମୋ'
ସୁଧୁରିବ ନିଶ୍ଚେ ଦିନେ
ଲୋଭ ମହାମାରୀ ଦିନେ ଯିବ ମରି
ସୁଚରିତ୍ରର ଗଠନେ  । ।

ଚାହିଁ ଦେଖ ଥରେ  ସାରା ଜଗତରେ
ଯେ ଦେଶ ଉନ୍ନତ ବେଶି
ଏକତା ମନ୍ତ୍ର ଓ ଦେଶପ୍ରୀତି ଡୋରେ
କର୍ମଠ ସେମାନେ ବେଶି  । ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉଚ୍ଚ ନୀଚ ଭାବ   ତାଙ୍କଠି ନ ଥାଏ

ପରସ୍ପରେ ପ୍ରେମ ଦ୍ୟୁତି

କର୍ମେ ବ୍ୟସ୍ତ ଥିଲେ  କୁକର୍ମେ ମାନସ

ଲିପ୍ତ ନ ହେବାର ରୀତି  । ।

ବଦଳିବା ଆମେ  ବଦଳେଇ ଦେବା

ସଠିକ୍ ମାର୍ଗଦର୍ଶନେ

ଚିନ୍ତା ,ଚେତନା ଓ  ବିପ୍ଳବର ଧାରା

ଫୁଟାଇ ପ୍ରତି ସ୍ପନ୍ଦନେ  । ।

ବାଲେଶ୍ୱର, ଓଡ଼ିଶା



ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତମେ ଆସୁଥାଅ



ପବିତ୍ର ଦାସ

ସାରାଦିନ ତମେ ଆସୁଥାଅ
ମୋ ଭାବନାରେ
ମୋ ଚେତନାରେ
ମୋ ସ୍ୱପ୍ନରେ
ମୋ ଆଖି ଦର୍ପଣରେ
ଛବିଟିଏ ହୋଇ ।।

ତମେ ଆସୁଥାଅ
ନିଦାଘର ଉଷ୍ଣତାପରି
ବର୍ଷାରେ ଟପଟପ ବିନ୍ଦୁଟେ ପରି
ଶୀତରେ କାକରର ସ୍ପର୍ଶ ପରି
ଏକଦମ୍ ଚୁପ୍ ଚାପ୍
ଶବ୍ଦଟିଏ ହୋଇ ।।

ତମେ ଆସୁଥାଅ
ପ୍ରତ୍ୟେକ ରାତିରେ
ନିଶା ଅନ୍ଧକାରେ
କପୋତୀ ଆଖିରେ
ଚନ୍ଦ୍ର ଆଲୋକରେ
ଶୀତଳ ଜ୍ୟୋତ୍ସ୍ନାରେ
ସ୍ୱପ୍ନଟିଏ ହୋଇ ।।

ତମେ ଆସୁଥାଅ
ମୋ କଥା ପ୍ରସଙ୍ଗରେ
କବିତା ଭିତରେ
ପ୍ରତିଟି ବାକ୍ୟରେ
ଅକ୍ଷର ଭିତରେ
ଧ୍ୱନିଟିଏ ହୋଇ ।।

ଗବେଷକ, ରେଭେନ୍ସା ବିଶ୍ୱବିଦ୍ୟାଳୟ
ମୋ-୭୦୦୮୪୮୯୭୫୧

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଚକାଆଖି



ଜୟଶ୍ରୀ ମହାରଣା

ଆହେ ଚକାଆଖି ମଣ୍ଡନରେ ବସି
ହେଲ କି ପଥର ତୁମେ
ପାପୀ, ଅତ୍ୟାଚାରୀ ହେଲେଣି ସବଳ
ଅନୀତି ତୁମରି ଧାମେ ।୧

ହତଶିରୀ ପରା ହେଲାଣି ଓଡିଶା
ବନ୍ୟା,ବାତ୍ୟା,ମରୁଡ଼ିରେ
ଲୋଭ, ସ୍ୱାର୍ଥ, ଈର୍ଷା ରାଜୁତି କଲେଣି
ମଣିଷର ହୃଦୟରେ ।୨

ଭକ୍ତି, ପ୍ରେମ, ସ୍ନେହ ମହଙ୍ଗା ହେଲାଣି
ସତକୁ ଗ୍ରାସିଛି ଛଳ
ଚୋରି, ଡକାୟତି, ନାରୀ ବଳାତ୍କାର
ଦେଖାନ୍ତି ତାଙ୍କର ବଳ ।୩

ଯୋଜନା ଉପରେ ଯୋଜନା ଚାଲିଛି
ସରକାରଙ୍କର ଏଠି
ଗରିବ ସେମିତି ଦୁଃଖରେ ବଞ୍ଚୁଛି
ଦିନରାତି ଖଟି ଖଟି ।୪

ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ବିପର୍ଯ୍ୟସ୍ତ ହୋଇ
ପ୍ରଗତି ସାଜିଛି ମୂକ
ମଣିଷ ଜୀବନେ ଧସେଇ ପଶିଛି
ନାନା ଦୁଃଖ ରୋଗଶୋକ ।୫

ଦୟାମୟ ପ୍ରଭୁ ଅଭିମାନ ଭାଙ୍ଗି
ଆଶିଷ ଝରାଇ ଦିଅ
ଉତ୍କଳ ମାଟିରୁ ଅନ୍ୟାୟ,ଅକୀର୍ତ୍ତି
ନିମିଷେ ଦୂରେଇଦିଅ ।୬

ଜାଗ୍ରତ କରାଅ ପ୍ରତିଟି ହୃଦୟେ
ବିବେକ ବୁଦ୍ଧିର ଜ୍ଞାନ
ତୁମ୍ଭେ ଦୟାକଲେ ଓଡିଶା ଆମର
ଅରଜିବ ଯଶ, ମାନ ।୭

ବାଣପୁର, ଖୋର୍ଦ୍ଧା, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଉ ଏକ ନୂଆବର୍ଷ



ବିଜୟ କୁମାର ପଣ୍ଡା

ଇଁରାଜି ନୂଆ ବର୍ଷ

ଏଇ ହାପି ନିୟୁର, ତା ପାଇଁ ଭଳିକି ଭଳି

କେତେ ଶୁଭ ବାର୍ତ୍ତା, ଗ୍ରୀଟିଂ କାର୍ଡ଼

ଆଉ ମନ ଭିତରେ ପୁଣି ଆଗାମୀ ବର୍ଷ ଯାଏଁ

ସାଇତା ହେଇ ରହିଯାଉଥିବା କିଛି ପ୍ରତିଶୃତି !

ବାସ୍ ଏତିକି ରେ ସୀମିତ ଆମେ !

ବର୍ଷର ଶେଷ ରାତି ନାଚ ଗୀତ

ମଦ ମାଂସରେ ଚିଅର୍ସ୍ ହେବ

ରାତି ସବୁ ରଙ୍ଗିନ ହେବ

ଆଉ ସେଇ ରାତି ବି ସାକ୍ଷୀ ରହିବ

କେତେ କୁଆଁରୀ ଅନିଚ୍ଛାକୃତ ଭାବେ ହରାଇଥିବା କୁଆଁରିତ୍ୱର

ଆଗ ଭଳି ବିନା ଶୀତବସ୍ତ୍ରରେ ଅସହ୍ୟ ଜାଡ଼ରେ କୁଙ୍କୁରି ହେଇ

ଫୁଟ ପାଥ ରେ ରାତି କାଟୁଥିବେ କେତେ ଅସହାୟ ମଣିଷ

କେତେ ଅନାଥ ବି ସବୁଦିନ ପରି ଖୋଜିଚାଲିଥିବେ ନିଜର ପରିଚୟ

କେତେ ଯେ ଭୋକିଲା ପେଟ ସହୁଥିବ ଦାରିଦ୍ର୍ୟର ତାଡ଼ନା

ମାଟି ମା ପାଇଁ ଆତ୍ମୀୟଙ୍କଠୁଁ ବହୁ ଦୁରରେ ହାଡ଼ ଭଙ୍ଗା ଶୀତରେ

ସୀମାନ୍ତକୁ ଜଗି ରହିଥିବେ ଆମ ସେନା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେ ସବୁରୁ ଆମର କି ଯାଏ ଆସେ !

ଆମର ଆଭିଜାତ୍ୟ ଅହଙ୍କାରକୁ ନେଇ ଆମେ ବନ୍ଧା ନିଜ ପରିଧିରେ

ଯାହା ଯେଉଁଠି ଯାହାପାଇଁ ଯେମିତି ଥିଲା ସେମିତି ରହିଯିବ ।

ପୁଣି ହେବ ନୂଆ ସକାଳ

ବିଛାଡ଼ି ପଡ଼ିବ ସୁନେଲି କିରଣ

ବଦଳିଯିବ ତାରିଖ

ପୁଣି କିଛି ରଙ୍ଗା ରଙ୍ଗ କାର୍ଯ୍ୟକ୍ରମର ଖବର ପଢ଼ି

ଆମେ ଭୁଲି ଯିବୁ ବିଗତ ବର୍ଷର ନିର୍ଭୟାକୁ ପ୍ରିୟଙ୍କାକୁ

ପାଣି ପାଇଁ ହାହାକାର ସହରୀ ଜୀବନ

ଭୁଲିଯିବେ ପରିବେଶ ସୁରକ୍ଷାର ସବୁ ପ୍ରତିଶ୍ରୁତିକୁ

ପୁଣି କଟାହେବ ଗଛ ଆଧୁନିକତାର ଦ୍ୱାହି ଦେଇ

ପୁଣି ସେଇ ଦୂଷିତ ପବନରେ ଛଟପଟ ଶ୍ୱାସରୁଦ୍ଧ ହେଇ

ପୁଣି ଅସୁରକ୍ଷିତ ମଣୁଥିବେ ଆମ ବିଂଶ ଶତାବ୍ଦୀର ନାରୀ

କେବଳ ତାରିଖ ବଦଳିବାକୁ ଅପେକ୍ଷାକୃତ ଆମେ

ବଦଳିବୁନି କାଣୀଚାଏ..କଣ ପାଇଁ ଯେ !!

କାହିଁକି ନା ..

ଏସବୁ କେବଳ କବିର କବିତାଟିଏ ପରା !!

ସମ୍ପାଦକ "କନକପ୍ରଭା",
ସବଙ୍ଗ, ସିମୁଳିଆ, ବାଲେଶ୍ୱର,
ଭ୍ରାମ୍ୟଭାଷ : ୯୭୩୯୫୯୧୮୧୬

 Magazine Downloaded from www.aahwaan.com

# ବିକାଶ



ପୂର୍ଣ୍ଣିମା ଲେଙ୍କା

କଳ କାରଖାନା, ଯାନବାହନରେ
ବିକାଶର ସୀମା ଛୁଇଁଦେଲା ପରେ
ମାଟିରୁ ଆକାଶ ଲଂଘିଯିବାର ସ୍ୱପ୍ନ
ବାସ୍ତବ ହେଲା ପରେ
ଅନୁଭବ ହୁଏ ମୋ ମାଟିମା' ଆଜି କେତେ ଆଗରେ

ଶିକ୍ଷାର ମାନ ବୃଦ୍ଧି ହେଲାପରେ
ନାରୀକୁ ସମାନ ତଉଲିରେ ରଖିଲା ପରେ
ଯୋଜନ ଯୋଜନ ଯୋଜନା ହେଲା ପରେ
ଗାଁପୁଅ ଆଜି ବିଦେଶ ଗଲା ପରେ
ଅନୁଭବ ହୁଏ ମୋ ମାଟିମା ଆଜି କେତେ ଆଗରେ

ବିକାଶର ଖବର ପଢିବା ଆଶାରେ
ସକାଳର ପତ୍ରିକାଟିକୁ ଖୋଲିଦେଲା ପରେ
କେତେ ଅସହାୟ ମୁଁ ଏଇ ଦୁନିଆରେ
ନାରୀ ଜନ୍ମ ଯେ ଅଭିଶାପ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରତିଫଳିତ ହେଉଥାଏ ସେ ପତ୍ରିକାରେ

ଯୋଜନ ଯୋଜନ ଯୋଜନା ହେଲା ପରେ
ଆଜି ବି ପ୍ରସୂତି ପ୍ରସବ କରିବାକୁ ଯାଇ ମରେ
ଆଜି ବି ପ୍ରସୂତି ବୁହା ହୁଏ ଖଟରେ
ଅସହାୟତାର ଶିକାର ହେଇ
ସ୍ୱାମୀ ବୋହିନିଏ ସ୍ତ୍ରୀ ଶବକୁ କାଂଧରେ

ସ୍ୱାଧୀନତାର ଅନେକ ବର୍ଷ ପରେ ମଧ୍ୟ
ଆମେ ଆଜି ବି ପଛରେ
ମିଛ କୁହୁଳିକା ଇଏ
ଆମେ ଅଛୁ ଆଜି ବିକାଶ ପଥରେ

ଗବେଷିକା, ହ୍ୟୁମାନିଟି ଏବଂ ସୋସିଆଲ୍ ସାଇନ୍ସ୍ ବିଭାଗ
ଆଇଆଇଟି (ଆଇଏସ୍ଏମ୍) ଧାନବାଦ
ଝାଡ଼ଖଣ୍ଡ, ୮୨୬୦୦୪
ଭ୍ରାମ୍ୟଭାଷ : ୭୦୦୮୨୦୬୮୪୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଘରୁଆ ବୈଷ୍ଣବ



ମନୁ ଭାଇ

ଠିକରେ କଲେ ଶ୍ରମ-ଭୋଜନ-ବିଶ୍ରାମ
ଧନ୍ୟ ହୁଅଇ ପରିବାର ଜୀବନ
ବିବେକ ଦିଅଁ ଦେହ ଦେଉଳ --
ଏତିକି ବୁଝିଗଲେ ତୁଟେ ଗୋଳମାଳ
ଦେଉଳ ଗୋଟିକ ଆପେ ନିର୍ମାଣ -
ଯିଏ ସେ ଗଢ଼ିଛି ତା ଭିତରେ ରହିଛି ଜାଣ
ନିତି ଯିଏ ପିଅନ୍ତି ଘାସ ପତ୍ର ରସ -
ତା ମୁଁହରେ ରୁହେ ସନାତନ ହସ
ଅଳସୁଆ କପଟିଆଙ୍କ ପେଟ ଟାଣ
ସେମାନେ ହୁଅନ୍ତି ସଦା ହଇରାଣ
ପେଟରେ ରୁହନ୍ତି ଲକ୍ଷ୍ମୀ ନାରାୟଣ --
ମୂର୍ଖ ଅବୁଝା ହୁଅନ୍ତି ହଇରାଣ

ନିତି ଯେ ଖାଆନ୍ତି ବରାଦ ଅବଢ଼ା
ନିତି ଯେ କରନ୍ତି ହିତ ଲେଖାପଢ଼ା
ମହତେ ତାଙ୍କୁ କରନ୍ତି ଲୋଡ଼ା
ଅସୁର ତାଙ୍କୁ କରନ୍ତି ବାଡ଼ିଆ
ମୂର୍ଖ ଅସୁର ଅଣ୍ଡାଳନ୍ତି ଧନ
ମହତେ ବୁଝନ୍ତି ଅନୁଭୂତି ଜ୍ଞାନ
ବିରଳ ସାଧୁ ନିଜ କାମ କରନ୍ତି
ନିଜ କର୍ମ ଫଳ ନିଜେ ଭୋଗନ୍ତି
ସାଧୁଙ୍କ ପାଖେ ନ ଥାଏ କୁ-ବିତ
ସାଧୁଙ୍କର ଥାନ୍ତି ଅନେକ ସୁ-ମିତ
ସଦା ସନ୍ତୁଷ୍ଟ ସାଧୁ ରୁହନ୍ତି
ନିଜ କଲା କର୍ମ ଫଳ ଭୋଗୁ ଥାଆନ୍ତି
ସମସ୍ତଙ୍କ ହିତ ସାଧୁ ଚାହାଁନ୍ତି
କର୍ମ ଅକର୍ମ ନିୟମ ଲେଖି ଜଣାନ୍ତି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କର୍ମ ନିୟମ ଜାଣ ସନାତନ

ଯେପରି କର୍ମ ସେପରି ଜୀବନ

କପଟ କଲେ ବଢ଼ଇ ବିତ

ରୋଗରେ ଯାଏ ମୂଳ ସହିତ

କପଟିଆଙ୍କର ବଡ କୋଠା

ଅନ୍ଧ ହୁଅନ୍ତି ତାଙ୍କର ବେଟା

ଅନ୍ଧ ମାନେ ରୋଗ -ଶତ୍ରୁ କିଣନ୍ତି

ନରକ ଦଣ୍ଡ ଭୋଗ କରନ୍ତି

ଅନ୍ଧଙ୍କୁ ମିଳେନା ହରିହର ଦର୍ଶନ

ମାନନ୍ତି ସେମାନେ ବିଲୁଆ ଧର୍ମ

ଘରୁଆ ବୈଷ୍ଣବ ଯିଏ ହୁଅନ୍ତି

ହରିହର ତାଙ୍କୁ କୃପା କରନ୍ତି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଧବା



ନବୀନ ପଧାନ

ମନ ଉପବନେ ଆଶାର ଶେଫାଳୀ
ଯାଇଛି ତାର ମଉଳି
ବୈଧବ୍ୟ ଯନ୍ତ୍ରଣା ଶୋକେ ଜର୍ଜରିତା
କ୍ଷଣେ କ୍ଷଣେ ସେ ପାଗଳୀ ।।

ନିଶାର୍ଦ୍ଧରେ ତାର ମନକୁ ପ୍ଳାବିତ
କରଇ ଲୁହର ବନ୍ୟା
ମୁଖେ ଦାନା ଦେଇ ମଣିଷ କରିକି
ଜଗତରେ ହେବ ଧନ୍ୟା ।।

ଦୁଇ ଦୁହିତାର ଜନ୍ମଦାତ୍ରି ସିଏ
ଚିନ୍ତା ତାର ଆସୁମାରୀ
ଶ୍ୱାନ୍ତନାର ହସ ମୁହେଁ ଥାଏ ସିନା
ମନ ଯାଇଥାଏ ମରି ।।

ବଞ୍ଚିବାକୁ ହେବ, ଦାରିଦ୍ରର ସାଥେ
କରିବାକୁ ହେବ ରଣ
ସମାଜରେ ଠିଆ କରିବ ଝିଅଙ୍କୁ
ବିଧବା କରିଛି ପଣ ।।

ଆତ୍ମହତ୍ୟା ପଛେ କରିଦେବ ସିଏ
ହେବ ନାହିଁ ଆତ୍ମଘାତୀ
ବିଧବା ହେଲେବି ଦୁନିଆ ଆଗରେ
ବସିବନି ହାତ ପାତି ।।

ସାନଫାସଡ, ଡୁଡୁକା, ବଲାଙ୍ଗୀର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାଳି



ନୂତନ କୁମାର
ବେହେରା

ବଗିଚାରେ ଫୁଲ ଫୁଟି ଦିଶେ ମନୋହର
 ଚାଲିଗଲା ଲୋକର ବି ହଟେନା ନଜର ,
ଭ୍ରମ ହୁଏ ଏ କି ଧରାର ଅମରାବତୀ
 ପଟାନ୍ତର ନାହିଁ ତାର ସେ ସୁନ୍ଦର ଅତି ।
ଜାତିଜାତି ଫୁଲ କେତେ ରଙ୍ଗବୋଳି ଦେହେ ।
ସୁଷମାରେ ଭାବୁକ ଜନର ମନ ମୋହେ,
ମହକରେ ତାର ପବନ ଯେ ମତୁଆଲା
 ରୂପ ଗୁଣେ ଭ୍ରମରକୁ ଯେ ପାଗଳ କଲା ।
ଫୁଲର ସୌନ୍ଦର୍ଯ୍ୟ କରେ ସଭିଙ୍କୁ ଆକୃଷ୍ଟ
 ପୂଜା ଅର୍ଚ୍ଚନାରେ ଦିଅଁ ହୁଅନ୍ତି ସନ୍ତୁଷ୍ଟ ,
ସୃଷ୍ଟିର ଏ ଅନୁପମ ଲାବଣ୍ୟ ପ୍ରତିମା
 ତା' ସାଥେ ସରି କିଏ ଦେବାକୁ ଯେ ଉପମା ।
ଟିକି ଟିକି ଚାରା ରୋପି ବଗିଚାରେ ମାଳି
 ସେବା ଯତ୍ନେ ଶ୍ରମ ଦାନେ ଦିଏ ଆତ୍ମବଳି,
ଫୁଲର ଆଦର ପରି ଶ୍ରଦ୍ଧା ଟିକେ ଯହିଁ
 ମାଳି ବିଚରା କେବେ ତ ପାଇପାରେ ନାହିଁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଳି ବିନା ବଗିଚାର ଶୋଭା ବଢେ ନାହିଁ
ଜୀବନକୁ ତିଳ ତିଳ ଜାଳେ ଯାହା ପାଇଁ ,
ସେ ମାଳିର ମୂଲ ଅମୂଲ ବିଚାର ନାହିଁ
ଫୁଲର ଯତନ ପରି ମାଳିଠାରେ କାହିଁ ?
ଏ ଦୁନିଆଁ ବଗିଚାରେ ବାପାମାଆ ଦୁଇ
ମାଳି ଭଳି ମେହନତି ସବୁ କରି କରି,
ପରିଶେଷେ ପୁଅଝିଅ ପାଶେ ହତାଦର
ହୋଇ ଭୋଗୁଥାନ୍ତି ଦୁଃଖ କେତେ ବାରମ୍ବାର ।

କବିରତ୍ନ ନୂତନ୍ କୁମାର ବେହେରା
କୋହି, ଗଡିଆ, ମୟୂରଭଞ୍ଜ
ଦୂରଭାଷା :-୯୯୩୮୫୫୭୮୭୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାତୃଭାଷା



ପ୍ରୀତିରଞ୍ଜନ ନାୟକ

ମାତୃ ଭାଷା ମାତୃ ଭୂମିରେ ମମତା......
କହିଥିଲେ ମଧୁବାବୁ,
ସେସବୁ ଆଉ କା ମନରେ ରହୁନି
ସବୁ ଇଂରେଜୀ ପଢୁଆ ବାବୁ ।

ମାତୃଭାଷା ପ୍ରେମ ହଜି ତ ଗଲାଣି
କୁନୁ ବେଲୁ ପଢା ଅଂଗ୍ରେଜି,
ଦୁଇ ଶ' ବର୍ଷର ଅତ୍ୟାଚାର ଭୁଲି
ଏ,ବି,ସି, ଡି ହୁଏ ମଞ୍ଜି ।

ଅ ଆ ସବୁ ଚୁଲିକି ଗଲାଣି
ଛୁଆ ହେଉଛନ୍ତି ବିଦେଶୀ,
ମୋବାଇଲ ହାତରେ ଧରନ୍ତି ସେମାନେ
ଅଂଗ୍ରେଜୀ କୁହନ୍ତି ବେଶୀ ।

ଓଡ଼ିଆ କହିଲେ ଓଡ଼ିଆ ଲେଖିଲେ
ଏମାନଙ୍କ ଷ୍ଟାଟସ୍ କୁଆଡେ କମୁଛି,
ଇଂରାଜୀ ଲେଖିଲେ ଇଂରାଜୀ କହିଲେ
ସଭିଙ୍କ ମନ କାଳେ ବହି ଯାଉଛି ।

ଯିଏ ତା ମାକୁ ଯିଏ ତା ଭାଷା କୁ
ସମ୍ମାନ ଦେଇ ଜାଣିନି,
ସିଏ କେଉଁ ଯୋଗ୍ୟ ସନ୍ତାନ
ସତେ କଣ ଜଣା ପଡୁନି ?

ବାସ୍ତବ ଓଡ଼ିଆ ଯିଏ ହୋଇଥିବ
ଉଠିବ ଜାଗ୍ରତ ହୋଇ,
ଆମ ଭାଷା ଆଉ ଆମରି ମାଟିକୁ
ସମୃଦ୍ଧ କରିବା ପାଇଁ ।

ଜୟନଗର,ରାଜକନିକା,କେନ୍ଦ୍ରାପଡ଼ା
ମୋ - ୯୦୯୦୦୪୦୧୪୨

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଧନ୍ୟ ମୋ କବିପଣ



ପୁସ୍ତମ୍ ଯୁଆଡ଼ି

ଧନ୍ୟ ମୋ କବି ପଣକୁ

ଧନ୍ୟ ତୋ ପ୍ରେମିକା ପଣ କୁ...

କେଉଁ ଶାସ୍ତ୍ର ରେ ଲେଖା ଅଛି ଲୋ

ଆମର ରାଜ ଜୋଟକ ଫିଟିଲାଣି ବୋଲି ।

ପିଲାଦିନେ ତ ଅଝଟ କରି

ଖେଳୁଥିଲୁ ବାଲିଘର

ତୁ କନିଆଁ କୁ ମୁଁ ବର

ସେତେବେଳେ ତ କହିପାରିଥାନ୍ତ

ଫିଟୁନି ଆମ ରାଜ ଜୋଟକ....

କହ,

କବି ଓ ପ୍ରେମିକା କ'ଣ

ନଇଁ ର ଦୁଇ ପାର୍ଶ୍ୱ ସଦୃଶ ?

ପୁସ୍ତମ୍ ଯୁଆଡ଼ି

ଭୁତିବାହାଲ, ଗାଇସିଲାଟ, ବରଗଡ଼

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମକର ସଂକ୍ରାନ୍ତି



ମହେଶ୍ୱର ସାହୁ

ମକର ପାଖରୁ,      ଚକରେ ଚକରେ,
ଦିନ ହୋଇଥାଏ ବଡ଼ ।
ଅମର ସଂସ୍କୃତି,      ନିଆରା ପରବ,
ସ୍ନେହ ସମ୍ପର୍କର ଜଡ ।।
ସଂକ୍ରାନ୍ତି ଦିନରେ,   ଘର ଦ୍ୱାର ଦାଣ୍ଡ,
କରାଯାଏ ପରିଷ୍କାର ।
ଆମରି ପରବ,      ଦିଅଇ ଆହ୍ୱାନ,
ସ୍ୱଚ୍ଛ ଶାନ୍ତି ମୈତ୍ରୀର ।।
ସ୍ନାହାନ ସଉଚ,      ହୋଇଣ ସଭିଏଁ,
ମୁନିଙ୍କୁ ଦେଇ ମୃର୍ତ୍ତିକା ।
ଉଷୁମ ନିଅନ୍ତି,      ଜାଳି ଶୁଷ୍କ ପତ୍ର,
ଉଜ୍ଜ୍ୱଳ ହେଉ ଜୀବିକା ।।
ମାନବ ଜୀବନ,      ପରବ ବନ୍ଧନ,
ସ୍ନେହ ପ୍ରୀତି ଭକ୍ତି ସାଥେ ।
ମକର ସଂକ୍ରାନ୍ତି,   ଶୀତୁଆ ଦାଢ଼ରେ,
ଧାର୍ମିକ ମହତ୍ତ୍ୱ ପଥେ ।।

ନାନା ମୁନି ଋଷି,      ହୁଅନ୍ତି ପୂଜିତ,
ଆମରି ଉତ୍କଳ ଧାମେ ।
ମକର ବଢାରେ,   ହୁଏ ଭୋଗ ରାଗ,
ସର୍ବ ଦେବାଦେବୀ ନାମେ ।।
କଦଳୀ ଓ ଗୁଡ଼,   ନୂଆ ଧାନ ଚୁନା,
ମକର ବଢାର ପାଇଁ ।
ହୁଅଇ ସ୍ୱାଦିଷ୍ଟ,   ଚୁଡା ଖଜା ସାଥେ,
ଗଗନେ ଗୁଡି ଉଡାଇ ।।
ଚାଷୀ ଭାଇ ଖୁସି,  ଶସ୍ୟ ଅମଳରେ,
ବଣ୍ଟାଇ ଭ୍ରାତୃତ୍ୱ ପ୍ରୀତି ।
ଧରା ଧାମ ଆଜି,      ସ୍ୱଚ୍ଛ ଓ ପବିତ୍ର,
ଚାଷୀକୁଳ ହେଉ ଶାନ୍ତି ।।

ବାପା: ପ୍ରହଲ୍ଲାଦ ସାହୁ, ଗୋପୀବିନ୍ଧା, ବ୍ରାହ୍ମଣ ଗାଁ,
ବାଲେଶ୍ୱର(ଭଦ୍ରକ)

ଆହ୍ୱାନ-ଇ-ପତ୍ରିକା

 Magazine Downloaded from www.aahwaan.com

# ଗାଆଁ ଲାଗେ ସହର



ଅଙ୍କିତା ପାଢ଼ୀ

ସମୟ ତାଳରେ,   ତାଳକୁ ମିଳାଇ,
ସଭ୍ୟତା ବଦଳୁ ଅଛି ।
ଗାଁଆ ମୋର ଆଜି,ନୂଆରଙ୍ଗ ନେଇ,
ସହର ପରି ଲାଗୁଛି ।।
ମନ୍ଦିର ତ ଅଛି,   ନାହିଁ ପୂଜା ପାଠ,
ଭକ୍ତି ନାହିଁ ହୃଦେ କାର ।
ସତ୍ୟପଥ ଛାଡି,   ଅଧର୍ମ ମାର୍ଗକୁ,
କରନ୍ତି ଜନ ଆଦର ।।
ଆମ୍ବ ତୋଟା ନାହିଁ,  ନାହିଁ ବଣ ବୁଦା,
ନାହିଁ ସେ ବର ଓହଳ ।
ଜାଗା ଜାଗା ହୋଇ,କଳି ଝଗଡାରେ,
ଅଶାନ୍ତିର ଚାଲେ ଖେଳ ।।
ବର କୋଳି ନାହିଁ,   କଇଥ ବି ନାହିଁ,
ନାହିଁ ପିଜୁଳିର ଗଛ ।
ଶାଶୁ ବୋହୂ କଳି,   ବାପା ପୁଅ କଳି,
ଜିତୁଛି କେବଳ ମିଛ ।।

ହସ୍ତେ ମୋବାଇଲ,ଚକ୍ଷୁରେ ଏଲସିଡ,
ପାଦେ ବାଇକିର ବ୍ରେକ ।
ପଲଙ୍କ ସେଜରେ,   ତାପ ନିୟନ୍ତ୍ରଣ,
ସ୍ୱର୍ଗ ସୁଖର ଏ ଭେକ ।।
ପକ୍କା ପିଚୁ ରାସ୍ତା,   ବିଜୁଳି ଆଲୁଅ,
ସହର ଭଳି ଲାଗଇ ।
ସବୁ ଥାଇ ମଧ୍ୟ,   ନାହିଁ ହସ ଖୁସି,
ଏକତା କାହାର ନାଇଁ ।।
ଏଇ ଗାଁଆ ମୋର, ଜନମ ଭୂଇଁ ଯେ,
ମାଟିକୁ ତାର ପ୍ରଣାମ ।
ବଞ୍ଚି ଥିବା ଯାଏ,   କରି ସତକର୍ମ,
ରଖିବି ତାହାର ନାମ ।।

ବାପା: ରଞ୍ଜନ ପାଢ଼ୀ, ଶ୍ରେଣୀ :- ସପ୍ତମ
ଜେନିଥ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ
ଗଗନ ବାବୁ ଛକ,ଏଡତାଳ, ଭଦ୍ରକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରେମର ତୃଷ୍ଣା



ଗୁଣନିଧି ଭୋଇ

ଶୟନେ ସପନେ ଜାଗରଣେ ମୋର
ଦିଶୁଛି ତୁମରି ମୁହଁ,
ହୃଦୟରେ ମୋର ଭରିଦେଲ ପ୍ରେମ
ଛାତିରେ ଅଜଣା କୋହ ।

ଖାଇବା ପିଇବା ଭୁଲି ମୁଁ ଯାଇଛି
ରାତିରେ ହେଉନି ନିଦ,
ରାତି ଅଧଟାରେ ବିଛଣା ଛାଡି ମୁଁ
ଗାଉଛି ପ୍ରେମର ଗୀତ ।

ଏ କି କଲ ତୁମେ ବହ୍ନି ଜାଳି ଦେଲ
ଶରତ ଜହ୍ନର ଜ୍ୟୋତ୍ସ୍ନା,
ଓଠରେ ହିମର କାକର ଚୁମ୍ବନେ
ମେଣ୍ଟାଇ ଦିଅ ମୋ ତୃଷ୍ଣା ।

ପ୍ରେମ ସ୍ପର୍ଶ ଟିକେ ପାଇବାକୁ ଖାଲି
ଚାତକ ପରାଏ ଚାହିଁ,
ଫଗୁଣର ବର୍ଷା ଶ୍ରାବଣରେ ପାଇ
ଭିଜି ମୁଁ ଯାଉନି କାହିଁ ।

ତୁମ ତନୁ ମନେ ଭରିଦିଅ ମତେ
ଲୀନ ହୋଇଯାଏ ମୁହିଁ,
ଏକମନ ଆମ ଦୁଇଟି ପିଣ୍ଡରେ
କୁହ ପାରିବ କି ରହି ।

ବେହେରାପାଲି, ଘେଁସ, ବରଗଡ଼
ମୋ: - ୯୧୭୮୪୭୪୫୪୩

ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# ଚାରୋଟି ଅନନ୍ତ ପ୍ରତୀକ୍ଷା



ପ୍ରଭାତ ବଳ

ପ୍ରତୀକ୍ଷା,
ରକ୍ତ ରଞ୍ଜିତ ଅତୀତ ର
ପ୍ରେମ ବିଭୂଷିତ ଭବିଷ୍ୟତକୁ,
ରଞ୍ଜାଇବାକୁ  ରଙ୍ଗିନ ଶ୍ରାବଣରେ,
ନଧୋଇ ଆତଙ୍କ ରୁଧିରେ ।

ପ୍ରତୀକ୍ଷା,
ପଥର ନିର୍ଜନତାକୁ କରି ବେଖାତିର
କ୍ଲାନ୍ତ ବଟୋଇର ପ୍ରାନ୍ତ ପଥିକକୁ,
ଭେଟ ହେଲେ ପାଶୋରିବ
କେତେଯୁଗର ପଥଶ୍ରମ,
ସାଥୀ ହେବ ଶେଷଯାଏ ଚାଲିବାକୁ ।

ପ୍ରତୀକ୍ଷା,
ଅର୍ଦ୍ଧଶୁଷ୍କ ନଦୀ ଧାରା ର
ଅମଳିନ  ବୈଶାଖ  ପରର  ଅଷାଢୁଆ
ବାରିଦକୁ,
ସାଜି ତରଙ୍ଗାୟିତ ଉର୍ମି,ଲଙ୍ଘି ପଥ
ମିଶିବାକୁ ସମୁଦ୍ର ବକ୍ଷରେ ।

ପ୍ରତୀକ୍ଷା,
ନିଶାର୍ଦ୍ଧରେ ଆତଙ୍କିତ ପ୍ରେୟସୀର
ପ୍ରୀତ ପ୍ରତ୍ୟୁଷ ପ୍ରେମିକକୁ,
ଲୁପ୍ତ ହେବାକୁ କୁହୁଡି ଉହାଡ଼େ
ସୁପ୍ତ ସୂର୍ଯ୍ୟର ବଳୟ ଭିତରେ ।

କରଣପୋଖରୀ, ମତୋ,ଭଦ୍ରକ
ଭ୍ରାମ୍ୟଭାଷ : ୯୭୭୬୬୬୮୦୭୩

Magazine Downloaded from www.aahwaan.com

# ଏତିକି ବିନତି



ପ୍ରଭାକର ସାହୁ

ଅୟସ କୋଠିରେ ତାଲା ପଡିଗଲା
ବୟସ ହେବାରୁ ଚଉବନ
ମଲା ଜହ୍ନପରି ଝାଉଁଳି ପଡିଲା
ଜୋଛନା ବିଛୁଡା ଯଉବନ ।।୧

ଇନ୍ଦ୍ରିୟ ଗୁଡାକ ଅଚଳ ହେଲେଣି
ହରେଇ ନିଜର କରାମତି
ଚକ୍ଷୁ କର୍ଣ୍ଣ ମାନେ ଗୁହାରୀ କଲେଣି
କରିବାକୁ ତାଙ୍କୁ ମରାମତି ।।୨

ବଳ ବପୁଭରା  ସୁନ୍ଦର ସ୍ୱାସ୍ଥକୁ
ଜରା ବ୍ୟାଧି କଲେ ଅକ୍ତିୟାର
ତେଲିଆ ଦିହଟା ଧୂଷରା ଦିଶିଲା
କମିଲା ଶରୀର ଶକ୍ତିହାର ।।୩

ଯୁଆନ ବେଳର ମସ୍ତି ପାଇଁ ଆଜି
ଶାସ୍ତି ଭୋଗି ମନ ଯାଏ ବୁଝି
ପୁରୁଣା କିସ୍ତିକୁ ସୁଝିବାକୁ ପଡେ
ପରିସ୍ଥିତି ସାଥେ ଜୁଝି ଜୁଝି ।।୪

ଜୀବନ ପତ୍ରଟା ପତ୍ରଝଡା ଦିଏ
ଭବିଷ୍ୟତ ଅଙ୍କ କଷି କଷି
ଅବଶିଷ୍ଟ ଥିବା ଆୟୁଷ ସତେକି
ଅସହାୟତାରେ ଯିବ ଫସି ।।୫

ସଂସାରର ନାବ କୂଳରେ ଲାଗିନି
ଛୁଟି ମାଗିନେଲେ ହାତ ଗୋଡ଼
ଯୋଡ ହସ୍ତ ହେଇ ଜଣାଏ ପ୍ରଭୁ ହେ
ଦିଅ ବଞ୍ଚିବାର ନୂଆ ମୋଡ଼ ।।୬

ଭଣ୍ଡାରିପୋଖରୀ
ଯାତ୍ରା ହାସ୍ୟ ଅଭିନେତା
ଭ୍ରାମ୍ୟ::–୮୨୪୯୫୭୧୦୭୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପୁସ୍ତକ



କୁମୁଦ ଚନ୍ଦ୍ର ନାଗ

ପୁସ୍ତକ ମୋର ପ୍ରିୟ ସାଥୀ

ତୋ ସାଥେ ବିତେ ଦିନ ରାତି । ।

ତୁହି ମୋର ପଥ ପ୍ରଦର୍ଶକ

ତୁହି ହେଲେ ଦୀପ ମୁଁ ତୋର ଆଲୋକ । ।

ତୁହି ମୋ ପାଇଁ ଅଟୁ ଶିକ୍ଷକ

ହେ ମୋର ପ୍ରିୟ ସାଥୀ ପୁସ୍ତକ । ।

ତୋ ବିନା ଲାଗେ ମୋତେ ଅନ୍ଧାର

ଏହି ବିଶାଳ ସଂସାର । ।

ମୁଁ ରାସ୍ତା ରୁ ପାଦେ ଏପାଖେ ସେପାଖ ହେଲେ

କରୁଥାଉ ସଦା ତୁ ତାଗିଦ୍

ତୋର ଆଉ ମୋର କେବେ

ନ ହେଉ ବିଚ୍ଛେଦ । ।

ସନ୍ଧିକୁଲିଆରୀ, ଧର୍ମଗଡ, କଳାହାଣ୍ଡି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାୟାଡୋରୀ



ସରୋଜିନୀ ମିଶ୍ର

ଏସଂସାର ଏକ ଖେଳଘର
ଏଠି କେହି ହୋଇନାହି ଅମର
ମିଛେ କିଆଁ ତୁହିମୋର ମୋର କହୁ
ତୋ ଶରୀର ନୁହେଁ ତୋହର
ଏ ତ ମିଛ ମାୟାଭରା ସଂସାର ।

କାଲି ଯଦି ଝୁଣ୍ଟି ଯିବୁ ପଡି
ତୋ ଶରୀର ତତେ ଯିବ ଛାଡି
ଆହା ଆହା କହି ସବୁ ବେଢିଯିବେ
ରଖିପାରିବେନି ମାତର
ଏତ ମିଛ ମାୟା ଭରା ସଂସାର ।

କୋଟିଏ ଟଙ୍କା ବା ବୁଦ୍ଧିବଳ
ଅବା ବୈଜ୍ଞାନିକ ବନ୍ଧୁତୋର
ରଖି ପାରିବେନି ମୂହୁର୍ତ୍ତେ ମାତର
ଶରୀର ଜାଳିବେ ଶ୍ମଶାନର
ଏତ ମିଛ ମାୟା ଭରା ସଂସାର ।

ଭଜିବୁ ଯଦି ଶ୍ରୀହରୀ ନାମ
ପାପ ନାଶି ଅରଜିବୁ ତୁ ଧର୍ମ
ମଲାପରେ ଯିବୁ  ବଇକୁଣ୍ଠ ପୁର
ଭେଟ ହେବ ନାହିଁ ଯମର
ଏତ ମିଛ ମାୟା ଭରା ସଂସାର ।

ଶିକ୍ଷୟିତ୍ରୀ
ଗୋପୀନାଥପୁର ନୂଆସାହି
ବାଲୁଗାଁ, ଖୋର୍ଦ୍ଧା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମ ତତ୍ତ୍ୱ



ରାଜେଶ ଦୀପ

ସଂଯୋଗେ ଯାହା ଆସେ ଆଚମ୍ବିତେ
ତାକୁ  ଯେ ବୋଲନ୍ତି ପ୍ରେମ  ।
ନାହିଁ ଏଥେ ବାଛ ବିଚାର  ଜାଣ
ଆକର୍ଷଣ କରେ ମନ   ।
ଯେଉଁ ପ୍ରେମ ର ପ୍ରାପ୍ତ ପାଇଁ  ନିତ୍ୟ
ଧାଉଁଥିଲେ  ବୃନ୍ଦାବନେ   ।
ସେହି ତତ୍ତ୍ୱର  ଅପାର  ମହିଁମା
କେତେ ହେଁ  କହିବ ଜନେ   ।
ଜୀବନ ସ୍ରୋତେ ପ୍ରେମର ଗରିମା
ସୁନିଶ୍ଚିତ  ବାଞ୍ଛନୀୟ   ।
ଏ ପ୍ରଣୟର  ଗରିମା ଯେ ବୁଝେ
ଅଟେ ସଭିଙ୍କର  ଗ୍ରାହ୍ୟ  ।

ସଦା  ସରବଦା  ଜନେ ହେଁ ହସନ୍ତି
ନ ବୁଝି   ଏହାର  ମୂଳ   ।
କଳଙ୍କର  ଟୀକା  ଲଗାଇ ଦିଅନ୍ତି
ଚରିତ୍ରରେ ଚିରକାଳ   ।
ପ୍ରେମକୁ  ସଦା  ମୁଖ୍ୟ ରୂପେ  ଘେନି
ବର୍ଣ୍ଣନ୍ତି  କବି  ପଣ୍ଡିତ   ।
ସାଧନା ରେ ସିଏ ଯଶ ଅରଜନ୍ତି
ସମାଜର  ହିତେ  ନିତ୍ୟ   ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ
ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ,
ସମ୍ବଲପୁର
ଭ୍ରାମ୍ୟଭାଷ : ୭୩୨୬୦୫୯୦୮୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଯଦି କେବେ ଦେଖାହୁଏ



ବିନୟ ମହାପାତ୍ର

କେବେ ଭାବିଛ,

ଯଦି କେବେ, ପୁଣିଥରେ ଦେଖା ହୋଇଯିବ

କେଉଁ ଏକ ନିଶବ୍ଦ ବେଳାଭୂମୀରେ

ଝାଉ ବଣର ସନ୍ ସନ୍ ପବନରେ

ଅବା ଛପ୍ ଛପ୍ ଲେଉଟାଣି ଲହଡି ପାଣିରେ ।

ଯେବେ ସୁରୁ ସୁରୁ ବୋହିଯାଉଥିବ

ପାଦତଳ ଚୋରାବାଲି

ଆଉ ଆମର ଦୁଇଯୋଡା ପାଦକୁ

କୁତୁ କୁତୁ କରି ଦେଉଥିବ,

ସେତେ ବେଳେ,

ବରଷ ପୁରୁଣା କାହାଣୀ ଯେତେକ

ତୁମର କିବା ମନେ ପଡିଯିବ !

ଆଜି ସିନା ତୁମର ଡରଡର ହାତ

ମୋ ହାତକୁ ଜାବୁଡି ଧରିନି

ଲହଡି କାଳେ ତୁମକୁ ଭସାଇ ନେବ

ସେମିତି ତୁମକୁ ଏବେ

ଆଉ କଣ ଡର ଡର ଲାଗେନି ?

ପୁଣ ଥରେ ଯଦି କେବେ ଦେଖା ହୋଇଯିବ

କେଉଁ ଏକ ମନ୍ଦିର ବେଢାରେ

ଭିଡଭାଡ୍ ଲୋକ ଗହଳିରେ ।

ବାସୁଆ ବଳଦ ପଛରେ

ଉପରେ ଝୁଲୁଥିବ ବଡ ବଡ ଘଣ୍ଟି

ତୁମ ହାତ ଠାରୁ ଅପହଞ୍ଚ ଉଚ୍ଚତାରେ ।

ଯେବେ ତୁମେ ଘଣ୍ଟି ପାଇଁ ହାତ ବଢାଇବ

ଥରେ କଣ ମୋ ଆଡକୁ ଚାହିଁବ

ବିନତି ଭରା ସରମୀ ନୟନରେ,

ପୁରୁଣା ଦିନ ଆମର ମନେ ପଡିଯିବ ?

ତୁମ ଅଣ୍ଟା ପାଖରୁ ଦିନେ


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମକୁ ମୁଁ ଉଠାଇ ଧରିଥିଲି

ଆଉ ତୁମ ମନଭରି ଘଣ୍ଟି ବଜାଇଲ

ଦିଅଁଙ୍କ ସାମ୍ନାରେ ମାନସିକ ମାଗିଦେଲ,

ଆମର ଏ ଜୋଡ଼ି, ସାତ ଜନମ ଯାଏ

ପ୍ରେମ ଆମର ଏଇମିତି ରହିଥାଉ

ହେଲେ କେତେ ସହଜରେ

ସବୁକିଛି ଭୁଲି ହୋଇଯାଏ,

ଦେଖା ହୋଇଗଲା ପରେ ବି

ଚିହ୍ନା ମୁହଁ ଅଚିହ୍ନା ଅଚିହ୍ନା ଲାଗେ ।

ପଟିଆ, ଭୁବନେଶ୍ୱର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନସାଥୀ



ସଂଯୁକ୍ତା ମହାପାତ୍ର

ତୁମଠୁ ଆରମ୍ଭ ସଂସାର ମୋହର
ତୁମେ ସାଥେ ଥିଲେ ଦୁଃଖର ଶେଷ,
ତୁମକୁ ପାଇ ମୁଁ ପାଇଅଛି ସବୁ
ମନେ ନାହିଁ କିଛି ଅବଶୋଷ ।

କେବେ ଯଦି କିଛି ଭୂଲ କରିଦିଏ
କହି ଦେବ ମୋତେ ସତ କରି,
ରାଗ ରଖିବନି ମନରେ ତୁମର
ସଜାଡି ନେବି ମୁଁ ଉଜୁଡା ଡୋରି ।

ଜୀବନର ଏଇ ଚଲାପଥେ ସାଥୀ
ଯେବେ ପାଦ ମୋର ଥକି ଯିବ
ଆଉଜାଇ ନେବ ଛାତିରେ ତୁମର
ମଥାରେ ମୋ ପ୍ରିତି ପରଶ ଦେବ ।

ତୁମେ ମୋର ପ୍ରିୟ ମୁଁ ପ୍ରିୟତମା
ତୁମ ସଙ୍ଗେ ପଥ ଚାଲୁ ଥିବି,
ତୁମ ହୃଦୟର ରାଜ ଉଆସରେ
ତୁମ ମନ ରାଣୀ ସାଜି ଥିବି ।

ମାଗିବିନି କେବେ ସରଗର ଚାନ୍ଦ
ଅବା ସୁନା ରୂପା ହୀରା ମୋତି,
ଲିଭି ଯାଉ ମୋର ଜୀବନର ଦୀପ
ହସି ଖୁସି ତୁମ କୋଳରେ ସାଥୀ ।

* ପଟିଆ, ଭୁବନେଶ୍ୱର *

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନୈବେଦ୍ୟ



ପୁଷ୍ପାଞ୍ଜଳୀ ପଣ୍ଡା

ତୁମେ

ଫୁଲରେ ଅଛ  କି କଣ୍ଟାରେ,

ସକାଳ ଧୂପର  ବାସ୍ନାରେ,

ସଂଜ ଆଳତୀର  ଧୂଆଁରେ,

ବୁଝି ପାରେନାହିଁ ହେ ଜଗତ ସାଇଁ

ପୂଜା ନୈବେଦ୍ୟ  ମୁଁ ଅଜାଡେ... ।।

ଆବାହନ କରି ଆସେନାହିଁ ,

ସମର୍ପଣ ଭାବ ଟିକେ ନାହି,

ଫୁଲ ଚନ୍ଦନ ରେ ସଜାଇ ଦେଉଛି

ଗ୍ରହଣ କରୁଛ   କିବା ନାହିଁ.... ।।

ମାଧୁର୍ଯ୍ୟ ଭରା ସେ ମୁଖ ଦେଖି

ଜୀବନ ଜିଇଛି  ହୋଇସୁଖୀ

ସୁଖ ରେ ଦୁଃଖରେ ନିବେଦନ କରେ

ହୃଦ ମୋ ପାଏ  ପରମ ଶାନ୍ତି.... ।।

ତୁମେ ଅନ୍ତର ତମ ଅନ୍ତର୍ଯ୍ୟାମୀ

ପ୍ରିୟତମ ,ମୁଁ ଯେ ମୁଢ଼ କାମୀ

ତଥାପି ରଖିଛି ମନରେ ବିଶ୍ୱାସ

ତୁମ ଠୁ ଆରମ୍ଭ  ତୁମଠାରେ ଶେଷ

ତୁମ ପାଦେ  ସର୍ବ ତୀର୍ଥ ଭୂମୀ... ।।

ଆସିଷ୍ଟାଣ୍ଟ ଷ୍ଟାଟିଷ୍ଟିକାଲ୍ ଅଫିସର୍
ଯାଜପୁର ।

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

# ନିର୍ଭୟା



ଅଭିଶେକ ମହାପାତ୍ର

ତୁମେ ନିତି ରାତି ଖୋଜ !
ଜହ୍ନ ଆଲୁଅର ତୋଫା ତୋଫା ମାଟିର ବାସ୍ନାରେ ,
ଅନାବୃତ୍ତ ଦେହ ମୋର ଶୋଇରହିଥିବ -
କେଉଁ ଏକ ନିର୍ଜନ ତୋଟା ଅବା ନଦୀତୀରରେ !

ସେ ଦେହରେ ଉଡାଇବ ତୁମେ ପୁରଷତ୍ୱର ଧ୍ୱଜା !
ତୁମ ଲମ୍ପଟ ତଥା କାପୁରୁଷ ମାନସିକତାରେ -
ପଶୁତ୍ୱକୁ ଚରିତାର୍ଥ କରିବାର ଅଦମ୍ୟ ଆଶା ।
ସେତେବେଳେ ସେ କାମାତୁର ଲମ୍ପଟ ଆଖିକୁ -
ଦେଖାଯାଏ ନାହିଁ ଇଏ କାହା ମା ତଥା ଭଗ୍ନୀ ହେଇଥିବ ,
ଜଣାପଡେ ନାହିଁ କାହାର ହୁଏତ ଏ ପ୍ରେମିକା ହେଇଥାଇ ପାରେ !

ତା ଆବୃତ୍ତ ଦେହରୁ ତୁମ ଆଖି ନିତି ଖୋଜିବୁଲେ -
ତା ନଗ୍ନତାର ଅଦ୍ଭୁତ ଭଗ୍ନାଂଶ !
ସେ ଭଗ୍ନାଂଶ ଅର୍ଦ୍ଧନାରୀ ଅପରିପକ୍ୱ ମାତୃତ୍ୱର ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମେ ଖୀନଭୀନ୍ କରି ଖେଳ ଯେତେ -

ଅମାନୁଷିକ ବିଭତ୍ସ କାଣ୍ଡ ।

ସେ ଦେହ କାଳେ ନଥାଏ ରକ୍ତମାଂସର !

ସେ ଉଷ୍ଣ ଆଖିରୁ କାଳେ ମଧୁ ର କ୍ଷରଣ ହୁଏ ,

ଅଦ୍ଭୁତ ସମ୍ମୋହନ ଥାଏ କାଳେ ସେ ଦେହର !

ତା ଚୁନିର କୁଞ୍ଚରେ ସେ ଚିରାଫଟା -

ସେମିଜ ଆଉ କାମିଜକୁ ସଜାଡେ ,

ଚୁପଚାପ ମୁହଁ ତଳକୁ କରି ସେ ବାକିତକ ରାସ୍ତା ପାର୍ ହୁଏ ।

ଏବେ ଆଉ ନୁହେଁ ଡରି ଲୁଚିଯିବାର !

ମନେ ନାହିଁ ସେ ନିର୍ଭୟା କଥା ?

ଜଣେ ନୁହେଁ ଲକ୍ଷଲକ୍ଷ ଜନ୍ମନେବେ ନିର୍ଭୟା !

କାପୁରୁଷ ତୁମେ ଖାଲି ଏବେ ସମୟକୁ ଅପେକ୍ଷା କର !!

ଗ୍ରାମ - ରାମଦାସପୁର, ପୋଷ୍ଟ- କୋଲଣଗିରି
ଭାୟା - ଇନ୍ଦୁପୁର, ଜିଲ୍ଲା - ଯାଜପୁର, ପିନ୍ -୭୫୪୨୧୪, ମୋବାଇଲ - ୭୬୫୭୯୧୫୫୯୫
ଇମେଲ୍ : abhisekmohapatra0167@gmail.com

 Magazine Downloaded from www.aahwaan.com

# କିଏ ଦେଖିଛ ସେ କାଲିକି



ଶାନ୍ତନୁ କୁମାର
ରାଉତ

କାଲି ଖୋଜି ଖୋଜି
ଏ ଯୁବ ସମାଜ
ଆପଣାଏ ଚୋରା ବାଲିକି.
କିଏ ଦେଖିଛି ସେ କାଲିକି.......

ନିଶା ଶକ୍ତ ଆଜି ଲୋଭିତ ସମାଜ
ମରୀଚିକା ପଛେ ଧାଇଁ କି
ସ୍ୱାମୀ ଅଟେ ଏଠି ଛଡା ତୁଳସୀ ଟେ
ମତୁଆଲି ସ୍ତ୍ରୀ ପାଇଁ କି
କିଏ ଦେଖିଛି ସେ କାଲିକି......

ବୁଢା ବାପର ତ ଆତ୍ମହରା କୋହ
ଦି ଓଳା ଦି ମୁଠା ପାଇଁ କି
ପୁଅ ବୋହୂଙ୍କର ପାର୍କ ବୁଲିବା
ସରାଗ ଯେ କମୁ ନାହିଁ କି
କିଏ ଦେଖିଛ ସେ କାଲିକି....

ରାତି ଅନ୍ଧାରରେ ଦିନ ଲୁଚିଯାଏ
କାଲି କୁ ଦେଖିବା ପାଇଁ କି
କାଲି ବୋଲି କିଛି ଦୁନିଆରେ ନାହିଁ
ସବୁ କିଛି ଆଜି ପାଇଁ କି
କିଏ ଦେଖିଛ ସେ କାଲିକି.......

ନୂଆସାହି ,ପାଟରଙ୍ଗା ,ଯାଜପୁର
ଭ୍ରାମ୍ୟଭାଷ : ୯୮୬୧୭୫୬୧୯୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କୁଣ୍ଠାବୋଧ ପରିଚୟର



ଭାସ୍କର ଚନ୍ଦ୍ର ଖଣ୍ଡା

ନିଜର ଅସ୍ତିତ୍ୱ
ତା'ର ନାଆଁ, ଠିକଣା
ସର୍ବୋପରି ତା'ର ପରିଚୟ
ଦେବାକୁ କୁଣ୍ଠାବୋଧ କରିବ କାହିଁକି ?

ମାଆର ସନ୍ତାନ ବୋଲି
ନେଇ ଜନ୍ମ ତା କୋଳରେ
ଚାହେଁନା କି କହିବାକୁ
ତା'ର ସେ ଦାୟାଦ
ଯଦି ପଡେ ଆବଶ୍ୟକ
ପରିଚୟ ଦେବାକୁ ତାହାର
କୁଣ୍ଠାବୋଧ କରିବ କାହିଁକି ?

ଭାବେ ଯଦି ଏ ଜାତିର ବୋଲି
ଏ ଦେଶର ବାସିନ୍ଦା ସେ
ନେଇ ଆଶ୍ରୟ ହିଂସା ଦ୍ୱେଷର
କାହିଁକି କରିବ ନିଜ ସମ୍ପତ୍ତିର ନଷ୍ଟ
ବୁହାଇଛି ଯା'ର ନିର୍ମାଣରେ
ବୁନ୍ଦା ବୁନ୍ଦା ଝାଳବୁହା ଲହୁ
ଧୂଳିରେ ମିଳାଇବ ତାକୁ ସେ କାହିଁକି ?

ନୁହଁ ଯଦି ସିଏ ଏ ଦେଶର
କରିନି ଗ୍ରହଣ ତା'ର ସାର୍ବଭୌମତ୍ୱ କୁ
ନ ବୁଝି ମୂଳ ଉଦ୍ଦେଶ୍ୟ
କରି ବିରୋଧାଚରଣ
ବୋହିଯାଇ ଉଦ୍ଦେଶ୍ୟ ପ୍ରଣୋଦିତ
ସେ ପ୍ରରୋଚନାରେ
ରହିଛି ଭରି ଯେଉଁଠି ସ୍ୱାର୍ଥର ଲାଳସା
ସେ ହୀନ ଲାଳସାର ଚରିତାର୍ଥରେ
ଭାଗୀଦାରୀ ହେବ ସେ କାହିଁକି ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉଠେ ଆଜି ପ୍ରଶ୍ନବାଚୀ

ସେ ବିରୋଧାଭାସର

ଦେବାକୁ ଚାହେଁନାକି ନିଜ ପରିଚୟ ?

ଯଦି ଅଟେ ସଚ୍ଚା ହିନ୍ଦୁସ୍ଥାନୀ

କୋଳାଗ୍ରତ କରି ତାକୁ

କରି ପରିଧାନ

ନିଜ ପରିଚୟ ପତ୍ର

ଦେବାକୁ ତା ପରିଚୟ

କୁଣ୍ଠାବୋଧ କରିବ କାହିଁକି ?

ଆଲାହାବାଦ ବ୍ୟାଙ୍କ (ଆର. ଏମ୍. ପି. ସି)

ନୟାପଲ୍ଲୀ, ଭୁବନେଶ୍ୱର

(ମୋ) ୯୪୫୫୭୧୭୫୦୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜୀବନ ସ୍ମୃତି



ଡଃ ମନୋରଞ୍ଜନ
ବିଷୋୟୀ

ବେଳେବେଳେ
ଇଛା ହୁଏ
ନିଜକୁ ନିଜେ
ବନ୍ଦୀ କରିବାକୁ
ନିବୁଜ ଶବ୍ଦ ଭିତରେ ।
ନିଜକୁ ନିଜେ
ଫାଶୀ ଖୁଣ୍ଟରେ
ଝୁଲାଇ ଦେବାକୁ
ଶବ୍ଦର ରଜ୍ଜୁରେ ।
ଆଉ ନିଜ ଠିକଣା
ହଜାଇ ଦେବାକୁ
ନିଃଶବ୍ଦ ଶବ୍ଦ ଭିତରେ ।

ତେଣୁ ତ
ନିଜକୁ ନିଜେ
ବାରମ୍ବାର ହତ୍ୟାକରେ
ଶବ୍ଦରେ ଶବ୍ଦରେ ।
ତଥାପି ବଞ୍ଚିଯାଇଛି ମୁଁ
ଶବ୍ଦଙ୍କ ଆୟୁଷ ଭିତରେ ।
ହେଲେ ମୋ ସ୍ୱପ୍ନମାନେ
କେବେଠୁ ନିଜକୁ
ଝୁଲାଇ ସାରିଛନ୍ତି
ଫାଶୀ ଖୁଣ୍ଟରେ ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ଭ୍ରାମ୍ୟଭାଷ : ୮୮୯୫୧୪୧୭୭୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କେତେ ଯେ ଗଲେଣି



ପ୍ରସନ୍ନ କୁମାର
ରାଉତ

ହଜିଯାଇଛି ସୁନ୍ଦରତା
କିଛି ଆତ୍ମୀୟତା ।
କେତେ ଯେ କାହାଣୀ
କେତେ ଯେ ଚାହାଣୀ... ।

ତଥାପି ଅହଂକାର ହୁଂକାର
ଡିଲେ ନାହିଁ ଜ୍ଞାନ ଗୋଚର
ଭାଗ୍ୟକୁ ହାତ ମୁଠାରେ !
ମୁଁ ଈଶ୍ୱର କହୁଛି ଦମ୍ଭରେ... ।

ସମୟର ବକ୍ଷରେ ଶେଷ
ଏଇ କ୍ଷଣିକ ନିଶ୍ୱାସ...
ଖୋଜିବୁଲେ ଅବାସ୍ତବ
ଘଟ ଛାଡ଼ିଲେ ନାବ... ।

ଲୁଣି ଜଳ ଆଖି ସମୁଦ୍ର ଲଂଘିଛି
ଓଠରେ ହସର ଜୁଆର ଉଠିଛି
ହୃଦୟରେ ସ୍ମୃତିର ନିଅଁ
ସମସ୍ତଙ୍କ ପାଇଁ ନିରୋଳା ଛୁଆଁ... ।

କେତେ ଯେ ବରଷା ଗଲାଣି
ଫଗୁଣ ଆସି ଫେରିଗଲାଣି
ସମୁଦ୍ର କୂଳ ଲଂଘିଲାଣି
ତୁମେ ପାରିବକି ଜାଣି... ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୋ ପାଇଁ



ମଞ୍ଜୁରାଣୀ ମିଶ୍ର

ମାଆବୋଲି ଡାକିଦେଲେ ଥରେ
ଖେଳିଯାଏ ପୁଲକର ଢେଉ
ମନତଳେ ଲେଖିଦିଏ କିଏ ମୋହିନୀ ମନ୍ତ୍ରର ଚିଟାଉ
ବସୁନ୍ଧରାପରି ସହିଯିବାର ସୁଖରେ
ଅମୃତର ଆସ୍ୱାଦନ ଢେଉ ଖେଳୁଥାଏ ମନ ସମୁଦ୍ରରେ
ଆଉ କିଛି ଅନାବନା ଗଳ୍ପର ସଂଳାପ
ସମତୁଲ ହୋଇଯାଏ ଚୁମିଦେଲେ ଓଠ ଚିବୁକରେ
ଆଶ୍ୱାସନାର ହାତ ପାପୁଲିରେ ମମତାର ପଦ୍ମଫୁଲ
ମୋ ମନର ଶିଳାଲିପି କେଉଁ ଅଦେଖା ଜ୍ୟୋତିରେ ଝଲମଲ
କୋମଳ ଜିଜ୍ଞାସାରେ ପ୍ରତିଧ୍ୱନିତ ଅନୁରଣିତ
କେଉଁ ଅସମାପିକା ସଂଗୀତ
ଧାଡ଼ି ଧାଡ଼ି ସ୍ୱପ୍ନର ଐରାବତ
ଭୂମିରୁ ଭୂମା ପର୍ଯ୍ୟନ୍ତ
ମୁଁ ବିଭୋର କେଉଁ ପବିତ୍ର ମୁହୂର୍ତ୍ତରେ
ସବୁ ଦୁଃଖ ଯନ୍ତ୍ରଣାର ଅଣୁପରମାଣୁ
ବିଞ୍ଛିଦେଇ ମନ୍ଦିର ବେଢ଼ାରେ ଦିଅଁଙ୍କର ଭୋଗ ଥାଳିଆରେ
ମୁଁ ପୁଣି ହଜିଯାଏ
ଶଙ୍ଖଧ୍ୱନୀ, ଧୂପଦୀପ, ନୈବେଦ୍ୟ ବାସ୍ନାରେ...

ହାଇଦ୍ରାବାଦ, ତେଲେଙ୍ଗାନା
ଭ୍ରାମ୍ୟଭାଷ : ୭୩୮୦୨୬୫୭୬୯

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୁମେ



ଜୟନ୍ତ କୁମାର ସାହୁ

ଫୁଲର ବାସ୍ନା ମନ ମୋହିପାରେ
ହେଲେ ତୁମେ ମୋ ପାଇଁ ଫୁଲ
ତୁମେ ଶବ୍ଦ ହୋଇପାର
ହେଲେ ମୁଁ କବି ।
ତୁମେ ରଙ୍ଗ ହୋଇପାର
ହେଲେ ମୁଁ ଛବି ।
ତୁମେ ଜହ୍ନ ହୋଇପାର
ହେଲେ ମୁଁ ପୂର୍ଣ୍ଣିମୀ ।
ତୁମେ ବର୍ଷା ହୋଇପାର
ହେଲେ ମୁଁ ଭୂମି ।
ତୁମେ କୋଇଲିର ସୁର ହୋଇପାର
ହେଲେ ମୁଁ ଗୀତ ।

ତୁମେ ସୁଲୁସୁଲୁ ବାଆ ହୋଇପାର
ହେଲେ ମୁଁ ଶୀତ ।
ତୁମେ ରାତି ହୋଇପାର
ହେଲେ ମୁଁ ଅନ୍ଧକାର
ତୁମେ କୁହୁଡ଼ି ହୋଇପାର
ହେଲେ ମୁଁ କାକର ।
ତୁମେ ପ୍ରେମ ହୋଇପାର
ହେଲେ ମୁଁ ପ୍ରେମିକ
ତୁମେ ସ୍ୱପ୍ନ ହୋଇପାର
ହେଲେ ମୁଁ ସତ୍ୟ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମା



ପ୍ରକାଶ ଚନ୍ଦ୍ର ପଣ୍ଡା

ମା ତୁମ ମାତୃତ୍ୱର ମୂଲ ତ ଅମୂଲ
ପୃଥିବୀରେ ନାହିଁ କିଛି ତା'ର ସମତୁଲ,
ଈଶ୍ୱରଙ୍କ ସବୁ ସୃଷ୍ଟି ତୁମ ପାଖେ ନ୍ୟୁନ
ତୁମରି କୋଳରେ ଜନ୍ମ ନେଇ ମୁଁ ମହାନ ।

ସ୍ନେହ ମମତାର ଏକ ଜୀବନ୍ତ ମୂରତି
ନାହିଁ ଅନ୍ତ ନାହିଁ ଆଦ୍ୟ ବିଚିତ୍ର ଏ ସୃଷ୍ଟି
ପଟାନ୍ତର ନାହିଁ ତୁମ ସ୍ନେହମମତାର
ତୁମ ଗାଳି ଲାଗେ ମୋତେ ସବୁଠୁ ମଧୁର ।

ମିଥ୍ୟା ଏହି ଦୁନିଆରେ କିଏ ବା ନିଜର
ସତ୍ୟ ଏକା ତୁମେ ତୁମ ବିନା ସବୁ ପର
ସବୁଏଠି ପ୍ରହେଳିକା ମରିଚୀକା ସମ
ତୁମାଶିଷ ବିନା ସତେ ଏ ଜୀବନ ଭ୍ରମ ।

କେତେ ବି ଲେଖିଲେ ସବୁ ତୁମପାଖେ ଊଣା
ତୁମବିନା ଜୀବନର ବାଟ ହେବି ବଣା
ଅତୀତରେ ତୁମେ ଏକା ଭବିଷ୍ୟରେ ତୁମେ
ତୁମବିନା ନିଜକୁ ମୁଁ ଧନ୍ୟ ସିନା ମାନେ ।

କେବେ ଯଦି ବାଟ ହୁଡ଼ିଯାଏ ମୁଁ ମା
ତୁମାଶିଷ ନିଶ୍ଚେ ମୋତେ ହେବ ଏକା ସାହା
ଧନରତ୍ନ ଲୋଡ଼ା ନାହିଁ, ଲୋଡ଼ା ନାହିଁ କିଛି
ତୁମ ବିନା ବଡ଼ ଅବା ଆଉ କିଛି ଅଛି ।

ବିଜ୍ଞାନ ଶିକ୍ଷକ
କଲ୍ୟାଣପୁର, ଭୂଇଁପୁର, ପାଣିକୋଇଲି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆରେ ମୋର ବାପଧନ...



ସନ୍ଧ୍ୟାରାଣୀ ନନ୍ଦ

ଆରେ ମୋର ବାପ ଧନ ତୁ ଅଟୁ ମୋର ଜୀବନ
ଉଠ ନିଶିଯାଇ ହେଲା ଦିନ
ନିଦ୍ରାରେ ବିଭୋର ହୋଇ ମା ଡାକ କି ନଶୁଣୁ ତୁହି
କିମ୍ବା ଶୋଇଛୁ ହୋଇ ମଉନରେ ଜୀବଧନ ।

ପ୍ରଭାତୁ ଉଠିଣ ତୁହି ନିତ୍ୟକର୍ମ ସ୍ନାନ ସାରି
ଧ୍ୟାନେ ବସିବୁ ଈଶ୍ୱର ସ୍ମରି
ପିତାମାତା ଗୁରୁଜନ ନିତି ତୁ କରି ପ୍ରଣାମ
ପାଠ ପଢ଼ିବୁ ଯତନ କରିରେ ଜୀବଧନ ।

ତୋ ପାଇଁ ଆଣିବି କେତେ ବହି ଖାତା କଲମ ସତେ
ଆନନ୍ଦ ମନେ ଲେଖିବୁ ତୁହି
ସାଙ୍ଗମେଳେ ବିଦ୍ୟାଳୟେ ଇର୍ଷା ନ କରି ହୃଦୟେ
ମିଶି ରହିବୁ ଏକାଠି ହୋଇରେ ଜୀବଧନ ।

ବସିବୁ ହୋଇ ମଉନ ପାଠରେ ରଖିବୁ ମନ
ସଦା କରିବୁ ସତ୍ୟ ବଚନ
ଗୁରୁମାନଙ୍କ ବଚନ କେବେ ନ କରିବୁ ଆନ
ଶାନ୍ତିଶୃଙ୍ଖଳାରେ ବିତୁ ଦିନରେ ଜୀବଧନ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୁରୁଙ୍କୁ ଦେଖିଲେ ତୁହି ପ୍ରଣାମ କରିବୁ ଯାଇ
ଭକତି ଭାବ ହୃଦୟେ ଧରି
ଗୁରୁ ଦୟାକଲେ ତୁହି ଅସାଧ୍ୟ ସାଧିବୁ ଯାଇ
ଗୁରୁବିନା କିଏ ହେବ ସରିରେ ଜୀବଧନ ।
ଖାଇବାକୁ ଦେବି ଆଣି ପିଠା, ମିଠା କେତେ ପୁଣି
ବସି ଭୁଞ୍ଜିବୁ ଆନନ୍ଦ କରି
ରସଗୋଲା, ଛେନାପୋଡ଼ ମୁଢ଼ି ସାଙ୍ଗରେ ଚୁଡ଼ାଗୁଡ଼
ଶ୍ରଦ୍ଧାରେ ଖାଇବୁ ପେଟ ଭରିରେ ଜୀବଧନ ।
କ୍ଷଣେ ନ ଦେଖିଲେ ମୋତେ ରୋଦନ କରୁ ତୁ କେତେ
କେମିତି ରହିବୁ ପ୍ରାଣଧରି
କୋଳରେ ବସାଇ ତତେ ଗେଲ କରୁଥିଲି କେତେ
କିଏ ଖାଇବାକୁ ଦେବ ଯତନ କରିରେ ଜୀବଧନ ।
ଧୂଳିଖେଳ ସରିଗଲା ପଢ଼ିବା ବୟସ ହେଲା
ବିଦ୍ୟାଳୟକୁ ଯିବୁ ଯେ ତୁହି
ବହିଖାତା ହାତେ ଧରି ପଢ଼ିବୁ ଯତନ କରି
ଥିବି ଫେରିବା ବାଟକୁ ଚାହିଁରେ ଜୀବଧନ ।

ବନ୍ଧପାଲି, ବଲାଙ୍ଗୀର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସୂର୍ଯ୍ୟଙ୍କ ପ୍ରଭାତକାଳୀନ ଦୃଶ୍ୟ



ସେବକାନ୍ତ ନନ୍ଦ

ନଟବାଣୀ ଛନ୍ଦ

ଦୂର ପରବତ ପାହାଡ଼ ଯେ ନଇ
ଯେଉଁଠି ଦେଖିଲେ ତୁମେ ଅଛ ରହି
ଜ୍ୟୋତିର୍ମୟ ତୁମେ ଆଲୋକର ଦାତା
କୋଟି ବଳଦେଇ ଗଢ଼ିଛି ବିଧାତା ।
ତୁମକୁ ଅନାଇଥାନ୍ତି ନରନାରୀ
ତୁମେ ସକଳ ଶକ୍ତିର ଅଧିକାରୀ ।
ତୁମ୍ଭ ଯୋଗୁଁ ଜୀବଜଗତ ସମ୍ଭବ
ତୁମ୍ଭେ ନଥିଲେ ଯେ କାହିଁ ତା'ର ଠାବ ।
ଘୁରି ବୁଲୁଅଛ ପୃଥିବୀ ପୃଷ୍ଠର
ଦିନରାତି ତୁମେ ନ ହୋଇ ଅଧିର ।
ଧନ୍ୟ ହେ ଭାସ୍କର ଧନ୍ୟ ତୋ ମହିମା
ମୁଁ କି ବର୍ଣ୍ଣିପାରିବି ତୋ ଗୁଣସୀମା ।

ତୁମ୍ଭେ ଅଟ ଯୁଗେ ଯୁଗେ ଆତଯାତ
ତୁମ୍ଭେ ଆସିଲେ ହୋଇଥାଏ ପ୍ରଭାତ ।
ତୁମ୍ଭ ଆଗମନ ଦେଖି ପକ୍ଷୀଗଣ
ଆନନ୍ଦେ ସେମାନେ କରନ୍ତି ଗର୍ଜନ ।
ଧନ୍ୟ ହେ ସୂରୁଜ ତୁମେ ପୂଜନୀୟ
ତ୍ରିଭୁବନେ କାହିଁ ନାହିଁ ତୁମ ଭୟ ।
ତୁମରି ଆଶିଷେ ପୃଥିବୀରେ ଯେତେ
ସୁଖେ ଦିନକାଟୁ ଥାଆନ୍ତି ସମସ୍ତେ ।
ତୋହର ସୁନେଲି କିରଣକୁ ଦେଖି
କମଳ ହୋଇଥାଏ କେତେ ଖୁସି ।
ଢଳ ଢଳ ଜଳେ ଆନନ୍ଦ ମନରେ
ଫୁଟି ବିକଶିତେ ପ୍ରାଣୀ ମନ ହରେ ।
ତୋ ଯୋଗୁଁ ସେ ସିନା କେତେ ମନୋହର
ଜନ୍ମି ଲଭିଥାଏ ଦେବୀଙ୍କ ପୟର ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଶୁପକ୍ଷୀ କେତେ ଆହାର ନିମନ୍ତେ

ମହୋଲ୍ଲାସ ନାଦେ ଭ୍ରମନ୍ତି ସମସ୍ତେ ।

ଆହୁରି କେତେ ଯେ ଶ୍ରମିକ ଚାକର

ନିଜ କାର୍ଯ୍ୟ ପାଇଁ ତେଜିଥାନ୍ତି ପୁର ।

କାକ, ପିକ, ଶୁଖ, ରାବନ୍ତି ପ୍ରତ୍ୟକ୍ଷ

ନାନା ଢଙ୍ଗେ କେତେ ହୋଇ ଯେ ହରଷ ।

ଗ୍ରାମମାନଙ୍କରେ ଶୁଭେ ନାନା ସ୍ୱର

ଗାଇ ଯାଆନ୍ତି ଗୀତ କରି ଆଦର ।

ପ୍ରକୃତିର ଶୋଭା ଅତି ମନ ଲୋଭା

କି ଆଶ୍ଚର୍ଯ୍ୟମୟ ସେହି ଜ୍ୟୋତି ପ୍ରଭା ।

ସୂରୁଜ ତୋହର ଏହି ଶୋଭାମାନ

ସ୍ୱର୍ଣ୍ଣମୟ ଦୃଶ୍ୟ ପ୍ରଭାତକାଳୀନ ।

ସରକାରୀ ଉଚ୍ଚ ବିଦ୍ୟାଳୟ

ମଲ୍ଲାଡ଼, ଗଞ୍ଜାମ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆଇନା



ଲଳିତ ମୋହନ ମିଶ୍ର

ମୋ ଭିତରେ ...,
ସବୁବେଳେ ମିଛ କୁ ଅଳଙ୍କାର କରି ପିନ୍ଧୁଛ ।
ମୋ ନିକଟରେ କାନ୍ଦିଲେ,
ତୋର ପ୍ରତିବିମ୍ବ ବି କାନ୍ଦେ,
ହେଲେ ମିଛିମିଛିକା ।

ତୁ ହସିଲେ,
ମୁଁ ବି ତୋ ପରି ହସିବାକୁ ଲାଗ,
ତୁ ମୋତେ ଦେଖି ତୋ ଖୁସି କୁ ଦେଖୁ,,,
ସେ ଖୁସିରେ ଆହୁରି ଖୁସି ହୋଇଯାଏ ।
ହେଲେ,,
ତୁ ଏତେ ସ୍ୱାର୍ଥପର କଣ ପାଇଁ ? ?
ମୁଁ ଯେବେ କାନ୍ଦେ,
ମୋତେ ତୁ ନବୁଝାଇ,ମୋ ସହ କାନ୍ଦୁ ।
ଯେବେ ମୁଁ ଅତ୍ୟଧିକ ହସେ ,,
ଆକଟ ବି କରିନୁ ।

ଆହୁରି ହସିବାକୁ ଉସକାଉ ।
ଆଉ ଯେବେ ମୁଁ ତୋ ଠାରୁ ଦୂରେଇଯାଏ,

ସେତେବେଳେ କିଛି ନବୁଝି
ତୁ ବି ମୋ ଠାରୁ ଦୂରେଇଯାଉ ।
ମୋ ଶରୀରକୁ ସବୁବେଳେ ଅନୁକରଣ କରୁ ।
କେବେ ମୋ ଭାବନାକୁ,
ଅନୁକରଣ କରିଛୁ ? ? ? ?

ତୋ ସାମନାରେ ପ୍ରକଟ ହଉ ହଉ
ତୁ କହିଦେଇ ଥାଉ -
ଆରେ ତୁମେ ତ,

 Magazine Downloaded from www.aahwaan.com

ସମୟ ର ଖଣ୍ଡ କାବ୍ୟଟିଏ

ବିସ୍ତୀର୍ଣ୍ଣ ଆକାଶର ବାଦଲ ମୁଠାଏ

ସୁନୀଳ ସାଗର ଉତ୍ତାଳ ତରଙ୍ଗଟିଏ

ବର୍ଷିବା ରାସ୍ତାରେ ଭସା ମେଘଟିଏ

ଅସହଜ ଗ୍ରୀଷ୍ମର ଅଶ୍ୱସ୍ତିକର ଅନୁଭବଟିଏ

ହେମାଳ ସକାଳ କୁହୁଡିଆ ନିଆଁ ପୁହା ଖଟିଟିଏ....

.

ଏ ଦୁନିଆ କିଛି ଜାଣେନି

କିଛି ଜାଣିବାର ଆଗ୍ରହ ରଖେନା

ଆଉ ଜାଣିସାରିଥିଲେ ଭୁଲିବାକୁ ଚାହେଁ ।

ଆଇନା କହୁଥାଏ -

ଦୁନିଆକୁ ଜଣାଇବାକୁ ହୁଏ

ବୁଝେଇବାକୁ ହୁଏ

ନହେଲେ ବିଚରା ଦୁନିଆ ଭୁଲ୍ କରିଥାଏ

ମିଛ ମିଛରେ ଭୁଲ୍ ବୁଝୁଥାଏ

ଚିକ୍କଣ କଥାରେ ଚହଟ ଚେହେରାରେ

ମିଛର ଦଲଦଲ୍ ରେ ଫସି ଯାଉଥାଏ ।

ମୋର ଡେରି ହେଉଥିଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତେଣୁ ତୋତେ ଯାହା ତାହା କହି ବାହାରିଗଲି -

ଯିଏ ଚାହିଁଲା ବୁଝିଲା

ଯିଏ ନ ଚାହିଁଲା ନବୁଝିଲା

ଯିଏ ଅଧା ବୁଝିଲା

ଯିଏ ଯେମିତି ବୁଝିଲା

ଯିଏ ବୁଝି ଅବୁଝା ହେଲା

କିଛି ଫରକ୍ ପଡୁନି ମତେ

ତୁ ବି ଜମା ବ୍ୟସ୍ତ ହୁଅନା ।

କାହିଁକି ନା ତୁ କେବେ ମିଛ କହୁନା

ଅନ୍ଧାର ନ ଆସୁ ଛାଇବି ପାଗ ଛାଡେନା

ତୁ ଅମଳିନ ଅନିର୍ବାଣ ପ୍ରବାହର

ସମ୍ପର୍କିତ ସାକ୍ଷୀସ୍ୱର ସ୍ୱାକ୍ଷରର ।।

ଲଳିତ ମୋହନ ମିଶ୍ର
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ
ଚନ୍ଦ୍ରଗିରି, ଗଜପତି ୯୪୩୭୯୮୫୮୬୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସୂର୍ଯ୍ୟ



ସୁଦୀପ୍ତା ବେହେରା

ତବ ଓଠ ହାସ୍ୟ ଲାବଣ୍ୟରେ
ପ୍ରସ୍ଫୁଟିତ ପ୍ରତି ପରସ୍ତ ପାଖୁଡ଼ା
ଛନ୍ଦହୀନ ସୁଗନ୍ଧିତ ବାସ୍ନା
ଦୋଳାୟିତ ମନ ମହକରେ ।।୧
ତବ ସ୍ପର୍ଶେ ଆଲୋକିତ ସମଗ୍ର ପୃଥିବୀ
ରୋମାଞ୍ଚିତ ଧରଣୀର ବକ୍ଷ
ଯୌବନ ବିଶ୍ୱ ଯୁବତୀ ଯେସନେ
ଲଭେ ପୁରୁଷର ପ୍ରଥମ ପରଶ
ଶତ ମୁଖ ଲଭି ହୁଏ ଅନୁଭବୀ ।।୨
ତବ ସେଇ ସୁନେଲି କିରଣେ
ଅନାମନା ଏ ସାରା ଜଗତ
ପକ୍ଷୀର କୁଜ୍ଜନ ସମ ସଙ୍ଗୀତର ରାଗ-ତାଳ-ତାନ
ସବୁଜ ସୁନ୍ଦର ଲତା ସବୁ ଯେ ରଙ୍ଗୀନ ।।୩
ତବ ଆଗମ ଓଁ କାର ପ୍ରତୀକ
ପ୍ରାତଃ ସ୍ମରଣର ସକାଳ ସ୍ତବକ
ସ୍ନାନ ଅନ୍ତେ ଜଳାର୍ପଣ
ତବ ଶ୍ରୀ ପୟରେ ।।

ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ
ଅନ୍ତରବା, ଗଜପତି

 Magazine Downloaded from www.aahwaan.com

# ପ୍ରେମର ପରିଭାଷା



ସରୋଜ ସାହୁ

ବୁଝି ମୁଁ ନଥିଲି ପ୍ରେମ ପରିଭାଷା
ବାନ୍ଧିନେଲ କାହିଁ ତମେ
ଭେଦଭାବ କେବେ ନଥିଲା ମନରେ
ବିଶ୍ୱାସ ଥିଲା ମୋ ପ୍ରେମେ ।
ଗନ୍ତବ୍ୟ ପଥରେ ସାଥିଟିଏ ପାଇ
ଦୁଃଖକୁ ଗଲି ମୁଁ ଭୁଲି
ସମର୍ପି ଦେଲି ଜୀବନକୁ ମୋର
ଅଳସୀ ନଇଟେ ବୋଲି ।
ମାନ ଅଭିମାନ ଭୁଲି ମୁଁ ତୁମକୁ
ପାଇଲି ଅଧିକ ଭଲ
ମରୁବାଲିରେ ବି ଫୁଟୁଥିଲା ଫୁଲ
ଯେବେ ତୁମେ ହସୁଥିଲ ।

ଅନ୍ଧାର ରାତିର ଆଲୋକଟେ ପରି
ସାଜିଥିଲ ଦୀପଟିଏ
ବୁଣି ଦେଉଥିଲ ହଜାରେ ସପନ
ନିଶ୍ୱାସ ବି ଏକ ହୁଏ ।
ଖୁସିର ସାଗରେ ମୁକ୍ତା ପିପାଶାରେ
କିଏ ଆସି ଦେଲା ବାଧା,
ତମେ ଗଢ଼ିଥିଲ ତମେ ଭାଙ୍ଗିଦେଲ
କାହାଣୀ ରହିଲା ଅଧା ।
ମଧୁ ଆଳାପରେ ହୃଦୟ ଚୋରାଇ
ଛାତିରେ ମାରିଲ ଛୁରୀ
ଅବୋଧ ପ୍ରେମିକ କରେ ଅନୁତାପ
ସ୍ମୃତିକୁ ସାଉଁଟି ଧରି ।

ଆଠଗଡ଼, କଟକ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଘନ କୁହୁଡ଼ି



ଶ୍ରୀକ୍ଷେତ୍ର ସୁନ୍ଦର

ମାଟି ଚାହିଁ ବି ଆକାଶକୁ ଚାହିଁ ପାରେନି

ଆକାଶ ବି ତା ଛାତି ମେଲେଇ ଯେତେ ଚେଷ୍ଟା କଲେ ମଧ୍ୟ

ମାଟିକୁ ତା ଆଖି ପାଏନି

ମଝିରେ ଏକ ଅଲଘ୍ୟ - ଅଭେଦ୍ୟ ପ୍ରତିବନ୍ଧକ

ହଁ , ଏକ ଧୂଆଁଳିଆ ପ୍ରାଚୀର ମୁଣ୍ଡ ଟେକିଛି

ତେବେ ଏକ ଚିରନ୍ତନ ସତ୍ୟ ସେ ପ୍ରାଚୀର

ଶୀତ ରାତିର ଘନ ଅନ୍ଧକାରରେ କାୟା ବିସ୍ତାର କରେ ସେ

ଅଦେଖା ସ୍ୱପ୍ନ ପରି ସାରା ପୃଥିବୀକୁ ଆଚ୍ଛାଦିତ କରେ ତା' ସ୍ୱଚ୍ଛ - ଶୁଭ୍ର ଉପସ୍ଥିତି

ଆଉ ସିନ୍ଦୁରା ଫାଟିଲେ

ଧିରେ ଧିରେ ମାୟାଜାଲ ପରି ପବନରେ କୁଆଡେ ମିଳେଇଯାଏ କେଜାଣି ..........

M.Mus , M.Phil

ସଂଗୀତ ଶିକ୍ଷକ

ଓଡିଶା ଆଦର୍ଶ ବିଦ୍ୟାଳୟ ଗାଇସିଲଟ, ବରଗଡ

ମୋ - ୯୦୯୦୨୭୭୮୦୬


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମିଛୁଆ ବାପା



ମହେନ୍ଦ୍ର କୁମାର ସ୍ୱାଇଁ

ବାପା ତୁମେ କେତେ ମିଛ କଥା କୁହ
ହୁଏନି ଭୋକ ତୁମକୁ
ନିଜ ପେଟେ ପଛେ ଭୋକେ ଜଳୁଥାଉ
ଖାଇବା ଦିଅ ଆମକୁ
ନିଜ ପୋଷାକ ରେ କେତେ କଣା ଥାଏ
କିଣ ନାହିଁ ନୂଆ କେବେ
ଆମ ପାଇଁ ଆଣ ନୂଆ ସବୁବେଳେ
ଚିରି ଯାଏ ଯଦି କେବେ
ଚପଲ ଆମର ଛିଡି ଯଦି ଯାଏ
ନୂଆ ଆଣ ଆମ ପାଇଁ
ଛିଣ୍ଡ ଚପଲ କୁ ସିଲେଇ କରିକି
ରଖିଦିଅ ନିଜ ପାଇଁ

ବାହାରକୁ ଯଦି ବୁଲି କେବେ ଯାଅ
ନିଜ କଥା ଦେଖ ନାହିଁ
ଆମ ପାଇଁ ଆଣ ନୂଆ ଜିନିଷ ତ
କୁହ ମୋର ଲୋଡ଼ା ନାହିଁ
ଜାଣିଦବୁ ବୋଲି ତୁମ ଦୁଃଖ କେବେ
ଆଖି ତୁମ କାନ୍ଦେ ନାହିଁ
ଆମ ସୁଖ ପାଇଁ ନିଜକୁ ଜଳୁଛ
ଆମ ଓଠେ ହସ ପାଇଁ
ଯଦି କେଉଁ କଥା ମାଗିଦିଏ କେବେ
ମନା କେବେ କର ନାହିଁ
ଶରୀର କୁ ତୁମ କଷ୍ଟ ଦେଇଚାଲ
ଆମ ମୁହେଁ ହସ ପାଇଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦରମା ତୁମର ଅଳପ ହେଲେବି

କର ନାହିଁ ମନ ଦୁଃଖ

ଆମ ପାଇଁ ନିଜ ଜୀବନକୁ ଜାଳି

ସହି ଯାଅ  ସବୁ ଦୁଃଖ

କେତେ ମିଛ କୁହ ହସ  ଦବା ପାଇଁ

ଆମ ମୁହେଁ ସବୁବେଳେ

କେବେ ତୁମ ଋଣ ସୁଝି ପାରିବୁନି

ଥିବା ଯାଏଁ ମହିତଳେ

ମନ୍ଦିର କୁ ଯାଉ ପୂଜା କରିବକୁ

ଦେଖିବାକୁ ଭଗବାନ

ଜାଣି ନଥିଲୁ ଯେ ବାପା ପରା ମୋର

ମୋ ପାଇଁ ଭଗବାନ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଏଇବୋଧେ ପ୍ରେମ



ସୌମ୍ୟରଞ୍ଜନ ଲେଙ୍କା

ତୁମେ ଅବୁଝା ହୋଇ ନୀରବ ରହିବାପରେ
ଶବ୍ଦମାନେ ବିଦ୍ରୋହ କଲେଣି
ହୃଦୟର ଅନ୍ତଗହ୍ୱରରେ
କେତେ ଆଉ ମିଛ କହି
ମନକୁ ବୁଝେଇବି ମୋର
ଏ ହୃଦୟ !
ଏ ମନ ! !
ଏ ଯୌବନ ! ! !
କ'ଣ କ୍ଷାନ୍ତ ହେବ ତୁମବିନା ?
ଏବେ ବି ଅନ୍ଧାରର ନୀରବତାକୁ ଭାଙ୍ଗି
ତୋଫା ଜହ୍ନରେ ଦେଖୁଥାଏ ନିତି
ତୁମ ହଳଦୀ ରଙ୍ଗ ମୁହଁଧାରେ
ଅସଜଡ଼ା ମୁକୁଳା କେଶ
ଅର୍ଦ୍ଧସ୍ୱଚ୍ଛ ଭାସମାନ ବାଦଲରେ ।

ଜହ୍ନର ଦୋଳାୟମାନ ଗତି
ପେଣ୍ଡୁଲମ୍ ଘଣ୍ଟାପରି ଯେତେଥର
ଦୋଳାୟମାନ ହେଉଥାଏ
ମନର ଆବେଗ ସେତେ ବଢୁଥାଏ
ତୁମ ଇର୍ଷ୍ୟଣୀୟ ସୌନ୍ଦର୍ଯ୍ୟକୁ
ଏକା ଏକା ଦେଖିବା ପାଇଁ
ଛୁଇଁବା ପାଇଁ
ହଁ ! ହଁ ! !
ସବୁକିଛି ଦେଇ ଦେଇ
ତୁମ ସହ ମିଶିଯିବାପାଇଁ
ଜନ୍ମ ଜନ୍ମକୁ...
ଯେବେ ନ କହି ନ କହି କହୁଥାଏ କଥା
ଗୋଲାପି ଆର୍ଦ୍ର ଓଠ ଦୁଇର
ମନର ଗୋପନ କଥା ଆମ ସଂପର୍କର ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସତରେ ! ସତରେ ! !

ତୁମେ କ'ଣ ଆସୁଛ

ମୋ ଗାଁକୁ

ଏଇ ଶୀତ ରାତ୍ରୀ ଶୀତର ଲହରେ

ନା ! ବସନ୍ତର ମୃଦୁମଳୟରେ

ମୁଁ ନିର୍ବିକାର ଏଠି

ତୁମ ପ୍ରେମ ବଳୟରେ ।

ତଥାପି ଅପେକ୍ଷା କରିଛି

କେଉଁ ଦିନୁ

ତୁମ ପ୍ରେମସ୍ପର୍ଶ ହୃଦୟକୁ

ସବୁଲୋକ ଗୁଜବକୁ ଠେଲିଦେଇ

ଜୀବନ ରଙ୍ଗମଞ୍ଚ ପରଦାର ଅନ୍ତରାଳେ

ଏବେ ବି ଅନାଇ ରହିଛି...

ତୁମ ମନ ଫଗୁଣର ସବୁ ରଙ୍ଗ ନେଲାପରେ

କୃଷ୍ଣଚୁଡ଼ାର ନାଲି ଓଢ଼ଣୀଧରି

ମୋ ପ୍ରେମପ୍ଲାବିତ ହୃଦୟ,

ତୁମ ସ୍ୱପ୍ନର ସୌଦାଗର ସାଜି

ବୋହୁବେଶେ ସଜାଇ ନେବାକୁ

ମୋ ଗାଁ,

ସାତପୁରୁଷ ମାଟି ଘର ଅଗଣାକୁ

ଦାଣ୍ଡ ଦୁଆର, ତୁଳସୀ ଚଉଁରାକୁ ସାକ୍ଷୀରଖି

ଜନ୍ମ, ଜନ୍ମକୁ...

ବାଣପୁର, ଖୋର୍ଦ୍ଧା, ଓଡ଼ିଶା

ଭ୍ରାମ୍ୟଭାଷ : ୯୪୩୭୨୮୭୭୭୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପର୍ଯ୍ୟାବରଣର ପରିରକ୍ଷଣ



ଶ୍ରୀରାଜଶେଖର ସି
'ଚିମା'

ପ୍ରାକୃତିକ ପରିବେଶ ଯେ ବସୁନ୍ଧରାଙ୍କର ଆଭୂଷଣ,
ଅତି ଆବଶ୍ୟକ ଯାହାର ଅନବରତ ପର୍ଯ୍ୟବେକ୍ଷଣ,
ନିରନ୍ତର ରଖିବାକୁ ହେବ ଯାହାର ରକ୍ଷଣାବେକ୍ଷଣ,
ସମସ୍ତଙ୍କର କର୍ତ୍ତବ୍ୟ ଯେ ପର୍ଯ୍ୟାବରଣର ପରିରକ୍ଷଣ ।୧।

ଶ୍ୱାସ ହେତୁ ବିଶୁଦ୍ଧ ବାୟୁମଣ୍ଡଳର ରକ୍ଷଣ ଯେ ଧର୍ମ,
ଜଳ ହେତୁ ବିମଳ ଜଳାଶୟର ସଂରକ୍ଷଣ ଯେ ଧର୍ମ,
ବୃକ୍ଷ ହେତୁ ଅସୀମ ଅରଣ୍ୟର ସଂରକ୍ଷଣ ଯେ ଧର୍ମ,
ଜୀବନ ହେତୁ ସମତୁଲ ପ୍ରକୃତିର ରକ୍ଷଣ ଯେ ଧର୍ମ ।୨।

ଦିନକୁ ଦିନ ବୃଦ୍ଧି ହେଲାଣି ଅନିୟମିତ ଅଯୌକ୍ତିକ ଶିଳ୍ପୀକରଣ,
ବଢ଼ି ଚାଲିଛି ନୈସର୍ଗିକ ସ୍ରୋତରେ ଅପରିଣାମଦର୍ଶୀ ପ୍ରଦୂଷଣ,
ଯଥାଶୀଘ୍ର ଯଥା ସମ୍ଭବ ପ୍ରୟୋଗ ହେଉ ଅପରିବର୍ତ୍ତିତ ନିୟନ୍ତ୍ରଣ,
ଆସନ୍ତା ପିଢ଼ି ହେତୁ ଅନିବାର୍ଯ୍ୟ ଯେ ପର୍ଯ୍ୟାବରଣର ପରିରକ୍ଷଣ ।୩।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସତୁରୀ ବର୍ଷର ଭାରତେ



ଦଣ୍ଡାସୀ ପ୍ରଧାନ

ଆମ ଭାରତରେ ଏ'ଠି, ଆମ ଭାରତରେ ଏ'ଠି-

ପରୀକ୍ଷା, ନିରୀକ୍ଷା, ମାନ ମାପକାଠି; ଶହେରୁ ସଞ୍ଚିଲେ ଥାର୍ଟି ।୦ ।

ଆମ ଭାରତରେ ଏଠି..

ସତୁରୀ ବର୍ଷରେ ସଫଳତା ହାର ସାଜ ସଜ୍ଜାରେ ଆବଦ୍ଧ-

ବିବିଧ କ୍ଷେତ୍ରରେ ବିକାଶର ଯାତ୍ରା ଗୁଣାତ୍ମକେ ଅବରୋଧ ।

ବିଜୁଳି ବସିଛି ସ୍ରୋତ ବହୁ ନାହିଁ କାଗଜ ଫର୍ଦ୍ଦରେ ଡିୟୁଟି;

ଆଉ ବିଜ୍ଞାପନରେ ବିୟୁଟି ।୧ ।

ଆମ ଭାରତରେ ଏ'ଠି..

ଧନ୍ୟ ଫିରିଙ୍ଗି ଶିଖାଇ ଦେଇଛ ସହଜ ସରଳ ବାଟ-

ଅଖା ଧୋଇ ଧୋଇ ଗୁଣ ଗାଉଅଛୁଁ ନିତି ଅନୀତିରେ ହାଟ ;

ସତ୍ୟ ହେଉ କି ଅସତ୍ୟ ହେଉ ଥାର୍ଟି ସେଉଣ୍ଟି ସବୁଠିଁ ।୨ ।

ଆମ ଭାରତରେ ଏ'ଠି..

ଶିକ୍ଷା ସାଥିରେ ସ୍ୱାସ୍ଥ୍ୟର କଥା ବଢିଛି ସିନା ସଂଖ୍ୟାରେ -

ମାଷ୍ଟର ଥିଲେ ଡାକ୍ତର ନାହିଁ ଗୁଣକୁ କିଏ ପଚାରେ ?

ବିଜ୍ଞାନ ଶ୍ରେଣୀରେ କଳା ଶିକ୍ଷକ ନାଇଟ ଓ୍ୱାଚର କୋ'ଠିଁ,

ପାଠ ପଢା କୁହ ରୋଗୀ ସେବା ବୋଲ କିଏ ମରୁଅଛି କେଉଁଠି ।୩ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆମ ଭାରତରେ ଏ'ଠି..

ଡିଗ୍ରୀ, ଯନ୍ତ୍ରୀ, ଡ଼ାକ୍ତର, ମାଷ୍ଟର.. ମାଳମାଳ ପଲପଲ -

କବି କଳାକାର ଅକ୍ଷର ଅରଣ୍ୟେ ପଦ ପଦବେ ବିକଳ ।

ଗୁଣବତା ଯଦି ହୁଏ ବିବେଚନା, ଶହେରୁ ସିରିଫ୍ ଟ୍ୱାଣ୍ଟି, ଆଉ ସବୁ ଫେଣ୍ଟାଫେଣ୍ଟି ।୪ ।

ଆମ ଭାରତରେ ଏ'ଠି..

ବରିଷ୍ଠ ଗରିଷ୍ଠ ଅଯୋଗ୍ୟ ବିଧିରେ ଡଷ୍ଟବିନ୍‌ରେ ଶୋଭା -

ନେତା, ଉପ-ନେତା ସବୁଠିଁ ଦେଖୁଛି କ୍ଷତ ବିକ୍ଷତର ବିଭା;

ପୈତୃକ ସମ୍ପତ୍ତି ହାତେଇଲା ପରି ଚାଲିଛି ବେଠି ଚଉଠି ! ।୫ ।

ଆମ ଭାରତରେ ଏ'ଠି...

ଚାଷଚାଷୀ କଥା କା'ଆଗେ କହିବା ରାସ୍ତାରେ ଗଡୁଛି ଧାନ-

ଯୋଜନା ଫର୍ଦ୍ଦ ଖରବ ଖର୍ବ ଆସିଗଲେ ନିର୍ବାଚନ ।

ସ୍ୱାଭିମାନର ଜାତୀୟ ଚରିତ୍ର ନୁହେଁ ତ ଦୟାର ଭେଟି ।୬ ।

ଆମ ଭାରତରେ ଏ'ଠି..

ଧନ୍ୟ ଗାନ୍ଧୀ ତୁମେ ଅମୃତ ଶହୀଦ ବିଶ୍ୱହିତେ ଅବଦାନୀ -

ସତ୍ୟ ଅହିଂସା ପଥର ପଥିକ ରଥୀ ମୃତ୍ୟୁ ସଂଜ୍ଞିବନୀ ।

ମିଛ ଅନ୍ଧାରରେ ବହୁରୂପୀ ପଣ ସହଜେ ନ ପାରେ ତିଷ୍ଠି ।୭ ।

ଆମ ଭାରତରେ ଏ'ଠି...

ଦଣ୍ଡାସି ଆକ୍କା, ଉ.ସା.ସଂସଦ, ପାତ୍ରପୁର, ଗଞ୍ଜାମ ।

ଭ୍ରାମ୍ୟଭାଷ : ୮୭୬୦୧୯୪୯୬୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆମ ରାଜନୀତି



ସୁଶ୍ରୀ ସାବିତ୍ରୀ ସ୍ୱାଇଁ

ନୀତି ନୁହଁ ଭାଇ ଇଏତ ରାଜ୍ୟର ନୀତି,
ନିଜ ନୀତି ପାଲଟି ଯାଏ ଏଠି ଆଜି ରାଜ ନୀତି ।
ସଭିଙ୍କ ମନରେ ଟଙ୍କା ରାଜା ଭାଇ ! ଅନ୍ଧାରେ ବସାଇ ଦେଇଛି,
ଏଇ ରାଇଜରେ ବିରାଡ଼ି ବି ଟଙ୍କା ପାଇ ବାଘ ପରି ଗର୍ଜନ ଛାଡୁଛି ।
ଟଙ୍କା ପାଇଁ ଆଜି ଦୋଷୀ ସାଜେ ନିର୍ଦ୍ଦୋଷୀ
ନ୍ୟାୟ ନ ପାଇ ଧର୍ଷଣ ବାଳିକା ଦିଏ ଫାଶୀ ।
ସରକାର ପ୍ରଶାସନ ନିୟମ ମିଛ ଏଠି ଭାଇ,
ଟଙ୍କା ଥିଲେ ଏଠି ଅସମ୍ଭବ ସବୁ ସମ୍ଭବ ହୁଅଇ ।
ଅସହାୟତା ର ଲାଭ ଉଠାଇ ମରଣ ଯନ୍ତାରେ ଦିଅନ୍ତି ପକାଇ,
ଏପରି ଅନେକ ଜୀବନ ଗଲାଣି, ଧର୍ଷଣର ଶିକାର ହୋଇ,
ଶିକାରୀଟି ଏଠି ପ୍ରବଚନ ଦିଏ ନାଟକର ଅଭିନେତା ସାଜି ।
ଜାଗି ଉଠ ଭାଇ ଜାଗି ଉଠ ଆଜି, କୁ-କର୍ମ କୁ ପ୍ରସାୟ ନ ଦେଇ ଆଜି ।
ଧ୍ୱଂସ କରିଦିଅ ଏହି ମୂଲ୍ୟହୀନ ଶାସନନୀତି,
ବଞ୍ଚାଇଦିଅ ଏମିତି କେତେ ଜୀବନକୁ, ଯିଏ ବଞ୍ଚିଥାଇବି ମରିଯାଇଛି ଆଜି ।

ପିତା- ଶ୍ରୀ କାଳୁ ଚରଣ ସ୍ୱାଇଁ, ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂ ଶାସିତ ମହାବିଦ୍ୟାଳୟ
ସ୍ନାତକୋତ୍ତର, ଦ୍ୱିତୀୟ ବର୍ଷ (ଓଡ଼ିଆ ବିଭାଗ)
ପାରଳାଖେମୁଣ୍ଡି, ଗଜପତି ଜିଲ୍ଲା, ଓଡିଶା- ୭୬୧୨୦୦
ଭାମ୍ୟାଭାଷ- ୯୯୩୮୭୨୧୫୩୮, ୯୭୭୮୯୯୯୯୦

Magazine Downloaded from www.aahwaan.com

# ବିବାହ



ନିବେଦିତା ମହାପାତ୍ର

ବିବାହ ନୁହଁଇ ସଂପର୍କ ଗୋଟିଏ ଦିନର
ସାତ ଜନ୍ମ ପାଇଁ ତାକୁ ଗଢିଛନ୍ତି ଈଶ୍ୱର
ପରିବାର ମଧ୍ୟେ ନ ଥାଇ ପୂର୍ବ ପରିଚୟ
ମିଳନ ହୋଇଯାଏ ଦୁଇ ଅଜଣା ହୃଦୟ
ସ୍ନେହ,ପ୍ରେମ,ମମତାରେ ବାନ୍ଧି ଦେଇ ସଭିଙ୍କୁ
ଭାବରେ ଭାବରେ ଆପଣାର କରେ ପରଙ୍କୁ
ବିଶ୍ୱାସ ଓ ଭରସାର ଦେଇ ସାତ ବଚନ
ହାତ ଧରି ଚାଲୁଥାନ୍ତି ଦୁହେଁ ସାରା ଜୀବନ
ନାଲି ଶଙ୍ଖା,ଶାଢୀ,ଚୁଡି ସଧବାର ସନ୍ତକ
ନାରୀ ଭାଗ୍ୟ ବଦଳାଏ ସିନ୍ଦୂରର ଝଲକ
ସାତ ଦୀପ ଆଠ କଳସ ଦଶ ଦିଗପାଳ
ବିଶ୍ୱାସେ ବନ୍ଧା ହୁଏ ଭରସାର ଗଇଣ୍ଠାଳ

ଅର୍ଜନ୍ତି ପୁଣ୍ୟ ଜନ୍ମଦାତା କରି କନ୍ୟାଦାନ
ଅମାନିଆ ଆଖି ଲୁହେ ଓଦା ହୁଏ ନୟନ
ଗର୍ଭେ ଧରି ଦଶ ମାସ ଦେଲା ଜନମ ଯିଏ
ତାକୁ ପର କରି ଆଜି ଆନ ଉଆସେ ଯାଏ
ଅପା,ଭାଇ,ସାଥିଙ୍କ ସାଥେ କଟିଗଲା ବେଳ
ପାସୋରି ଯାଏ ଚାଲି ଆମ୍ବତୋଟା ଦୋଳି ଖେଳ
କୁଆଁର ପୁନେଇଁର ପୂଜା ଜହ୍ନି ଫୁଲ ଗୀତ
କରୁଥିଲେ ମଜା ମିଳିମିଶି ସଙ୍ଗାତ ମିତ
ଫୁଲେ ଫୁଲେ ଉଡୁଥିଲା ଯେ ସାଜି ପ୍ରଜାପତି
ବଧୂ ହୋଇ ଜାଳିଦେବ ସେ ଆଜି ସଂଜବତୀ
ହାତଗଣ୍ଠି ପଡିଲେ ସରେ କୁଆଁରି ସମୟ
ସୃଷ୍ଟି କରେ ଜୀବନରେ ଏକ ନୂଆ ଅଧ୍ୟାୟ

ଏମ୍.ଏମ୍.ନଗର, ପୁରୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରେମ



ରବିନାରାୟଣ ତ୍ରିପାଠୀ

ପ୍ରେମ ଉପେକ୍ଷିତ ଆଜି ବଜାର ହାଟରେ
ପ୍ରେମର କିଛି ସତ୍ତା ହିଁ ନାହିଁ
ପ୍ରେମ ଶବ୍ଦ ଅଟେ କଳଙ୍କିତ ସତେ
ପ୍ରେମର ଆୟୁଷ କାହିଁ !
ପ୍ରେମ ଅସୁମାରୀ କଣ୍ଟକିତ ପଥ
ପ୍ରେମ ବଦଳାଏ ତା ଶ୍ରେଷ୍ଠ ସଂଜ୍ଞା
ପ୍ରେମ ହୁଏ ଏଠି ଅଢେଇ ଦିନିଆଁ
ପ୍ରେମ ହରାଇଛି ତା ଲୁପ୍ତ ପ୍ରଜ୍ଞା ।
ପ୍ରେମ ତ ବଦଳେ ଋତୁ ସମ ହାଏ
ପ୍ରେମରେ ନାହିଁ ତିଳେ ବିଶୁଦ୍ଧତା
ପ୍ରେମ ତ କେବଳ ମିଛ ପ୍ରତାରଣା
ପ୍ରେମରେ ଭର୍ତ୍ତି ନଗ୍ନ ମାଦକତା ।
ପ୍ରେମ ପରିଣୟ ହାରେ ପରିଚୟ
ପ୍ରେମରେ ଜଡିତ ଆବେଗ ଓ ସ୍ୱାର୍ଥ
ପ୍ରେମ ପରଶେ ଦୈହିକ ସୁଖକୁ
ପ୍ରେମ ଅଟଇ ଏକ ସଂକୀର୍ଣ୍ଣ ଅର୍ଥ ।
ପ୍ରେମରେ ଜୀବନ ଯାତନାର ବିଷ
ପ୍ରେମ ଆଣିଦିଏ ଅମାପ ଯନ୍ତ୍ରଣା
ପ୍ରେମ ପ୍ରଲୋଭନ ଭଗ୍ନ ଉନ୍ମାଦନା
ପ୍ରେମ ପ୍ରଭଞ୍ଜନ ପ୍ରେମୀ ନିର୍ଯାତନା ।
ପ୍ରେମ ନୁହେଁ କେବେ ଦୈହିକ ଆନନ୍ଦ
ପ୍ରେମ ତ ଅମର ରହେ ଚିରନ୍ତର
ପ୍ରେମ ଯେ ସତ୍ୟ ଶିବ ଆଉ ସୁନ୍ଦର
ପ୍ରେମ ହିଁ ପବିତ୍ର ଶବ୍ଦ ଅଟେ ନିରନ୍ତର ।

ଏକିଭାସ୍ତୁଜ୍, ରୁଷିଆ
ଦୂରାଭାସ : +୭୭୦୫୯୮୭୬୦୬୮
ହ୍ୱାଟସଆପ : +୯୧୯୮୬୧୨୮୩୭୩୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପାରିବୁ ତ ?



ଶ୍ରୀକାନ୍ତ କୁମାର ମିଶ୍ର

ଶତ୍ରୁ ତ ଅନେକ ଏଠି
ମାତିଛନ୍ତି ନୂଆନୂଆ ଅସ୍ତ୍ର ଧରି
ଅନୀତି ଅନୈତିକତା ସବୁ ସାଣ ଦେଇ...
ଦକ୍ଷ ସେମାନେ ଅସଂଖ୍ୟ ସେମାନେ
ନେଇଯିବେ ଯାହା କିଛି ସଞ୍ଚିଛୁରେ ଆହା ।
ମା କୋଳ ଛୁଆ, କୁମାରୀ ଇଙ୍ଗିତ ।
ଆଉ ଯଦି ଆବଶ୍ୟକ ପଡେ ।
ଶରୀରକୁ ଖଣ୍ଡ ଖଣ୍ଡ କାଟି
ନେଇଯିବେ ଘର, ଦ୍ୱାର, ଶିକ୍ଷା, ଦୀକ୍ଷା, ଦେଖାଇ ବିଦେଶୀ ସଭ୍ୟତା
କାଦୁଅରେ ମିଶିଯିବ ସ୍ନେହ ଓ ମମତା.... ।
କାହାକୁ ଜଗିବୁ, କାହାକୁ ଦେବୁରେ ଲୁହାର କବାଟ ।
କେତେ ବଡ ପାଚେରୀ କରିବୁ ।
କେତେ ସୈନିକର ବଳକୁ ଦେଖାଇ ପାରିବୁ କି ମୁକୁଳିଏ
ଅସୁରକ୍ଷିତ ନୀତି ନୈତିକ ହୀନ ଶତ୍ରୁର କବଳୁ... ? ?

ଏନଟିପିସି, କଣିହାଁ, ଅନୁଗୋଳ, ଓଡିଶା
ଇମେଲ: srikantmishra31@gmail.com,ଭାଷ୍ୟଗ୍ରାମ :୯୮୬୧୪୨୩୪୦୨

Magazine Downloaded from www.aahwaan.com

# ପାରିବିନି ଭଲ ପାଇ

(ପ୍ରେମ ନିବେଦନ ପାଇଲାପରେ ଏକ ଗରିବ ପୁଅର ଧନୀ ଝିଅକୁ ପ୍ରତ୍ୟୁତ୍ତର)



ପ୍ରଶାନ୍ତ କୁମାର ନାଥ

ତୋ ବାପା ଯାଉଛି କାର ଚଢିଲୋ
ମୋ ବାପା ପାଦରେ ଚାଲୁଛି
ଏସି କାରରେ ତୋ ବାପା ବୁଲୁଛି
ମୋ ବାପା ଖରାରେ ସିଝୁଛି ।

ତୋ ଘରେ ଚାକର ପୂଜାରୀ ଅନେକ
ତୋର ଅବା କିସ ଯାଉଛି
ବଞ୍ଚିବାର ରାହା ଖୋଜିଖୋଜି ପରା
ମୁଁ ନିଜେ ମୂଲିଆ ସାଜୁଛି ।

ଘରଟା ତୋହର ମାର୍ବଲ ଚଟାଣ
ଖସଡ଼ା ଖସଡ଼ା ଲାଗୁଛି
ମୋ ଘର ଚଟାଣ ମାଟିରେ ତିଆରି
ଗୋବର ଗୋବର ବାସୁଛି ।

ଧୋବ ଫରଫର ଦେହଟା ତୋହର
କଣ୍ଢେଇ ପରିକା ଦିଶୁଛି
କାଳିଆ ମୁହଁକୁ ଦେଖିଦେଲେ ପରା
କଳା କୁକୁରଟା ଭୁକୁଛି ।

ମାଆଟା ତୋହର ପଲଙ୍କରେ ଶୋଇ
ଖାଲି ଯା' ବରାଦ ଦେଉଛି
ମୋ ମାଆ ପରା ସକାଳରୁ ସଞ୍ଜ
ଖଟି ଖଟି ଦିନ ଯାଉଛି ।

ଦେହରେ ତୋହର ବାଜୁନାହିଁ ଖରା
କଷ୍ଟ ତୁ କଅଣ ଜାଣୁନା
ବର୍ଷାଖରା ଶୀତ ସାଥି ଯେ ମୋହର
ସେ କଥା କାହିଁକି ବୁଝୁନା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତୁ ପରା ଖାଉଛୁ ଆପେଲ ଅଙ୍ଗୁର
ସକାଳଟା ଯେବେ ହେଉଛି
ସକାଳ ହୋଇଲେ ବାସି ତୋରାଣୀରୁ
ମୁଁ ପରା କଂସାଏ ପିଉଛି ।

ଖରାବେଳେ ଖାଉ ଚିକେନ୍ ମଟନ୍
ମୋତେ ମିଳେ ଶାଗଭଜା
ସନ୍ଧ୍ୟାରେ ତୋ ପାଇଁ ପିଜା ଓ ବର୍ଗର
ଚୂଡ଼ାମୁଢ଼ି ଯେ ମୋ' ଖୋଜା ।

ଶୋଇବା ପାଇଁ କି ଡ଼ଂଲପ ଗଦିଟେ
ତୋ ପାଇଁ କି ହୁଅଇ ସଜା
ଛିଣ୍ଡା ମଶିଣାରେ ନିଦ ମୋର ମରେ
କିଛି ବି ପଡେନାହିଁ ଖୋଜା ।

ତୋ ଘର ବାସୁଛି ଅତର ଅତର
ମୋର ଘରେ ଡ଼ାଆଁସ ମଶା
ତୁ ପରା ସତେ ଲୋ ରାଜକନ୍ୟା ଗୋଟେ
ଚାଷବାସ ମୋହର ପେସା ।

ଭଲପାଉ ବୋଲି ଯେତେ ତୁ କହିଲେ
ପାରିବିନି କଥା ଦେଇ ଲୋ
ଗରିବ ହେଲେ ବି ଛଳନା କରିବା
ମୋତେ ଜମା ଜଣା ନାହିଁଲୋ ।

ତୁ ପରା ଅଟୁଲୋ ପାଠୋଇ ଝିଅଟେ
ସହଜରେ ବୁଝି ପାରିବୁ
ମୋତେ ଭଲପାଇ ମିଛଟାରେ କାହିଁ
ଜୀବନ କହ ତୁ ସାରିବୁ ।

୩୮/୧, ବଦ୍ରାହାଲି, ସକାଲ ବାରା ରୋଡ଼,
ଜିଗନି ହୋବଲି,
ଅନେକଲ ତାଲୁକ, ବାଙ୍ଗାଲୋର-୫୬୦୦୮୩
ମୋ-୦୮୮୯୨୩୦୧୧୪୩

Magazine Downloaded from www.aahwaan.com

# ସଫଳ



ସନାତନ ମହାକୁଡ଼

ମୂଳ ରଚନା(ବଙ୍ଗଳା) : ଅମୀୟ କୁମାର ଚୌଧୁରୀ
ଓଡ଼ିଆ ଭାଷାନ୍ତର : ସନାତନ ମହାକୁଡ଼

ମୁଁ ପ୍ରତିଦିନ, ପ୍ରତି ମୁହୂର୍ତ୍ତେ ସଫଳ କାମନା କରେ
ତେଣୁ ମନର ଦ୍ୱାର ପାଶେ ଅପେକ୍ଷା କରିଥାଏ ।

ପରାଜୟ ମାନି ନେଇ ପାରେ ନା
କାରଣ, ସେତେବେଳେ ନିଜକୁ ମୃତ ମନେହୁଏ
ଶରୀରର ଉପର ଦେଇ କଳଙ୍କର ଝଡ଼ ପବନ ବହିଯାଏ ।

ଜୟ ପରାଜୟର ମଧ୍ୟେ ଏକ ଦ୍ୱନ୍ଦ କାମକରେ
ଏ ଦ୍ୱନ୍ଦ ପ୍ରତିଦ୍ୱନ୍ଦିତାର ବେଶ ଧରିଲେ
ଏକ ପକ୍ଷ ଗଭୀରଭାବେ ଆହତ ହୋଇଥାଏ ।

ମୋର ସଫଳ ଏକ, ଦୁଇ, ତିନି...
ଗଣିଚାଲେ ଏ ମୃତ୍ୟୁ ପର୍ଯ୍ୟନ୍ତ ।

ଗ୍ରା/ପୋ : ବେରୁଆଁବାରୀ, ୭୫୨୦୮୨
ନୟାଗଡ଼, ଓଡ଼ିଶା
ଭ୍ରାମ୍ୟଭାଷ : ୯୩୩୯୭୧୦୦୧୮
ଇମେଲ୍ : sanmahakud@gmail.com
ୱେବ୍‌ସାଇଟ୍ : www.sanatanmahakud.in

 Magazine Downloaded from www.aahwaan.com

# ସଂବଲପୁରୀ

# ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମକର ସଂକ୍ରାନ୍ତି



ଅରୁଣ କୁମାର ଭୋଇ

ସୂର୍ଯ୍ୟ ଦେବତାର୍ ଶିଘା ତିହାର୍
ପୁଓକେ ଯାଏସନ୍ ଭେଟି
ବାବୁର୍ ନାଁ ଟା ଶନିଦେବ ଆଏ
'ମକର' ଆଏ ତାର୍ ରାଶି
କାହିଁ କେତେ ଦିନୁ ଚଲି ଆଉଛେ
ଜୁନହାଁ ପୁରନା ରିତି
ବାବୁର୍ ରାଶି ଥି ହେଇଛେ ମିଶି....
ତିହାରର୍ ନାଁ ମକର ସଂକ୍ରାନ୍ତି....(୧)

ଖାଲି ଭାରତ୍ ବଲି ନାଇସେ କଥା
ଇତାକେ ମାନସନ୍ ସବେ
ବଂଲାଦେଶ,ଶ୍ରୀଲଙ୍କା,ମିଆଁମାର୍
ଆର୍ ବି କିଏ କିଏ ଥିବେ
ଭିନେ ରାଏଜେ ଭିନେ ନାଁ ଥି
କରୁଛନ୍ ପୂଜା ବିଧି
ଖିଚିଡୀ,ବିହୁ,ପୋଙ୍ଗାଲ୍ ଆର୍ ମାଘୀ
ତିହିରର୍ ନାଁ ମକର ସଂକ୍ରାନ୍ତି...(୨)

ନୂଆଁ କୁରତା,ଲୁହୁଙ୍ଗି,ଧୁତି
ଇ ଦିନେ ସବେ ପିନ୍ଧସନ୍
ପିତୃପିତା କେ ସୋର କରିକରି
ପିଁଡ୍ ଦାନ୍ ବି କରସନ୍
ମକର ରାଶି ନୁ ବିଷୁବ ଆଡ଼କେ
ସୂର୍ଯ୍ୟର୍ ଉତରା ଗତି
ଦିପହରିଆ 'ଗୁଡ଼ି' ଥି ମାତି.....
ତିହାରର୍ ନାଁ ମକର ସଂକ୍ରାନ୍ତି...(୩)

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଇ ଦିନୁ ଖାଏଲେ ଠେଙ୍ଗନିଆଁ ଖାଏଦ୍

ଜଲଦି ହଜମ୍ ହେସି

ପ୍ରମାଣ ଅଛେ ଦେଖି ପକ

ମହାଭାରତର୍ ପିଠି

ହୁମ୍ ପୁଡାସନ୍ ସୂର୍ଯ୍ୟର୍ ନାଁ ଥି

ଦୁଖ୍ ଯଉ ସବୁ ମେଟି

ବାବୁର୍ ନାଁ ଥି ହେଇଛେ ମିଶି....

ତିହାରର୍ ନାଁ ମକର ସଂକ୍ରାନ୍ତି...(୪)

ମକର ମାରସାତ୍ ବସବାର୍ ଲାଗି

ଗହଗହ,ମହମହ କେତେ

ଗୁର୍,ନଡିଆ,କଦଳୀ ପରସାତ୍

ଖାଏବ ଯାହାକେ ଯେତେ

ତିହାର୍ ଦିନେ ଫୁରସତ୍ ମିଲସି

ମନ୍ ପଏରଛା ଥିସି

ଛାତି ଫୁଲେଇ କରି କହୁଁ ରେ ପିଲେ....

ଆମେ ଭାରତୀୟ ଜାତି

ବାବୁର୍ ନାଁ ଥି ହେଇଛେ ମିଶି....

ତିହାରର୍ ନାଁ ମକର ସଂକ୍ରାନ୍ତି...(୫)

ଧଉଁରାଦାଦର, ରାମପୁର, ସାଲେଭଟା
ବଲାଙ୍ଗିର
ଦୂରଭାଷ-୯୯୩୮୯୩୭୩୪୫

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭାବର୍ ବନ୍ଧନ୍



ଜିତେନ୍ଦ୍ର ପାଣ୍ଡେ

କେତେ ସୁନ୍ଦର୍ ମୁନୁଷ୍ ଜୀବନ୍ ଟେ
ଦେଇଛେ ଜଗତ୍ ସାଇଁ ,
ସବ୍ କିରର୍ ନ ଖାପ୍ ଖୁଏଇ
ଚଲ୍ ମା ମିଲ୍ ଜୁଲ୍ ହେଇ ।।

ଦୁନିଆ ଭିତ୍ ରେ ଘର୍ କରିଥିଲେ
ପଥର୍ ପଡ୍ ଲେ ସହି ,
ଭାବର୍ ବନ୍ଧନେ ବାନ୍ଧି ହେଇଥିମା
ଆଜିର୍ ଜୀବନ୍ କାଲ୍ କେ ନାଇଁ ।।

ଭାବ୍ ରଖିଥିଲେ ଲୋକର୍ ଠାନେ
ବିପଦେ ହେସନ୍ ସାହା ,
ଜାନିଛୁ ତ ତୁଇ ଦିଆକେ ଦିଆ
ଅଦିଆକେ ଟାଏଟ୍ ଦିଆ ।।

ଭାବର୍ ବନ୍ଧନ୍ ହେସି ମଜ୍ ଭୁତ୍
ବିଶ୍ୱାସ୍ ଥିଲେ ଭରି ,
ଅବିଶ୍ୱାସେ ଇ ବନ୍ଧନ୍ ଛିଡ୍ ସି
ନାଇଁପାରେ ଦମ୍ ଧରି ।।

ଭାବ୍ ଥିଲେ ଜଣେ ଦୂରୁ ଦେଖିକରି
ଦେସି ମୁଲ୍ କରି ହସି ,
ଦିଆ ଥୁଆ ତି ପେଟ୍ ନାଇଁପୁରେ
ଭାବ୍ ଥିଲେ ପେଟ୍ ପୁର୍ ସି ।।

ଭାବ୍ ଥିଲେ କଥା ମିଠା ଲାଗ୍ ସି
ନାଇଁହେଲେ କଡ୍ ପିତା ,
ଭାବେ କରିଥିଲେ ସାହାଯ୍ୟ ସହଯୋଗ୍
ଲୋକ୍ କରୁଥିସନ୍ ସୁର୍ ତା ।।

ଗ୍ରାମ- ବାଗଉଡାର, ବ୍ଲକ୍- ବେଲପଡା
ଜିଲ୍ଲା- ବଲାଙ୍ଗିର, ମୋ- ୬୩୭୦୯୭୯୬୪୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଘାଏ ଫେରି ଆଏତା



ମୁରଲୀ ଶିକା

ଫେର୍ ଘାଏ ମୁଇ !!

ଫିରି ପାର୍‌ତି କେ ଘାଏ ?

ନାଁକର୍ ସିଙ୍ଗନ୍

ଟୁଣର୍ ଲାହା ଥିବ୍‌ତା

ମାଁ କାନ୍ ମୁଡ୍‌ତା

ଧନରେ ମାଁଆରେ ବଲି

ଜନ୍ ମାମୁଁକେ ଦେଖେଇ

ଦୁଦୁ,ଭାତ୍ ଖୁଆତା

କୁଲେ ଖାକେ ଧରି

କେଢେ ଲାଢେ ଗେଲେ ବୁହିତା ।

ଗାଆଁ ମଂଝା ଖୁଲିର୍ ବାଲି

ଧୁଇଁଲ୍ ବାଏଲ୍ ମାଖି ହେତା

କାଚି କୁଢିଥି ଛୁଚାର୍ ପୁଚାର୍

ଭାତ୍ ଦାଏଲ୍,

ବର୍ କନିଆଁ ହେଇ ହେତା

ମନ୍ ମନ୍‌ସା

ଛିଁଲୋ ଲାଇ,ହୁମୋ ବଉଲି

ଖେଲି ହେତା ?

ସଭେ ଜାଗର୍

ଛୁଆଟେ ବଲି ଡାକ୍ ଦେଲେ

ପେଟ୍ ମୋର୍ ପୁରି ଜାଏତା

ଜୀଇଁ ଜାବଦ୍

ସୁର୍‌ତାଟେ ହେଇଁ

ଇଁ ଜୀବ୍‌ନେ ରହି ଜାଏତା

ଘାଏ ଫୋର୍ ସେ ସମିଆଁ

ଫିରି ଆଏତା..... ।।

କୁତୁର୍ଲା ଲରମ୍ଭା
ପାଟଣାଗଡ଼ ବଲାଙ୍ଗୀର
ମୋ : ୬୩୭୨୨୦୦୫୯୧

ଆହ୍ୱାନ ଛତ୍ର

 Magazine Downloaded from www.aahwaan.com

# ତମେ ବଦ୍‌ଲି ଯାଇଛ



ଚିତ୍ତରଞ୍ଜନ ପଧାନ

ତୁମର୍ ଲାଗି କେତେ କବିତା
ଆଏଜ୍ ବି ମୁଇଁ ଲେଖୁଛେ
ତମେ ଘାଏ ପଢ଼୍‌ବ ବଲି
ହେଲେ
ତମେ ହେ ସବୁ ଆର୍ କେନ ପଢୁଛ
ତମେ ବଦ୍‌ଲି ଯାଇଛ...

ତୁମର୍ ଚାଲ୍‌ତି ବାଟ୍‌କେ
ଆଏଜ୍ ବି ମୁଇଁ ଚାଖି ରହିଛେ
ସେ ବାଟୁ ଘାଏ ଆସ୍‌ବ ବଲି
ହେଲେ
ତମେ ତ ଅଲ୍‌ଗା ବାଟେ ଚାଲୁଛ
ତମେ ବଦ୍‌ଲି ଯାଇଛ...

ତମ୍‌କୁ ନେଇ କେତେ ସପନ୍
ଆଏଜ୍ ବି ମୁଇଁ ଦେଖୁଛେ
ଭାଏଲ୍ ସପ୍‌ନେ ଆସ୍‌ବ ବଲି
ହେଲେ
ତମେ ତ ସପ୍‌ନେ ବି ଉଭେଇ ଯାଉଛ
ତମେ ବଦ୍‌ଲି ଯାଇଛ...

ତମର୍ ମୁଲ୍‌କି ହଁସି ହଁସ୍‌ବ ବଲି
ଆଏଜ୍ ବି ହଁସେଇ ଚାଲିଛେ
ଭାଏଲ୍ କେତେବେଲେ ହଁସି ଦେବ
ହେଲେ
ତମେ ତ ମତେ କନ୍ଦେଇ ଚାଲିଛ
ତମେ ବଦ୍‌ଲି ଯାଇଛ ।
ତମେ ବଦ୍‌ଲି ଯାଇଛ.....

ଡୁଙ୍ଗୁରିପାଲି,ଜମଲା, ପଦମ୍‌ପୁର୍, ବରଗଡ଼

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜନ୍



ରାଜେଶ ପୂଜାରୀ

କଲା ମିସ୍ ମିସ୍ ଅନ୍ଧାର ନଏଦ୍
ପଡିଛେ ଜାଲ୍
କେତେ ଅଁଗଲିଆ ହିସାବ ନାଇଁ
ଓଃ..  କଥାତୁ ଝୁରୀ ସିଲ୍ ବିଲ୍
କେଭେ ରାଗ୍ ବିଗ୍ କେଭେ ଚିକମିକ୍
କାନ୍ଦରି ,ହଁସରି
ଫୁଲେଇ ଠଗରି  !

କୁଆଁରି ଟୁକେଲଟେ
ଇ ଫାକ୍ କେଭେ ହରବର
ପିନ୍ଧୁଛେ ଶାଢ଼ୀ କେଭେ ନିଳି
କେଭେ ଲାଲ୍ ଜରଜର
ସରମି ଯାଏ
ଘାଏକେ ଘାଏ
ଦରପନ୍ ଦେଖେ ଥରକେ ଥର୍ ।

ହାଦେ ସେ ମଙ୍ଗୁଆଲ୍
ରୂପେଲି ଉକିଆ ବୁନି
ଅସରା ଶରଧା ଝୁନି
ନଏଦ ମଝା ଭାବ୍ ଡଙ୍ଗା ବସି
ମୋର କାଏଁ ଗଲା ଲେଖେ
ଖେଲୁଛେ ଲୁକଲୁକାନି ।

ତାର୍  ଯାଏ ଆସେ କେତେ
ସେତ ସଦା ଭୋଲ୍
ସତଫୁଲ ଫୁଟାବାରେଁ
ଅଧୁରା ହେଇ ସପନ୍ ଥିସନ ଯେତେ... !

ବଡା ତାଏଲ୍ ଅବୋଜମୋ
କିଏ... ମାମୁଁ କିଏ... ଦଦା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିଏ ତାପନେ' କିଏ କହୁଛେ ତୁଇଁ

ବିନ୍ କରେ କକୋରମୋ  !

କେଜାନେ କାଏଁ ମହନୀ ଜାନେ

ଘର କରିଛେ ସମକିରି ମନେ

ସେ  କାହାକେ ଖୁଜେ ନାଇଁ

ହେଲେ ତାହେକେ ନାଇଁ ଖୁଜଲା ବାଗିର୍

ଇ ସଁସାରେ ନାଇଁ ଝନେ  !

କୁଶମେଲ, ଝାରସୁଗୁଡ଼ା

ମୋ-୯୭୭୭୨୮୦୫୯୪



ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପହେଚାନ୍



ସୁଭାସ ଚନ୍ଦ୍ର ଭୁଏ

ଆଇଛୁ ଏକେଲା ଯିବୁ ଭି ଏକେଲା
କରି ପୁଡ଼ାବେ ଉଲଙ୍ଗନ
ଦୁଃଖେ ସୁଖେ ଭାବ ପରସି ଥିଲେ
ଗୁନ ଗାଇ କାନ୍ଦି ଗୁଗନ.........
ମୋର ମୋର ବଲି କହୁଛୁ ଜେନଟା
ଧନ ଜନ ଗୁଟା ଦିହେଁ
ଭୁସା ମାରି ମାରି ପୁଡ଼ାବେ କାଠେ
କାହାରିର ନୁହେଁସେ କେହେ.......
ପୂରୁବ ଦିଗେ ଉଦି ପସଚିମେ ବୁଡି
ସୁରୁଜ ସରାସି ଦିନ
ଜନମରୁ ମରନ ସାର ଟା କରମ
ସମିଆର ତାକତ ଚିନ୍‌ହ.........
ଅଧରମ ଅନିଏ ଧରସେ ଗଲେ
ପଛେ କରବା ଅଡୁଆ
ଦୁଃଖ ସହି କଲେ ସଁତ ନିଏ ଧରମ
ପରଭୁ ହେବେ ବାଟ କଢୁଆ .........

ପାନିର ଫୁଟକା ମୁନୁସ ଜିବନ
ଭାବର ଚେର ଦେ ଲମେଇ
ସଁସେ ସରଧା କ୍ଷମା ଭକ୍ତିର ମାନ ଦେଇ
ମୁନୁସପନ ଥା କମେଇ...............
ଜେତେଟା ଭି ସକାଲ ଆସୁ ଜିବନେ
ସୁରୁଜର ପଡୁ ଧାଜ
ସୋର କରଉଥାଉ ହରମିସା ମତେ
ଦେବତା ଅସୁର ବାଛ.............
ମୁନୁସପନ ଏକା ପହେଚାନ୍ ହେସି
ଜିବ ତ କମେଇ ଖାଏସି
ଅନମୁଁନସିଆ ଲହ ଚେର କେ କାଟଲେ
ଅଜାମର ମାନ ପାଏସି........

ଧାଙ୍ଗେର, ବରଗଡ

 Magazine Downloaded from www.aahwaan.com

# ବୀର୍ ଲକ୍ଷ୍ମୀନାରାୟଣ୍



ଦେବାଶିଷ ସାଗର

ଭଲ୍ ଲୋକ୍ ରହେସନ୍ ଅଧା ଦିନ୍
ଇତିହାସ୍ ଦେସି କହି ,
ଇ ଧାରାଥି ସରଣ୍ଡା ମାଟିର୍ ବୀର୍
ଲକ୍ଷ୍ମୀନାରାୟଣ ଗଲେ ବହି ।୧

କର୍‌ସନ୍ କାମ୍ ସମାଜ୍ ମଂଗ୍‌ଲେ
ସମ୍‌କୁ କରି ନିଜର୍ ,
ବୀର୍ ନାରାୟଣ ସେ ଗୁଣେ ବଡ୍
ନେଇଁ କରି କାହାକେ ପର୍ ।୨

ନିଜେ ଦୁଖେ ଥାଇ ପର୍‌କେ ହଁସାଲେ
ସମାଜେ ଆନ୍‌ଲେ ସୁଧାର୍ ,
ସମ୍‌କିରର୍ ଭଲ୍‌ମନ୍ଦ ସେ ବୁଝ୍‌ଲେ
ମନେ ନାଇଁ ରଖି ବିକାର୍ ।୩

ମାଟିର୍ ସାଂଗେ ସେ ମାଏଟ୍ ହେଇ
ଲଗାଲେ ନୂଆଁ ଗଛ୍ ,
ପାଠ୍ ପଢିକରି ସୈନିକ୍ ହେଲେ
ଶତ୍ରୁକେ କଲେ ପଛ୍ ।୪

ସମିଆଁ ଭିତ୍‌ରେ ଚାକ୍‌ରୀ କଲେ
କାମେ ନାଇଁ ତାକର୍ କମି ,
ସାଂଗ୍ ସାଥି ତାକର୍ ସବୁବେଲେ
ହେଉଛନ୍ ଆଏଜ୍ ଭାଲି ।୫

ସମିଆଁ ଉତ୍‌ରେ ପୁର୍‌ଲା ଚାକ୍‌ରୀ
ହେଲେ ସେ ଘର୍ ମୁହା ,
କମିଁଆଁ ପିଲା କାଏଁ ଚୁପ୍ ବସ୍‌ବା
ସବୁ କାମ୍ କଲେ ସୁହା ।୬

ପରିବାର୍ ଭିତ୍‌ରେ ସେ ହେଲେ ରଜା
ପୁଓ ଝିଇ ସାଂଗେ ସ୍ତ୍ରୀରି ,
ନାଇଁ କରି କେଭେ କାହାର୍ ଉନା
ସବୁ ସୁଖ୍ ଦେଲେ ସେ ଭରି ।୭

 Magazine Downloaded from www.aahwaan.com

ସମାଜ୍ ସୁଦ୍‌ରୁଢ୍ ହେବା ବଲି
ବନାଲେ ହୋ ଅନୁଷ୍ଠାନ୍ ,
ପିଲା ଛୁଆ ପାଠ୍ ପଢ୍‌ବେ ବଲି
ଧିଆନ୍ ଦେଲେ ଶିକ୍ଷାନୁଷ୍ଠାନ୍ ।୮
ପରିବେଶ୍ ସଫା ଲୋକ୍ ରଖ୍‌ବେ ବଲି
ନିଜେ ଲଗାଲେ ସେ ଚାରା ,
କଥାଥି ନାଇଁ ସେ କାମର୍ ରଜା
ସମ୍‌କିରର୍‌ନୁ ସେ ଦୁସ୍‌ରା ।୯
ଦୁଖ୍ ସୁଖ୍ ସମ୍‌କୁ ଲାଗି ଥିସି
କିହେ ନାଇଁ ଜନ୍ ମୁକ୍‌ଲି ,
ଦୁଖୀ ସାଂଗେ ସେ ଦୁଖୀ ହେଇ
ସବୁ ଦୁଖ୍‌କେ ଦେସନ୍ ଭୁଲେଇ ।୧୦
ସମିଆଁ ଜାନି ବୁଢ୍‌ଲେ ବେଲେ
ବସାକେ ଫିର୍‌ସି ଚରେ ,
କାଲ୍ ସମିଆଁ ଆଏଲା ହେତୁ
ବିପଦ୍ ହେଲା ଘରେ ।୧୧
ଜନମ୍ ଥିଲେ ଆଏ ମରନ୍
ଇଟା ଦୁନିଆର୍ ସତ୍ ,
ଇ ସତ୍‌ଥି ଟଲି ପଡିଗଲା
ବୀର୍ ପ୍ରଧାନର୍ ପଦ୍ ।୧୨
ନାଇଁ ହାରି ସେ ନାଇଁ ମିଶି ମାଟି
ଆମର୍‌ନୁ ନାଇଁ ଉଭେଇ ,
ଇହାଦେ ଭି ସେ ଆମର୍ ସାଂଗେ
ରହିଛନ୍ ସତେ ମିଶି ।୧୩
ସେ ନାଇଁ ଥିଲେ କାଣା ହେବା
ସେ କରିଛନ୍ ସବୁ କାମ୍ ,
ତାକର୍ କାମ୍ ତାକୁ ରଖିଛେ ଅମର୍
କାମେ ଅଛେ ସବୁ ଦାମ୍ ।୧୪
ଉଡୁଅଛେ ବାନା ତୁମର୍ ନାମେ
ଶୁଭୁଛେ ଜଏ ଜଏକାର୍ ,
ସବୁ ଦିନ୍ ହେ ବୀର୍ ପୁରୁଷ୍
ତମ୍‌କୁ ଆମର୍ ଦର୍‌କାର୍ ।୧୫
ଫେର୍ ଆସ ତୁମେ ଆମର୍ ମାଟି
ହେଇ କରି ଗୁଟେ ବୀର୍ ,
ତୁମର୍ ଅଏବାର୍ ଟାକିଛୁ ବାଟ୍
ଝୁକାଇ ଆମର୍ ଶୀର୍ ।୧୬

ଜି.ଏମ୍.ୟୁ , ସମ୍ବଲପୁର
ମୋ.ନଂ - ୯୯୩୮୪୪୯୫୭

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

# ସମିଆ



ହରିଶ୍ ତାଣ୍ଡି

ସମିଆ ନୁହେସେ ସାଂଗ୍ ସାଥୀ ଦଦା
ଘଏଁତା କି ମାଏପୋ
ପଏଷା ଥି କାଏଁ ଘିନ୍‌ବୁ ସମିଆ
ଚିଟ୍‌କିଲେ ହେଲେ କାଦୋ ।
ସମିଆ ଠାନୁ ବଡ୍ ନୁହେସେ କିହେ
କମାଲେ ପାଏବୁ ଧନ୍
ହେଲେ ହଜ୍‌ଲେ ସମିଆ ନାଇଁମିଲେ ଆଉ
ପସ୍‌ତେଇ ହେବା ମନ୍ ।
ଆଏଜ୍ କର୍‌ମି କାଏଲ୍ କର୍‌ମି
କର୍‌ମି ନ ବୁଆ ଥାଉ
ନାଇଁ ଜାନି ବୋଲି ସମିଆର୍ ମୂଲ୍
କେତେ ଯେ ଗହଲଉ ।
ନିଜ୍‌କେ ଭାବୁଛୁ ବଡ଼େ ହୁସିଆର୍
ସମିଆ କେ ଭାବି ଛୋଟ୍
ନିଜର୍ ଗୁଡ଼େ ନିଜେ ମାରୁଛୁ ତୁଇ ବାବୁ
ବଡ଼େ ଟେ ଟଙ୍ଗିଂଆ ଚୋଟ୍ ।

ସାଲେପାଲି , ଗଜବନ୍ଧ , ସୁବର୍ଣ୍ଣପୁର
ମୋ - ୮୦୧୮୪୦୫୨୮୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭାବ୍ - ଅଭାବ୍



ସହଦେବ ଧରୁଆ

ଯେନ ଭାବ୍ ଜହ ସେନ ଦହଦହ
ନାଇଁ କର୍ ବଢ୍ାସି,
ଭାବ୍ ଦିଆନିଆ ଫୁଟା ମଲି କିଆ
ବାସୁଥାଉ ବାରମାସି ।୧ ।

ଭାବେ ସିନା ଜନା ପାଁଚ୍ଲୁକେ ଗନା
ଅଭାବେ ଡୁମୁରା ବାସି,
ଛି ଛି ଦୁର୍ ଦୁର୍ ସଭେ ଧୁର୍ ଧୁର୍
କଲେ ଦୁଖେ ଯିବୁ ଭାସି ।୨ ।

ଏକେନ୍ ଗୁଡିଆ ଗୋଠ୍ ବାହାରିଆ
ହେଇଥିବୁ ଏକା ଠିଆ,
ଆଲ୍ଗାଲ୍ କାଲେ ପଡିଗଲେ ଖାଲେ
ଦୁଖେଁ ହାରି ଦେବୁ ହିଆ ।୩ ।

ଭାବର୍ ବିହୁନେ ଅଭାବର୍ ଗୁନେ
ହର୍ମେସା ହଏରାନ୍,
ଦୁକ୍ ମହାକାଲ୍ କର୍ସି କଟାଲ୍
ଘିଚ୍ବା ଦିହୁଁ ପରାନ୍ ।୪ ।

ଭାବର୍ ବଁଧନ୍ ବାସ୍ ମହକନ୍
ରଖିଥା ବେଉଁତି ବାଁଧି,
ବିପଦ୍ ଆପଦେଁ ଦୁଖେଁ ବର୍ବାଦେ
ପାର୍ବୁ ସହଜେ ସାଧି ।୫ ।

ଆଂଚଲିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର-୭୫୧
୦୨୨
ମୋ.ନଂ : ୬୩୭୧୧୯୧୪୫୪

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସେ ବୁଆ ଆଏ



ଗଣେଷ ଭୁଏ

ଛୁଆବେଳେ ଚିନି ଆଙ୍ଗୁଠ କେ ଧରି କରି ଯେ ବାଟ୍ ଚଲାସୀ
ନିଜର ଧନ କେ ପରହର୍ ଘରେ ଯେ ଦାନ କରି ଆଏସି ।
ଛାତି କୁହୁରୀ ଯାଉଥିସି ହେଲେ ନିଜର ଛାତି ନ ପଥର ରଖି
ହସି ହସି ନିଜର ଝି କେ ଯେ ବଟାସି ।
ସେ ବୁଆ ଆଏ ।

ନିଜର୍ ପେଟୁ ଅଧା କାଟିକରି
ଆମର୍ ପେଟକୁ ଯେ ପୁରା ଭରସି ।
ନିଜେ ପଛେ ଅଧା ଖାଏସି
ଆମକୁ ସେ ଭରପେଟ୍ ଖୁଆସି ।
ସେ ବୁଆ ଆଏ ।

ନିଜର ମନ କେ ମାରି କରି
ଆମର ଇଚ୍ଛା କେ ଯେ ପୁରା କରସି ।
ନିଜେ ପଛେ କଣ୍ଟା ମାଡ଼ିକରି
ଆମକୁ ଭଲ ବାଟେ ଚଲାସି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେ ବୁଆ ଆଏ ।

ନାଇ କହେ କେଭେଁ ସେ ନିଜର ଦୁଃଖ
ହେଲେ ଆମକୁ ଦେସି ସବୁ ସୁଖ ।
ନୀଯେ ରାଏତ୍ ରାଏତ୍ ଚେତି କରି
ଆମର ସପନ୍ ଯେ ଯେ ପୁରା କରସି ।
ସେ ବୁଆ ଆଏ ।

ନିଜେ ପନ୍ଧେ ଫଟା ପିନ୍ଧସି
ଆମକୁ ଭଲ ପେଂଟ୍ ସାର୍ଟ୍ ଘିନି ଦେସି ।
ନିଜର ଦୁଃଖ କେ ଛାତି ନ ଚାପି
ସଂସାରର ସବୁ ସୁଖ ଆମକୁ ଦେସି ।
ସେ ବୁଆ ଆଏ ।

ଦଶମାସ ଦଶ ଦିନ ଚିନ୍ତା ଯେ ମୁଡେ ରଖସି
ପୁଅ ହଉ କି ଝି ହଇ କେଡେ ଉସତ ହେସି ।
ସୁରୁ ସୁରୁ ଆଙ୍ଗଠି କେ ଧରି
ମଝା ଗାଁ ଖୁଲି ଯେ ଚଳାବାର ଶିଖାସି ।
ସେ ବୁଆ ଆଏ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୋଟି କୋଟି ତପସ୍ୟା କରି ଆମେ ଜାହାକେ ପାଏସୁ

କଲି ଗାଳି ଇ ସଂସାରେ ଭଗବାନ ବଲି କହେସୁ ।

ଦୁଃଖର ବେଳେ ସଭେ ଛାଡ଼ଲେ

ହାତ ନାଇ ଛାଡ଼େ ଯେ କେଭେଁ ।

ସେ ବୁଆ ଆଏ ।

କୁମେଲସିଂହ, ବରଗଡ଼, ଅତ୍ତାବିରା

ଭ୍ରାମ୍ୟଭାଷ : ୯୦୭୮୩୯୩୮୦୫

Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବୌଦ୍ଧିକ ମତବାଦ ଆଢୁଆଳରେ ଓଡ଼ିଆ ସାହିତ୍ୟ



ଅମ୍ରିତେଶ୍ ଖଟୁଆ

ଓଡ଼ିଆ ସାହିତ୍ୟ ଯେ କେବଳ ସୃଜନୀରେ ସ୍ୱାତନ୍ତ୍ୟ ସହ ଭାବୋଦ୍ଦୀପନାର ଏକାନ୍ତ ଦିହୁଡି ରୂପେ ପ୍ରଜ୍ଜ୍ୱଳିତ, ତାହା ନୁହେଁ । ବରଂ, ଇଂରେଜ ସଭ୍ୟତାର ପ୍ରଚ୍ଛଦପଟ୍ଟରୁ ସଦ୍ୟ ସଭ୍ୟତାର ଆବାହନୀ-କାଳୀନ ଭିନ୍ନ ଭିନ୍ନ ମତବାଦ ସଂସର୍ଗରେ ଆସିବା ମଧ୍ୟ ଆଦୌ ବିସ୍ମୟକର ନୁହେଁ । ପ୍ରତୀକାତ୍ମକତା, ଅଳଙ୍କରଣ, ରୀତିସାଦୃଶ୍ୟ ବ୍ୟତୀତ ଭିନ୍ନାତିଭିନ୍ନ ଅକିଞ୍ଚିତ ପାଶ୍ଚାତ୍ୟ ମତବାଦମାନଙ୍କର ବୈଚାରିକ ତଥା ସୈଦ୍ଧାନ୍ତିକ ସଂସ୍ପର୍ଶରେ ଅନେକ କାବ୍ୟଧାରା ଆତ୍ମସିଦ୍ଧ ତଥା ନବ୍ୟବାଦିତାର ଦ୍ୟୋତକ ରୂପେ ହୋଇଛି ପ୍ରତୀୟମାନ । ଏହି ପ୍ରକାରର ଦର୍ଶନମାନଙ୍କରେ ସନ୍ନିବେଶିତ ହୋଇଛି ଭିତ୍ତିଭୂମିତ୍ୱ (foundationalism), ଅଧି-କଥନିକା (meta-narrative) ଏବଂ ଅବଧାରିତ ସତ୍ୟର ଅନୁଶୀଳନାତ୍ମକ ବ୍ୟବହାରିକତା । ଆଲେଖ୍ୟକାରମାନେ ଯେ କୌଣସି ସତ୍ୟ ବା ବର୍ଣ୍ଣନା, ଭାଷା ବ୍ୟବହାର କରୁଥିବାରୁ ଏବଂ ଭାଷାରେ ଅନ୍ତର୍ନିହିତ ଅନିର୍ଦ୍ଦିଷ୍ଟତା ଯୋଗୁଁ ସେମାନେ ନିର୍ଦ୍ଦିଷ୍ଟ ସତ୍ୟ ବିଷୟରେ ସ୍ୱାଭାବିକତଃ ସନ୍ଦିହାନତା ପ୍ରକାଶ କରିଛନ୍ତି । ଯାହା ହେତୁ ଭିନ୍ନତା ଦ୍ୱାହିରେ ବିଭିନ୍ନ ମତବାଦର ଆଢୁଆଳ ଦେଇ ଗତି କରିଛି ଓଡ଼ିଆ ସାହିତ୍ୟ ଓ ଏହାର ସୁଦୀର୍ଘ-ଇତିହାସ-ସମ୍ବଳିତ ବ୍ୟାଖ୍ୟାୟନ ! ଆମ ପ୍ରାଚୀନ ବୈଦିକ ତଥା ରୀତି ସାହିତ୍ୟରେ ଆଳଙ୍କରିକତା ତଥା ଆକ୍ଷେପିକ ଚିତ୍ରଣର ମଧ୍ୟ ଅଗଣିତ ନିଦର୍ଶନ ଉଲ୍ଲେଖଯୋଗ୍ୟ - ଯାହା ମଧ୍ୟରୁ ଓଡ଼ିଶାର ସାହିତ୍ୟିକ ଅନ୍ତଃସ୍ରୋତରେ ଜନ୍ମ ନେଇଛି ବୌଦ୍ଧିକ ମତବାଦର ଏକ ଅବିଶ୍ରାନ୍ତ ତଥା ନବୀନ ପ୍ରବାହ ।

ଏପରି ଭାବରେ ଭିନ୍ନ ଭିନ୍ନ ଜ୍ଞାନଶୃଙ୍ଖଳାରୁ ସଂଗୃହୀତ ତତ୍ତ୍ୱର ବ୍ୟାଖ୍ୟା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆନ୍ତର୍ବିଦ୍ୟାଭିତ୍ତିକ ସମାଲୋଚନା ରୂପେ ଅଧ୍ୟୟନଭୁକ୍ତ । ଏହି କେତେକ ଶୃଙ୍ଖଳାଗତ ସମାଲୋଚନାରୁ ଉଦ୍ଭୂତ ମତବାଦ ହେଉଛନ୍ତି - ସଙ୍କେତତତ୍ତ୍ୱ (Semiotics), ସଂରଚନାବାଦ (Structuralism), ଆନ୍ତଃଶାସ୍ତ୍ରୀୟତା (Inter-textuality), ପାରିବେଶିକ ସମାଲୋଚନା (Eco - criticism) ଓଡ଼ିଆ ସାହିତ୍ୟର ଦିଗନ୍ତକୁ ଆହୁରି ମହାର୍ଘ ଓ ସୁଦୂର ପରିବ୍ୟାପ୍ତ କରାଇଛି । Semiotics ବା ସଙ୍କେତତତ୍ତ୍ୱ ମଧ୍ୟ ଓଡ଼ିଆ ପାରମ୍ପରିକ ସାହିତ୍ୟର ଅନ୍ୟତମ ଅଂଶ ରୂପେ ଥିଲା ଏକ ଅବିଚ୍ଛେଦ୍ୟ ଉପାଦାନ । ଅତୀତର କାବ୍ୟପ୍ରଣେତା, ଶାସ୍ତ୍ରକାର ତଥା ପ୍ରତିଲିପିକାରମାନେ ଗ୍ରନ୍ଥ ସମାପ୍ତିର ସମୟ ସୂଚିତ କରିବାକୁ ଯାଇ ସାଙ୍କେତିକ ତତ୍ତ୍ୱର ଅବଲମ୍ବନ କରୁଥିଲେ । କାରଣ ଶ୍ଳୋକାଂଶ ଅଥବା ପଦ୍ୟାଂଶରେ ଅଙ୍କର ପ୍ରୟୋଗ ସମ୍ଭବପର ନୁହେଁ । ନିଦର୍ଶନସ୍ୱରୂପ, ବିଶିଷ୍ଟ ଶାସ୍ତ୍ରଜ୍ଞ ତଥା ପଣ୍ଡିତ ଗୋପୀନାଥ ନନ୍ଦଶର୍ମା ନିଜ କାବ୍ଯ "ଉଦ୍ଧବଦୂତ"ର ସମାପ୍ତିରେ ଅଙ୍କ ମାଧ୍ୟମରେ ସମୟ ନିର୍ଦ୍ଦେଶିତ କରିଛନ୍ତି -

> “ଶ୍ରୀ ଶାଳିବାହନ ଶକ କ୍ଷିତିବାସବଙ୍କ,
> ଅବ୍ଧ୍ୟକ୍ଷି-ନାଗ-ମହିସଂଖ୍ୟକ ହାୟନେ ଏ ।”

ଅର୍ଥାତ୍, ଅବ୍ଧ୍ୟକ୍ଷି ( ଅବ୍ଧି + ଅକ୍ଷି ) ଯଥାକ୍ରମେ ୪, ୨, ନାଗ = ୮ ଏବି ମହୀ = ୧, ଅର୍ଥାତ୍ ୪୨୮୧ । ହେଲେ ଅଙ୍କର ନିୟମ ହେଉଛି , "ଅଙ୍କାନାଂ ବାମତୋ ଗତିଃ", ମାନେ, ଅଙ୍କର ଗଣନ ଏହାର ବାମପଟରୁ ହୋଇଥାଏ । ତାତ୍ପର୍ଯ୍ୟ ଏହି କି ଯେ ୪୨୮୧କୁ ଏହି ନିୟମାନୁସାରେ କହିଲେ, କବି ୧୮୨୪ ଶକାବ୍ଦ ବା ୧୯୦୩ ଖ୍ରୀଷ୍ଟାବ୍ଦରେ କାବ୍ୟ ଶେଷ କରିଥିଲେ । ସେହି ପରି ରୂପେ ଆନ୍ତଃଶାସ୍ତ୍ରୀୟ ଆଲେଖ୍ୟ ଗତାନୁଗତିକ ଶାସ୍ତ୍ରୀୟତାକୁ ପରିତ୍ୟାଗ ସହ ରୀତିସାଦୃଶ୍ୟ ବ୍ୟତୀତ ଗଦ୍ୟ ସଂରଚନା ଓ ମୁକ୍ତଚନ୍ଦର ପ୍ରୟୋଗରେ ସର୍ବାଦୃତ ହୋଇଛି ମାନବିକ ମତବାଦର ନିରୂପଣରେ । ହେଲେ ଆମେ ମଧ୍ୟ ଦେଖିଥାଉ ଯେ ଆଧୁନିକ ଓଡ଼ିଆ ସାହିତ୍ୟରେ ନାଟକ, ଏକାଙ୍କିକା ତଥା ଗୀତାଭିନୟର ବ୍ୟାପକ


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବ୍ୟୁତ୍ପତ୍ତିର ସୂତ୍ରପାତ ହୁଏ । ଏହି ପ୍ରକାରର ପରିବେଷଣାତ୍ମକ ନାଟ୍ୟ ସଂରଚନାରୁ ଅଭିବ୍ୟକ୍ତିବାଦୀ ସାହିତ୍ୟର ଅଭ୍ୟୁଦୟ । ୧୯୨୦ରୁ ୧୯୨୫ ମସିହା ମଧ୍ୟରେ ୟୁରୋପୀୟ ବିପ୍ଳବକାଳରେ ଏହା ଶିରୋନାମା ଥାଇ ସୁଦ୍ଧା ଓଡ଼ିଶାର ତାତ୍କାଳିକ ସାମାଜିକ ପରିବେଶ ସହ ଏହାର ନୀତିବହିର୍ଗତ ଅଗଣିତ ବାସ୍ତବତାକୁ ପ୍ରଦାନ କରିଥିଲା ଏକ ଆବେଗ-ପ୍ରବଣ ମାନସିକତାକୁ ଆପଣାଇ ନେବାର ସୃଷ୍ଟି ଓ ନିଷ୍ପନ୍ନ ଭାବୁକତା । ଏହାର ଏକ ବିଶିଷ୍ଟ ଉଦାହରଣସ୍ୱରୂପ, ଆମ ଓଡିଆ ନାଟ୍ୟ ସାହିତ୍ୟର ଜନକ ରୂପେ ସର୍ବବିଦିତ ରାମଶଙ୍କର ରାୟଙ୍କ ଏକ ନାଟକ ଏହି ଅଭିବ୍ୟକ୍ତିବାଦର ଥିଲା ବଳିଷ୍ଠ ଦର୍ଶନ । ସାମାଜିକ ଜୀବନରେ ସାଂସ୍କୃତିକତା ଏବଂ ସ୍ୱାତନ୍ତ୍ର୍ୟବାଦର ଗୁରୁତ୍ୱାରୋପ ସହ ନୈତିବାଦିତା ପ୍ରତି ଗ୍ରାହକତା ପ୍ରଧାନତଃ ଉପଲବ୍ଧ । ଭକ୍ତିରସାତ୍ମକ, କିମ୍ବଦନ୍ତୀମୂଳକ ନାଟ୍ୟ କେବଳ ସୀମିତ ରହୁଥିଲା ଗ୍ରାମ୍ୟ ଜୀବନର ସୁରମ୍ୟ ପରିବେଶରେ । ହେଲେ ସବୁଜ ସାହିତ୍ୟ ଗୋଷ୍ଠୀର କିଞ୍ଚିତ ଲେଖକମାନେ ମଧ୍ୟ ନାଟ୍ୟ ସଂରଚନା କରି ସୃଷ୍ଟି କରିଥିଲେ ସଂଘର୍ଷରତ ମାନବ ପ୍ରତି ସମ୍ବେଦନତା ଏବଂ ଅଦ୍ୟାବଧି ପ୍ରାସଙ୍ଗିକ ମନେ ହେଉଥିବା ବ୍ୟକ୍ତି ଚେତନା ପ୍ରତି ଦିଗଦର୍ଶୀ ସୁଖପାଠ୍ୟତା ।

ଏହିପରି ଭାବେ ପ୍ରାଚ୍ୟ-ପରମ୍ପରାକୁ ଅନୁସରଣ କରି ରଚିତ ଅଗଣିତ କାବ୍ୟପ୍ରଣେତାଙ୍କର ପାଶ୍ଚାତ୍ୟ ଦୃଷ୍ଟିଭଙ୍ଗୀ ସ୍ପଷ୍ଟ ଜଣାପଡ଼େ । ଏହି ପ୍ରକାରର ଏକ ସାହିତ୍ୟିକ ପରିଭାଷାକୁ ଇଂରାଜୀ କଳା-ସମାଲୋଚକ ଜନ୍ ରସ୍କିନ୍ ୧୮୫୬ ମସିହାରେ ଏହି ମତବାଦର ନିରୂପଣ କରିଥିଲେ । ଏହି ମତବାଦର ଏକ ଗୁଣାପକର୍ଷକ ନାମକରଣ ହୋଇଥିଲା । ତାହା ଥିଲା 'ପାଥେଟିକ୍ ଫାଲାସି' ( Pathetic Fallacy ) □ ନିଜ ପୁସ୍ତକ 'Modern Painters' ରେ ପ୍ରାକୃତିକ ସୁଷମାକୁ ଚିତ୍ରପଟରେ ଅଧିକ ପ୍ରାଧାନ୍ୟ ଦେବା ନିମନ୍ତେ ସେ ଗୁରୁତ୍ୱାରୋପ କରିଥିଲେ । ଏହି ମତେ ନିର୍ଜୀବ, ଜଡ଼ ବସ୍ତୁ ମଧ୍ୟରେ ମାନବୀୟ ସମ୍ବେଦନ, ସାମର୍ଥ୍ୟ ତଥା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆବେଗର ସିଦ୍ଧାନ୍ତକୁ ବୁଝାଇଥାଏ । କାରଣ ସେ ଭାବୁଥିଲେ ଯେ ଶବ୍ଦ ଦୁଇଟି ଯେଉଁ ଭଳି ବର୍ଣ୍ଣନାର ସୂଚନା ଦିଏ, ତାହା ବସ୍ତୁଗୁଡିକର ବାସ୍ତବଚିତ୍ର ପରିବର୍ତ୍ତେ ଭାବାବେଗ ବା ଚିନ୍ତାଶୀଳ କଳ୍ପନାର ପ୍ରଭାବରେ ଅସାଧାରଣ ବା ଅବାସ୍ତବ ଚିତ୍ର ପ୍ରଦାନ କରିଥାଏ । ଏହି "ବ୍ୟକ୍ତିତ୍ୱାରୋପ" ସ୍ୱଭାବକବି ଗଙ୍ଗାଧର ମେହେରଙ୍କ 'ତପସ୍ୱିନୀ' ତଥା ଅତିବଡୀ ଜଗନ୍ନାଥ ଦାସଙ୍କ 'ଭାଗବତ'ର ଅନେକ ସ୍ଥାନରେ ସ୍ପଷ୍ଟ ଉଲ୍ଲିଖିତ । ଉଦାହରଣସ୍ୱରୂପ -

"ଅହୋ ! ନିୟତିର ଏହି ଭୟଙ୍କର ରୀତି,
ଦେଖିଲେ କାହାର ହୃଦେ ନ ଆସିବ ଭୀତି ।
ତା ଚାହିଁ ବିହଙ୍ଗ-ମୁଖେ କାନ୍ଦିଲା ସେ ବନ
ବହିଲା ନିଃଶ୍ୱାସ ରୂପେ ପ୍ରଖର ପବନ ।"

- ( ତପସ୍ୱିନୀ, ପ୍ରଥମ ସର୍ଗ, ୨୮ ପଦ )

ଅନେକ ମତବାଦ ମଧ୍ୟ ଅଦ୍ୟାପି ସଦା ଅବହିତ, ଯାହାକି ଆଧୁନିକ ସାହିତ୍ୟର ସର୍ଜନାର ଏକ ପ୍ରକାର ଆଧି-ଭୌତିକତାର ପ୍ରଭାବକୁ ପ୍ରଧାନତଃ ଦର୍ଶାଇଥାଏ । ଏହାକୁ କୁହାଗଲା ପାରାଡକ୍ସ (Paradox) । ଏକ ଉକ୍ତି ବାହାର ସ୍ୱବିରୋଧୀ ଅଥବା ଅସଙ୍ଗତ ଜଣାପଡ଼େ, କିନ୍ତୁ ଗଭୀର ଅନୁଶୀଳନ ଦ୍ୱାରା ଏକ ଉତ୍ତମ ତଥା ବୋଧଗମ୍ୟ ଅର୍ଥ ସନ୍ନିବେଶିତ କରାଇଥାଏ । ଏହି ମତବାଦ ସର୍ବପ୍ରଥମେ ଖ୍ରୀଷ୍ଟଧର୍ମରେ ଧର୍ମୀୟ ଚେତନାକୁ ମାନବୀୟ ଚେତନାରୁ ଉର୍ଦ୍ଧ୍ୱରେ ଦର୍ଶାଇବା ପାଇଁ ବ୍ୟବହାର କରାଯାଇଥିଲା । ମାତ୍ର, ବିଂଶ ଶତାବ୍ଦୀର କେତେକ ସମାଲୋଚକମାନେ ଚତୁର୍ଥ ଦଶକ ବେଳକୁ ଏହାର ବିଶେଷ ପ୍ରାଧାନ୍ୟକୁ ଗ୍ରହଣୀୟ କରିଛନ୍ତି । ଏହିପରି କାବ୍ୟର ନିଦର୍ଶନସ୍ୱରୂପ କବି ରମାକାନ୍ତ ରଥଙ୍କ 'ଯାଆନାହିଁ' ତଥା 'ମୁହୂର୍ତ୍ତ ହିଁ ପୂର୍ଣ୍ଣାଙ୍ଗ ଜୀବନ'ରେ ପ୍ରତିଭାତ ହୋଇଥାଏ । 'ମୁହୂର୍ତ୍ତ ହିଁ ପୂର୍ଣ୍ଣାଙ୍ଗ ଜୀବନ'ରେ ସେ ଲେଖିଛନ୍ତି -

 Magazine Downloaded from www.aahwaan.com

"ଏକ ଆଚମ୍ବିତ ଦୃଶ୍ୟ ଦେଖ ଭାଇ ଦେଖ
ବାପ ମାଆ ଆଉ ପୁଅ ଜନ୍ମ ହେଲେ ଗୋଟିଏ ସମୟେ ।
ଘୋ ଘୋ କମ୍ପୁଥିଲା ବଜାର ଭିତରେ
ବିକୁଥିବା ଲୋକମାନେ ମୂକ ।"

ଏତଦ୍ ବ୍ୟତୀତ, ଅସଂଖ୍ୟ ମତବାଦର ଆଲୁଅାଲେ ଓଡ଼ିଆ ସାହିତ୍ୟ ଅଦ୍ୟାବଧି ମଧ୍ୟ ଉଦଭାସିତ ହେବା ସହ ଗୋଷ୍ଠୀକୈନ୍ଦ୍ରିକ ମତାନ୍ତରକୁ ଏକ ମୌଳିକ ଚେତନାରେ ରୂପାୟିତ କରାଯାଇ, ଯେଉଁ ସର୍ଜନାର ବ୍ୟୁତ୍ପତ୍ତି ହୁଏ, ତାହାରି ପୃଷ୍ଠଭୂମିରେ ରହିଛି ସୈଦ୍ଧାନ୍ତିକ ତଥା ଭିନ୍ନବାଦୀ ସାହିତ୍ୟର ଆତ୍ମ-ସନ୍ନିବେଶନ । ସମାଲୋଚନାରୁ ସମୀଚୀନତା, ପରମ୍ପରାରୁ ପାରଡ଼ଙ୍କ୍ସ, ଆସନ୍ନ କେତେକ ଦଶନ୍ଧି ବେଳକୁ ଏପରି ଜୀବନର ଅସୀମତ୍ୱକୁ ପ୍ରତିପାଦିତ କରୁଥିବା ଗୂଢ଼ ଚେତନାର ସନ୍ଧିକ୍ଷଣରେ ମଧ୍ୟ ଆଗେଇ ଚାଲିଥିବ ଓଡ଼ିଆ ସାହିତ୍ୟ । ମୌଳିକ ମତବାଦର ସ୍ୱର ସେହିପରି ରହୁଥିବ ନିରବଚ୍ଛିନ୍ନ । ମତବାଦର ପ୍ରଚ୍ଛଦପଟ୍ଟ ଦେଖିଲେ ଜଣାପଡ଼େ ଋଦ୍ଧିମନ୍ତ ଚେତନାରେ କାଳ୍ପନିକତାର ପ୍ରଭାବ ବିସ୍ତାର ସହ ଏକ ନିର୍ବୈ୍ୟକ୍ତିକ ଚିନ୍ତାଧାରାର ବ୍ୟାପକତା । ଏହିପରି ଏକ ବ୍ୟାପକ, ବିସ୍ତୃତ ତଥା ଅବିସମ୍ବାଦିତ ବିରଚନାର ଅନ୍ତରାଳରେ ଭାବନାର ବ୍ୟାପକଶକ୍ତି ଏବଂ ସ୍ୱାଛନ୍ଦ୍ୟ ବଳରେ ଅନ୍ତର୍ହିତ ସବୁ କାଳ୍ପନିକତା ଯେପରି ଜୀବନ୍ୟାସ ପାଇ ହୁଅନ୍ତି ଏକ ନବଜନ୍ମାନ୍ତରର ସନ୍ଧିସ୍ନୁ । ଆଉ ଏହିପରି ଏକ ବ୍ୟାପକ-ଭାବନା-ସମାଦୃତ ଓଡ଼ିଆ ସାହିତ୍ୟ ଥିବ ଏକ ଦୃଷ୍ଟାନ୍ତପ୍ରସୂ ଜୀବନୀର ଚଳନ୍ତିକା ।"

ସଂପୂର୍ଣ୍ଣ ଠିକଣା :୨୩୭, ଫେଜ୍ - ୨, କାନନ ବିହାର,
ପଟିଆ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର - ୭୫୧୦୨୪
ଫୋନ୍ ନଂ: ୮୪୫୫୦୪୦୧୭୫, ଇମେଲ୍ : amriteshkhatua@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରତିଭା - ବିଶେଷତା ଓ ବିକାଶ



ସୋସିଆଲ୍ ଫୋରମ୍

ପ୍ରତିଭା କେବଳ ମଣିଷ ଠାରେ ନୁହେଁ ବରଂ ଅନ୍ୟାନ୍ୟ ଜୀବଜଗତ ତଥା ବସ୍ତୁ ବିଶେଷରେ ମଧ୍ୟ ଦେଖିବାକୁ ମିଳିଥାଏ । ମଣିଷର ପ୍ରତିଭା ଏକତ୍ୱ ନୁହେଁ ବରଂ ବ୍ୟାପ୍ତ ଯାହାର କୌଣସି ନିର୍ଦ୍ଧିଷ୍ଟ ସୂଚକ କିମ୍ବା ମାପକ ନଥାଏ । ବିଭିନ୍ନ ପ୍ରାଣୀ, ଉଦ୍ଭିଦ ତଥା ବସ୍ତୁବାଚକ ପ୍ରତିଭା ନିର୍ଦ୍ଧିଷ୍ଟ ଏବଂ ଐକ୍ୟତା ପ୍ରତିଷ୍ଠା କରି ପ୍ରକୃତିଗତ ସୁଚକ ବିଶିଷ୍ଟ ଗୁଣ । ଧର୍ମ ପ୍ରଦାନ କରୁଥିବା ବେଳେ ମଣିଷ ସମାଜରେ ତାହାର ବ୍ୟାପକତା ଅନେକ । ମଣିଷର ମସ୍ତିଷ୍କ ଆଗରେ ସୃଷ୍ଟିର ଅନ୍ୟାନ୍ୟ ସମସ୍ତ ରଚନା କ୍ଷୀଣ ପଡ଼ିଯାଏ । ତେଣୁ ମଣିଷର ଭାବନାର ବିସ୍ତୃତତା ଏବଂ ରାସାୟନିକ ପ୍ରକ୍ରିୟା, ପ୍ରତିକ୍ରିୟା ଉପରେ ନିର୍ଭର ବିଭିନ୍ନ ଗୁଣ, ଧର୍ମ ମଧ୍ୟରୁ ଜାତ ଭିନ୍ନ ଭିନ୍ନ ପରିପ୍ରକାଶର ବୈଚିତ୍ର୍ୟତା ଉପରେ ସନ୍ନିବେଶିତ ଅକଳନ ପ୍ରତିଭା ଦେଖିବାକୁ ମିଳିଥାଏ ଆମ ସମାଜରେ ଯାହା ସେହି ପ୍ରତିଭାଧାରୀ ମାନଙ୍କର ସାମାଜିକ ଉତ୍କର୍ଷତା ବୃଦ୍ଧି କରିଥାଏ ।

ପ୍ରାଚୀନ କାଳରୁ ମଣିଷ ମଧ୍ୟରେ ପ୍ରତିଭାର ପ୍ରତିଯୋଗିତା ଦେଖିବାକୁ ମିଳୁଥିଲା ଯାହା ଆଦ୍ୟ ଏକବିଂଶ ଶତାବ୍ଦୀରେ ତାହାର ଦୌଡ଼ର ପ୍ରଖରତା ଅକଳନିୟ । ଫଳତଃ କୌଣସି କ୍ଷେତ୍ରରେ ଜଣେ ଉତ୍ତମ ପ୍ରଦର୍ଶନ କରିପାରିଲେ ତାହାର ଚରମ ସୀମାରେ ପହଞ୍ଚି ଭିନ୍ନ ଏକ ପାରଦର୍ଶିତା ପ୍ରଦର୍ଶନ କରି ସାମାଜିକ ସ୍ୱୀକୃତି ପାଇବା ଲକ୍ଷ ରହିଥାଏ ସମସ୍ତଙ୍କର । ସମୟର ସ୍ରୋତରେ ସେହି ପ୍ରତିଭା ପ୍ରଦର୍ଶନ ପୂର୍ବକ ସାଧାରଣ ମଣିଷ ମାନଙ୍କ ମଧ୍ୟରେ ଭିନ୍ନତାରେ ମାନ ଅର୍ଜନ କରି ଅସୀମ ତୃପ୍ତି ଅନୁଭବ କୌଣସି ଏକ ବିରଳ ଦୁର୍ଲଭ ଧନପ୍ରାପ୍ତି ସଦୃଶ୍ୟ

 Magazine Downloaded from www.aahwaan.com

ହୋଇଥାଏ । ହେଲେ ସେହି ପ୍ରତିଭା ଗୁଡିକ ଆଜିକାଲି କେମିତି ସାମାଜିକ ସ୍ୱୀକୃତି ପ୍ରାପ୍ତ ହୋଇଥାଏ ଏବଂ କିଭଳି ପ୍ରତିଭାଧାରୀ ମଣିଷ ଆଜିକା ସମାଜରେ ଦେଖିବାକୁ ମିଳନ୍ତି, ସବିସ୍ତୃତ ଆଲୋଚନା କରିବା ।

କେତେକ ମଣିଷ ବାଲ୍ୟ କାଳରୁ କିଛି ପ୍ରତିଭା ପ୍ରଦର୍ଶନ କରିଥା'ନ୍ତି ଯାହା ହୁଏତ ସେମାନେ ବଡ ହେବାପରେ ଆହୁରି ତୀବ୍ର ରୂପ ଧାରଣ କରି ବିସ୍ମିତ କରିଥା'ନ୍ତି ସମାଜକୁ । ଅଥବା କୌଣସି ବ୍ୟକ୍ତିଗତ କିମ୍ବା ସାମାଜିକ କାରଣରୁ ବାଲ୍ୟ କାଳର ପ୍ରତିଭା ନଷ୍ଟ ହୋଇ ଏକ ଦୁର୍ବଳ ମାନସିକତାର ବଶବର୍ତ୍ତୀ ହେଉଥିବା ମଧ୍ୟ ଲକ୍ଷ କରାଯାଏ ଅନେକ ସମୟରେ । ଅନ୍ୟ କ୍ଷେତ୍ରରେ କେତେକ ପ୍ରାପ୍ତ ବୟସ ପରବର୍ତ୍ତୀ ମାନସିକ ପରିପକ୍ୱତା ପ୍ରାପ୍ତି ପରେ କେତେକ କ୍ଷେତ୍ରରେ ପ୍ରତିଭା ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳେ । କୌଣସିମତେ ଜଣେ ବାସ୍ତବ ପ୍ରତିଭାଧାରୀ ମଣିଷଙ୍କୁ ସାମାଜିକ ସ୍ୱୀକୃତି ମିଳିବା ପରେ ସେ ନିଜ ମାନସିକ ତୃପ୍ତି ତଥା ଆହୁରି ଅଧିକ ପ୍ରଦର୍ଶନ କରିବା କ୍ଷେତ୍ରରେ ଲାଗିପଡ଼ିବା ସହିତ ଅନ୍ୟାନ୍ୟ ସାମାଜିକ ମଣିଷ ମାନଙ୍କ ପାଇଁ ପ୍ରେରଣାର ଉତ୍ସ ଭଳି କାମ କରିଥା'ନ୍ତି । ହେଲେ ଆଜିକାଲିର ପ୍ରତିଭା କେମିତି ପ୍ରଦର୍ଶିତ ହୋଇଥାଏ ଏବଂ ତାହାର ସାମାଜିକ ପ୍ରଭାବ କ'ଣ ରହିଛି ବିଚାର ସାପେକ୍ଷ ।

ଆଜିକାଲି ପ୍ରତିଭା ନଥାଇ ମଧ୍ୟ ପ୍ରଦର୍ଶନ କରିହେଉଛି ଯାହା ହୁଏତ କାହାଠାରୁ କିଣାଯାଇଥାଏ କିମ୍ବା ଟଙ୍କା ଦେଇ ମଞ୍ଚ ଉପରେ ମିଥ୍ୟା ପ୍ରତିଭାର ପୁରସ୍କାର ପାଇବା ଦେଖିବାକୁ ମିଳୁଥିବା ଅଳ୍ପ ବହୁତେ ସମସ୍ତଙ୍କର ଅଭିଜ୍ଞତା ଥିବ । ଅର୍ଥାତ କିଛି ଅଜ୍ଞାନୀ ଚତୁର ଲୋକ ସମାଜରେ ଦେଖିବାକୁ ମିଳୁଛନ୍ତି ଯେଉଁମାନେ କୌଣସି ପ୍ରତିଭାର ଅଧିକାରୀ ନହୋଇ ମଧ୍ୟ କୌଣସିମତେ ନିଜର ମିଥ୍ୟା ପ୍ରତିଭା ପ୍ରଦର୍ଶନ କରି ସାଧାରଣ ଲୋକଙ୍କୁ

 Magazine Downloaded from www.aahwaan.com

ଭୁଆଁ ବୁଲାଇ ସର୍ବ ସମ୍ମୁଖରେ ପୁରସ୍କୃତ ହେଲେ କିଛି ଅଲୌକିକ ଆନନ୍ଦ ଅନୁଭବ କରୁଥିବା ଦେଖିବାକୁ ମିଳେ । ଅନ୍ୟ ପକ୍ଷରେ କିଛି ଲୋକ ଅନେକ ପ୍ରତିଭାର ଅଧିକାରୀ ହୋଇଥିଲେ ମଧ୍ୟ ଉପଯୁକ୍ତ ଭିତ୍ତିଭୂମି, ସାମାଜିକ ସ୍ୱୀକୃତି ତଥା ପରିପାର୍ଶ୍ୱିକ ସଂଯୋଗର ସୁଯୋଗ ନଥିବା ହେତୁ କୌଣସି ପ୍ରଦର୍ଶନ କରିନପାରି ଆଶାୟୀ ହୋଇ ରହିଥା'ନ୍ତି ଯାହା ହୁଏତ କେବେ ତାଙ୍କୁ ସମ୍ମାନିତ ହେବାର ସୁଯୋଗ ଦେଇଥାଏ ତ କେବେ ସେମାନଙ୍କର ଆଶା ଆଶାରେ ହିଁ ରହିଯାଇଥାଏ । କିଛି ଲୋକ ନିଜ ପ୍ରତିଭାକୁ ନେଇ ଅନେକ ସାମାଜିକ କର୍ମରେ ନିୟୋଜିତ ଥାଇ କୌଣସି ସମ୍ମାନ ଆଶା ନରଖି କର୍ମ କରି ଚାଲିଥା'ନ୍ତି । କୌଣସି ପରିସ୍ଥିତିରେ ସେମାନେ କାହାର ଅନୁମୋଦନ ହେତୁ ଅଚାନକ କୋଉଠି ସମ୍ମାନିତ ହୋଇଥା'ନ୍ତି ଯାହା ହୁଏତ ସେମାନଙ୍କର ମନ ମାନସରେ ନଥାଏ ଅଥବା କିଏ କିଏ ତାହା ପାଇଁ କିଞ୍ଚିତ ଖୁସି ଅନୁଭବ ସାଙ୍ଗକୁ ଅନୁପ୍ରେରିତ ହୋଇଥା'ନ୍ତି ତ ଆଉ କିଏ ସେହି ସମ୍ମାନକୁ ସାଧାରଣରେ ନେଇଥା'ନ୍ତି ଯାହା ସେମାନଙ୍କୁ ସମ୍ମାନିତ କରିବା ପାଇଁ ଅନୁମୋଦନ କରିଥିବା ଲୋକଙ୍କୁ ସମ୍ମାନ ଦେବାପାଇଁ ହୋଇଥାଏ । ଏମିତି ପୁଣି କିଛି ଲୋକ ଦେଖିବାକୁ ମିଳନ୍ତି ଯେଉଁମାନେ ଅନେକ ପ୍ରତିଭାର ଅଧିକାରୀ ତଥା ସେମାନଙ୍କର ପ୍ରଗାଢ଼ ସାମାଜିକ କର୍ତ୍ତବ୍ୟନିଷ୍ଠତା ତଥା ଅନୁଦାନ ଥାଇ ମଧ୍ୟ କୌଣସି ସମ୍ମାନ ଆଶା ରଖିବା ଦୂରର କଥା, ସେମାନେ କୌଣସି ସମ୍ମାନ ଉପରେ ବିଶ୍ୱାସ ରଖିନଥା'ନ୍ତି କିମ୍ବା କୌଣସି କ୍ଷେତ୍ରରେ ସମ୍ମାନିତ ହେବାପାଇଁ ଆଗ୍ରହୀ ହୋଇ ନଥା'ନ୍ତି । ଆବଶ୍ୟକ ସ୍ଥଳେ ସେମାନଙ୍କୁ ସମ୍ମାନିତ କରିବା ପାଇଁ ପ୍ରସ୍ତାବ ଦିଆଗଲେ ପ୍ରତ୍ୟାଖ୍ୟାନ କରୁଥିବା ଉଦାହରଣ ମଧ୍ୟ ଆମ ସମାଜରେ ଦେଖିବାକୁ ମିଳୁଛି । ବାସ୍ତବ ପ୍ରତିଭା ସାଙ୍ଗକୁ ପ୍ରଗାଢ଼ ବିଚାର ଶକ୍ତି ଜ୍ଞାନ ଥିବା ମଣିଷ ଆଦୌ ମଞ୍ଚ ସମ୍ମାନରେ ବିଶ୍ୱାସ ନରଖିବା ସାଙ୍ଗକୁ କେବେ କୌଣସି ସମ୍ମାନକୁ ପ୍ରତ୍ୟାଖ୍ୟାନ କରନ୍ତି ତ

 Magazine Downloaded from www.aahwaan.com

ବେଳେ ବେଳେ ସେମାନଙ୍କୁ ମଞ୍ଚ ଉପରେ ଅପ୍ରତ୍ୟାଶିତ ସମ୍ମାନିତ କରାଗଲେ ସେମାନେ ତାହା ସାମୁହିକ ସ୍ୱାର୍ଥ ତଥା କୌଣସି ପ୍ରୟୋଜନୀୟ ଗୋଷ୍ଠୀ କିମ୍ବା ସଙ୍ଗଠନ ଉଦେଶ୍ୟରେ ଉତ୍ସର୍ଗିକୃତ କରୁଥିବା ଦେଖିବାକୁ ମିଳେ । ବାସ୍ତବିକ ଏତେ ପ୍ରକାର ମାନସିକତା ଉପରେ ଆଲୋଚନା କରାଯିବା ପରେ ଏକ ପ୍ରକାଣ୍ଡ ପ୍ରଜାତିର ମଣିଷ ଦେଖିବାକୁ ମିଳନ୍ତି ଯେଉଁମାନେ ସୀମାହୀନ ସାମାଜିକ କୁକର୍ମରେ ଲିପ୍ତ ତଥା ସମାଜର ଅପାର କ୍ଷତି ସାଧନ କରି ଚାଲୁଥିବା ବେଳେ ସେସବୁ ଓଢଣୀ ପଛରେ ରଖି ତାହାର ବିପରୀତ ଅଜସ୍ର ସମ୍ମାନରେ ସମ୍ମାନିତ ହୋଇଥା'ନ୍ତି ଯାହା ସାଧାରଣ ମଣିଷ ବୁଝି ପାରନ୍ତି ନାହିଁ, ବରଂ ସେମାନଙ୍କୁ ସମାଜର ଜଣେ ପ୍ରତିଭାଧାରୀ ମଣିଷ ବୋଲି ଭାବି ସେମାନଙ୍କ ମିଥ୍ୟା ଚେତନାରେ ଅନୁପ୍ରାଣିତ ହୋଇ ନିଜ ଜୀବନକୁ ଜଳାଞ୍ଜଳି ଦେଇ ଜୀବନ ହାରିବା ପର୍ଯ୍ୟନ୍ତ ସେମାନଙ୍କ ଭକ୍ତ ହୋଇ ରହିଥା'ନ୍ତି !! ଏମିତି ଆହୁରି ଅନେକ ବୈଚିତ୍ରୀୟତାର ସମାହାର ଆମ ସମାଜ ଯେଉଁଥିରେ ଏସବୁର ଉପଯୁକ୍ତ ଆକଳନ କରିବା ହୁଏତ କମ ସମ୍ଭବ !! ତଥାପି ଚାଲିଛି ଆମ ସମାଜ ଏହା କହି ଯେ.....ଯାହା ହେଉଥିଲା ଭଲ ହେଉଥିଲା, ଯାହା ହେଉଛି ଭଲ ହେଉଛି ଏବଂ ଯାହା ଆଗକୁ ହେବ ଭଲ ହେବ ! (ଗୀତା ସାର) !!! ମଣିଷ ମାନଙ୍କ ପ୍ରତିଭା ପ୍ରଦର୍ଶନ ପୂର୍ବକ ନିଜସ୍ୱ ପ୍ରସ୍ତୁତି ତଥା ଉପସ୍ଥାପନା ଯାହା ଅନ୍ୟମାନେ ଅଜ୍ଞ, ବ୍ୟତୀତ ଏମିତି ମଧ୍ୟ ଦେଖିବାକୁ ମିଳେ ଯେ ପ୍ରକାଣ୍ଡ ଅଜ୍ଞାନତା କାରଣରୁ କିଛି ନବୁଝିସୁଝି ଆମେ ଏକ ରକମ ଅନୁପ୍ରାଣିତ ହୋଇଯାଉ କିଛି ଅବାସ୍ତବ ଅନାବଶ୍ୟକ ପ୍ରତିଭା ପଛରେ ପ୍ରଧବିତ ହୋଇ ଯାହା କିଏ କେବେ ତର୍ଜମା କରନ୍ତି ନାହିଁ ତାହାର ଭଲ ମନ୍ଦ, ଆୱଶ୍ୟକତା ଅନାବଶ୍ୟକତା ବୁଝିବା ପାଇଁ !!

ତେଣୁ କୌଣସି ସାମାଜିକ ବିକାଶ ଦିଗରେ ସହାୟତା ହେଉନଥିବା ତଥା ସାମୁହିକ

 Magazine Downloaded from www.aahwaan.com

ସ୍ୱାର୍ଥକୁ ପ୍ରଭାବିତ କରୁନଥିବା ପ୍ରତିଭାଧାରୀ ଆଜିକା ସମାଜରେ ୨୨% ଦେଖିବାକୁ ମିଳନ୍ତି । ସେହି ପ୍ରତିଭା ଗୁଡିକ କେବଳ ମନୋରଞ୍ଜନ ତଥା ମିଥ୍ୟା ତଥ୍ୟ ଉପରେ ଆଧାରିତ ଯାହାଦ୍ୱାରା ସମାଜର କୌଣସି ଉନ୍ନତି କିମ୍ବା ବିକାଶରେ ସହାୟତା ହୋଇନଥାଏ ବରଂ ଅକଳନ ଧନ ସାଙ୍ଗକୁ ସମୟ ନଷ୍ଟ କରି ମାନସିକ ଚାପ ସୃଷ୍ଟି କରିଥଏ ମଣିଷ ମନରେ ! ଉଦାହରଣ ସ୍ୱରୂପ ନାଚ, ଗୀତ, ଖେଳ, ତଥା ମନୋରଞ୍ଜନ ଜନିତ ଏମିତି ଆହୁରି ଅନେକ କାର୍ଯ୍ୟକ୍ରମ ସାଙ୍ଗକୁ କେତେକ ଅବାସ୍ତବ ପ୍ରତିଭା ଯାହା ସାମୁହିକ ସାଧାରଣ ଲୋକଙ୍କ କୌଣସି କାମରେ ଆସେନି କେବେହେଲେ । କିନ୍ତୁ ଯେହେତୁ ବାସ୍ତବିକ ପ୍ରତିଭାଧାରୀ ଆଦୌ ଦେଖିବାକୁ ମିଳୁନାହାଁନ୍ତି କିମ୍ବା ଏହିସବୁ ଅବାସ୍ତବ ପ୍ରତିଭା ଗୁଡିକ ପଛରେ ପଡି ସେତେ ଯେମିତି ବାସ୍ତବତାକୁ ଭୁଲି ଯାଇଛେ ଆମେ ? ଏଠାରେ ସୂଚନା ଯୋଗ୍ୟଯେ ଏକବିଂଶ ଶତାବ୍ଦୀରେ ଆମେ ଆଉ ଏମିତି ଅବାସ୍ତବ ଅନାବଶ୍ୟକ ପ୍ରତିଭା ଗୁଡିକ ପଛରେ ନପଡ଼ି ଆଗକୁ ଉନ୍ନତିରେ ସାହାଯ୍ୟ କରିପାରୁଥିବା ପ୍ରତିଭାଧାରୀଙ୍କୁ ସମ୍ମାନିତ କରିବା ସହିତ ସେମାନଙ୍କୁ ପ୍ରୋତ୍ସାହିତ କରାଗଲେ ମଣିଷ ସମାଜର ଉତ୍ତୋରତ୍ତର ବିକାଶ ହେବା ସାଙ୍ଗକୁ ଏକ ସ୍ୱଚ୍ଛ ମାନବିକ ସମାଜ ଗଠନ ହୋଇପାରିବ ବୋଲି ଆମର ଅନ୍ଦାଜ କେତେଦୂର ସତ୍ୟ ଆପଣ ମାନଙ୍କ ବିଚାରଧାରାରୁ ପ୍ରତିଫଳିତ ହେବ ଆସନ୍ତା ଭବିଷ୍ୟତରେ !! ଅର୍ଥାତ କୌଣସି ପ୍ରତିଭା ଉପରେ ସମ୍ମାନିତ କରାଯିବା ପୂର୍ବରୁ କିଛି ସ୍ୱତନ୍ତ୍ର ନିୟମର ପୃଷ୍ଟ ପୋଷକତା କରି ଜ୍ଞାନୀ ଗୁଣି ଲୋକଙ୍କ ସର୍ବ ସମ୍ମତି କ୍ରମେ କରାଗଲେ ପ୍ରତିଭା ସମ୍ମାନ ଗୁଡିକର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରହିବା ସହିତ ଲୋକଙ୍କ ମାନସିକତାରେ ବ୍ୟାପକତା ସୃଷ୍ଟି ହେବା ସମ୍ଭବ ହୋଇପାରିବ ବୋଲି ଆମର ମତ ।

ପୁନଃ ଏତେବଡ଼ ବିଶାଳ ଚତୁଃର୍ପାର୍ଶ୍ୱରେ କେବଳ ଆଖି ଦୃଷ୍ଟିଆ ପ୍ରଭାବଶାଳୀ ମାନଙ୍କୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅହେତୁକ ମର୍ଯ୍ୟାଦା ପ୍ରଦର୍ଶନ ପୂର୍ବକ ସମ୍ମାନିତ କରାନଯାଇ କୋଣ ଅନୁକୋଣରୁ ବିକଶିତ ହୋଇପାରୁନଥିବା ବାସ୍ତବ ପ୍ରତିଭା ଗୁଡିକୁ ଚୟନ କରି ସମ୍ମାନିତ କରାଗଲେ ସାମାଜିକ ଉନ୍ନତ୍ତିର ପଥ ପରିଷ୍କାର ହେବା ସହିତ ମଣିଷ ସମାଜକୁ ପ୍ରେରଣା ମିଳିବାରେ ସାହାଯ୍ୟ ହେବ । ଏବଂ ସେହି ପ୍ରତିଭା ଗୁଡିକୁ ସମ୍ମାନିତ କରାଯିବା ପୂର୍ବରୁ ଶତପ୍ରତିଶତ ଉପଯୁକ୍ତ ଯାଞ୍ଚ ଏବଂ ସମୀକ୍ଷା କରାଯିବା ଅତ୍ୟନ୍ତ ଜରୁରୀ । ପୁଣି ସେହି ପ୍ରତିଭା ସମ୍ମାନ କେବଳ ସାମାଜିକ ସାମୁହିକ ସ୍ୱାର୍ଥ ଜନିତ ଅଥବା ବ୍ୟକ୍ତିଗତ ମାନବିକ ପରିଚୟ ଦୃଷ୍ଟିକୋଣରୁ ହୋଇଥିବା ଏକାନ୍ତ ଆବଶ୍ୟକ । ଅଥବା ପ୍ରତିଭା ସମ୍ମାନ ବଜାରରେ ମିଳୁଥିବା କୌଣସି ସାମଗ୍ରୀର ମାନ୍ୟତାରେ ହିଁ ପରିଚିତ ହୋଇ ରହିଯିବ ଯାହା ଆଜିର ମଣିଷ ବୁଝିଛି !!

ଧନ୍ୟବାଦ.

ସୋସିଆଲ ଫୋରୁମ (India)

ଛତ୍ରପୁର, ଗଞ୍ଜାମ.

ଭ୍ରାମ୍ୟଭାଷ : ୯୪୩୭୩୨୪୯୧୭

 Magazine Downloaded from www.aahwaan.com

# ହୃଦୟର ଆତ୍ମନେପଥୀ



ମନୋଜ କୁମାର ପଣ୍ଡା

ଜଳୁପଛେ ହୃଦ ବିଦ୍ୟୁତ ଅନଳେ
ଜଳ ଦାନେ ଘନ ବାଧ୍ୟ
ସୁଖ ତେଜି ମୁହିଁ ତୋଷିବି ସଭିଙ୍କୁ
ତେବେତ ପରମରାଧ୍ୟ ।

ବିବର୍ଣ୍ଣ ଭାଗ୍ୟକୁ ନେଇ ଚାଲୁ ଚାଲୁ ଯନ୍ତ୍ରଣାର ମର୍ମଭେଦୀ ତୀବ୍ର ବ୍ୟାକୁଳତା ଭିତରେ ବିରାଟ ଶୂନ୍ୟତା ମୋତେ କ୍ଷତ ବିକ୍ଷତ କରିପକାଇଛି । କେତେବେଳେ ରକ୍ତାକ୍ତ ହୋଇଛି ମୋ ପାଦ ସର୍ପାଘାତରେ ତ ପୁଣି କେବେ ହୃଦ୍ଘାତର ହୋଇଛି ଶିକାର । ଆଖିରୁ ଧାର ଧାର ଅଶ୍ରୁ ବିଗଳିତ ହୋଇଛି । ଅନ୍ତ ହୀନ ନୈସର୍ଗିକ ଆବେଗରେ ମୋ ସମର୍ପିତ ଶୁଷ୍କ ମାଟିରେ ସବୁଜ କ୍ଷେତ ଭରିଯାଇଛି । ମୋ ଯନ୍ତ୍ରଣା ସିକ୍ତ ଆତ୍ମାରେ କୁଢ଼ କୁଢ଼ ମିଠା ପଣା ଅଜାଡି ଦିଏ ଏବଂ କେବେ କେବେ ଆପଣମାନଙ୍କ ଠାରୁ ପାଉଥିବା ସ୍ନେହ ଶ୍ରଦ୍ଧା ଓ ଭଲ ପାଇବା ବିଷୟରେ ଭାବି ଭାବି କାନ୍ଦି ପକାଏ । ବିବଶ କଲେ କଲମ ମୋତେ ଏବଂ ସେ କଲମ ମୁନରେ ସଜେଇ ଦିଏ ଅଭିମାନ ମାନଙ୍କୁ ଭିନ୍ନ ଭିନ୍ନ କବିତାରେ । ଆପଣମାନଙ୍କ ଆଶୀର୍ବାଦ ନେଇ ମୋ ଜୀବନର ଘୋର ଦୁର୍ଦ୍ଦିନରେ ମହାର୍ଘ୍ୟ ଅନୁଭବମାନଙ୍କୁ ନେଇ କବିତା ଲେଖିବସେ । ସେହି କବିତା ମାନେ ହିଁ ମୋ ନିସଙ୍ଗତାକୁ ଦୁରକରି ମୋ ଦୁଃଖ ଲାଘବ କରନ୍ତି କେତେକାଂଶରେ । ସାନ ଭାଇଭଉଣୀ ମାନଙ୍କ କଥା ଭାବି ସୃଷ୍ଟି କରେ ସେମାନଙ୍କ ପାଇଁ ସ୍ନେହ ପ୍ରେମରେ ଚିରହରିତ ସବୁଜ ବନାନୀ । ଯେଉଁଠାରେ ସେମାନଙ୍କ କୁନି ଉଠରୁ ଝରୁଥିବା ସାବଲୀଳ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଥା ସବୁ ମୋ ଶୂନ୍ୟ ହୃଦୟକୁ ପୂର୍ଣ୍ଣ କରି ଉଛୁଳି ଯାଏ ପୀଡା, ଆଶଙ୍କା, ବିଷାଦ ଅନ୍ତର ଭିତରେ ଏବଂ ସେମାନଙ୍କର ମୋ ପ୍ରତି ଥିବା ବିଶ୍ୱାସ ମୋ ଆଖିର ଲୁହ ପୋଛି ଦିଅନ୍ତି ।

ମୋତେ ସାରସ୍ୱତ ଜଗତର ଅନ୍ଧକାର ଭିତରେ ବାଟ ଦିଶିଯାଏ, ମାମା ମାନେ ମୋର ସର୍ବସ୍ୱ । ତାଙ୍କର ସ୍ନେହ ବୋଳା ମଧୁର ଆକଟ ଗୋଟାପଣେ ମୋ ଦେହ ମୋ ମନ ଆତ୍ମାକୁ ସ୍ପର୍ଶ କରେ, ମୋ ସମ୍ମୋହିତ ହୋଇପଡେ, ମୋ ଭିତରକୁ ପଶିଆସେ ଭକ୍ତି ଯାହା ଫଳରେ ସୃଷ୍ଟି କରେ ଭକ୍ତି କବିତା ।

ହୀରା ବି ହାର ମାନିବ ମୋ ବଡ଼ ଦିଦି ମାନଙ୍କ ପାଖରେ ଓଡ଼ିଶାର ପ୍ରାୟେ ସମସ୍ତ ଜିଲ୍ଲାରୁ ମୁଁ ବଡ଼ ଭଉଣୀ ମାନଙ୍କୁ ପାଇଛି ଯାହାଙ୍କ କଥା ଏବଂ ବାକ୍ ଚାତୁରୀ ମୋତେ ନୂତନ ଦିଗଦର୍ଶନ ଦିଏ, ପ୍ରେରଣାର ଉତ୍ସ ସେମାନେ ମୋ ପାଇଁ ପାଲଟି ଯାଆନ୍ତି । ତାଙ୍କରି ସୃଷ୍ଟି ହୁଏ ମୋ ମନ ବୃନ୍ଦାବନରେ ଅନନ୍ୟ କାବ୍ୟ କବିତା । ।

ମୋ ବଡ଼ ଭାଇଙ୍କ କଥା କଣ କହିବି ସେମାନେ ତ ରାମଚନ୍ଦ୍ର ଅଟନ୍ତି । ସେମାନଙ୍କ ସହ କଥାହେଲେ ମୋତେ ଲାଗେ ମୁଁ ଏକ ପୁଷ୍ପିତ ମଙ୍ଗଳମୟ ପରିବେଶ ଭିତରେ ଯେପରି ମହୁମାଛି ହୋଇ ଗୁଣୁ ଗୁଣୁ ହୋଇ ଗାନ୍ତି ମୁଁ ।

ମନଟି ମୋହର ନିଷ୍ପାପ ଶାଶ୍ୱତ କରେ ସଭିଙ୍କୁ ଆଦର,
ଜାଣେ ନାହିଁ ମୁହିଁ ପର ଆପଣାର ଅବା କେ ଅତି ନିଜର । ।

ପରିଶେଷରେ ଗୁରୁଜନ ମାନଙ୍କ ଆଶୀର୍ବାଦ ବଡ଼ ଭାଇ ଭଉଣୀ ମାନଙ୍କର ଆଶୀର୍ବାଦ ଏବଂ ସାନମାନଙ୍କର ଭଲପାଇବାକୁ ପାଥେୟ କରି ମୁଁ ନଈର କାଦୁଅ ମେଞ୍ଚାଟିଏ, ଅନ୍ଧାରରେ ଦୀପଶିଖାଟିଏ, ଆଦ୍ୟ ଆଷାଢ଼ ବାରି ବିନ୍ଦୁଟିଏ, ଗଛର ଫଳଟିଏ, ହେମନ୍ତେ ଶିଶିର ଟୋପାଟିଏ, ପାହାନ୍ତି ଉଷାର ସ୍ୱପ୍ନଟିଏ, କୋଇଲି କଣ୍ଠର କୁହୁଟିଏ, ଏବଂ ଶାନ୍ତି ପ୍ରୀତି ଏବଂ

 Magazine Downloaded from www.aahwaan.com

ମୈତ୍ରୀର ଶବ୍ଦଟିଏ ହେବାକୁ ମନ ବଳାଇ ଅଛି ।

ପୁଣି କେବେ ଭାବୁକ ମନରେ ଅବା ଖିଆଲି ପଣରେ ମୋ ସ୍ୱପ୍ନର ପ୍ରେୟସୀ କଥା ଭାବି ମୋ ହୃଦୟର ତୃଷ୍ଣାକୁ ପରିତୃପ୍ତ କରି ମୋର ହୃଦୟ ପ୍ରୀତିସିକ୍ତ ହୋଇପଡେ । ଏବଂ ସୃଷ୍ଟି କରେ ନାନାଦି ବିରହ କବିତା ।

ସର୍ବଶେଷରେ କହିବାକୁ ଗଲେ ମୋର ଗୁରୁ ଭରତ ଚନ୍ଦ୍ର ଦାଶଙ୍କ ଅଜସ୍ର ପ୍ରେରଣା ବଳରେ ମୁଁ ଅତି ତୁଚ୍ଛ ହୋଇ ମଧ୍ୟ ଖଦ୍ୟୋତ ପରି ସାହିତ୍ୟ ଉଦ୍ୟାନର ଆଲୋକ ପ୍ଲାବନରେ ଅଜସ୍ର ସ୍ୱପ୍ନ ଦେଖେ ।

ଆପଣଙ୍କର ସେହି

ଅଡା,ବାଲେଶ୍ୱର

ଭ୍ରାମ୍ୟଭାଷ : ୯୩୪୦୦୪୫୩୩୫

 Magazine Downloaded from www.aahwaan.com

# ମାନବସଭ୍ୟତା ଓ ରୋବୋଟିକ୍ସ ଟେକ୍ନୋଲୋଜୀ



ଦୀପକ ଷଡ଼ଙ୍ଗୀ

ବିଂଶ ଶତାବ୍ଦୀରେ ମନୁଷ୍ୟ ତା'ର ନିଜର ବୁଦ୍ଧି ଓ ବିଦ୍ୟା ବଳରେ ଅନେକ ଅଗ୍ରଗତି କରିଛି । ସମୟର ସଙ୍ଗେ ତାଳ ଦେଇ ମନୁଷ୍ୟ ତା'ର ରହିବା, ଖାଇବା, ଚଳିବା ଆଦିରେ ଆଣିଛି ବୈପ୍ଳବିକ ପରିବର୍ତ୍ତନ । ପ୍ରସ୍ତର ଯୁଗର ମନୁଷ୍ୟ ଧୀରେ ଧୀରେ ପରିବର୍ତ୍ତିତ ହୋଇ ଏବେ ଆସି ପହଞ୍ଚିଛି ସଭ୍ୟ ମାନବ ସଭ୍ୟତାରେ । ଯେଉଁ କାର୍ଯ୍ୟ ଦିନେ ଅସମ୍ଭବ ବୋଲି ମନେ ହେଉଥିଲା ବିଜ୍ଞାନର ଅଗ୍ରଗତି ବଳରେ ମନୁଷ୍ୟ ତାହାକୁ ଏବେ ସମ୍ଭବ କରି ଗଢି ତୋଳିଛି । ପ୍ରଯୁକ୍ତି ଓ ବିଜ୍ଞାନର ଆଶୀର୍ବାଦ ସ୍ୱରୂପ ମଣିଷ ବର୍ତ୍ତମାନ ମଙ୍ଗଳ ଗ୍ରହରେ ମଧ୍ୟ ସ୍ଥାନ ପାଇବା ପାଇଁ ହକଦାର୍ । ମଣିଷର ସୁଖ ସ୍ୱାଛନ୍ଦକୁ ଆଉ ଦୁଇ ପାଦ ଆଗକୁ ନେଇ ଯାଇଛି ଏବେକାର ମୋବାଇଲ ଫୋନ୍, ଇଣ୍ଟରନେଟ୍ ଓ କଂପ୍ୟୁଟର୍ ଯାହାର ବଳରେ ସେ ବିଶ୍ୱର ଯେ କୌଣସି ସ୍ଥାନରେ ଥାଇ ମଧ୍ୟ ହାତର ଆଙ୍ଗୁଳି ନିର୍ଦ୍ଦେଶରେ ନଚାଇ ପାରୁଛି ସାରା ବିଶ୍ୱକୁ । ଏ ସବୁକୁ ପଛରେ ପକାଇ ଏବେ ନୂଆ ରୋବୋଟିକ୍ସ ଟେକ୍ନୋଲଜି ବଳରେ ମଣିଷ ଆହୁରି ବଳୀୟାନ ହୋଇ ଉଠିଛି । ଘରର ଯାବତୀୟ କାମ ଠାରୁ ଆରମ୍ଭ କରି ବ୍ୟାଙ୍କ, କମ୍ପାନୀ, ହୋଟେଲ, ଅଫିସ, ରାସ୍ତାରେ ଟ୍ରାଫିକ ନିୟମର ପରିଚାଳନା ଆଦି ଏପରିକି ଜାପାନ, ଚୀନ ଆଦି ଦେଶ ମାନଙ୍କରେ ରୋବୋଟିକ୍ସ ଟେକ୍ନୋଲଜିକୁ ସେମାନଙ୍କର ସୈନ୍ୟବାହିନୀରେ ମଧ୍ୟ ବ୍ୟବହାର କରାଯାଇ ପାରୁଛି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରୋବୋଟିକ୍ସ ଟେକ୍ନୋଲଜି ମଣିଷର ଜୀବନକୁ ସହଜ ଓ ସୁନ୍ଦର କରିପାରୁଛି ସତ କିନ୍ତୁ ଏହାର ଦୁରୁପଯୋଗ ହେଲେ ଏହା ମାନବ ସଭ୍ୟତାକୁ ଧ୍ୱଂସ ଆଡକୁ ମଧ୍ୟ ଠେଲି ଦେଇପାରେ । ତେଣୁ ମାନବସମାଜକୁ ଏତିକି ମନେ ରଖିବାକୁ ହେବ ଯେ ରୋବୋଟିକ୍ସ ଟେକ୍ନୋଲଜି ହେଉଛି ଗୋଟିଏ ଯନ୍ତ୍ରଚଳିତ ସରଞ୍ଜାମ ବା ଉପକରଣ ଯାହାର ଉପଯୋଗ ସୀମା ଭିତରେ ରହି କରିଲେ ହିଁ ସମସ୍ତଙ୍କର ମଙ୍ଗଳ ନ ହେଲେ ଏହି ବିଜ୍ଞାନ ଓ ପ୍ରଯୁକ୍ତି ଦିନେ ମାନବ ସଭ୍ୟତାର ଅଧଃପତନର କାରଣ ହେବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ।

ଅଧ୍ୟାପକ, ରୋଲାଣ୍ଡ୍ ଫାର୍ମାସୀ କଲେଜ

ଖୋଡ଼ାସିଙ୍ଗି, ବ୍ରହ୍ମପୁର, ଓଡ଼ିଶା



ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବାପାଙ୍କ ଶ୍ରାଦ୍ଧଦିବସରେ



ତ୍ରିଲୋଚନ ପ୍ରଧାନ

ଖୁବ ମନେପଡେ ବାପାଙ୍କ ଶ୍ରାଦ୍ଧଦିବସରେ ପିତା ସ୍ୱର୍ଗ ମାତ ଧରଣୀ ଓ ନର୍କରୁ ନିର୍ମାଲ୍ୟ କଥା । ମା ସ୍ନେହ ଦାରା ପ୍ରଣୟ ଓ ସତ ବନ୍ଧୁ ମିଠା କଥା ପୁଣି ବାପାଙ୍କ ଆଦର ଅନୁରାଗ ଓ ବନପକ୍ଷୀ କାକଳି, ସଫାଜଳ ନୂଆ କବିତା ଛନ୍ଦ ; ଏ ଅମୃତ ଧାରା ଗଙ୍ଗାଧର କବିଙ୍କ ଏ ମଧୁର ବାଣୀ ଚିର ଅପାଶୋରା ।

ବାପା ଆଣିଥିଲା ଏ ଧରଣୀକୁ ପୁଅ ଝିଅ ନାତିନାତୁଣୀ ଆପଣା ପର ସଭିଁଙ୍କୁ ପାପ ପଙ୍କିଳ ଏ ଜୀବଜଗତକୁ ପୁଣି କହିଥିଲ କର୍ମବାଦ ଲଙ୍ଘିବାକୁ ଏ ମାୟା ସାଗର ଦୁର୍ଗମଗିରି; କାନନ ଜଳ ସ୍ଥଳ ନଭ ପୁଣି ଅଜାଡି ଦେଇଛ ଧନ ସମ୍ପତ୍ତି ସହଯୋଗ ଓ ଶୁଭେଚ୍ଛା ।

ପୁଣି କହିଥିଲ ପରିଣାମ ଦର୍ଶାଇବା ପାଇଁ ବିପରୀତ ଭାବ ଦେଖି କୌଣସି ମୁହୁର୍ତ୍ତେ ଅବିଶ୍ୱାସୀ ନ ହେବାକୁ ପ୍ରବର୍ତ୍ତାଇଥିଲ ହବାକୁ ଚିର ସତ୍ୟାଗ୍ରହୀ ।

ପୁଣି ଶିଖାଇଥିଲ ତାଗିଦ କରି ବାପା ଥିଲା ପୁଅ ସଭାରେ ହାରେ ନାହିଁ ବୋଲି ଓ କର୍ତ୍ତବ୍ୟ ପରାୟଣତା ସମୟାନୁବର୍ତ୍ତିତା କଥା; ସତର୍କ ଘଣ୍ଟି ପରି ପ୍ରତିକ୍ଷଣ ମାନେ ପଡିଯାଏ ତୁମର ଏ ଅମୃତବାଣୀ ।

ପୁଣି ତୁମ ଶବ ପଟୁଆରରେ ଗାଁ ପରିକ୍ରମା କରୁଥିବା ବେଳେ ଗ୍ରାମବାସୀଙ୍କ ଶୋକବାଣୀ ଶୁଭୁଥିଲା; ଆହା ପଧାନ ବୁଢ଼ାଟି ଉପକାରୀ ମଣିଷଟିଏ, ବ୍ରିଟିଶ ଅମଳରୁ ମଣେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଠେ ଦେଇ ଜୀବନ ରଖିଛି ଆଜି ଯାଏଁ ଏ କଥା କି ମନରୁ କେବେ ଭୁଲି ହୁଏ ?

ପୁଣି ମନେ ପଡେ ସହି ଫିରିଙ୍ଗି ଅମଳ କଥା ତୁମ ପିତା ଭର୍ଣ୍ଣାକୁଲାର୍ ରାଜଗୁରୁ ନାରଣ ପ୍ରଧାନ କିନ୍ତୁ ତୁମେ ବାଲ୍ୟ ମାତୃହରା ସଂଗ୍ରାମୀ ପବିତ୍ର ପ୍ରଧାନଙ୍କ ଭକ୍ତ କଂଗ୍ରେସି ପଗଡି ପିନ୍ଧି କପି ସେନାପରି ଏ ମାଟିକୁ କରିଥିଲ ମୁକ୍ତ ।

(ପିତା ସ୍ୱର୍ଗତ ଡମ୍ବରୁଧରଙ୍କ ସ୍ମୃତିରେ)

ଏମ୍.ଏ. (ଓଡ଼ିଆ, ପଲିଟିକାଲ୍ ସାଇନ୍ସ)

ଖମାର, ଅନଗୁଳ, ଓଡ଼ିଶା

ଇମେଲ୍ : pradhanr776@gmail.com

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ମାର୍ଚ୍ଚ ୨୦୨୦

ଲେଖା ପଠାଇବାର ଶେଷ ତାରିଖ : ୩ ମାର୍ଚ୍ଚ ୨୦୨୦

ଲେଖା ପଠାଇବା ସମୟରେ ଇମେଲ୍‌ରେ ସବ୍‌ଜେକ୍ଟ ଲେଖିବେ :

Your name (**ଆପଣଙ୍କ ନାମ**) : March 2020

ଲେଖା ଗୁଡ଼ିକ ଯଦି ଓଡ଼ିଆରେ ଟାଇପ୍ କରି ୱାର୍ଡ୍ ଫାଇଲରେ ପଠାଇବେ ତା ହେଲେ ଆମକୁ ପୁଣିଥରେ ସେହି ସବୁ ଲେଖା ଟାଇପ୍ କରିବାକୁ ପଡ଼ିବ ନାହିଁ । ହାତ ଲେଖାକୁ ଫଟୋ ଉଠାଇ କିମ୍ବା ସ୍କାନ୍ କରି ଇମେଲ୍ ଆଟାଚ୍‌ମେଣ୍ଟ ଭାବରେ ପଠାଇବେ । ହସ୍ତଲେଖା ସୁନ୍ଦର ଓ ପଠନଯୋଗ୍ୟ ହେବା ଅନିବାର୍ଯ୍ୟ, ନଚେତ ଯଦି ପ୍ରକାଶନରେ କୌଣସି ତ୍ରୁଟି ରହେ ସେଥିପାଇଁ ସମ୍ପାଦକ ଦାୟୀ ରହିବେ ନାହିଁ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ସୂଚନାଯୋଗ୍ୟ ଯେ କିଛି ବନ୍ଧୁ ବିଗତ ମାସରେ ଅନ୍ୟୁନ ଦଶରୁ ଅଧିକ କବିତା ପଠାଇଛନ୍ତି । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଟାଇପ୍ ନ କରି ଲେଖା ପଠାଉଛନ୍ତି । ଏହା ଫଳରେ ଆମକୁ ସମ୍ପାଦନା ପୂର୍ବରୁ ଅନ୍ୟୁନ ଅର୍ଦ୍ଧାଧିକ ପୃଷ୍ଠା ନିଜେ ଟାଇପ୍ କରିବାକୁ ପଡୁଛି ଏବଂ ଏଥିପାଇଁ ପତ୍ରିକା ପ୍ରକାଶନରେ ବିଳମ୍ବ ଦେଖା ଦେଉଛି । ଦୟାକରି ନିଜସ୍ୱ ଲେଖା ଟାଇପ୍ କରି ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ପଠାନ୍ତୁ । ଯଦି ଟାଇପ୍ କରି ପାରୁନାହାନ୍ତି ତା ହେଲେ ଅନ୍ୟ ଉପାୟ କରନ୍ତୁ । ପିଡ଼ିଏଫ୍ ଫାଇଲରେ ପଠାଉଥିବା ଲେଖାକୁ ୱାର୍ଡ୍ ଫାଇଲରେ ପଠାନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

**aahwaan@gmail.com**